# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୬/୨୦୨୧ (୧୨ ପୃଷ୍ଠା) | Bhubaneswar, Monday, September 6/2021 | ★★★★★★

୪୭ଶ ଭାଗ ୨୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ଭାରତୀୟ ଦଳରେ ଋତୁପର୍ଣ୍ଣା**
ଡେନମାର୍କରେ ହେବାକୁ ଥିବା ଥୋମାସ ଓ ଉବେର କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ଋତୁପର୍ଣ୍ଣା ପଣ୍ଡା। **୧୧**

**୧୦** **ମିଡିଆ ଉପରେ କ୍ରୀତିଙ୍କ ରାଗ**
ଅଭିନେତା ସିଦ୍ଧାର୍ଥ ଶୁକ୍ଳାଙ୍କ ଶେଷକୃତ୍ୟ ବେଳର ଭିଜୁଆଲ ପ୍ରସାରଣକୁ ନେଇ ଖପ୍ପା ହୋଇଛନ୍ତି ଅଭିନେତ୍ରୀ କ୍ରୀତି ସାନନ୍।




## ପେଟ୍ରୋଲ ୧୪, ଡିଜେଲ ୧୫ ପଇସା ହ୍ରାସ



**ଭୁବନେଶ୍ୱର/ନୂଆଦିଲ୍ଲୀ,୫।୯**

୩ ଦିନର ବିରତି ପରେ ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ହ୍ରାସ ଘଟିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ(ଆଇଓସିଏଲ୍)ର ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ପେଟ୍ରୋଲ ଉପରେ ୧୪ ପଇସା ଏବଂ ଡିଜେଲରେ ୧୫ ପଇସା କମିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୨.୦୪ ଟଙ୍କା ଏବଂ ଡିଜେଲ ଲିଟର ପିଛା ୯୬.୬୧ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ପେଟ୍ରୋଲ ଲିଟର ପିଛା ୧୦୨.୩୯ ଟଙ୍କା ଓ ଡିଜେଲ ଲିଟର ପିଛା ୯୬.୯୫ ଟଙ୍କା ରହିଛି। ସେହିପରି ନୂଆଦିଲ୍ଲୀରେ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
ବିଚାରରେ ଗାଈ


# ମହାପଞ୍ଚାୟତରେ ରଣହୁଙ୍କାର

*୨୦୨୦ ଅଗଷ୍ଟ ୯ରୁ ଆଜି ପର୍ଯ୍ୟନ୍ତ ୧ ବର୍ଷ, ୩ ସପ୍ତାହ ଓ ୬ ଦିନ ଧରି କେନ୍ଦ୍ର ସରକାରଙ୍କ ତିନି ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନ କରୁଛନ୍ତି ଦେଶର ଲକ୍ଷାଧିକ ଚାଷୀ। କେତେବେଳେ ସେମାନଙ୍କୁ କଣ୍ଟକିତ ତାରବାଡ଼ରେ ଘେରିଦିଆଯାଉଛି ତ ପୁଣି କେବେ ପାଣିବର୍ଷା କରି ଲାଠିମାଡ଼ କରାଯାଉଛି। ହେଲେ ଚାଷୀଙ୍କ କଥା ଶୁଣୁନାହାନ୍ତି ସରକାର। ଏଥିଲାଗି ଉତ୍ତରପ୍ରଦେଶର ମୁଜାଫରନଗରରେ ମହାପଞ୍ଚାୟତ କରିଛନ୍ତି ୩୦୦ କୃଷକ ସଙ୍ଗଠନ। ଦାବି ପୂରଣ ନ ହେଲେ ଆଗକୁ ଭାଜପା ବିପକ୍ଷରେ ଲଢ଼େଇ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। କେନ୍ଦ୍ର, ୟୁପି ଏବଂ ଉତ୍ତରାଖଣ୍ଡ ସରକାର ବିରୋଧରେ କୃଷକଙ୍କ ଯୁଦ୍ଧଂଦେହି ଡାକରା ଶାସକ ଦଳକୁ ମହଙ୍ଗା ପଡ଼ିପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।*

### ୨୭ରେ 'ଭାରତ ବନ୍ଦ' ଡାକରା ଦେଲେ କୃଷକ ସଙ୍ଗଠନ
### ୟୁପି, ଉତ୍ତରାଖଣ୍ଡରେ ଭାଜପା ବିରୋଧରେ ପ୍ରଚାର କରିବେ ଚାଷୀ



ବିକେୟୁ ମୁଖପାତ୍ର ରାକେଶ ଟିକାୟତ୍ (ମଝି)ଙ୍କ ସହ ମହାପଞ୍ଚାୟତରେ କୃଷକ ନେତା।

**ଲକ୍ଷ୍ନୌ/ମୁଜାଫରନଗର,୫।୯**

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ବିରୋଧରେ ପ୍ରାୟ ବର୍ଷେ ଧରି ଆନ୍ଦୋଳନରତ କୃଷକ ସଙ୍ଗଠନଗୁଡ଼ିକ ରବିବାର ଏହାର ପ୍ରତ୍ୟାହାର ଦାବି ଦୋହରାଇଛନ୍ତି। ଉତ୍ତରପ୍ରଦେଶର ମୁଜାଫରନଗରରେ ୧୫ ରାଜ୍ୟର ପ୍ରାୟ ୩୦୦ କୃଷକ ସଙ୍ଗଠନ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ବ୍ୟାନରରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଏଥିସହ ନିଜ ଦାବି ପୂରଣ ଲାଗି କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ପାଇଁ ସର୍ବସମ୍ମତି କ୍ରମେ ଆସନ୍ତା ୨୭ ତାରିଖରେ 'ଭାରତ ବନ୍ଦ' ଡାକରା ଦେଇଛନ୍ତି। ଆସନ୍ତା ବର୍ଷ ଫେବୃଆରୀ-ମାର୍ଚ୍ଚରେ ୟୁପି ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଶାସକ ଭାଜପା ବିରୋଧରେ ପ୍ରଚାର କରିବେ ବୋଲି କହିଛନ୍ତି। ମୁଜାଫରନଗରରେ ରବିବାର ଆୟୋଜିତ କିଷାନ ମହାପଞ୍ଚାୟତରେ କୃଷକ ସଙ୍ଗଠନଗୁଡ଼ିକ ରଣହୁଙ୍କାର ଦେଇଛନ୍ତି। ଏସ୍‌କେଏମ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଚାଷୀ, କୃଷି ଶ୍ରମିକ ଓ ଚାଷୀ ଆନ୍ଦୋଳନର ଶକ୍ତି କେତେ ତାହା କେନ୍ଦ୍ରର ମୋଦି ଓ ୟୁପିର ଯୋଗୀ ସରକାରଙ୍କୁ ମହାପଞ୍ଚାୟତ ବତାଇବ। ବିଗତ ୯ ମାସ ☞ପୃଷ୍ଠା-୪

### କୃଷି ଆଇନକୁ ବିରୋଧ କାହିଁକି

କେନ୍ଦ୍ର ସରକାର ଗତବର୍ଷ ଶେଷ ଆଡ଼କୁ ଫାର୍ମର୍ସ ପ୍ରଡ୍ୟୁସ୍ ଟ୍ରେଡ୍ ଆଣ୍ଡ କମର୍ସ (ପ୍ରମୋଶନ ଆଣ୍ଡ ଫାସିଲିଟେଶନ୍) ଆକ୍ଟ, ଫାର୍ମର୍ସ (ଏମ୍ପାଓ୍ୱାରମେଣ୍ଟ ଆଣ୍ଡ ପ୍ରୋଟେକ୍ସନ) ଏଗ୍ରିମେଣ୍ଟ ଅନ୍ ପ୍ରାଇସ୍ ଆସ୍ୟୁରାନ୍ସ ଆଣ୍ଡ ଫାର୍ମ ସର୍ଭିସେସ୍ ଆକ୍ଟ ଏବଂ ଏସେନ୍ସିଆଲ୍ କମୋଡିଟିଜ୍ ଆକ୍ଟ ଆଣିଥିଲେ। ଏହି ବିଲ୍ ଓ ଅଧ୍ୟାଦେଶ ୨୦୨୦ ସେପ୍ଟେମ୍ବର ୧୫ ଓ ୧୮ରେ ଲୋକ ସଭାର ମଞ୍ଜୁରୀ ଲାଭ କରିଥିଲା। ସେହି ମାସ ୨୦ ଓ ୨୨ ତାରିଖରେ ୩ ବିଲ୍ ରାଜ୍ୟ ସଭାରେ ଗୃହୀତ ହୋଇଥିଲା। ସେପ୍ଟେମ୍ବର ୨୮ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହା ଉପରେ ମୋହର ଲଗାଇବା ପରେ ଆଇନରେ ପରିଣତ ହୋଇଥିଲା। କୃଷି ଆଇନ ପ୍ରତ୍ୟାହାର ଦାବିରେ ଗତ ନଭେମ୍ବର ୨୬ରୁ ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ କୃଷକ ☞ପୃଷ୍ଠା-୪

## ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ



କ୍ରିଷ୍ଣା ନାଗର



ସୁହାସ ୟଥିରାଜ

**ଟୋକିଓ,୫।୯**

ଟୋକିଓ ପାରାଲିମ୍ପିକ୍ସ ରବିବାର ଉଦ୍‌ଯାପିତ ହୋଇଛି। ଅଗଷ୍ଟ ୨୪ରୁ ଆରମ୍ଭ ହୋଇଥିବା ପାରା ସ୍ପୋର୍ଟ୍ସର ଏହି ମେଗା ପ୍ରତିଯୋଗିତାରେ ଭାରତ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି। ଅଗଷ୍ଟ ୨୯ରେ ମହିଳା ବ୍ୟକ୍ତିଗତ କ୍ଲାସ୍ ୪ ଟେବୁଲ ଟେନିସରେ ଭାବିନାବେନ ପଟେଲଙ୍କ ରୌପ୍ୟ ପଦକରୁ ଆରମ୍ଭ ହୋଇଥିବା ଅଭିଯାନ ଅନ୍ତିମ ଦିବସରେ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୪ ବ୍ୟାଡ୍‌ମିଣ୍ଟନରେ ଆଇଏଏସ୍ ଅଫିସର ତଥା ନଏଡା ଡିଏମ୍ ସୁହାସ ୟଥିରାଜଙ୍କ ରୌପ୍ୟ ପଦକ ବିଜୟ ସହ ଶେଷ ହୋଇଛି। ବ୍ୟାଡ୍‌ମିଣ୍ଟନ ଖେଳାଳି କ୍ରିଷ୍ଣା ନାଗର ଭାରତ ପାଇଁ ପଞ୍ଚମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ପୁରୁଷ ସିଙ୍ଗଲ୍ସ ଏସ୍‌ଏଚ୬ ବ୍ୟାଡ୍‌ମିଣ୍ଟନ ସିଙ୍ଗଲ୍ସ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ଏହାକୁ ମିଶାଇ ଭାରତ ମୋଟ ୫ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ହାସଲ କରିଛି। ଟୋକିଓ ଅଲିମ୍ପିକ୍ସରେ ଭାରତ ଗୋଟିଏ ସ୍ୱର୍ଣ୍ଣ ସହ ମୋଟ ୭ଟି ପଦକ ଜିତିଥିଲା। ☞ପୃଷ୍ଠା-୪

**ଟୋକିଓ ପାରାଲିମ୍ପିକ୍ସ ଉଦ୍‌ଯାପିତ**
- ଅନ୍ତିମ ଦିବସରେ କ୍ରିଷ୍ଣାଙ୍କୁ ସ୍ୱର୍ଣ୍ଣ, ସୁହାସଙ୍କୁ ରୌପ୍ୟ
- ପ୍ରଥମଥର ପାଇଁ ପଦକ ତାଲିକାର ଶୀର୍ଷ ୨୫ରେ ଭାରତ


*"The exercise of right of pre-emption in respect of the stand-alone lessees is based on the rationale that **as far as possible**, minerals raised from leases within the State must be put to use within the State for value addition".*
*- excerpt from point 49 of State Government's sworn affidavit to Orissa High Court in WPC (20774 / 2013)*

**Hon'ble Chief Minister Sir,**

**MSME Steel Sector in Odisha now languishing for scarcity of iron ore**
- **60% Iron Ore diverted outside State despite protest from local industry.**
- **Merchant mines profiteering as iron ore prices skyrocket in Odisha.**
- **Several Sponge Units closed for iron ore scarcity & thousands of jobs in peril.**
- **Only Pre-emption can save industry doing real value addition in State.**
- **Pre-emption will generate more State Revenues and Employment for local youth.**

Hon'ble Sir,

**Kindly reserve minimum 50% Iron Ore for State based Steel Industries under the Pre-Emption scheme**

and save the MSMEs in steel sector and lakhs of livelihoods in Odisha



**A Joint Appeal by**

UCCI THE UTKAL CHAMBER OF COMMERCE & INDUSTRY BHUBANESWAR & ORISSA SPONGE IRON MANUFACTURERS' ASSOCIATION BHUBANESWAR

## ପ୍ରାର୍ଥୀ ଘୋଷଣା କଲା ଟିଏମ୍‌ସି

ପଶ୍ଚିମବଙ୍ଗରେ ଉପନିର୍ବାଚନ ହେବାକୁ ଥିବା ୩ ଆସନ ପାଇଁ ଶାସକ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ପକ୍ଷରୁ ରବିବାର ପ୍ରାର୍ଥୀ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭବାନୀପୁର ଆସନରୁ ଲଢ଼ିବାକୁ ଥିବାବେଳେ ଜାକିର ହୋସେନ ଜାଙ୍ଗିପୁରରୁ ଏବଂ ଅମିରୁର୍ ଇସ୍‌ଲାମ ସାମସେରଗଞ୍ଜରୁ ପ୍ରାର୍ଥୀ ହୋଇଛନ୍ତି।

**ସଂକ୍ଷେପରେ**

## ନିପାରେ ୧୨ ବର୍ଷ ପିଲାର ମୃତ୍ୟୁ

### କେରଳରେ କେନ୍ଦ୍ରୀୟ ଟିମ୍

**ଥିରୁଭାନନ୍ତପୁରମ୍, ୫।୯:** ନିପା ଭୂତାଣୁ ଦ୍ୱାରା ସଂକ୍ରମିତ କେରଳର ଜଣେ ୧୨ ବର୍ଷୀୟ ବାଳକ ରବିବାର ସକାଳେ ଆଖି ବୁଜିଛନ୍ତି। କୋଝିକୋଡେର ଏହି ବାଳକ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ନିକଟରେ କୋଭିଡ୍‌ରୁ ସୁସ୍ଥ ହୋଇଥିଲେ। ତେବେ ଜ୍ୱର ନ କମିବାରୁ ତାଙ୍କୁ ପ୍ରଥମେ କୋଝିକୋଡେ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ସେପ୍ଟେମ୍ବର ୧ରେ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ନିପାରେ ପ୍ରଥମ ମୃତ୍ୟୁ ଖବର ପ୍ରକାଶ ପାଇବା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସ୍ଥିତି ଅନୁଧ୍ୟାନ ପାଇଁ କେରଳକୁ କେନ୍ଦ୍ରୀୟ ଡାକ୍ତରୀ ଦଳ ପଠାଇଛି। ରାଜ୍ୟର ମାଲାପୁରମ,କୋଝିକୋଡେ ଏବଂ କନ୍ନୁର ଜିଲା ହାଇଆଲର୍ଟରେ ରହିଛି। ସରକାର ସଂକ୍ରମଣ ରୋକିବାକୁ ଉପଯୁକ୍ତ ପଦକ୍ଷେପ ନେଉଛନ୍ତି। ସଂକ୍ରମିତ ପିଲା ସଂସ୍ପର୍ଶରେ ଆସିଥିବା ୫ ଘରଲୋକ ଏବଂ ଅନ୍ୟ ୧୨ ଜଣଙ୍କ ଉପରେ ନଜର ରଖାଯାଇଛି। ଭୟ କରିବାର କିଛି କାରଣ ନାହିଁ ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଶନିବାର ରାତିରେ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କ ଜରୁରୀ ବୈଠକ ଡାକିଥିଲେ। କୋଝିକୋଡେ ମେଡିକାଲ କଲେଜ ହସ୍ପିଟାଲରେ ସ୍ୱତନ୍ତ୍ର ନିପା ୱାର୍ଡ ଖୋଲିବା ପାଇଁ ବ୍ୟବସ୍ଥା କରାଯାଉଛି।

## ୟୁପିରେ ଭାଇରାଲ ଫିଭର ୧୭୧ ପିଲା ହସ୍ପିଟାଲରେ ଭର୍ତ୍ତି

**ପ୍ରୟାଗରାଜ, ୫।୯:** ଉତ୍ତରପ୍ରଦେଶରେ ଏନ୍‌ସେଫାଲିଟିସ୍ ଓ ନିମୋନିଆ ଭଳି ପୁରୁଣା ରୋଗ ଏବଂ ଭାଇରାଲ ଫିଭରରେ ଆକ୍ରାନ୍ତ ହୋଇ ୧୭୧ ପିଲା ପ୍ରୟାଗରାଜର ମୋତିଲାଲ ନେହେରୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ପାଇଁ ଅକ୍ସିଜେନ୍ ଜରୁରୀ ହୋଇପଡ଼ିଥିବା ପ୍ରୟାଗରାଜ ସିଏମ୍‌ଓ ଡ. ନାନକ ଶରଣ କହିଛନ୍ତି। ସେଠାର ଶିଶୁ ୱାର୍ଡରେ ୧୨୦ ବେଡ୍ ରହିଥିବାବେଳେ ୧୭୧ ପିଲା ଭର୍ତ୍ତି ହୋଇଥିବାରୁ ଗୋଟିଏ ବେଡ୍‌ରେ ୨-୩ ଜଣଙ୍କୁ ଚିକିତ୍ସା କରାଯାଉଛି। ହସ୍ପିଟାଲରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା କମ୍ ବୋଲି ସିଏମ୍‌ଓ କହିଛନ୍ତି। ଉକ୍ତ ଅଞ୍ଚଳରେ ବନ୍ୟାଜଳ କମିବା ପରେ ବହୁସଂଖ୍ୟାରେ ପିଲା ପୁରୁଣା ରୋଗ ଓ ଭାଇରାଲ ଫିଭରରେ ଆକ୍ରାନ୍ତ ହେଉଛନ୍ତି।

## ଇରାକରେ ଆଇଏସ୍ ଆକ୍ରମଣ: ୧୩ ପୋଲିସ ନିହତ

**ବାଗଦାଦ୍, ୫।୯:** ଇରାକର କିର୍‌କୁକ୍ ପ୍ରଦେଶର ସାଟିହା ଗ୍ରାମରେ ଥିବା ପୋଲିସ ଚେକ୍‌ପଏଣ୍ଟ ଉପରେ ଶନିବାର ବିଳମ୍ବିତ ରାତିରେ କେତେଜଣ ବନ୍ଧୁକଧାରୀ ଆକ୍ରମଣ କରିଛନ୍ତି। ଏଥିରେ ୧୩ ଜଣ ପୋଲିସ ନିହତ ହେବା ସହ ୫ ଜଣ ଆହତ ହୋଇଛନ୍ତି। ଆକ୍ରମଣରେ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ସମ୍ପୃକ୍ତ ଥିବା ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି। ପୋଲିସ ଓ ଆତଙ୍କବାଦୀଙ୍କ ମଧ୍ୟରେ ଘଣ୍ଟାଏ ଧରି ଗୁଳି ବିନିମୟ ଜାରି ରହିଥିଲା। ଆକ୍ରମଣ ପାଇଁ ଆଇଏସ୍ ସଂଗଠନ ନିଜକୁ ଦାୟୀ କରିନାହିଁ। ଉତ୍ତର ଇରାକ୍ ଆଇଏସ୍ ଆତଙ୍କବାଦୀଙ୍କ ହଟ୍‌ସ୍ପଟ ହୋଇ ରହିଆସିଛି।

# ବରାଦରଙ୍କୁ ହକ୍କାନି ଗୁଳି

## କ୍ଷମତା ପାଇଁ ଆତଙ୍କବାଦୀ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ


ମୁଲ୍ଲା ଅବ୍‌ଦୁଲ ଗନି ବରାଦର

- ରାତି ପାହିଲେ ରାଷ୍ଟ୍ରପତି ହୋଇଥାଆନ୍ତେ
- ଗୁଳିମାଡ଼ ଖାଇ ଚିକିତ୍ସା ପାଇଁ ପାକିସ୍ତାନ ଗଲେ

**କାବୁଲ,୫।୯**

ପଡ଼ୋଶୀ ଆଫଗାନିସ୍ତାନରେ ପାଶ୍ଚାତ୍ୟ ସମର୍ଥିତ ଅଶ୍ରଫ୍ ଗନିଙ୍କ ନାଗରିକ ସରକାରଙ୍କୁ କ୍ଷମତାଚ୍ୟୁତ କରିଦେଲା ସିନା, ନିଜେ ସରକାର ଗଠନ କରିପାରି ନାହିଁ ତାଲିବାନ୍। ଦୁଇ ସପ୍ତାହ ବିତିଯାଇଥିଲେ ସୁଦ୍ଧା ତାଲିବାନ୍ ଓ ହକ୍କାନି ନେଟ୍‌ୱର୍କ ମଧ୍ୟରେ ଭାଗବଣ୍ଟା ଛିଣ୍ଡି ନ ଥିବାରୁ ଅଚଳାବସ୍ଥା ଜାରି ରହିଛି। ଇତିମଧ୍ୟରେ ରାଷ୍ଟ୍ରପତି ହେବାକୁ ଯାଉଥିବା ତାଲିବାନ୍ ସହପ୍ରତିଷ୍ଠାତା ତଥା ପଲିଟିକାଲ ଅଫିସ ମୁଖ୍ୟ ମୁଲ୍ଲା ଅବ୍‌ଦୁଲ ଗନି ବରାଦର ଏବଂ ଅନସ୍ ହକ୍କାନିଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ହକ୍କାନି ପକ୍ଷର ଗୁଳିମାଡ଼ରେ ମୁଲ୍ଲା ବରାଦର ଆହତ ହୋଇଥିବା ପଞ୍ଜଶିର ଅବ୍‌ଜର୍ଭର ୱେବ୍‌ସାଇଟ୍‌ରେ ଏକ ରିପୋର୍ଟ ପ୍ରକାଶ ପାଇଛି। ସେହିପରି ପଞ୍ଜଶିର ଉପତ୍ୟକାରେ ତାଲିବାନ୍‌କୁ କଡ଼ା ଟକ୍କର ଦେଉଥିବା ଅହମଦ ମାସୁଦ୍‌ଙ୍କ ନେତୃତ୍ୱାଧୀନ ନର୍ଦ୍ଦର୍ନ ଆଲାଏନ୍ସ ପକ୍ଷରୁ କୁହାଯାଇଛି ଯେ, ମୁଲ୍ଲା ବରାଦର ତାଲିବାନ୍ ୨.୦ ସରକାରର ନେତୃତ୍ୱ ନିଅନ୍ତୁ ବୋଲି ପାକିସ୍ତାନ ଚାହୁଁନାହିଁ। ପାକିସ୍ତାନର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ଛତ୍ରଛାୟାରେ ପରିଚାଳିତ ହକ୍କାନି ନେଟ୍‌ୱର୍କ ମଧ୍ୟ ବରାଦରଙ୍କୁ ବିରୋଧ କରୁଛି। ଅନସ୍ ହକ୍କାନି ଓ ଖଲିଲ ହକ୍କାନି ପ୍ରତିରକ୍ଷା ମନ୍ତ୍ରୀ ପଦ ସହ ସରକାରରେ ବଡ଼ ଭୂମିକା ଚାହୁଁଛନ୍ତି। କିନ୍ତୁ ତାଲିବାନ୍ ତାହା ଦେବା ପାଇଁ ଆଦୌ ପ୍ରସ୍ତୁତ ନୁହେଁ। ତେଣୁ ଅନସ୍ ଓ ଖଲିଲଙ୍କ ସହ ମୁଲ୍ଲା ବରାଦରଙ୍କ ମତଭେଦ ସଂଘର୍ଷର ରୂପ ନେଇଛି। ଗୁଳିମାଡ଼ରେ ମୁଲ୍ଲା ବରାଦର ଆହତ ହୋଇଛନ୍ତି। ତାଙ୍କୁ ପାକିସ୍ତାନର ଏକ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଛି। ଏହି ବିବାଦର ସମାଧାନ ପାଇଁ ଆଇଏସ୍‌ଆଇ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଫୈଜ୍ ହମିଦ୍ କାବୁଲରେ ପହଞ୍ଚି ଦୁଇ ଆତଙ୍କବାଦୀ ସଙ୍ଗଠନ ମଧ୍ୟରେ ମଧ୍ୟସ୍ଥତା କରୁଛନ୍ତି। ତେବେ କ୍ଷମତା ଭାଗବଣ୍ଟାକୁ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ କରିବାରେ ସେ ବିଫଳ ହୋଇଛନ୍ତି। ଅନ୍ୟପକ୍ଷେ ମୁଲ୍ଲା ଉମରଙ୍କ ପୁଅ ମୁଲ୍ଲା ୟାକୁବ୍ ଶକ୍ତିଶାଳୀ ତାଲିବାନ୍ ସୈନ୍ୟ ଆୟୋଗର ମୁଖ୍ୟ ପଦବୀ ଚାହୁଁଛନ୍ତି। ତାଲିବାନ୍ ସରକାରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଭାବଶାଳୀ ବିବେଚନା କରାଯାଉଥିବା ଏହି ପଦବୀକୁ ନେଇ ମଧ୍ୟ ସଙ୍ଗଠନରେ ମତାନ୍ତର ସୃଷ୍ଟି ହୋଇଛି। ଏହି ସବୁ କାରଣରୁ ସରକାର ଗଠନ କରିବାରେ ବିଳମ୍ବ ହୋଇଥିବା କୁହାଯାଉଛି। ପ୍ରକାଶ ଯେ, ତାଲିବାନ୍ ୨.୦ ସରକାର ଶୁକ୍ରବାର ଗଠନ କରାଯିବ ବୋଲି ପୂର୍ବରୁ କୁହାଯାଇଥିଲା। ପରେ ଏହାକୁ ଦିନକ ପାଇଁ ଘୁଞ୍ଚାଇ ଦିଆଯାଇଥିଲା। ଫଳରେ ଅନ୍ତର୍ଜାତୀୟ ସମୁଦାୟ ଶନିବାରକୁ ଅପେକ୍ଷା କରିଥିଲା। ହେଲେ ନିଜ ନିଜ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଯୋଗୁ ଏହାକୁ ଆହୁରି କିଛି ଦିନ ପାଇଁ ଘୁଞ୍ଚାଇ ଦିଆଯାଇଛି। ତାଲିବାନ୍ କେବେ ସରକାର ଗଠନ କରୁଛି ତା' ଉପରେ ଏବେ ସମସ୍ତଙ୍କ ନଜର।


ଅନସ୍ ହକ୍କାନି


ପଞ୍ଜଶିର ପ୍ରଦେଶର ପର୍ୟାନ ଜିଲା କୋଟାଲ-ଇ-ଅଞ୍ଜୁମନ ଆଉଟପୋଷ୍ଟରେ ପ୍ରତିରୋଧୀ ମେଣ୍ଟ ସଦସ୍ୟ।

କାଲି ଯାଏ ମିତ୍ର ଥିଲେ। କ୍ଷମତା ପାଇଁ ଶତ୍ରୁ ପାଲଟିଗଲେ। ରାଷ୍ଟ୍ରପତି ଅଶ୍ରଫ୍ ଗନିଙ୍କୁ କ୍ଷମତାଚ୍ୟୁତ କରିବା ପରେ ବିଦେଶୀ ସୈନ୍ୟଙ୍କୁ ଘଉଡ଼ାଇଲେ। ହେଲେ ନିଜ ନିଜ ଭିତରେ ଛିଣ୍ଡିଲାନି ଭାଗବଣ୍ଟା। ଶେଷରେ ରକ୍ତାକ୍ତ ସଂଘର୍ଷ। ଗୁଳି ଚଳାଇଲା ହକ୍କାନି ନେଟ୍‌ୱର୍କ। ରାଷ୍ଟ୍ରପତି ହେବାକୁ ଯାଉଥିବା ମୁଲ୍ଲା ବରାଦର ଗୁଳିମାଡ଼ରେ ଆହତ ହୋଇ ପାକିସ୍ତାନରେ ଚିକିତ୍ସାଧୀନ। ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନ ଶାସନ ପାଇଁ ସ୍ୱପ୍ନ ଦେଖୁଥିବା ଦୁଇ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନର ଏହା ହେଉଛି ସଦ୍ୟ ଉପାଖ୍ୟାନ। ଆତଙ୍କବାଦୀ ଯାହା ହେଲେ ବି ଆତଙ୍କବାଦୀ। ସଭ୍ୟ ଖୋଳପା ପିନ୍ଧି ଆଫଗାନ୍ ନାଗରିକଙ୍କୁ ସର୍ବକ୍ଷମା ଘୋଷଣାର ସତ୍ୟତା ଏଥିରୁ ବାରି ହୋଇପଡୁଛି। କ୍ଷମତା ଲୋଭ ଦୁଇ ଆତଙ୍କବାଦୀ ସଙ୍ଗଠନକୁ କିପରି ପରସ୍ପରର ଶତ୍ରୁ କରିଦେଇଛି ତାହା ଏହି ସଂଘର୍ଷ ଦର୍ଶାଉଛି।

## ଗୃହଯୁଦ୍ଧମୁହାଁ ଆଫଗାନିସ୍ତାନ

ଆଫଗାନିସ୍ତାନରେ ଆତଙ୍କବାଦୀ ସଙ୍ଗଠନଗୁଡ଼ିକର ପୁନରୁତ୍‌ଥାନ ଫଳରେ ଆଗକୁ ଗୃହଯୁଦ୍ଧ ହୋଇପାରେ। ଭବିଷ୍ୟତରେ ଅଲ୍-କାଏଦା ଏବଂ ଇସ୍‌ଲାମିକ୍ ଷ୍ଟେଟ୍ ଭଳି ଆତଙ୍କବାଦୀ ସଙ୍ଗଠନର ବଳ ବୃଦ୍ଧି ଘଟିଲେ ସ୍ଥିତି ଅଣାୟତ୍ତ ହେବ।

-ମାର୍କ ମିଲେ,ଆମେରିକା ଜଏଣ୍ଟ ଚିଫ୍ସ ଷ୍ଟାଫ୍ ଅଧ୍ୟକ୍ଷ



## ରାହୁଲ ନେଉଛନ୍ତି ସବୁ ନିଷ୍ପତ୍ତି

### ଅସନ୍ତୁଷ୍ଟ ନେତା କ୍ଷୁବ୍ଧ

**ନୂଆଦିଲ୍ଲୀ, ୫।୯(ଆଇଏଏନ୍‌ଏସ୍)**



୨୦୧୯ ସାଧାରଣ ନିର୍ବାଚନ ସମେତ ଏକାଧିକ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ରାହୁଲ ଗାନ୍ଧୀ ଦଳ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଏହା ପରେ ସୋନିଆ ଦଳର ମଙ୍ଗ ଧରିଥିଲେ। ସେ କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ହୋଇଥିଲେ ମଧ୍ୟ ସମସ୍ତ ବୈଠକ ରାହୁଲଙ୍କ ବାସଭବନରେ ହେଉଛି ଓ ସବୁ ନିଷ୍ପତ୍ତି ସେ ନେଉଛନ୍ତି, ଯାହା ତାଙ୍କୁ ଦଳର ବାସ୍ତବ ନେତାରେ ପରିଣତ କରିଛି। ନେତୃତ୍ୱ ପରିବର୍ତ୍ତନ ପାଇଁ ଗତବର୍ଷ ସୋନିଆଙ୍କୁ ପତ୍ର ଲେଖିଥିବା ୨୩ ଜଣ ଅସନ୍ତୁଷ୍ଟ ନେତା ରାହୁଲଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେମାନେ ଯେଉଁ ପ୍ରସଙ୍ଗ ଉଠାଇଥିଲେ ତାହା ସେହିଭଳି ରହିଛି। ନେତୃତ୍ୱ ପରିବର୍ତ୍ତନ ପ୍ରସଙ୍ଗରେ କୌଣସି ନିଷ୍ପତ୍ତି ନିଆଯାଇପାରୁ ନ ଥିବା ସେମାନେ କହିଛନ୍ତି। ଅସନ୍ତୁଷ୍ଟ ନେତାଙ୍କ ମଧ୍ୟରୁ ଅଧିକାଂଶଙ୍କୁ ବିଭିନ୍ନ ଦଳୀୟ କମିଟିରେ ଥଇଥାନ କରାଯାଇଥିଲେ ମଧ୍ୟ ପରାମର୍ଶ ପ୍ରକ୍ରିୟାରେ ସେମାନଙ୍କୁ ସାମିଲ କରାଯାଇନାହିଁ। ଏହା ସେମାନଙ୍କୁ କ୍ଷୁବ୍ଧ କରିଛି। ଛତିଶଗଡ଼ ହେଉ କି ପଞ୍ଜାବ କଂଗ୍ରେସ ବିବାଦ ପ୍ରସଙ୍ଗ, ସବୁ ବୈଠକ ରାହୁଲଙ୍କ ୧୨, ତୁଗଲକ୍ ଲେନ୍ ବାସଭବନରେ ବସୁଛି। ସେଠାରେ ବସିଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଟି.ଏସ୍. ସିଂଦେଓ ଏବଂ ଭୂପେଶ ବାଘେଲ ଉପସ୍ଥିତ ଥିଲେ। ତେଣୁ କଂଗ୍ରେସ ନୁହେଁ ସବୁ ନିଷ୍ପତ୍ତି ରାହୁଲ ନେଇଥିବା ସ୍ପଷ୍ଟ ହୋଇଛି। ସେହିପରି ପଞ୍ଜାବ ପ୍ରସଙ୍ଗ ରାହୁଲଙ୍କ ବାସଭବନରେ ସମାଧାନ ହୋଇଥିଲା।

## ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ବାପାଙ୍କ ବିରୋଧରେ ମାମଲା

**ରାୟପୁର, ୫।୯**

ଉଚ୍ଚ ଜାତି ବିରୋଧରେ ଅପମାନଜନକ ମନ୍ତବ୍ୟ ଦେବା ଅଭିଯୋଗରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ୍‌ଙ୍କ ବାପା ନନ୍ଦକୁମାର ବାଘେଲଙ୍କ ବିରୋଧରେ ରବିବାର ପୋଲିସ ମାମଲା ରୁଜୁ କରିଛି। ନନ୍ଦକୁମାରଙ୍କ ମନ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିଥିଲେ। ଏଭଳି ମନ୍ତବ୍ୟ ସମାଜର ଗୋଟିଏ ସମ୍ପ୍ରଦାୟର ଭାବାବେଗକୁ ଆଘାତ ଦେବା ସହ ସାମାଜିକ ସଦ୍‌ଭାବନା ନଷ୍ଟ କରିଛି। ବାପାଙ୍କଠାରୁ ତାଙ୍କ ନୀତି ଆଦର୍ଶ ଭିନ୍ନ। ଆଇନ ସମସ୍ତଙ୍କ ପାଇଁ ସମାନ ଏବଂ ପୋଲିସ ତାଙ୍କ ବାପାଙ୍କ ବିରୋଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସରକାର ପାଇଁ ଆଇନ ଊର୍ଦ୍ଧ୍ୱରେ କେହି ନୁହନ୍ତି। ସବୁ ଜାତି, ଧର୍ମ ଓ ସମ୍ପ୍ରଦାୟର ଭାବାବେଗକୁ ଛତିଶଗଡ଼ ସରକାର ସମ୍ମାନ ଦିଅନ୍ତି ବୋଲି ଭୂପେଶ କହିଛନ୍ତି।

## ବଜାରରେ ନକଲି କୋଭିଡ୍ ଟିକା

- ରାଜ୍ୟକୁ ସତର୍କ କରାଇଲା କେନ୍ଦ୍ର
- ପ୍ରାମାଣିକତା ଚିହ୍ନଟ ପାଇଁ ମାପଦଣ୍ଡ ଜାରି

**ନୂଆଦିଲ୍ଲୀ, ୫।୯**




ଅନ୍ତର୍ଜାତୀୟ ବଜାରରେ କୋଭିଶିଲ୍ଡ ଟିକାର ନକଲି ଭର୍ସନ ପ୍ରସାରିତ ହେଉଥିବା ଖବର ପ୍ରକାଶ ପାଇବା ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏବଂ କେନ୍ଦ୍ର ସରକାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭାରତରେ ବ୍ୟବହୃତ ହେଉଥିବା କୋଭିଡ୍ ଟିକାଗୁଡ଼ିକର ପ୍ରାମାଣିକତା ଚିହ୍ନଟ କରିବା ଲାଗି କେନ୍ଦ୍ର ସରକାର କେତେକ ମାପଦଣ୍ଡ ଜାରି କରିଛନ୍ତି। ଉପଲବ୍ଧ ହେଉଥିବା କୋଭିଡ୍ ଟିକା ଅସଲି କି ନକଲି ତାହା ଚିହ୍ନଟ କରିବାରେ ଏହି ପାରାମିଟର ସହାୟକ ହେବ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ପତ୍ର ଲେଖି ଏ ସମ୍ପର୍କରେ ଜଣାଇଛନ୍ତି। ଭାରତୀୟ ବଜାରରେ ଏବେ କୋଭିଶିଲ୍ଡ, କୋଭାକ୍ସିନ ଏବଂ ସ୍ପୁଟ୍‌ନିକ-ଭି ଟିକା ଉପଲବ୍ଧ ହେଉଥିବାବେଳେ ଉତ୍ପାଦନକାରୀ କମ୍ପାନୀଗୁଡ଼ିକର ସୂଚନା ଆଧାରରେ କେନ୍ଦ୍ର ସରକାର ଏହି ମାପଦଣ୍ଡ ପ୍ରସ୍ତୁତ କରିଛନ୍ତି। ରାଜ୍ୟଗୁଡ଼ିକୁ ପଠାଯାଇଥିବା ପତ୍ରରେ କମ୍ପାନୀ ବ୍ୟବହାର କରୁଥିବା ଲେବଲ, ରଙ୍ଗ ଓ ଅନ୍ୟାନ୍ୟ ସବିଶେଷ ତଥ୍ୟ ଦିଆଯାଇଛି। ସୂଚନାଯୋଗ୍ୟ କୋଭିଶିଲ୍ଡ ଟିକାର ନକଲି ଭର୍ସନ ଦକ୍ଷିଣପୂର୍ବ ଏସିଆ ଏବଂ ଆଫ୍ରିକାରେ ଜବତ ହୋଇଛି। ଭାରତରେ ମଧ୍ୟ ଏଭଳି କେତେକ ନକଲି ଟିକା ବିକ୍ରି ହେଉଥିବାର ଖବର ପ୍ରକାଶ ପାଇଛି। ଏହାକୁ ନେଇ ଡବ୍ଲ୍ୟୁଏଚ୍‌ଓ ସତର୍କ ସୂଚନା ଜାରି କରିଥିଲା। ଏହି ରିପୋର୍ଟ ଉପରେ ସରକାରଙ୍କ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଅଭିଯୋଗ ସତ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ୍ ମାଣ୍ଡବ୍ୟ ପୂର୍ବରୁ କହିଥିଲେ।

## ବ୍ରିଟିଶ୍ ଏମ୍‌ପିଙ୍କୁ ଜିନ୍ସ ମନା

**ଲଣ୍ଡନ, ୫।୯**



### ଡ୍ରେସ୍ କୋଡ୍ କଡ଼ାକଡ଼ି କଲେ ବାଚସ୍ପତି

ଗ୍ରୀଷ୍ମାବକାଶ ପରେ ସୋମବାରଠାରୁ ବ୍ରିଟିଶ ପାର୍ଲାମେଣ୍ଟ ଆରମ୍ଭ ହେଉଥିବାବେଳେ ହାଉସ୍ ଅଫ୍ କମନ୍ସର ବାଚସ୍ପତି ଏମ୍‌ପିମାନଙ୍କ ପାଇଁ ଥିବା ଡ୍ରେସ୍ କୋଡ୍‌କୁ କଡ଼ାକଡ଼ି କରିଛନ୍ତି। ଜିନ୍ସ ଏବଂ ସ୍ପୋର୍ଟ୍ସୱେର ପାର୍ଲାମେଣ୍ଟ ପୋଷାକ ନୁହେଁ। ଉପଯୁକ୍ତ ପୋଷାକ ପରିଧାନ କରି ଆସିବାକୁ ବାଚସ୍ପତି ସାର୍ ଲିଣ୍ଡସେ ହୋଲେ କହିଛନ୍ତି। କୋଭିଡ୍-୧୯ ଲକ୍‌ଡାଉନ ବେଳେ ହାଉସ୍ ଅଫ୍ କମନ୍ସରେ ବ୍ୟବହାର ଓ ଶିଷ୍ଟାଚାର ନିୟମାବଳୀରେ କୋହଳ କରାଯାଇଥିଲା। ଏମ୍‌ପିମାନଙ୍କୁ ଚାମ୍ବରରୁ ଭର୍ଚୁଆଲି ଅଧିବେଶନରେ ଯୋଗଦେବା ଲାଗି ଅନୁମତି ମିଳୁଥିଲା। ଏବେ କୋଭିଡ୍ ସ୍ଥିତିରେ ଉନ୍ନତି ଆସିଥିବାରୁ ବାଚସ୍ପତି ଏମ୍‌ପିମାନଙ୍କ ବ୍ୟବହାର ଓ ଶିଷ୍ଟାଚାର ନିୟମାବଳୀରେ ସଂଶୋଧନ କରିଛନ୍ତି। ନୂତନ ନିୟମାବଳୀ ଅନୁଯାୟୀ ଏମ୍‌ପିମାନେ ଉପଯୁକ୍ତ ପୋଷାକ ପରିପାଟି ଉପରେ ଧ୍ୟାନଦେବେ, ଭୋଟର ଓ ପାର୍ଲାମେଣ୍ଟ ପ୍ରତି ସମ୍ମାନ ପ୍ରଦର୍ଶନ କରିବେ। ଚାମ୍ବର ଭିତରେ ଓ ବାହାରେ ସଦସ୍ୟମାନଙ୍କୁ ଆନୁଷ୍ଠାନିକ ପୋଷାକ ପିନ୍ଧିବାକୁ ହେବ । ଜିନ୍ସ, ସିନୋସ୍, ସ୍ପୋର୍ଟ୍ସୱେର, ଟି-ଶାର୍ଟ, ସ୍ଲିଭ୍‌ଲେସ୍ ଟପ୍ ଆଦି ଉପଯୁକ୍ତ ପୋଷାକ ନୁହେଁ। ସେହିପରି କାଜୁଆଲ ଜୋତା ବଦଳରେ ସ୍ମାର୍ଟ/ବିଜିନେସ୍ ସୁଜ୍ ପିନ୍ଧିବାକୁ କୁହାଯାଇଛି। ପୁରୁଷ ଏମ୍‌ପିମାନେ ଟାଇ ଏବଂ ଜାକେଟ ପରିଧାନ କରିବା ବାଧ୍ୟତାମୂଳକ କରାଯାଇଛି। ପାର୍ଲାମେଣ୍ଟ ସଦସ୍ୟ ଭାବେ କାର୍ଯ୍ୟ କରିବା ଏକ ସ୍ୱାଧିକାର, ଏହା ସେମାନଙ୍କ ପୋଷାକ, ଭାଷା ଓ ବ୍ୟବହାରରେ ପ୍ରତିଫଳିତ ହେବା ଆବଶ୍ୟକ ବୋଲି ନୂତନ ନିୟମାବଳୀରେ କୁହାଯାଇଛି।

## ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ

### ୪ ସୈନ୍ୟ ମୃତ, ୨୦ ଆହତ

**କରାଚୀ, ୫।୯(ପି.ଟି.)**



ଆତଙ୍କବାଦୀ ସଂଗଠନ ତେହରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି)ର ଜଣେ ଆତ୍ମଘାତୀ ବୋମାଧାରୀ ରବିବାର ବଲୋଚିସ୍ତାନ ପ୍ରଦେଶରେ ନିଜକୁ ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ଅନ୍ୟୂନ ୪ ସୁରକ୍ଷା ଯବାନ ନିହତ ହେବା ସହ ୨୦ ଜଣ ଆହତ ହୋଇଛନ୍ତି। ପ୍ରାଦେଶିକ ରାଜଧାନୀ କ୍ୱେଟାସ୍ଥିତ ମାସ୍ତୁଙ୍ଗ ରୋଡ୍‌ରେ ଥିବା ସୁରକ୍ଷା ବାହିନୀ ଗାଡ଼ିକୁ ଟାର୍ଗେଟ କରି ବିସ୍ଫୋରଣ କରାଯାଇଥିଲା। ସମସ୍ତ ମୃତକ ଏବଂ ଅଧିକାଂଶ ଆହତ ସୈନ୍ୟ ଫ୍ରଣ୍ଟିୟର କର୍ପସ୍‌ର। ସୋନା ଖାନ୍ ଚେକ୍‌ପୋଷ୍ଟ ନିକଟରେ ଆତ୍ମଘାତୀ ବିସ୍ଫୋରଣ ଘଟାଯାଇଥିବା ବଲୋଚିସ୍ତାନର ଆତଙ୍କବାଦ ନିରୋଧୀ ବିଭାଗ କହିଛି। ପାକିସ୍ତାନର ତାଲିବାନ୍ ଭାବେ ଜଣାଶୁଣା ବେଆଇନ ଘୋଷିତ ସଂଗଠନ ତେହରିକ୍-ଇ-ତାଲିବାନ ପାକିସ୍ତାନ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ଆମ ଆତ୍ମଘାତୀ ବୋମାଧାରୀ ମୋଟରସାଇକେଲରେ ବିସ୍ଫୋରକ ଖଞ୍ଜି କ୍ୱେଟାଠାରେ ଥିବା ସାମରିକ କନ୍‌ଭୟକୁ ଧକ୍କା ଦେଇଥିଲା ବୋଲି ଟିଟିପି ମୁଖପାତ୍ର ମହମ୍ମଦ ଖୁରାସାନି ଏକ ଅଜଣା ସ୍ଥାନରୁ କହିଛନ୍ତି। ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ ଆତ୍ମଘାତୀ ଜଣକ ମୋଟରସାଇକେଲ ଯୋଗେ ଅର୍ଦ୍ଧସାମରିକ ବଳର ଚେକ୍‌ପୋଷ୍ଟ ନିକଟରେ ପହଞ୍ଚିଥିଲା। ଆଫଗାନିସ୍ତାନ ସୀମାକୁ ଲାଗିଥିବା ବଲୁଚିସ୍ତାନର ସୁରକ୍ଷା ଦାୟିତ୍ୱରେ ଫ୍ରଣ୍ଟିୟର କର୍ପସ୍‌ର ରହିଛି। ବିସ୍ଫୋରଣରେ ୧୩ ପାଉଣ୍ଡରୁ ଅଧିକ ବିସ୍ଫୋରକ ସାମଗ୍ରୀ ବ୍ୟବହାର କରାଯାଇଥଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଶରୀରର ଅଙ୍ଗ ବହୁତ ଦୂରରେ ଛିଟିକି ପଡ଼ିଥିଲା। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଆକ୍ରମଣକୁ ନିନ୍ଦା କରିଛନ୍ତି। ମୃତ ସୈନ୍ୟଙ୍କ ପରିବାରକୁ ସେ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୧୪,୧୪,୪୮୧ | ୪୫,୭୯,୭୦୯ | ୧୯,୭୮,୯୭,୦୮୫ |
| ଭାରତ | ୩,୩୦,୨୭,୭୪୧ | ୪,୪୦,୭୭୯ | ୩,୨୧,୭୩,୭୩୩ |
| ଓଡ଼ିଶା | ୧୦,୧୧,୫୫୮ | ୮୦୪୭(+୫୩) | ୯,୯୭,୦୬୩ |

ରବିବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଜାତୀୟ ଶିକ୍ଷା ନୀତି ଦେଶରେ ବୈପ୍ଳବିକ ପରିବର୍ତ୍ତନ ଆଣିବ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୫।୯(ବ୍ୟୁରୋ):** ଜାତୀୟ ଶିକ୍ଷା ନୀତି-୨୦୨୦ ଦେଶର ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଗୁରୁ ଦିବସ ଅବସରରେ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ)ର ବିଭିନ୍ନ ପୁରସ୍କାର ସମାରୋହରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜିରେ ୧୭ ଜଣ ଅଧ୍ୟାପକଙ୍କୁ ଏଆଇସିଟିଇର ବିଶ୍ୱେଶ୍ୱରାୟ ଶ୍ରେଷ୍ଠ ଶିକ୍ଷକ ପୁରସ୍କାର, ମ୍ୟାନେଜମେଣ୍ଟ ଶିକ୍ଷା ପାଇଁ ୩ ଜଣ ଅଧ୍ୟାପକଙ୍କୁ ପ୍ରୀତମ ସିଂହ ଶ୍ରେଷ୍ଠ ଶିକ୍ଷକ ପୁରସ୍କାର ପ୍ରଦାନ କରିଛନ୍ତି। ବିଜେତାଙ୍କୁ ଛାତ୍ର ବିଶ୍ୱକର୍ମା ପୁରସ୍କାର, ସ୍ୱଚ୍ଛ ଏବଂ ସ୍ମାର୍ଟ କ୍ୟାମ୍ପସ ପୁରସ୍କାର-୨୦୨୦ରେ ମଧ ଧର୍ମେନ୍ଦ୍ର ସମ୍ମାନିତ କରିଛନ୍ତି। ସେ କହିଛନ୍ତି ଯେ, ଏହି ପୁରସ୍କାର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମନୋବଳକୁ ଦୃଢ଼ କରିବା ସହ ନବସୃଜନକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରେରଣା ଦେବ ଏବଂ ଭାରତକୁ ଜ୍ଞାନର ମହାଶକ୍ତି ଭାବେ ପରିଣତ କରିବ । କେନ୍ଦ୍ରମନ୍ତ୍ରୀ ଶିକ୍ଷା ଦ୍ୱାରା ସମସ୍ତଙ୍କୁ ଉତ୍ତରଦାୟୀ ଏବଂ ବୈଶ୍ୱିକ ନାଗରିକ ଭାବେ ପରିଣତ କରିବା ଦିଗରେ ଗୁରୁତ୍ୱାରୋପ କରିଛନ୍ତି।

# ଓଡ଼ିଶାର ଅଶୋକ, ଅଜିତ୍‌ଙ୍କୁ ସମ୍ମାନିତ କଲେ ରାଷ୍ଟ୍ରପତି

**ଭୁବନେଶ୍ୱର, ୫।୯(ବ୍ୟୁରୋ)**

## ୪୪ଜଣଙ୍କୁ 'ଜାତୀୟ ଶିକ୍ଷକ ପୁରସ୍କାର'

ଗୁରୁଦିବସ ଅବସରରେ ରବିବାର ଦେଶର ୪୪ଜଣ ଆଦର୍ଶ ଶିକ୍ଷୟିତ୍ରୀଶିକ୍ଷକଙ୍କୁ 'ଜାତୀୟ ଶିକ୍ଷକ ପୁରସ୍କାର' ମିଳିଛି। ଭର୍ଚୁଆଲରେ ଆୟୋଜିତ ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ଜାତୀୟ ପୁରସ୍କାର ପ୍ରଦାନ କରିଛନ୍ତି। ଓଡ଼ିଶାର ମଧ୍ୟ ଦୁଇଜଣ ଶିକ୍ଷକ ସମ୍ମାନିତ ହୋଇଛନ୍ତି। ସେମାନେ ହେଲେ ଭଦ୍ରକର ଅଶୋକ କୁମାର ଶତପଥୀ ଓ ଗଞ୍ଜାମର ଅଜିତ୍ କୁମାର ସେଠୀ। ଅଶୋକ ଏବେ ଭଦ୍ରକ ଜିଲା ସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ଶିକ୍ଷାଦାନ ସହ ସେ ୨୦୦୩ରୁ ସ୍କୁଲ ଓ ଗରିବ ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ କାମ କରୁଛନ୍ତି। ଏହି ସେବା କ୍ଷେତ୍ରରେ ସେ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସାମିଲ କରିଛନ୍ତି। ସେହିପରି ଅଜିତ୍ ହେଉଛନ୍ତି ଜଣେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ। ୨୦୦୭ରେ ସେ ଶିକ୍ଷକତା ଆରମ୍ଭ କରିଥିଲେ। ସଙ୍ଗୀତ ମାଧ୍ୟମରେ ଶିକ୍ଷାଦାନ କରି ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଥିଲେ। ସଙ୍ଗୀତରେ ପାଠପଢ଼ା



ଅଶୋକ କୁମାର ଶତପଥୀ



ଅଜିତ୍ କୁମାର ସେଠୀ

ପିଲାଙ୍କ ପାଇଁ ଅତି ସହଜ ଓ ବୋଧଗମ୍ୟ ହୋଇଥାଏ ବୋଲି ଅଜିତ୍ କହିଛନ୍ତି। ଜାତୀୟ ପୁରସ୍କାର ପାଇଥିବା ଏହି ଦୁଇ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

ସମ୍ମାନିତ ସମସ୍ତ ଶିକ୍ଷକଙ୍କ କର୍ତ୍ତବ୍ୟପରାୟଣତାକୁ ରାଷ୍ଟ୍ରପତି କୋବିନ୍ଦ ପ୍ରଶଂସା କରିଛନ୍ତି। ଛାତ୍ରୀଛାତ୍ରଙ୍କ ବହୁମୁଖୀ ପ୍ରତିଭାକୁ ଚିହ୍ନିବାରେ ଶିକ୍ଷକଙ୍କର ବଡ଼ ଭୂମିକା ରହିଛି। ଜଣେ ଭଲ ଶିକ୍ଷକ ହେଉଛି ଜଣେ ବ୍ୟକ୍ତିତ୍ୱ-ନିର୍ମାଣକାରୀ, ସମାଜ-ନିର୍ମାଣକାରୀ ଏବଂ ରାଷ୍ଟ୍ର-ନିର୍ମାଣକାରୀ। ଶିକ୍ଷକମାନେ ସେମାନଙ୍କ ଛାତ୍ରୀଛାତ୍ରଙ୍କୁ ଏକ ସୁବର୍ଣ୍ଣ ଭବିଷ୍ୟତର କଳ୍ପନା କରିବାକୁ ଏବଂ ସେମାନଙ୍କର ଆକାଂକ୍ଷା ପୂରଣ କରିବା ପାଇଁ ଦକ୍ଷତା ହାସଲ କରିବାକୁ ଉତ୍ସାହିତ କରନ୍ତୁ ବୋଲି ରାଷ୍ଟ୍ରପତି ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନିଜ ଶିକ୍ଷକଙ୍କୁ ବି ରାଷ୍ଟ୍ରପତି ମନେପକାଇଥିଲେ। ରାଷ୍ଟ୍ରପତି ହେବା ପରେ ସେ ନିଜ ଗାଁକୁ ଯାଇ ନିଜ ଶିକ୍ଷକଙ୍କୁ ଭେଟିଥିଲେ। ଆଜି ସେ ଯାହା ବି ହୋଇଛନ୍ତି କେବଳ ନିଜ ଶିକ୍ଷକଙ୍କ ପାଇଁ ବୋଲି ରାଷ୍ଟ୍ରପତି କହିଛନ୍ତି।

### ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସେ ଓଡ଼ିଶାର ୨ ଜଣ ଶିକ୍ଷକଙ୍କ ସମେତ ୪୪ ଜଣ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, କରୋନା ସମୟରେ ନିରନ୍ତର ଶିକ୍ଷାକୁ ସୁନିଶ୍ଚିତ କରିବାରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଏକ ରାଷ୍ଟ୍ରର ଦ୍ରୁତ ବିକାଶ ପାଇଁ ଜଣେ ଶିକ୍ଷକ ଯେଉଁ ଭୂମିକା ଗ୍ରହଣ କରନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକ ସମାଜ ଏକବିଂଶ ଶତାବ୍ଦୀରେ ଭାରତର ଭବିଷ୍ୟତକୁ ପରିବର୍ତ୍ତନ କରିବେ ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

# ମୁଖ୍ୟାଳୟ ନ ଛାଡ଼ିବାକୁ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୫।୯(ବ୍ୟୁରୋ)**

## ଅନାବୃଷ୍ଟିଜନିତ ପରିସ୍ଥିତିର ଜରୁରିକାଳୀନ ସମୀକ୍ଷା

ରାଜ୍ୟରେ ଅନାବୃଷ୍ଟିଜନିତ ପରିସ୍ଥିତିର ମୁକାବିଲା ଲାଗି ରାଜ୍ୟ ସରକାର ପଦକ୍ଷେପ ଆରମ୍ଭ କରିଛନ୍ତି। ୭ଦିନ କୃଷି କାର୍ଯ୍ୟାଳୟ ଖୋଲିବା ସହ ନିଜ ମୁଖ୍ୟାଳୟ ନ ଛାଡ଼ିବାକୁ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଜରୁରିକାଳୀନ ସମୀକ୍ଷା ବୈଠକ ଭର୍ଚୁଆଲରେ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ସାହୁ କହିଥିଲେ, ଏଭଳି ପରିସ୍ଥିତିରେ ଆମେ ଯଦି ଚାଷୀଙ୍କ ସାହାଯ୍ୟରେ ନ ଆସିବୁ ତା'ହେଲେ ଲାଭ ନାହିଁ। ଏହା ଆମର କର୍ତ୍ତବ୍ୟ। କ୍ଷେତ୍ର ଅଫିସରମାନେ ଚାଷୀ ଓ ଫସଲ ପରିସ୍ଥିତି ସହ ନିୟମିତ ସମ୍ପର୍କ ରଖିବା ଦରକାର। ଆବଶ୍ୟକ ପଡ଼ିଲେ ସେମାନେ ଜମି ପାଖକୁ ଯାଆନ୍ତୁ। କୌଣସି ଅଫିସର ମୋବାଇଲ ଫୋନ ବନ୍ଦ ରଖନ୍ତୁ ନାହିଁ। ଯେକୌଣସି ସମୟରେ ବିବରଣୀ ପ୍ରଦାନ ନିମନ୍ତେ ପ୍ରସ୍ତୁତ ରୁହନ୍ତୁ। ଜରୁରିକାଳୀନ ସ୍ଥିତିର ମୁକାବିଲା ନିମନ୍ତେ ସପ୍ତାହର ସାତଦିନ କାର୍ଯ୍ୟାଳୟ ଖୋଲାରଖନ୍ତୁ। ଫସଲ ବିବିଧୀକରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଜିଲାସ୍ତରରେ ଆପାତକାଳୀନ ଯୋଜନା ପ୍ରସ୍ତୁତ କରନ୍ତୁ। ଏଥିରେ ସ୍ୱଳ୍ପ ଓ ମଧ୍ୟମ ମିଆଦୀ ଯୋଜନା ରହିବା ଦରକାର। ଏଥିନିମନ୍ତେ ଆବଶ୍ୟକ ଇନ୍‌ପୁଟ ପାଇଁ ତୁରନ୍ତ ରାଜ୍ୟ ମୁଖ୍ୟାଳୟକୁ ଜଣାନ୍ତୁ। ଜଳ ଯୋଗାଣ ନିମନ୍ତେ ସୁବିଧା ଥିଲେ ଜଳସମ୍ପଦ ବିଭାଗ ସହ ଯୋଗାଯୋଗ କରନ୍ତୁ। ପ୍ରତି ଶନିବାର ସନ୍ଧ୍ୟା ୫ଟାରେ ବ୍ଲକ ଓ ଜିଲାସ୍ତରରେ ସମସ୍ତ ୫ଟି ବିଭାଗର ସମୀକ୍ଷା ବୈଠକ କରାଯାଇ ଫଟୋ ସହ ବିବରଣୀ ପଠାଇବାକୁ ମନ୍ତ୍ରୀ କହିଛନ୍ତି। ସେହିଭଳି ପଞ୍ଚାୟତ ସ୍ତରୀୟ ବୈଠକ ମଧ୍ୟ ହେବା ଜରୁରୀ। ନିଜେ ରବିବାର ଦିନ ଓଡ଼ିଶାର ସମସ୍ତ ଅଫିସରଙ୍କ ସହ ସ୍ଥିତିର ସମୀକ୍ଷା କରିବେ।

UTKAL UNIVERSITY
NAAC-A+ Accreditation
**UTKAL UNIVERSITY M.TECH. (IT)**
**ADMISSION 2021-22**
**2 YEAR FULL TIME COURSE PROGRAM ON M.TECH IN INFORMATION TECHNOLOGY.**
**ELIGIBILITY FOR ADMISSION**
(I) Master's degree in Computer Science / Information Technology / Computer Applications / Statistics / Mathematics / Physics / Electronic Sciences or any other qualification considered equivalent.
(II) Bachelor's degree in Engineering/Technology or any other qualification considered equivalent (such as AMIEE or DOEACC 'B' Level).
**Candidates those who have appeared the final Examination/ waiting for final result can provisionally be admitted, provided that they have to submit their result before filling up forms for 1st Semester Examination.**
**IMPORTANT DATES**
Last Date of Submission of Application Form 22.09.2021
Date of Entrance Test : 26.09.2021 (ONLINE)
Course Director, Centre for IT Education, M.TECH.(IT)
P.G. Department of Statistics, Utkal University,
Vani Vihar, Bhubaneswar-751004,
Tel : 0674 - 2567711 / 9438014469 / 6371615706.
Website : www.citeutkal.com
e-mail : citeutkal@gmail.com / centreforiteducation@gmail.com
Chairman, P.G. Council

# 'ଆଦର୍ଶ ବିଦ୍ୟାଳୟ ଦେଶରେ ରୋଲ୍ ମଡେଲ ହେଉ'

**ଭୁବନେଶ୍ୱର, ୫।୯(ବ୍ୟୁରୋ)**

## ୪୪୩ ଶିକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ରାଜ୍ୟର ସବୁ ଅଞ୍ଚଳର ମେଧାବୀ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ମୁଖ୍ୟ ଲକ୍ଷ୍ୟ। ଏହି ଉଦ୍ଦେଶ୍ୟରେ ରାଜ୍ୟରେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଜରିଆରେ ଇଂଲିଶରେ ଶିକ୍ଷା ପ୍ରଦାନ କରାଯାଉଛି। ବିଶେଷକରି ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳର ମେଧାବୀ ଛାତ୍ରୀଛାତ୍ରମାନେ ଏହାଦ୍ୱାରା ଉପକୃତ ହେଉଛନ୍ତି। ଗୁଣାତ୍ମକ ଶିକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରି ସାରା ଦେଶରେ ଆଦର୍ଶ ବିଦ୍ୟାଳୟଗୁଡ଼ିକ ଏକ ରୋଲ ମଡେଲ ହେଉ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ରବିବାର ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ୪୪୩ ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଶିକ୍ଷକମାନଙ୍କୁ ସ୍ୱାଗତ କରି ଜାତୀୟସ୍ତରର ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିବା ପାଇଁ ଏହି ବିଦ୍ୟାଳୟଗୁଡ଼ିକୁ ସବୁପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଆଦର୍ଶ ବିଦ୍ୟାଳୟ ଗୁଡ଼ିକ ପାଇଁ ଏକ ଦଶ ସୂତ୍ରୀ ଲକ୍ଷ୍ୟ ଘୋଷଣା କରିଛନ୍ତି। ଏଥିରେ ପିଲାଙ୍କୁ ରକ୍ତଦାନ, ପରିବେଶ ସୁରକ୍ଷା ସହିତ ସାକ୍ଷରତା ଅଭିଯାନରେ ସାମିଲ କରିବା, ଯୋଗ, କ୍ରୀଡ଼ା ଓ ସୁସ୍ଥ ଜୀବନଶୈଳୀ ଆଦି ପାଇଁ ଉତ୍ସାହିତ କରିବା, ଜାତୀୟ, ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳତା ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବା, ସ୍କୁଲ ସମୟରୁ ଦକ୍ଷତାର ବିକାଶ ପ୍ରତି ଯତ୍ନବାନ ହେବା ଆଦି ବିଭିନ୍ନ ବିଷୟ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହାବ୍ୟତୀତ ପ୍ରତି ଆଦର୍ଶ ବିଦ୍ୟାଳୟକୁ ଏକ ଦଶ ବର୍ଷିଆ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ୨୦୨୧ର ଜାତୀୟ ଶିକ୍ଷକ ପୁରସ୍କାର ପାଇଥିବା ଭଦ୍ରକ ଜିଲା ସ୍କୁଲର ସହକାରୀ ଶିକ୍ଷକ ଅଶୋକ କୁମାର ତ୍ରିପାଠୀ ଓ ଛତ୍ରପୁର ୟୁ.ପି. ସ୍କୁଲର ପ୍ରଧାନ ଶିକ୍ଷକ ଅଜିତ କୁମାର ସେଠୀଙ୍କୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଅଭିନନ୍ଦନ ଜଣାଇଛନ୍ତି।

ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସମୀର ଦାଶ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଅଧ୍ୟକ୍ଷ ଉପେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉଦ୍‌ବୋଧନ ଦେଇ ଆଦର୍ଶ ବିଦ୍ୟାଳୟ ପିଲାଙ୍କ ପ୍ରତିଭାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିଛି ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମର ପରିଚାଳନା କରିଛନ୍ତି। ନବନିଯୁକ୍ତ ଅଧ୍ୟକ୍ଷ ଓ ଶିକ୍ଷକମାନଙ୍କ ସହ ଆଲୋଚନା କରି ପାଣ୍ଡିଆନ ସେମାନଙ୍କୁ ରାଜ୍ୟ ସରକାରଙ୍କ ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ନୂଆ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଏ ଲକ୍ଷ୍ୟ ପୂରଣ ପାଇଁ କାମ କରିବାକୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ପ୍ରମୁଖ ଯୋଗଦେଇଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଛନ୍ତି। ନିଯୁକ୍ତିପତ୍ର ମିଳିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧୫୬ ଜଣ ଶିକ୍ଷୟିତ୍ରୀ ରହିଛନ୍ତି।



6.99%* ସୁଧ ହାର | 90%* ଅର୍ଥ ଯୋଗାଣ ଉପଲବ୍ଧ | ₹ 68 369^ ରୁ ଆରମ୍ଭ | ₹ 0* ପ୍ରୋସେସିଙ୍ଗ୍ ଚାର୍ଜ
TVS Jupiter ବେଶୀ ଲାଭ
5 YEAR WARRANTY+ | Download TVS Service App | TVS CREDIT | IndusInd Bank | L&T Financial Services | IDFC FIRST Bank ALWAYS YOU FIRST
ଦୁଇ ଚକିଆ ବାହନ ଚଲାଉଥିବା ବେଳେ ସର୍ବଦା ହେଲ୍‌ମେଟ୍ ପିନ୍ଧନ୍ତୁ।
tvsjupiter | www.tvsmotor.com/tvs-jupiter
Call: 1800 315 7777
* Terms & conditions apply. ^ Ex-showroom price. '5 yr. warranty without any additional charges.
FOR ALL INSTITUTIONAL/BULK REQUIREMENTS, PLEASE MAIL: corporate.customersupport@tvsmotor.com Authorised Main Dealers: BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7440030004, 7381114371; 3S TVS, Ph : : 8860629978. PURI: Modern TVS, Ph : 7978707757, 7440002101; CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHOLE : Sasmita TVS, Ph : 8860793803; JAGATSINGHPUR : Gita TVS, Ph : 06724-222717, 7788901717. Authorised Dealers: CRP Square, Bhubaneswar, Ph.: 0674-2563343, 7537035786; Jatni, Ph.: 7008563051; Khurda, Ph.: 9861128283, 06755-223244; Baghamari, Ph.: 9238107505; Jagatpur, Ph.: 9861006854/9337268787; Pattamundai, Ph.: 9938602209; Mangalpur, Ph : 9853486660; Balipatna, Ph.:9238518534; Khandagiri, Ph : 0674-2351766, 9090894749;Athagarh, Ph.: 9853429148; Salepur, Ph.: 8018556514; Pipli, Ph.: 8093219941; Delang, Ph : 9090214582; Bramahgiri, Ph : 8480928880; Chari Chowk, Ph : 8327783765; Raj Sunakhala, Ph.: 7873510025; Daspalla, Ph.: 9437354285; Rohibank, Ph : 9090507765; Kalapathar, Ph : 9776942339;Ranpur, Ph : 9778520193; Paradip, Ph.: 9937392207; Nuapatana, Ph.: 9937019555; Banki, Ph.: 9937015536; Jatani, Ph : 8093198397; Balugaon, Ph : 9090048991, 9776099100; Duburi, Ph : 9439176344; Nirakarpur, Ph : 9658971360, 06756-252360; Khandapada, Ph : 9853479471, 9937153901; Erasama, Ph : 9937084847; Krushnanandapur, Ph : 9237066573; 9040091921; Badamba, Ph : 7381656665; Puranakatak, Ph : 7873727545, 9439071610; Chandpur, Ph : 9658866993, 9337112565, 9439333723; Sakhigopal, Ph : 9861150706; Nimapara, Ph : 06758-252044, 9438742101; Balichandrapur, Ph : 9439200714; Anandpur, Ph : 9438366880; Nachuni : Ph : 9337788799, 7008225699; Narasinghpur, Ph : 9238545610; Marshaghai, Ph : 9938837705; Kandarpur, Ph : 0671-2802345, 9090098000; Phulnakhara, Ph : 0671-2356967, 7440037801; Bari, Ph : 8917596087; Binjharpur, Ph : 7008499365; Nischintakoili, Ph : 9337438686; Chandol, Ph : 9437108541; Friends Automobile, Ph : 9668166377, 7008050051; Raipur, Ph : 9937963372; Naugoan, Ph : 06724-222717, 9778802623; Balitutha, Ph : 8093099967, 9777773277 ; Narasinghpur, Ph : 9658410027 ; Balikuda, Ph : 9439370305 ; Gothopatna, Ph : 9337950051, 8249710415; Odogaon, Ph : 9937558155; Tangi, Ph : 0671-2595877, 9348645572; Rajnagar, Ph : 9178026887; Tamando, Ph : 9337988543, 9778100000; Rajkanika, Ph : 9938602209.
dentsuindia/dha bhu/02/21

**ଆଜିର ମନ୍ତବ୍ୟ**

ଭାରତ ପୁଣିଥରେ 'ବିଶ୍ୱ ଗୁରୁ' ହେବା ସହ ଜ୍ଞାନ ଓ ନବପ୍ରବର୍ତ୍ତନର କେନ୍ଦ୍ର ଭାବେ ଉଭା ହେବା ପାଇଁ ସମୟ ଆସିଛି। **-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି**




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ଜିଉସ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଲି ଛୋଟ ଗଣ୍ଡିଲା ମୋଟ**
**ଏ ବୋଝକୁ ଚିହ୍ନିବୁ କପା;**
**ମା' ଆଗେ ଯେ ପୁଅକୁ ମାରେ,**
**ତାହାକୁ ବୋଲିବୁ ବୋପା।**

କପା ବୋଝର ଆକାର ଦେଖିବାକୁ ଅଧିକ ଲାଗୁଥିଲେ ମଧ୍ୟ ଆକାର ଅନୁସାରେ ଏହାର ଓଜନ ଅପେକ୍ଷାକୃତ କମ ହୋଇଥାଏ। ମା' ନିଜ ଜନ୍ମିତ ସନ୍ତାନକୁ ପ୍ରାଣଠୁ ଅଧିକ ସ୍ନେହ ଆଦର କରିଥାଏ। ମା' ଆଗରେ ପୁଅକୁ ଭଲମନ୍ଦ କରି କେହି କିଛି କହିଦେଲେ ମାଆ ଦେହରେ କଣ୍ଟା ଫୋଡିହୋଇଯାଏ। କେବଳ ସନ୍ତାନର ବାପା ହିଁ ପୁଅକୁ ଆକଟ କରି କହିପାରେ ବା ମାଡ଼ଗାଳି ଦେଇପାରେ। ଅନ୍ୟ କେହି କହିଲେ ମାଆ ଆଦୌ ସହ୍ୟକରି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚୈତ୍ର ମାସେ ଥର ଥର**
**ବୈଶାଖରେ ହୁଏ ଝଡ଼ ପଥର**
**ଜ୍ୟେଷ୍ଠ ମାସରେ ତାରା ଫୁଟେ**
**ମହିରେ ଅଧିକ ବର୍ଷା ଘଟେ।**

ଚୈତ୍ର ମାସରେ ବର୍ଷା ଥର ଥର, ବୈଶାଖ ମାସରେ ଝଡ଼ ପଥର ବା କାଳ ବୈଶାଖୀ। ଜ୍ୟେଷ୍ଠ ମାସରେ ଦିନବେଳା ବର୍ଷା ହୋଇ ରାତ୍ରକାଳେ ଆକାଶ ନିର୍ମଳ ହେଲେ ସେହି ବର୍ଷ ଅଧିକ ପରିମାଣରେ ବର୍ଷା ହେବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର, ୫।୯(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ ସ୍କୁଲ ଶିକ୍ଷା କ୍ଷେତ୍ରରେ ଚାଲିଥିବା ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ଏହା ଏକ ନୂତନ ମାଇଲ ଖୁଣ୍ଟ ହେବ। ଏହି ସ୍କୁଲରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ୫୦୦ ଲେଖାଏ, ସମୁଦାୟ ହଜାର ଜଣ ଛାତ୍ରୀଛାତ୍ର ଶିକ୍ଷାଲାଭ କରିପାରିବେ। ୫-ଟି କାର୍ଯ୍ୟକ୍ରମ ଅଧୀନରେ ହିଞ୍ଜିଳିରୁ ଆରମ୍ଭ ହୋଇଥିବା ବିଦ୍ୟାଳୟ ରୂପାନ୍ତରଣ ଉପକ୍ରମ ସମ୍ପର୍କରେ ମନେପକାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସାରା ରାଜ୍ୟରେ ପର୍ଯ୍ୟାୟକ୍ରମେ ଏହା କରାଯିବ। ଏହି ସ୍କୁଲର ପେ ସ୍ମାର୍ଟ କ୍ଲାସ ରୁମ୍, ଗଣିତ ଓ ଭାଷା ପ୍ରୟୋଗଶାଳା, ଉଚ୍ଚ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ କମ୍ପ୍ୟୁଟର ପ୍ରୟୋଗଶାଳା ପ୍ରତିଷ୍ଠା ହେବା ସହିତ ସମଗ୍ର ବିଶ୍ୱର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ସହିତ ଜ୍ଞାନ ଆଦାନପ୍ରଦାନ କରାଯିବ। ଗୁଣାତ୍ମକ ଶିକ୍ଷା ସହିତ ଜଣେ ଟିମ୍ ଲିଡରଙ୍କ ଅଧୀନରେ ମେଧାବୀ ଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ପ୍ରତିଯୋଗିତାରେ ସଫଳତା ପାଇଁ ସହାୟତା କରିବେ। ଏହି ସ୍କୁଲ ଛାତ୍ରୀଛାତ୍ରମାନେ ସେମାନଙ୍କ ସମସ୍ତ ଅନ୍ତର୍ନିହିତ ଗୁଣର ବିକାଶ କରି ବିଭିନ୍ନ କ୍ଷେତ୍ରର ସଫଳତାର ଶୀର୍ଷରେ ପହଞ୍ଚିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ, ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଅଧ୍ୟକ୍ଷ ଉପେନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

# ୧୦ ସଚିବଙ୍କୁ ୧୦ ଆକାଂକ୍ଷୀ ଜିଲା ଦାୟିତ୍ୱ

**ଭୁବନେଶ୍ୱର, ୫।୯(ବ୍ୟୁରୋ)**

ରାଜ୍ୟର ୧୦ ଆକାଂକ୍ଷୀ ଜିଲାର ପ୍ରଭାରୀ ଦାୟିତ୍ୱରେ ୧୦ ଜଣ ସଚିବଙ୍କୁ ପୁନଃନିଯୁକ୍ତି ଦିଆଯାଇଛି। ଆକାଂକ୍ଷୀ ଜିଲାର ପ୍ରଭାରୀ ସଚିବ ଭାବେ ରାଜ୍ୟର ସଚିବସ୍ତରୀୟ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଗତ ୨ ତାରିଖରେ ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ ଏମ୍‌ଏସ୍‌ଏମ୍‌ଇ ସଚିବ ସତ୍ୟବ୍ରତ ସାହୁଙ୍କୁ କଳାହାଣ୍ଡି, ଶକ୍ତି ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ବଲାଙ୍ଗୀର, ପଞ୍ଚାୟତିରାଜ ସଚିବ ଅଶୋକ କୁମାର ମୀନାଙ୍କୁ କନ୍ଧମାଳ, ଅନୁସୂଚିତ ଜାତି, ଜନଜାତି ସଚିବ ରଞ୍ଜନା ଚୋପ୍ରାଙ୍କୁ ଢେଙ୍କାନାଳ, ରାଜସ୍ୱ ଓ ବିପର୍ଯ୍ୟୟ ସଚିବ ବିଷ୍ଣୁପଦ ସେଠୀଙ୍କୁ କୋରାପୁଟ, ଜଳସମ୍ପଦ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ ରାୟଗଡା, ହସ୍ତତନ୍ତ ଓ ବୟନଶିଳ୍ପ ସଚିବ ଶୁଭା ଶର୍ମାଙ୍କୁ ଗଜପତି, ମହିଳା ଓ ଶିଶୁବିକାଶ ବିଭାଗ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲଙ୍କୁ ନବରଙ୍ଗପୁର, ପର୍ଯ୍ୟଟନ ସଚିବ ରାମଚନ୍ଦ୍ର ଯାଦବଙ୍କୁ ନୂଆପଡା ଓ ମତ୍ସ୍ୟ ଓ ପଶୁସମ୍ପଦ ସଚିବ ଆର ରଘୁପ୍ରସାଦଙ୍କୁ ମାଲକାନାଗିରି ଜିଲାର ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ଏହି ସଚିବମାନେ ଆକାଂକ୍ଷୀ ଜିଲାର ୫ଟି କ୍ଷେତ୍ର ଯଥା- ସ୍ୱାସ୍ଥ୍ୟ ଓ ପୁଷ୍ଟିକର, ଶିକ୍ଷା କୃଷି ଓ ଜଳସମ୍ପଦ, ଆର୍ଥିକ ଗତିବିଧି, ଦକ୍ଷତା ବିକାଶ ଓ ମୌଳିକ ଭିତ୍ତିଭୂମିର ୪୯ଟି ପ୍ରମୁଖ ପ୍ରଦର୍ଶନ ଦିଗ ଉପରେ ଆକ୍ସନ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟସ୍ତରୀୟ କମିଟି ଆଗରେ ଉପସ୍ଥାପନ କରିବେ।

# ଓକାକ୍ ଜରିଆରେ କ୍ୟାମେରା କିଣାରେ ଦୁର୍ନୀତି ଅଭିଯୋଗ କଲା ଭାଜପା

**ଭୁବନେଶ୍ୱର, ୫।୯(ବ୍ୟୁରୋ)**

ଓକାକ୍ (ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର) ଜରିଆରେ ଥାନା ପାଇଁ ସିସିଟିଭି କିଣାରେ ଦୁର୍ନୀତି ହୋଇଥିବା ଭାଜପା ଅଭିଯୋଗ କରିଛି। ଓକାକ୍ ବର୍ତ୍ତମାନ ଓଡ଼ିଶା କରପ୍‌ସନ୍ ସେଣ୍ଟରରେ ପରିଣତ ହୋଇସାରିଛି ବୋଲି ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରଣଜିତ କହିଛନ୍ତି, ଓଡ଼ିଶାର ୫୯୩ ଥାନାରେ ସିସିଟିଭି ସ୍ଥାପନ ଲାଗି ଓକାକ୍ ଜରିଆରେ ରାଜ୍ୟ ସରକାର ମୁମ୍ବାଇର ମେସର୍ସ କ୍ରିଷ୍ଟାଲ ଇଣ୍ଟିଗ୍ରେଟେଡ୍ ସର୍ଭିସେସ ପ୍ରାଇଭେଟ ଲିମିଟେଡ୍ କମ୍ପାନୀକୁ ୧୦୪.୯୬ କୋଟି ଟଙ୍କାର ପର୍ଚେଜ ଅର୍ଡର ଦେଇଛନ୍ତି। ପ୍ରତି ଥାନାରେ ସିସିଟିଭି ସ୍ଥାପନ ଲାଗି ୧୫.୫୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଖୋଲା ବଜାରରୁ ସମାନ ଜିନିଷ ଆଣିଲେ କ୍ୟାମେରା ଓ ଅନ୍ୟାନ୍ୟ ଉପକରଣ ସ୍ଥାପନ ବାବଦରେ ୩୫.୫୮ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ କାହା ଇଙ୍ଗିତରେ ମୁମ୍ବାଇ କମ୍ପାନୀ ଜରିଆରେ ଏହା କିଣିବାକୁ ଚାହୁଁଛନ୍ତି ତାହା ବଡ଼ ପ୍ରଶ୍ନବାଚୀ। ରାଜ୍ୟ ସରକାର ତୁରନ୍ତ ଏହି ଟେଣ୍ଡରକୁ ବାତିଲ କରି ଦୁର୍ନୀତିରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ଅଭିଯୋଗ କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ଅଶାନ୍ତିଜନିତ ମନ ଅସ୍ଥିର ରହିଲେ ମଧ୍ୟ ସମସ୍ୟା ସମାଧାନ ହୋଇଯିବ। ସଭାସମିତି, ଆନୁଷ୍ଠାନିକ ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ଘରର ସମସ୍ୟା କଥା କହି ବନ୍ଧୁଙ୍କ ସହାନୁଭୂତି ଲାଭ କରି ଆଶ୍ୱସ୍ତି ଲାଭ କରିବେ।

**ବୃଷ** କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ନ ରହିଲେ ମନାନ୍ତର ଅବଶ୍ୟମ୍ଭାବୀ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁଙ୍କ ସମସ୍ୟା, ଆନୁଷ୍ଠାନିକ କାମ, ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ର ବିବାଦ ସମାଧାନ ହୋଇଯିବ।

**ମିଥୁନ** ପରିବାରର ସହମତିରେ କୌଣସି ନୂତନ କାର୍ଯ୍ୟରେ ହାତ ଦେଲେ କୃତକାର୍ଯ୍ୟ ହେବେ। ସ୍ୱାର୍ଥସାଧନ ମାନସରେ ମିତ୍ରମାନେ ପ୍ରଶଂସା ଗାଇ କାମ ହାସଲର ଅପଚେଷ୍ଟା କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। କର୍ମକ୍ଷେତ୍ରରେ ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି।

**କର୍କଟ** ଶନିଙ୍କ କୁପ୍ରଭାବ ରାଶି ଉପରେ ପଡୁଥିବାରୁ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଅଧିକାଂଶ ସମୟ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ସାମାଜିକ ସ୍ତରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ ଓ ଶିଳ୍ପ ବାଣିଜ୍ୟରେ ଉନ୍ନତି ଘଟିବାର ଆଶା କରାଯାଇପାରେ।

**ସିଂହ** କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବାରୁ ମାନସିକ ଭାରସାମ୍ୟ ହରାଇବେ। ଘର କଥା ମନକୁ ବେଶି ଆନ୍ଦୋଳିତ କରିବା ସାଙ୍ଗକୁ ନୂତନ ଦାୟିତ୍ୱ ହାତକୁ ନେଇ ବିବ୍ରତ ହୋଇପାରନ୍ତି। ପଡ଼ୋଶୀଙ୍କ ସହୃଦୟତାରୁ ଉପକୃତ ହେବେ।

**କନ୍ୟା** ପାରିବାରିକ ସଦ୍ଭାବ ଅକ୍ଷୁର୍ଣ୍ଣ ରହିବା ହେତୁ ସାମାନ୍ୟ ମାନସିକ ଶାନ୍ତି ଲାଭ କରିବେ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବା ଦ୍ୱାରା ବ୍ୟସ୍ତତା ଅନୁଭବ କରିବେ। କର୍ମାରମ୍ଭରେ ସଂକଟର ସମ୍ମୁଖୀନ ହେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଆତ୍ମୀୟଙ୍କ ସାହାଯ୍ୟ ଓ ସହଯୋଗର ପ୍ରତିଶ୍ରୁତି ଲାଭ କରି ଆଶ୍ୱସ୍ତି ଲାଭ କରିବେ।

**ତୁଳା** ନିଜର ଅବହେଳାଜନିତ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ବନ୍ଧୁଙ୍କ ସମ୍ପର୍କରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। କର୍ମଜଞ୍ଜାଳ ବୃଦ୍ଧି ହେତୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ।

**ବିଛା** ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇ ମାନସିକ ସ୍ତରରେ କଷ୍ଟ ଅନୁଭବ କରିପାରନ୍ତି। କୌଣସି ଆନୁଷ୍ଠାନିକ ଅଥବା ସାମାଜିକ କାର୍ଯ୍ୟରେ ଯୋଗଦେବାକୁ ଆହ୍ୱାନ ଆସିପାରେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ଓ ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ। ପରିଶ୍ରମ କରିବେ ସତ, କିନ୍ତୁ ଆଶାନୁଯାୟୀ ପ୍ରାପ୍ତି ସନ୍ତୋଷଜନକ ନ ହୋଇପାରେ।

**ଧନୁ** ଆଜିର କର୍ମକ୍ଷେତ୍ରରେ ପ୍ରତ୍ୟେକ ପରିସ୍ଥିତିରେ କାର୍ଯ୍ୟ ସମ୍ପନ୍ନ କରିବାରେ ଅସୁବିଧା ହେବନାହିଁ। ମନ ଭିତରେ ଉଙ୍କି ମାରୁଥିବା ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ମକର** ପରିବାରର ସହମତିରେ ନୂତନ ଯୋଜନା ସକାଶେ ମନ ବଳାଇ କାର୍ଯ୍ୟାରମ୍ଭ କରିପାରନ୍ତି। କ୍ରୟ ବିକ୍ରୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିବାର ଆଶଙ୍କା ରହିଛି। ଆଜିର ଅପରାହ୍ନରେ ସତ୍‌ସଙ୍ଗ, ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କଥା କହି କାମ ହାସଲରେ ସମର୍ଥ ହେବେ।

**କୁମ୍ଭ** ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିବେ। ଦୈନନ୍ଦିନ ଜୀବନଯାତ୍ରାରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେବା ଭଲ ହେବନି। ଅତୀତ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ।

**ମୀନ** ଆଜି ଆପଣ ନିଜ କାମ ପଛକୁ ପକାଇ ଅନ୍ୟମାନଙ୍କ ନିର୍ଦ୍ଦେଶରେ କାମ କରିପାରନ୍ତି। ପରିବାର ସକାଶେ ଗୁରୁତ୍ୱପୂର୍ଣ୍ଣ କାମଟି ହାସଲ କରିବା କଷ୍ଟକର ହୋଇପଡ଼ିବ। ସହକର୍ମୀ କିମ୍ବା ବନ୍ଧୁମାନଙ୍କ ସହାୟତାରୁ ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହୋଇପାରେ। ଆକସ୍ମିକ ଦୂରଯାତ୍ରାର ସୁଯୋଗ ପାଇବେ, କିନ୍ତୁ ଯାଇପାରିବେ ନାହିଁ।

## ପ୍ରଥମ ପୃଷ୍ଠାରୁ...

### ମହାପଞ୍ଚାୟତରେ...

ମଧ୍ୟରେ ଏହା ହେଉଛି ସବୁଠୁ ବଡ଼ ମହାପଞ୍ଚାୟତ। କେନ୍ଦ୍ର ସରକାର ସେମାନଙ୍କ ଦାବି ପୂରଣ ନ କଲେ ୨୦୨୨ରେ ୟୁପି ଏବଂ ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ବେଳେ ଭାଜପା ବିରୋଧରେ କୃଷକ ସଙ୍ଗଠନ ପ୍ରଚାର କରିବ ବୋଲି ଚାଷୀ ନେତାମାନେ ସ୍ପଷ୍ଟ କରିଛନ୍ତି। ଏପରି କି ୨୦୨୪ ଲୋକ ସଭା ନିର୍ବାଚନରେ ମଧ୍ୟ ବିକ୍ଷୋଭ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏପରି କି ବର୍ତ୍ତମାନଠାରୁ କୃଷକ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରାଯିବ। କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେବା ଭଳି ସରକାର ଗଠନକୁ ସୁନିଶ୍ଚିତ କରାଯିବ। ଏହି ଅବସରରେ ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ମୁଖପାତ୍ର ରାକେଶ ଟିକାଏତ୍ କହିଛନ୍ତି, ଏହା ହେଉଛି କୃଷକମାନଙ୍କ ବଳ। ସରକାର ଆମ ଅଧିକାରକୁ ଆଉ କେତେ ଦିନ ଅଣଦେଖା କରିବେ। ବିଭିନ୍ନ ରାଜ୍ୟରୁ ଚାଷୀମାନେ ଏଠାକୁ ଆସିଛନ୍ତି। ସେମାନେ କୌଣସି ରାଜନୈତିକ ଦଳର ନୁହନ୍ତି। ଆଖୁ ଚାଷୀଙ୍କ ସମର୍ଥନରେ ସଙ୍ଗଠନର ପରବର୍ତ୍ତୀ ସଭା ଲକ୍ଷ୍ନୌରେ ହେବ। ଭାରତକୁ ବର୍ତ୍ତମାନ ବିକ୍ରି କରିବା ପାଇଁ ରଖାଯାଇଛି। ଜାତୀୟ ସମ୍ପତ୍ତିଗୁଡ଼ିକୁ ଘରୋଇ କ୍ଷେତ୍ରକୁ ବିକି ଦିଆଯାଉଛି ବୋଲି ଟିକାଏତ୍ କେନ୍ଦ୍ରକୁ ଟାର୍ଗେଟ କରିଥିଲେ। ଉକ୍ତ ମହାପଞ୍ଚାୟତରେ ବହୁ ସଂଖ୍ୟକ ମହିଳା ଯୋଗଦେଇଥିଲେ। ରାଷ୍ଟ୍ରୀୟ ଲୋକ ଦଳ(ଆର୍‌ଏଲ୍‌ଡି) ନେତାମାନେ ମଧ୍ୟ ଉପସ୍ଥିତ ଥିଲେ। ତେବେ ଏକ ହେଲିକପ୍ଟରରୁ ଚାଷୀଙ୍କ ଉପରେ ପୁଷ୍ପ ବୃଷ୍ଟି ପାଇଁ ଜିଲା ପ୍ରଶାସନ ଅନୁମତି ଦେଇ ନ ଥିବା ଆର୍‌ଏଲ୍‌ଡି ଅଧ୍ୟକ୍ଷ ଜୟନ୍ତ ଚୌଧରୀ ଟୁଇଟ୍ କରିଛନ୍ତି। ସେହିପରି ବିଶିଷ୍ଟ ପରିବେଶବିତ୍ ମେଧା ପାଟ୍‌କର ଓ ସ୍ୱରାଜ ଇଣ୍ଡିଆ ଅଧ୍ୟକ୍ଷ ଯୋଗେନ୍ଦ୍ର ଯାଦବଙ୍କ ଭଳି ଲୋକପ୍ରିୟ ଚେହେରା ମଧ୍ୟ ମହାପଞ୍ଚାୟତ ମଞ୍ଚରେ କେନ୍ଦ୍ର ସରକାରଙ୍କ ଚାଷୀ ମାରଣ ନୀତିକୁ ସମାଲୋଚନା କରିଛନ୍ତି। ଇତିମଧ୍ୟରେ ଭାଜପା ଏମ୍‌ପି ବରୁଣ ଗାନ୍ଧୀ କୃଷକ ସଙ୍ଗଠନକୁ ସମର୍ଥନ କରିଛନ୍ତି। ସରକାର ସମାଧାନ ଓ ସହମତି ପାଇଁ ଚାଷୀଙ୍କ ସହ ଆଲୋଚନା କରନ୍ତୁ ବୋଲି ବରୁଣ ପ୍ରସ୍ତାବ ଦେଇଛନ୍ତି।

ଅନ୍ୟପକ୍ଷେ ଭାଜପା ଏହି କିଷାନ ମହାପଞ୍ଚାୟତକୁ ଏକ ନିର୍ବାଚନୀ ସଭା ଭାବେ ଅଭିହିତ କରିଛି। ବିରୋଧୀ ଦଳ ଓ କୃଷକ ସଙ୍ଗଠନଗୁଡ଼ିକ ୟୁପି ନିର୍ବାଚନ ପୂର୍ବରୁ ଚାଷୀମାନଙ୍କୁ ବ୍ୟବହାର କରୁଛନ୍ତି। ମହାପଞ୍ଚାୟତ ପଛରେ ଥିବା ଲୋକେ ପ୍ରକୃତରେ ଚାଷୀ ନୁହନ୍ତି ବୋଲି ଭାଜପା କିଷାନ ମୋର୍ଚ୍ଚା ମୁଖ୍ୟ ତଥା ଏମ୍‌ପି ରାଜକୁମାର ଚହର ଏକ ବିବୃତିରେ କହିଛନ୍ତି। ଏହାର ଜବାବରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ସତ୍ୟର ଆହ୍ୱାନ ପ୍ରତିଧ୍ୱନିତ ହୋଇଛି। ସରକାରଙ୍କୁ ଏହା ଶୁଣିବାକୁ ପଡ଼ିବ ବୋଲି ସେ ଟୁଇଟ୍ କରିଛନ୍ତି। ସେହିପରି କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ଚାଷୀଙ୍କ ଝଡ଼ ଆଗରେ କ୍ଷମତାର ଅହଂକାର ତିଷ୍ଠିପାରିବ ନାହିଁ। ସେମାନଙ୍କ ସହ ସାରା ଦେଶ ଛିଡ଼ା ହୋଇଛି। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଅନ୍ନଦାତାମାନେ ସେମାନଙ୍କ ହକ୍ ଓ ନ୍ୟାୟ ପାଇବା ଜରୁରୀ ବୋଲି କହିଛନ୍ତି।

### କୃଷି ଆଇନକୁ ...

ସଙ୍ଗଠନଗୁଡ଼ିକ ଧାରଣାରେ ବସିଛନ୍ତି। କେନ୍ଦ୍ର ସରକାର ଅଚଳାବସ୍ଥା ଦୂର ପାଇଁ ସେମାନଙ୍କ ସହ ୧୧ ପର୍ଯ୍ୟାୟରେ ଆଲୋଚନା କରିଥିଲେ ହେଁ ସେଥିରୁ କିଛି ସୁଫଳ ମିଳିନାହିଁ। ଏହି ୩ ଆଇନ ଲାଗୁ ହେଲେ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ମିଳିବ ନାହିଁ ଏବଂ କୃଷି କ୍ଷେତ୍ର ଶିଳ୍ପପତିଙ୍କ ହାତକୁ ଚାଲିଯିବ ବୋଲି କୃଷକମାନେ ଆଶଙ୍କା କରୁଛନ୍ତି। ସୁପ୍ରିମକୋର୍ଟ ଏହି ଆଇନ ଉପରେ ସ୍ଥଗିତାଦେଶ ଜାରି କରିଥିବାବେଳେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା କରି ସମାଧାନର ବାଟ ଫିଟାଇବା ଲାଗି ଏକ ୪ ଜଣିଆ ବିଶେଷଜ୍ଞ କମିଟି ନିଯୁକ୍ତ କରିଛନ୍ତି। କୃଷକ ସଙ୍ଗଠନଗୁଡ଼ିକ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ସ୍ୱାଗତ କରି ବିଶେଷଜ୍ଞ କମିଟି ଗଠନକୁ ବିରୋଧ କରିଛନ୍ତି। କୃଷକଙ୍କ ସ୍ୱାର୍ଥ ସହ ସାଲିସ କରାଯିବ ନାହିଁ ବୋଲି ସେମାନେ ରୋକ୍‌ଠୋକ୍ ଶୁଣାଇଦେଇଛନ୍ତି।

### ପେଟ୍ରୋଲ୧୪, ଡିଜେଲ...

ମଧ୍ୟ ଡିଜେଲ ଓ ପେଟ୍ରୋଲ ମୂଲ୍ୟ ଉପରେ ୧୫ ପଇସା ଲେଖାଏ ହ୍ରାସ ପାଇଥିବା ସୂଚନା ମିଳିଛି। ଏହି ଦର ହ୍ରାସ ଫଳରେ ସେଠାରେ ଡିଜେଲ ଲିଟର ପିଛା ୮୮.୬୨ ଟଙ୍କା ଏବଂ ପେଟ୍ରୋଲ ୧୦୧.୧୯ ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ଡିଜେଲ ଦର ମଧ୍ୟ ଯଥାକ୍ରମ ୯୩.୨୬ ଟଙ୍କା, ୯୧.୭୧ ଟଙ୍କା ଏବଂ ୯୬.୧୮ ଟଙ୍କା ରହିଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଦର ଯଥାକ୍ରମେ ୯୮.୯୬ ଟଙ୍କା, ୧୦୧.୬୨ ଟଙ୍କା ଏବଂ ୧୦୭.୨୬ ଟଙ୍କାରେ ପହଞ୍ଚିଛି। ବର୍ତ୍ତମାନ ସମୟରେ ମଧ୍ୟ ଦେଶର ପ୍ରମୁଖ ୧୯ ରାଜ୍ୟରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଉପରେ ରହିଥିବା ବେଳେ ଡିଜେଲ ଦର ମଧ୍ୟ ୧୭ରାଜ୍ୟରେ ୯୦ ଟଙ୍କା ଟପିଯାଇଛି। ଏଭଳି ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବହୁ ପରିମାଣରେ ହ୍ରାସ ଘଟୁଥିଲେ ମଧ୍ୟ ଭାରତ ବଜାରରେ ଏହାର ପ୍ରଭାବ ଦେଖିବାକୁ ମିଳୁନାହିଁ। ତେଲ ଦର ବୃଦ୍ଧି ଯୋଗୁ ପରିବା ହାଟରୁ ପରିବହନ ସେବା ପର୍ଯ୍ୟନ୍ତ ସବୁସ୍ତରରେ ଦର ବୃଦ୍ଧି ପାଇଚାଲିଛି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

### ଭାରତର ସର୍ବଶ୍ରେଷ୍ଠ ...

ଏହା କୌଣସି ଗୋଟିଏ ଅଲିମ୍ପିକ୍ସରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ପାରା ଆଥ୍‌ଲେଟମାନେ ଏହାଠାରୁ ବହୁ ଆଗକୁ ଯାଇ ଅଧିକ ସଂଖ୍ୟକ ପଦକ ହାସଲ କରିଛନ୍ତି। ପାରାଲିମ୍ପିକ୍ସର ୧୬ତମ ସଂସ୍କରଣରେ ଭାରତୀୟ ଆଥ୍‌ଲେଟମାନେ ନିଜର ଶାରୀରିକ ଅକ୍ଷମତାକୁ ପଛରେ ପକାଇ ଦେଶ ପାଇଁ ମୋଟ ୧୯ଟି ପଦକ ହାସଲ କରିଛନ୍ତି। ଯାହାକି ଏକ ରେକର୍ଡ। ଏଥିସହ ଭାରତ ପଦକ ତାଲିକାର ୨୪ତମ ସ୍ଥାନରେ ରହିଛି। ଚାଇନା ୯୬ ସ୍ୱର୍ଣ୍ଣ ସହ ମୋଟ ୨୦୭ ପଦକ ସହ ଶୀର୍ଷରେ ରହିଥିବା ବେଳେ ଗ୍ରେଟ୍ ବ୍ରିଟେନ ୪୧ ସ୍ୱର୍ଣ୍ଣ ସହ ୧୨୪ ପଦକ ପାଇ ଦ୍ୱିତୀୟ ଓ ଆମେରିକା ୩୭ ସ୍ୱର୍ଣ୍ଣ ସହ ୧୦୪ ପଦକ ପାଇ ତୃତୀୟ ସ୍ଥାନରେ ରହିଛି। ପଦକ ତାଲିକାରେ ଭାରତ ଏଥର ଶୀର୍ଷ ୨୫ରେ ସାମିଲ ହୋଇ ବିରଳ ସଫଳତା ଅର୍ଜନ କରିଛି। ଶୁଟିଂରେ ଜୟପୁରର ଅବନୀ ଲେଖରା ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ଜାଭେଲିନ ଥ୍ରୋରେ ସୁମିତ ଆଣ୍ଟିଲ ଜିତିଥିଲେ ଦ୍ୱିତୀୟ ସ୍ୱର୍ଣ୍ଣ। ୧୯ ବର୍ଷୀୟ ଶୁଟର ମନୀଷ ନରୱାଲ ତୃତୀୟ ସ୍ୱର୍ଣ୍ଣ ପାଇଥିବାବେଳେ ଓଡ଼ିଶାର ପ୍ରମୋଦ ଭଗତ ଭାରତ ପାଇଁ ବ୍ୟାଡ୍‌ମିଣ୍ଟନରେ ଚତୁର୍ଥ ସ୍ୱର୍ଣ୍ଣ ହାସଲ କରିଥିଲେ। କ୍ରିଷ୍ଣା ନାଗର ପଞ୍ଚମ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ଭାରତୀୟ ଆଥ୍‌ଲେଟମାନେ ଏଥର ୮ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ଭାରତର ୫୪ ଆଥ୍‌ଲେଟ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ୧୭ ଜଣ ପଦକ ହାସଲ କରିବାରେ ସଫଳ ହୋଇଛନ୍ତି। ଗତ ୨୦୧୬ ରିଓ ଅଲିମ୍ପିକ୍ସରେ ୧୯ ଆଥ୍‌ଲେଟ ଭାରତ ପାଇଁ ୫ଟି ବର୍ଗରେ ଭାଗ ନେଇଥିଲେ। ଭାରତ ଏଥିରେ ମାତ୍ର ୪ଟି ପଦକ ହାସଲ କରିଥିଲା। ପଦକ ସଂଖ୍ୟାରେ ଏଥର ଦୃଷ୍ଟାନ୍ତମୂଳକ ଉନ୍ନତି ହୋଇଛି ଓ କ୍ରୀଡ଼ାରେ ଏକ ନୂଆ ଯୁଗ ସୃଷ୍ଟି ହୋଇଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ପଦାର୍ପଣ ପାରାଲିମ୍ପିକ୍ସରେ ଅବନୀ ଲେଖରା ଓ ସିଂହରାଜ ଆଡାନା ଦୁଇଟି ଲେଖାଏ ପଦକ ହାସଲ କରି ଡବଲ ପୋଡିୟମ ଫିନିଶ କରିଥିଲେ। ଏହାପୂର୍ବରୁ ଭାରତ ୫୩ ବର୍ଷରେ ୧୧ଟି ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରି ମୋଟ ୧୨ଟି ପଦକ ଜିତିଥିଲା। ଅର୍ଥାତ୍ ସବୁ ପାରାଲିମ୍ପିକ୍ସକୁ ମିଶାଇଲେ ଭାରତ ଏଥର ଗୋଟିଏ ସଂସ୍କରଣରେ ୪୨ ପ୍ରତିଶତ ଅଧିକ ପଦକ ପାଇଛି। ଟୋକିଓ-୨୦୨୦ ସଂସ୍କରଣକୁ ମିଶାଇଲେ ୧୨ଟି ପାରାଲିମ୍ପିକ୍ସରେ ଭାରତ ମୋଟ ୩୧ଟି ପଦକ ହାସଲ କରିଛି। ଭାରତ ଏଥର ସବୁପ୍ରକାର ପଦକ ହାସଲ କରି ରେକର୍ଡ କରିଛି। ଏହାପୂର୍ବରୁ ଭାରତ କୌଣସି ସଂସ୍କରଣରେ ୨ରୁ ଅଧିକ ସ୍ୱର୍ଣ୍ଣ ପଦକ ହାସଲ କରି ନ ଥିଲା। ଏଥର ଭାରତ ୮ଟି ରୌପ୍ୟ ପଦକ ଜିତିଛି। ପୂର୍ବରୁ କୌଣସି ସଂସ୍କରଣରେ ୨ରୁ ଅଧିକ ରୌପ୍ୟ ପଦକ ଜିତି ନ ଥିଲା। ସେହିପରି ଏଥର ୬ ବ୍ରୋଞ୍ଜ ପାଇଥିବାବେଳେ ପୂର୍ବରୁ କୌଣସି ସଂସ୍କରଣରେ ୨ରୁ ଅଧିକ ବ୍ରୋଞ୍ଜ ପଦକ ଜିତି ନ ଥିଲା।


## classifieds Everyday 0674-2580101, 2549302




**SALE**

ଭୁବନେଶ୍ୱର ବିକାଶ ସ୍କୁଲ ନିକଟରେ ଘରବାରି ପ୍ଲଟ୍ sqft.-650/-, ସୁନ୍ଦରପଦାରେ 1500/-, 9937984256. D-70899

ଭୁବନେଶ୍ୱର ଚନ୍ଦକାରେ **Nalanda ଓ BCCST College ପାଖରେ road, electricity, water ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ possession ଥାଇ ମିଳୁଛି। 9348870771, 9090543542.** D-70889

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21430

**ହଂସପାଳ, ଅଟଳା, ପାହାଳ Duplex/ Simplex ପ୍ଲଟ୍ ସୁଲଭ ମୂଲ୍ୟରେ ଉପଲବ୍ଧ। 7855995233.** D-71407

Land Owner plot for sale Patrapada CV Raman College yellowzone, Price-999/-. 9437335686, 7008487006. D-21504

**Bhubaneswar infocity-2 ପାଖରୁ 200mtrs distance ଘରବାରି ପଟ୍ଟା (4plots) 30ft. road, electricity available. Rate-21,00,000/-, 7978444805.** D-70900

ପାରାଦୀପଠାରେ ବିଶ୍ୱର Business Hub ହେବାକୁ ଯାଉଥିବା ବଡ଼ବନ୍ଧ Railway Station ପାଖରେ litigation free, ପ୍ରଦୂଷଣମୁକ୍ତ ଏକ ଏକର ଘରବାଡ଼ି commercial ଜାଗା ବିକ୍ରିହେବ (Single Owner). ଷ୍ଟାର୍ ହୋଟେଲ୍, ମାର୍କେଟ୍ କମ୍ପ୍ଲେକ୍ସ, ହସ୍ପିଟାଲ, ଆପାର୍ଟମେଣ୍ଟ ଇତ୍ୟାଦି ପାଇଁ ଉପଯୁକ୍ତ। 8917413036. D-71151

**2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989.** D-70890

Prime location plot sale Jayadurganagar, Jharpada Jail Square 4000/ 2123sqft. 7992916484. D-21554

**Bhubaneswar residential plot Pahal NH Back Side of Jagannath Temple, sqft. 1850/-, 2250/-, Balianta 850/- 1250/-, 8249477254, 7978230118.** D-70887




**Construct your home with branded material. We provide plan approval, boring, vastu. 7789824989, 9040744989.** D-70891




4000sqft. Godown with office space for rent at BJB Nagar. Contact: 9937095445. D-70478




Refreshing your mind, your body with tha best therapy at Lotus SPA. 8018891951. D-70474

Newly open SPA Offer @699/-, positively health benefits, Jaydevbihar. 7846814019. D-71411

Take wellness relax massage trained ladies / jents therapist 800/-. 7008773793. D-71409

Swarna SPA newly open positively health benefits with expert therapist. 9556978408. D-71150

Newly open therapy centre offer @ 799/-, positively health benefits. 7381172169. D-71410

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open full body massage ladies and gents. 7894304092, 8327740003. D-70481

Refreshments rejuvenation body massage therapy with experience therapists, Bhubaneswar. 9668374480. D-71143

**AFFIDAVIT**

I, Sadhana Priyadarsini Sahoo, R/O- F240, T/10 Royal Lagoon Apartment Raghunathpur, BBSR, 751024 have changed my name to Sadhana Sahoo. D-21556

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ମାଓବାଦୀ ଦାରା ଗିରଫ

ମାଲକାନଗିରି,୫।୯(ଡି.ଏନ.ଏ.): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଗାଙ୍ଗୁଲୁର ଥାନା ଅଧୀନ ଖୋରଖାଲି-ପାଲନାର ଜଙ୍ଗଲରେ ରବିବାର ଡିଷ୍ଟ୍ରିକ୍ଟ ରିଜର୍ଭ ଗ୍ରୁପ(ଡିଆରଜି) ପକ୍ଷରୁ କୋମ୍ବିଂ ଅପରେଶନ ବେଳେ ଜଣେ ମାଓବାଦୀଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ ଦାରା ତାତି। ଜଙ୍ଗଲରେ ସର୍ଚ୍ଚ ଅପରେଶନ ସମୟରେ ଦାରା ପୋଲିସକୁ ଦେଖି ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ କାବୁ କରିନେଇଥିଲା। ମାଓବାଦୀଙ୍କ ସହ କାର୍ଯ୍ୟ କରି ଦାରା ବିଭିନ୍ନ ସମୟରେ ବହୁ ହିଂସାକାଣ୍ଡରେ ଜଡିତ ଥିଲେ। ଦାରାଙ୍କୁ ଧରିବାକୁ ଛତିଶଗଡ଼ ସରକାର ପୂର୍ବରୁ ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ। ସମ୍ପୃକ୍ତ ଅଞ୍ଚଳରେ ପୋଲିସ ପକ୍ଷରୁ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି।

# ଗଙ୍ଗା ପୁନରୁଦ୍ଧାର ପ୍ରୟାସ



ନୂଆଦିଲ୍ଲୀର ତ୍ରିବେଣୀ ଅଡିଟୋରିୟମଠାରେ ଅତୁଲ୍ୟ ଗଙ୍ଗା ପ୍ରୋଜେକ୍ଟ ପକ୍ଷରୁ ଖବରଦାତା ସମ୍ମିଳନୀ।

- ଅବସରପ୍ରାପ୍ତ ସେନା ଅଧିକାରୀଙ୍କ 'ଅତୁଲ୍ୟ ଗଙ୍ଗା ପରିକ୍ରମା'
- ଫେବୃୟାରୀରୁ ଗୋମୁଖରୁ ଗଙ୍ଗାସାଗରକୁ ସାଇକ୍ଲୋଥନ୍
- ପ୍ରତିବର୍ଷ ଗଙ୍ଗା ପରିକ୍ରମା ଜାରି ରହିବ

**ଗ୍ଲାସ୍** ଓ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଗଙ୍ଗା ପ୍ରଦୂଷଣର ପ୍ରମୁଖ କାରଣ

**୨୫୦୦** କିଲୋମିଟର ବ୍ୟାପୀ ଗଙ୍ଗାନଦୀର କୂଳେ କୂଳେ ଟ୍ରଷ୍ଟ ପକ୍ଷରୁ ୨୨୪ ସ୍ଥାନରେ ପ୍ରଦୂଷଣ ହେଉଥିବା ଚିହ୍ନଟ କରାଯାଇଛି। ଏଥିରେ ୩୨୯ଟି ସ୍ୱେରେଜ୍ ନଳା ଓ ୨୦୧ଟି ସିଜନାଲ ନଳା ଅଛି।

**ଗଙ୍ଗା** ନଦୀ ଓ ଏହାର ବନ୍ୟା ପ୍ଲାବନ ଭୂମିକୁ ଚିହ୍ନଟ କରାଯାଇ ନାହିଁ। ସମ୍ପୃକ୍ତ ଅଞ୍ଚଳରେ ଜମି ଜବରଦଖଲ ଏକ ସାଧାରଣ କଥା।

ନୂଆଦିଲ୍ଲୀ, ୫।୯

ଗଙ୍ଗା ନଦୀର ପୁନରୁଦ୍ଧାର ପାଇଁ ଭାରତୀୟ ସେନାର ଅବସରପ୍ରାପ୍ତ ଅଧିକାରୀମାନଙ୍କ ପକ୍ଷରୁ ୧୯୦ ଦିନ ଧରି ଚାଲିଥିବା 'ଅତୁଲ୍ୟ ଗଙ୍ଗା ପରିକ୍ରମା' କାର୍ଯ୍ୟକ୍ରମ ଶେଷ ହୋଇଯାଇଛି। ନଦୀ ପ୍ରଦୂଷିତ ଓ ସଙ୍କୁଚିତ ହେବା ପଛର କାରଣ ଜାଣିବା ପାଇଁ ଏଭଳି ଅଭିଯାନ ଆରମ୍ଭ ହୋଇଥିଲା। ଗଙ୍ଗା ନଦୀର ସୁରକ୍ଷା ପାଇଁ ୨୦୨୦ ଡିସେମ୍ବର ୧୬ରେ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ 'ଅତୁଲ୍ୟ ଗଙ୍ଗା ପରିକ୍ରମା' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରୟାଗରାଜରୁ ଆରମ୍ଭ ହୋଇଥିବା ଏହି ୱାକାଥନ୍ ବା ପଦଯାତ୍ରାରେ ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ସମେତ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଯୋଗଦେଇ ୫,୫୩୦ କିଲୋମିଟର ଯାତ୍ରା କରିଥିଲେ। ଏହି ପଦଯାତ୍ରା ମାଧ୍ୟମରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ନିକଟରେ ଗଙ୍ଗା ସୁରକ୍ଷାର ବାର୍ତ୍ତା ପହଞ୍ଚାଯାଇଥିବା ଅତୁଲ୍ୟ ଗଙ୍ଗା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଗତ ଜୁନ୍ ୨୩ରେ ଏହି ପଦଯାତ୍ରା ଶେଷ ହୋଇଥିଲା।

ଅତୁଲ୍ୟ ଗଙ୍ଗା ଟ୍ରଷ୍ଟ ସହ-ପ୍ରତିଷ୍ଠାତା କଲୋନେଲ୍ ମନୋଜ କେଶଓ୍ୱର କହିଛନ୍ତି, ମେଜର ଜେନେରାଲ ଭଟ୍ଟଙ୍କ ଟିମ୍ ପଦଯାତ୍ରାର ନେତୃତ୍ୱ ନେଇଥିଲେ। ଗଙ୍ଗା ପ୍ରଦୂଷଣର ଉତ୍ସ ଜାଣିବା ସହ ଏଥିଲାଗି କେଉଁମାନେ ଦାୟୀ ସେ ସଂକ୍ରାନ୍ତରେ ଜାଣିବା ଲାଗି ଗଙ୍ଗା ହେଲ୍‌ଥ ଡ୍ୟାଶ୍‌ବୋର୍ଡ ପ୍ରସ୍ତୁତ କରାଯାଉଛି। ମୃତ୍ତିକା, ଭୂତଳ ଜଳ ସଂରକ୍ଷଣ ତଥା ଜୀବଜଗତକୁ ପ୍ରଦୂଷଣ ଜନିତ ସମସ୍ୟାରୁ ରକ୍ଷା କରିବା ପାଇଁ ବନ୍ୟା ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ଜଙ୍ଗଲ ସୃଷ୍ଟିର ଆବଶ୍ୟକତା ରହିଛି। ଏହି ଟିମ୍ ପକ୍ଷରୁ ଗଙ୍ଗା ଅବବାହିକାରେ ୩୦ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି ବୋଲି ଦିଲ୍ଲୀରେ ରବିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ୨୦୩୦ ସୁଦ୍ଧା ଉତ୍ତର ପିଢି ଯେଭଳି ଏକ ସ୍ୱଚ୍ଛ ଓ ନିର୍ମଳ ଗଙ୍ଗାକୁ ଦେଖିବାକୁ ପାଇବେ ସେଥିଲାଗି ଉଦ୍ୟମ କରାଯାଉଛି। ଆସନ୍ତା ଫେବୃୟାରୀରୁ ଟ୍ରଷ୍ଟ ଦ୍ୱାରା ଗୋମୁଖରୁ ଗଙ୍ଗାସାଗରକୁ ସାଇକେଲ ଯାତ୍ରା ବା ସାଇକ୍ଲୋଥନ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ପ୍ରତିବର୍ଷ ଗଙ୍ଗା ପରିକ୍ରମା ଜାରି ରହିବ ବୋଲି ଟ୍ରଷ୍ଟ ପକ୍ଷରୁ ସ୍ଥିର କରାଯାଇଛି। ସେନାର ପୂର୍ବତନ ଇଞ୍ଜିନିୟର ତଥା ପର୍ବତାରୋହୀ ଗୋପାଳ ଶର୍ମା, ଲ୍ୟୁଟ୍‌ନାଣ୍ଟ କଲୋନେଲ ହେମ ଲୋହୁମି ଏସ୍‌ଏମ୍ ଏବଂ କଲୋନେଲ ମନୋଜ କେଶଓ୍ୱରଙ୍କ ଦ୍ୱାରା ଗଙ୍ଗା ପୁନରୁଦ୍ଧାର ସଂକ୍ରାନ୍ତ ଅଭିଯାନର ପରିକଳ୍ପନା କରାଯାଇଥିଲା। ଏଭିଏସ୍‌ଏମ୍, ଭିଏସ୍‌ଏମ୍ ପ୍ରାପ୍ତ ଜେନେରାଲ ବ୍ରଜେଶ କୁମାର ଏବଂ ଏସ୍‌ଏମ୍, ଭିଏସ୍‌ଏମପ୍ରାପ୍ତ ମେଜର ଜେନେରାଲ ବିନୋଦ ଭଟ୍ଟ ଟ୍ରଷ୍ଟର ମାର୍ଗଦର୍ଶକ ଅଛନ୍ତି।



ଭୁବନେଶ୍ୱର ଗାନ୍ଧୀମାର୍ଗସ୍ଥିତ ଆନ୍ଦୋଳନସ୍ଥଳରେ ରବିବାର ଗୁରୁଦିବସରେ ଶିକ୍ଷକମାନେ ଅଭିନବ ଭାବେ ପ୍ରତିବାଦ କରୁଛନ୍ତି।

# ପିରିୟଡ୍ ଅନିୟମିତତା ଲାଇଫ୍ ଷ୍ଟାଇଲ୍ ଡିଜିଜ୍ ହୋଇଗଲାଣି

**ଧରିତ୍ରୀ ଆଳାପ**


ଡା. ସଂଘମିତ୍ରା ଶତପଥୀ

**ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ଲୋକେ ଅନେକ ରୋଗର ଶିକାର ହେଉଛନ୍ତି। ଏହାରି ଭିତରେ ମହିଳାଙ୍କ ପିରିୟଡ୍ ସମସ୍ୟା ଅନ୍ୟତମ। ସେହିଭଳି ଆଜିକାଲି ଇନ୍‌ଫର୍ଟିଲିଟି (ବନ୍ଧ୍ୟା) କେସ୍ ବି ବଢ଼ିବାରେ ଲାଗିଛି। ମହିଳାଙ୍କର ଏଭଳି ସମସ୍ୟା କାହିଁକି ହେଉଛି ଓ କେବେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ସେ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ସଂଘମିତ୍ରା ଶତପଥୀଙ୍କ ସହିତ ଧରିତ୍ରୀର ଅସମାପିକା ସାହୁଙ୍କ ଆଳାପ।**

***ପ୍ରଶ୍ନ- ପିରିୟଡ୍ ଅନିୟମିତତା ଆଜିକାଲି ଏକ ସାଧାରଣ ସମସ୍ୟା ହୋଇଗଲାଣି। ଏମିତି କାହିଁକି ହେଉଛି?***

ଉତ୍ତର- ଏହା ଏବେ ଲାଇଫ୍‌ଷ୍ଟାଇଲ ଡିଜିଜ୍ ହୋଇଗଲାଣି। ଲକ୍‌ଡାଉନ୍ ପରେ ଏମିତି ସମସ୍ୟା ଅଧିକ ଦେଖାଦେଇଛି। କାରଣ ହେଉଛି ଓଜନ ବଢ଼ିବା। ଯଦି ହଠାତ୍ ଓଜନ ୪-୫ କେଜି ବଢ଼ିଯିବ, ତେବେ ପିରିୟଡ ସାଇକଲ ଇରେଗୁଲାର ହେବ। ସେହିଭଳି ଉଚ୍ଚତା ଅନୁଯାୟୀ ଓଜନ ରହିବା ଉଚିତ୍, ଯଦି ତା'ଠାରୁ ଅଧିକ ହୋଇଯାଏ ତେବେ ପିରିୟଡ୍ ସମସ୍ୟା ଦେଖାଦେବ। ତେବେ ଯୁବତୀଙ୍କ ପାଖରେ ଏହି ସମସ୍ୟା ଅଧିକ ଦେଖାଯାଉଛି, କାରଣ ହେଉଛି ସେମାନଙ୍କ ଖାଦ୍ୟାଭାସ। ସେମାନେ ଘରୋଇ ଖାଦ୍ୟ କମ୍, ବାହାର ଖାଦ୍ୟ ସହିତ ଜଙ୍କ୍ ଫୁଡ୍ ଅଧିକ ଖାଉଛନ୍ତି। ତେଣୁ ସେମାନଙ୍କ ଓଜନ ଅଧିକ ହେଉଛି ଓ ସେମାନେ ପଲିସିଷ୍ଟିକ୍ ଓଭେରିଆନ୍ ଡିଜିଜ୍‌ରେ ପୀଡ଼ିତ ହେଉଛନ୍ତି।

***ପ୍ରଶ୍ନ- ଯଦି ଜଣେ ମହିଳା ଏହି ସମସ୍ୟା ଦେଇ ଗତି କରୁଥିବେ, ତେବେ କେତେ ମାସ ପରେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ?***

ଉତ୍ତର- ଯଦି ୩ ମାସ ପିରିୟଡ ସାଇକଲ ଇରେଗୁଲାର ହେଉଛି ଏବଂ ତା' ସହିତ ଆବ୍‌ନର୍ମାଲ ହେୟାର ବା ଶରୀରରେ ଯେଉଁଠି ରୁଟି ରହିବା କଥା ନୁହେଁ, ସେଠି ରୁଟି ରହୁଛି, ତେବେ ଡାକ୍ତରଙ୍କ ପରାମର୍ଶ ନେଇଯିବା ଜରୁରୀ। କିନ୍ତୁ ପ୍ରଥମ ପିରିୟଡ୍ ହେବା ପରେ ୨ବର୍ଷ ପର୍ଯ୍ୟନ୍ତ ପିରିୟଡ ଇରେଗୁଲାର ହେବା ସାଧାରଣ। ଯଦି ୨ବର୍ଷ ପରେ ଇରେଗୁଲାର ସାଇକଲ ରହୁଥିବ, ତେବେ ୩- ୬ମାସ ହେଉଛି ଠିକ୍ ସମୟ। ଏହି ସମୟରେ ଡାକ୍ତରଙ୍କୁ ଦେଖାଇ ଦେବା ଉଚିତ।

***ପ୍ରଶ୍ନ- ଯଦି ଜଣେ ୬ମାସ ପରେ ଡାକ୍ତରଙ୍କ ପରାମର୍ଶ ନେବ, ସେତେବେଳେ କ'ଣ ସମସ୍ୟା ଦେଖାଦେଇପାରେ?***

ଉତ୍ତର- ଏହାର ଯାହା ବି ସମସ୍ୟା ରହିବ ଦୀର୍ଘଦିନ ଧରି ରହିବ। ହଠାତ୍ ସେମିତି ବାହାଘର ପୂର୍ବରୁ ସେଭଳି କିଛି ଅସୁବିଧା ହୁଏ ନାହିଁ। ଯଦି କାହାର ଅଧିକ ଓଜନ ଯୋଗୁ ହୋଇଥିବ, ତେବେ ଓଜନ ହ୍ରାସ ପରେ ସାଇକଲ ଠିକ୍ ହୋଇଯିବ। ଯଦି ଆଉ କିଛି ସମସ୍ୟା ରହିଲା, ତେବେ ରୁଟି ଝଡ଼ିବା, ଅସାଧାରଣ ଜାଗାରେ ରୁଟି ହେବା ଭଳି ସମସ୍ୟା ଦେଖାଯାଏ।

***ପ୍ରଶ୍ନ- କେତେଜଣ ଗର୍ଭବତୀ ହେବାର ପ୍ରାୟ ୨ରୁ ୩ ମାସ ପରେ ଡାକ୍ତରଙ୍କୁ ଦେଖାଉଛନ୍ତି। ଏହା ଠିକ୍ କି?***

ଉତ୍ତର- ନା, ଠିକ୍ ନୁହେଁ। ଜଣେ ଗର୍ଭବତୀ ବୋଲି ଜାଣିବାର ଗୋଟେ ସପ୍ତାହ ଭିତରେ ଡାକ୍ତରଙ୍କୁ ଦେଖାଇ ଦେବା ଜରୁରୀ। ଯଦି କିଛି ସମସ୍ୟା ଥିବ, ତେବେ ଚିକିତ୍ସା ହୋଇପାରିବ ଓ ଗର୍ଭଧାରଣ ଭଲରେ ଯିବ। ଯଦି କାହାର ଥାଇରଏଡ୍ ଅଛି କିମ୍ବା ମଧୁମେହ ଭଳି ରୋଗ ଥିବ, ତେବେ ସପ୍ତାହ ଭିତରେ ଯଦି ଚିହ୍ନଟ ହୋଇଯାଏ ଏବଂ ଚିକିତ୍ସା ଆରମ୍ଭ ହୋଇଯିବ, ତେବେ ଭଲ ହେବ। ଯଦି ସେମାନେ ୨-୩ମାସ ପରେ ଦେଖେଇବେ ତେବେ ସମସ୍ୟା ହେବ।

***ପ୍ରଶ୍ନ- ବର୍ତ୍ତମାନ ଇନ୍‌ଫର୍ଟିଲିଟି କେସ୍ ବଢ଼ିବାରେ ଲାଗିଛି। ଏହାର କାରଣ କ'ଣ?***

ଉତ୍ତର- ପ୍ରଥମ କାରଣ ହେଉଛି ବିଳମ୍ବରେ ବାହାଘର। ୨୦ରୁ ୨୫ ବର୍ଷ ବୟସ ହେଉଛି ଗର୍ଭବତୀ ହେବା ଓ ଗର୍ଭପାତ କରିବା ପ୍ରକୃଷ୍ଟ ସମୟ। କିନ୍ତୁ ଏ ବୟସରେ କେହି ବାହା ହେଉନାହାନ୍ତି। ପ୍ରାୟତଃ ୨୯ରୁ ୩୦ ବର୍ଷରେ ବାହା ହେଉଛନ୍ତି। ଏହାପରେ ଗର୍ଭଧାରଣ ପାଇଁ ଚେଷ୍ଟା କରିଲେ, ସେ ସମୟରେ ମହିଳାଙ୍କ ଶରୀରରେ ଯେଉଁ ଓଭମ୍ ପ୍ରଡ୍ୟୁସ୍ ହେଉଥାଏ ତାହା କମିଯାଇଥିବ। ବର୍ଷକୁ ଯଦି ଆମେ କହିବା ୮୦% ଯୋଡ଼ି ମା'ବାପା ହେବାର କଥା। କିନ୍ତୁ ଏମିତି ବିଳମ୍ବରେ ଚେଷ୍ଟା କଲେ ବର୍ଷକୁ ୩୦% ଯୋଡ଼ିଙ୍କ ମା'ବାପା ହେବାର ସମ୍ଭାବନା ଥାଏ। ତେଣୁ ଇନ୍‌ଫର୍ଟିଲିଟି କେସ୍ ବଢ଼ିବାରେ ଲାଗିଛି।

***ପ୍ରଶ୍ନ- ମୋଟାପଣ ଗର୍ଭଧାରଣ ପାଇଁ ଅସୁବିଧାରେ ପକାଇବାର ଆଶଙ୍କା ଥାଏ କି?***

ଉତ୍ତର- ଉଚ୍ଚତା ଅନୁଯାୟୀ ଓଜନ, ଯଦି ଏହା ଠିକ୍ ନ ରହିବ, ତେବେ ଓଭ୍ୟୁଲେଶନର ସମ୍ଭାବନା କମ୍ ଥାଏ। ଅଧିକାଂଶ ମୋଟା ମହିଳାଙ୍କ କ୍ଷେତ୍ରରେ ଥାଇରଏଡ୍ ଓ ପ୍ରୋଲାକ୍ଟିନ ହର୍‌ମୋନାଲ ଇମ୍‌ବାଲାନ୍ସ ଦେଖାଯାଏ। ହାଇପୋ ଥାଇରଏଡ୍ ରହିଲେ ଫର୍ଟିଲିଟି କ୍ଷମତା ବି କମିଯାଏ।

***ପ୍ରଶ୍ନ- ଇନ୍‌ଫର୍ଟିଲିଟି ସମସ୍ୟା ପାଇଁ ଅନେକ ମହିଳାଙ୍କୁ ଦୋଷ ଦେଇଥାନ୍ତି। ଏହା କେତେ ଦୂର ଠିକ୍?***

ଉତ୍ତର- ୩୩% ମହିଳା, ୩୩% ପୁରୁଷ ଓ ୩୩% ଅଜଣା ଯୋଗୁ ହୋଇଥାଏ। ତେଣୁ ସେମିତି କେବଳ ମହିଳାଙ୍କୁ ଦୋଷ ଦେବା ଠିକ୍ ନୁହେଁ।

***ପ୍ରଶ୍ନ- ଆଇଭିଏଫ୍ ଚିକିତ୍ସା କରିବା ପାଇଁ ସେଭଳି କିଛି ବୟସର ସୀମା ରହିଥାଏ କି?***

ଉତ୍ତର- ଗର୍ଭଧାରଣ ପାଇଁ କ'ଣ ସମସ୍ୟା ରହିଛି ଯଦି ଆମେ ଶୀଘ୍ର ଚିହ୍ନଟ କରିପାରିବା, ତେବେ ଆଇଭିଏଫ୍‌ର ସଫଳତା ଭଲ ହୋଇପାରେ। ଆମେ ସାଧାରଣତଃ ଏକ ମହିଳାଙ୍କୁ ଗର୍ଭବତୀ ପାଇଁ ଗୋଟେ ବର୍ଷ ସମୟ ଦେଉ। ଗୋଟେ ବର୍ଷରେ ପ୍ରାୟ ୮୦% ଗର୍ଭବତୀ ହୋଇଯାଆନ୍ତି। ଏହାପରେ ଯଦି କିଛି ନ ହେଲା, ତା'ହେଲେ ଆମର କିଛି ବେସିକ୍ ଟେଷ୍ଟ କରାଯାଏ, ଯଦି ସେ ଟେଷ୍ଟରେ ସବୁକିଛି ନର୍ମାଲ ଥାଏ, ତେବେ ଆଉ ଗୋଟେରୁ ଦେଢ଼ବର୍ଷ ସମୟ ଦେଉ। ତା'ପରେ ବି ଯଦି ଗର୍ଭବତୀ ହୋଇପାରେନି, ତେବେ ଆଉ ଏକ ଟେଷ୍ଟ କରୁ। ସେଥିରେ ଯଦି କୌଣସି ଜାଗାରେ କିଛି ସମସ୍ୟା ଦେଖାଦେଲା ତେବେ ଆମେ ଆଇଭିଏଫ୍ କରିବା ପାଇଁ ଗୁରୁତ୍ୱ ଦେବୁ। ସେହିଭଳି ଆଉ ଏକ କ୍ଷେତ୍ର ହେଉଛି, ଯଦି କୌଣସି ବି ଚିକିତ୍ସା କଲେ ବି ଜଣେ ଗର୍ଭବତୀ ହୋଇପାରୁନି ଏବଂ ତା'ର କାରଣ ଜଣାପଡୁନାହିଁ, ସେ କ୍ଷେତ୍ରରେ ବି ଆଇଭିଏଫ୍‌ର ପ୍ରାୟତଃ ସଫଳତା ମିଳିଥାଏ।

***ପ୍ରଶ୍ନ- ଆଇଭିଏଫ୍ ଚିକିତ୍ସା କେତେ ସଫଳତା ଦେଇଥାଏ ?***

ଉତ୍ତର- ସାରା ପୃଥିବୀରେ ଏହାର ସଫଳତା ୩୦%ରୁ କେବେ ଅଧିକ ନୁହେଁ।

***ପ୍ରଶ୍ନ- ସମୟ ମିଳିଲେ କ'ଣ କରିବାକୁ ଭଲ ଲାଗେ?***

ଉତ୍ତର- ସାଙ୍ଗମାନଙ୍କ ସହିତ ଗପିବା ଓ ଶପିଂ କରିବାକୁ ଭଲଲାଗେ।

***ପ୍ରଶ୍ନ- କେଉଁ ରୋଷେଇ ଭଲ କରିପାରନ୍ତି?***

ଉତ୍ତର- ରୋଷେଇ ବହୁତ ବର୍ଷ ହେଲା ଛାଡ଼ି ସାରିଲେଣି। ସମୟ ଅଭାବ ଥିବାରୁ ରୋଷେଇ କରିବା ପାଇଁ ସମୟ ହେଉନି।

***ପ୍ରଶ୍ନ- ବାହାରକୁ ବୁଲିବା ପାଇଁ ପସନ୍ଦ କରନ୍ତି?***

ଉତ୍ତର- ହଁ। ୬ମାସରେ ଥରେ ବାହାରକୁ ବୁଲିବାକୁ ନ ଗଲେ ହେବନି। ଯେତେ ଜାଗା ବୁଲିଛି, ସେଥିରୁ ଆଲାସ୍କା ହିଁ ଭଲ ଲାଗିଛି।

# ଗୁରୁଦିବସରେ ଆଣ୍ଠେଇଲେ ଶିକ୍ଷକ

ଭୁବନେଶ୍ୱର, ୫।୯(ବ୍ୟୁରୋ): ଗୁରୁ ଦିବସରେ ଗୁରୁଙ୍କୁ ପୂଜା କରାଯାଏ। କିନ୍ତୁ ଏଭଳି ପବିତ୍ର ଦିବସରେ ଗୁରୁମାନେ ରାଜଧାନୀରେ କାନ ଧରି ଆଣ୍ଠେଇବା ଅନେକଙ୍କୁ ବ୍ୟଥିତ କରିଛି। ବାଦ୍ ପଡ଼ିଥିବା ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ଅନୁଦାନ ଦାବି ନେଇ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଶିକ୍ଷକମାନେ ଚଳାଇଥିବା ଆନ୍ଦୋଳନସ୍ଥଳରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆହ୍ୱାନରେ ଶିକ୍ଷକମାନେ ଗଣଧାରଣାରେ ବସିଛନ୍ତି। ରବିବାର ଚତୁର୍ଥ ଦିବସରେ ଶିକ୍ଷକମାନେ କାନ ଧରି ଆଣ୍ଠେଇ ସରକାରଙ୍କ ପଦକ୍ଷେପର ପ୍ରତିବାଦ କରିବା ସହ ନିଜ ଦାବି ରଖିଛନ୍ତି। ଏହି ଅହୋରାତ୍ର ଗଣଧାରଣା ୪ଦିନ ବିତି ଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଆଲୋଚନା କରାଯାଇ ନାହିଁ ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ୨୦୦୩ରୁ ୨୦୦୮ ମଧ୍ୟରେ ଯୋଗ୍ୟ ବିବେଚିତ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ସରକାର ୨୦୧୫ରେ ବ୍ଲକ୍‌ଗ୍ରାଣ୍ଟ ପ୍ରଦାନ କଲେ। ହେଲେ ଯୋଗ୍ୟତା ଥିବା ୧୭୭ଟି ବିଦ୍ୟାଳୟକୁ ବିଭିନ୍ନ କାରଣ ଦର୍ଶାଇ ଅନୁଦାନରୁ ବାଦ୍ ଦେଲେ। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ବାରମ୍ବାର ଆଲୋଚନା, ଆନ୍ଦୋଳନ, ଧର୍ମଘଟ ସତ୍ତ୍ୱେ ସରକାର ଅଦ୍ୟାବଧି ଅନୁଦାନ ଦେଉନାହାନ୍ତି। ଏଥିପାଇଁ ଓଷ୍ଟା ୧ମାସ ପୂର୍ବରୁ ରାଜ୍ୟ ସରକାରଙ୍କୁ ଚିଠି ପ୍ରଦାନ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ। ବାଧହୋଇ ଗତ ୨ ତାରିଖରୁ ଏହି ବର୍ଗର ଶିକ୍ଷକମାନେ ଧାରଣାରେ ବସି ରହିଛନ୍ତି। ରବିବାର ଶିକ୍ଷକମାନଙ୍କୁ ସମର୍ଥନ ଜଣାଇ ଶିକ୍ଷକ ମହାସଂଘର ପୂର୍ବତନ ସଙ୍ଗଠନ ସମ୍ପାଦକ ପ୍ରାଧ୍ୟାପକ ସୁରେନ୍ଦ୍ର ଜେନା, ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ସୁକାନ୍ତ ବେହେରା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା, ଶରତ କୁମାର ସେଠୀ ଏବଂ ମୋହନ ମଲ୍ଲିକ ଯୋଗଦେଇଥିଲେ। ସରକାର ଯଦି ଏହି ସମ୍ବେଦନଶୀଳ ସମସ୍ୟାକୁ ତୁରନ୍ତ ଆଲୋଚନା ମାଧ୍ୟମରେ ସମାଧାନ ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ। ସେଥିପାଇଁ ଯେଉଁ ସମସ୍ୟା ସୃଷ୍ଟି ହେବ ସରକାର ଦାୟୀ ରହିବେ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି।

# ଲକ୍ଷ୍ମୀପ୍ରିୟାଙ୍କ ସ୍ମୃତିରେ ଉତ୍ସର୍ଗ

## ଆରମ୍ଭ ହେଲା ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ମହୋତ୍ସବ

- ଉଦ୍‌ଘାଟନ କଲେ ଅଭିନେତ୍ରୀ ଡ. ବୈଜୟନ୍ତୀମାଳା ଓ ହେମା ମାଳିନୀ
- ଶର୍ମିଳାଙ୍କ ଓଡ଼ିଶୀ ନୃତ୍ୟ, ସଙ୍ଗୀତାଙ୍କ ବେହେଲା ବାଦନ ମନମୋହିଲା


ଡ. ବୈଜୟନ୍ତୀମାଳା ବାଲି


ହେମା ମାଳିନୀ


ବଲଓ୍ୱନ୍ତ ସିଂ



ଜ୍ୟୋତି ପ୍ରକାଶ ପାଣିଗ୍ରାହୀ


ଶର୍ମିଳା ମୁଖାର୍ଜୀଙ୍କ ନୃତ୍ୟ ପ୍ରଦର୍ଶନ



କାର୍ଯ୍ୟକ୍ରମରେ ବେହେଲା ବାଦନ କରୁଛନ୍ତି ସଙ୍ଗୀତା ଶଙ୍କର(ଡାହାଣ)।

ଭୁବନେଶ୍ୱର, ୫।୯ (ବ୍ୟୁରୋ)

ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ୨୭ତମ 'ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ମହୋତ୍ସବ' ରବିବାର ଗୁରୁଦିବସରେ ଭର୍ଚୁଆଲରେ ଆରମ୍ଭ ହୋଇଛି। ଏହାକୁ ପ୍ରଥମ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ମା' ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଛି। ୫ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବକୁ ବଲିଉଡ୍ ଅଭିନେତ୍ରୀ ଡ. ବୈଜୟନ୍ତୀମାଳା ବାଲି ଓ ଅଭିନେତ୍ରୀ ତଥା ଏମ୍‌ପି ହେମା ମାଳିନୀ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଓଡିଶା ମାଇନିଂ କର୍ପୋରେଶନ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ବଲଓ୍ୱନ୍ତ ସିଂ ଏବଂ କଳା ଜଗତର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଯୋଗଦେଇ ବାର୍ତ୍ତା ପ୍ରଦାନ କରିଥିଲେ। ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ସ୍ୱାଗତ ଭାଷଣରେ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ।

ଉଦ୍‌ଘାଟନୀ ସନ୍ଧ୍ୟାରେ ଶାସ୍ତ୍ରୀୟ ନୃତ୍ୟ ଓ ବାଦ୍ୟ ପରିବେଷଣ କରାଯାଇଥିଲା। ପ୍ରଥମେ ମଞ୍ଚକୁ ଆସିଥିଲେ ଗୁରୁ କେଳୁଚରଣ ମହାପାତ୍ରଙ୍କ ବରିଷ୍ଠ ଶିଷ୍ୟା ଶର୍ମିଳା ମୁଖାର୍ଜୀ। ବାଙ୍ଗାଲୋରସ୍ଥିତ ଓଡ଼ିଶୀ ନୃତ୍ୟାନୁଷ୍ଠାନ ସଞ୍ଜଲିର ପ୍ରତିଷ୍ଠାତ୍ରୀ ଶର୍ମିଳା ୩ଟି ନୃତ୍ୟ ଉପସ୍ଥାପନ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆବାହନ କରି ମଙ୍ଗଳାଚରଣରେ ସରସ୍ୱତୀ ବନ୍ଦନା ପରିବେଷଣ କରିଥିଲେ। ଏଥିରେ କଳା, ସଙ୍ଗୀତ, ବୈଭବ ଦେବୀଙ୍କର ଖୁବ୍ ସୁନ୍ଦର ବର୍ଣ୍ଣନା କରିଥିଲେ। ନୃତ୍ୟକୁ ଶର୍ମିଳା ନିଜେ ସଂଯୋଜନା କରିଥିବାବେଳେ ସଙ୍ଗୀତ ସଂଯୋଜନା କରିଥିଲେ ଦେବାଶିଷ ସରକାର। ଦ୍ୱିତୀୟ ଅର୍ଘ୍ୟରେ ରାଗ ଦର୍‌ବାରୀ ଉପରେ ଆଧାରିତ ନୃତ୍ୟାଭିନୟ 'ଭିସାରିଣୀ' ପରିବେଷଣ, ଶେଷରେ ଗୁରୁ କେଳୁଚରଣଙ୍କ ସଂଯୋଜିତ କାଳଜୟୀ ନୃତ୍ୟ ଜୟଦେବଙ୍କ ଗୀତ ଗୋବିନ୍ଦର ଅଷ୍ଟପଦୀ 'ଯାହି ମାଧବ, ଯାହି କେଶବ' ସହିତ ସେ ତାଙ୍କର ପରିବେଷଣ ଶେଷ କରିଥିଲେ। ଏଥିରେ ତାଙ୍କୁ କଣ୍ଠ ସଙ୍ଗୀତରେ ଦେବାଶିଷ ସରକାର, ମର୍ଦ୍ଦଳରେ ସଚ୍ଚିଦାନନ୍ଦ ଦାସ, ବଂଶୀରେ ଶ୍ରୀନିବାସ ଶତପଥୀ, ବେହେଲାରେ ଅଗ୍ନିମିତ୍ର ବେହେରା, ସିତାରରେ ଚନ୍ଦ୍ରଚୂଡ ଭଟ୍ଟାଚାର୍ଯ୍ୟ ସହାୟତା କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ସୁପ୍ରସିଦ୍ଧ ବାଦିକା ସଙ୍ଗୀତା ଶଙ୍କର 'ଗାୟକି ଅଙ୍ଗ'ରେ ସ୍ୱତନ୍ତ୍ର ଭାବେ ବେହେଲା ବାଦନ କରିଥିଲେ। ପରେ ସେ ବନାରସ ଠୁମୁରି ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ। ଶିଳ୍ପୀଙ୍କୁ ତବଲାରେ ପଣ୍ଡିତ ଅଜିତ୍ ପାଠକ ସହଯୋଗ କରିଥିଲେ।

ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ଶିଳ୍ପୀ ଅନୀତା ମଲ୍ଲିକଙ୍କ ଦ୍ୱାରା ଭାରତନାଟ୍ୟମ୍ ଓ ରୁପକ କୁମାର ପରିଡାଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ ପରିବେଷଣ କରାଯିବ ବୋଲି ସୃଜନ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ସବକୁ ଗୁରୁ ରତିକାନ୍ତଙ୍କ ପରିକଳ୍ପନାରେ କରାଯାଇଛି। ଦେବୀ ପ୍ରସାଦ ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଛନ୍ତି। ଓଏମ୍‌ସି, ଓଡ଼ିଶା ଟୁରିଜମ୍ ଓ ଏମ୍‌ଏମ୍‌ଜି ଗ୍ରୁପ୍ ପ୍ରାୟୋଜକ ଥିବାବେଳେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମହୋତ୍ସବର ମିଡିଆ ପାର୍ଟନର ରହିଛି।

# ବିଚାରରେ ଗାଈ

ନିକଟରେ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଶେଖର କୁମାର ଯାଦବ ଖାଦ୍ୟ ପାଇଁ ଗୋହତ୍ୟା କରିଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କ ଜାମିନ ଆବେଦନକୁ ଖାରଜ କରିଦେଇ କହିଥିଲେ ଯେ, ଗାଈକୁ ଜାତୀୟ ପ୍ରାଣୀ ଭାବେ ଘୋଷଣା କରାଯିବା ଉଚିତ। କୌତୂହଳର ବିଷୟ ଯେ, ଏବର ଆଧୁନିକ ଭାରତରେ ମହିଳାଙ୍କୁ ବଳାତ୍କାର କରି ଆଇଆଇଟି ଛାତ୍ର ଜାମିନ ପାଇପାରୁଥିବା ବେଳେ ଗୋହତ୍ୟା ଅଭିଯୋଗରେ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ଆବେଦନକାରୀଙ୍କ ଜାମିନ ଖାରଜ କରିଦିଆଯାଉଛି। ଏଥିରୁ ଆଜିର ଭାରତର ବିଚାରପତିମାନଙ୍କର ମାନସିକ ଭାରସାମ୍ୟ ସମ୍ପର୍କରେ ସାଧାରଣରେ ପ୍ରଶ୍ନ ଉଠୁଛି। ଜଷ୍ଟିସ୍ ଶେଖର ଆହୁରି କହିଥିଲେ, ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଗାଈ ହେଉଛି ଏକମାତ୍ର ପ୍ରାଣୀ ଯିଏ କି ପ୍ରଶ୍ୱାସ ଓ ନିଃଶ୍ୱାସରେ କେବଳ ଅମ୍ଳଜାନ ନେଇଥାଏ ଓ ଛାଡ଼ିଥାଏ। ଏଭଳି ଅବାଞ୍ଛିତ ମନ୍ତବ୍ୟ ଦେଇ ଏହି ବିଚାରପତି ନିଜ ପେସାରେ ଦୁର୍ନାମ ଆଣିଛନ୍ତି। ବିଶ୍ୱାସ ହେଉନାହିଁ ଯେ, ଜଣେ ବିଚାରପତି ଏହି ମୌଳିକ ବିଷୟରେ ଅବଗତ ନ ଥିବେ। ତାଙ୍କର ମନ୍ତବ୍ୟ ପଢ଼ିଲେ ମନେହେଉଛି ଯେପରି ଗଣମାଧ୍ୟମ ଦୃଷ୍ଟିକୁ ଆସିବା ତାଙ୍କର ଲକ୍ଷ୍ୟ। ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ର ମଧ୍ୟ କହିପାରିବେ ଯେ, କୌଣସି ଜୀବ ବିନା ଅମ୍ଳଜାନରେ ବଞ୍ଚିପାରେ ନାହିଁ। ଗଛ ବ୍ୟତୀତ ଅନ୍ୟ ସବୁ ପ୍ରାଣୀ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ୍) ଛାଡ଼ିଥାଆନ୍ତି। ସେଥିପାଇଁ ଆଶ୍ଚର୍ଯ୍ୟ ହେବାକୁ ପଡ଼ିଥାଏ ଯେ ଏଭଳି ଉଚ୍ଚଶିକ୍ଷିତ ଓ ଉଚ୍ଚ ପଦବୀରେ ଥିବା ବ୍ୟକ୍ତିମାନେ କାହିଁକି ନିଜର ଓ ନିଜ ବିରାଦରିର ନାମ ମାଟିରେ ମିଶାଇବାକୁ ଉତ୍କଣ୍ଠିତ ହୋଇଥାଆନ୍ତି।

ବିଚାରପତି ଶେଖର ଅନ୍ୟ ଯେଉଁ ବିନ୍ଦୁଟି ଉପରେ ଉଲ୍ଲେଖ କରିଛନ୍ତି ତାହା ଆହୁରି ହାସ୍ୟାସ୍ପଦ ମନେହେଉଛି। ତାଙ୍କ କହିବା ଅନୁଯାୟୀ ଗାଈଠାରୁ ମିଳୁଥିବା କ୍ଷୀର, ଦହି, ଘିଅ, ମୂତ୍ର ଓ ଗୋବରକୁ ମିଶାଇଲେ ଯେଉଁ ପଞ୍ଚଗବ୍ୟ ସୃଷ୍ଟି ହୁଏ, ତାହା ଦ୍ୱାରା ଅନେକ ରୋଗ ଭଲ ହୋଇଥାଏ। ଏପରି ମାରାତ୍ମକ ମନ୍ତବ୍ୟ ଦେଇ ଏହି ବିଚାରପତି କେତେ ଯେ ସାମାଜିକ କ୍ଷତି କରୁଛନ୍ତି, ତାହାର ଆକଳନ କରିବା କଷ୍ଟକର। କାରଣ ଭାରତର ଅସଂଖ୍ୟ ଅଶିକ୍ଷିତ ନାଗରିକଙ୍କ ପାଇଁ ଏହି ଉଚ୍ଚପଦବୀଧାରୀ ବ୍ୟକ୍ତିଙ୍କ ମନ୍ତବ୍ୟ ଯଥେଷ୍ଟ ଗୁରୁତ୍ୱ ରଖିଥାଏ। ସେମାନଙ୍କ ପାଖରେ ମୌଳିକ ବୈଜ୍ଞାନିକ ଶିକ୍ଷାର ଅଭାବ ଥିବାରୁ ଏହି ନାଗରିକମାନେ ଡାକ୍ତରଙ୍କ ପାଖକୁ ଯିବା ପରିବର୍ତ୍ତେ ପଞ୍ଚଗବ୍ୟ ଭଳି ପଦାର୍ଥକୁ ନେଇ ନିଜ ରୋଗ ଦୂର କରିବାକୁ ଚେଷ୍ଟା କରିଥାଆନ୍ତି। ଏହାଦ୍ୱାରା ଯେଉଁ ଅସଂଖ୍ୟ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି, ସେଥିପାଇଁ ଏହି ବିଚାରପତିଙ୍କ ଭଳି ପଦସ୍ଥ କର୍ମକର୍ତ୍ତାଙ୍କୁ ଦୋଷୀ ଭାବେ ବିବେଚନା କରିବା ଦରକାର। ନୈତିକତା ଦୃଷ୍ଟିରୁ ଏଭଳି ଜଜ୍‌ଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରିବା ସହିତ ତାଙ୍କ ଦ୍ୱାରା ଦିଆଯାଇଥିବା ରାୟଗୁଡ଼ିକର ପୁନର୍ବିଚାର କରାଯିବା ଅତ୍ୟନ୍ତ ଆବଶ୍ୟକ।

ଭାରତରେ ସରକାର ପରିବର୍ତ୍ତନ ଘଟି ନୂଆ ପାର୍ଟି କ୍ଷମତାକୁ ଆସିଲେ ପୂର୍ବରୁ ଶାସନ କରିଥିବା ଦଳ ଓ ତାହା ଦ୍ୱାରା ନିଆଯାଇଥିବା ଅନେକ ନିଷ୍ପତ୍ତିକୁ ଖାରଜ କରିଦେଇଥାଏ। ବିଗତ କିଛି ବର୍ଷ ହେବ ଦେଶର ବିଭିନ୍ନ ସ୍ଥାନ, ଷ୍ଟାଡିୟମ, ପାର୍କ ଏପରି କି ନୀତି ନିର୍ଦ୍ଧାରଣ ସକାଶେ ରହି ଆସିଥିବା ବୈଧାନିକ ସଂସ୍ଥାଗୁଡ଼ିକର ନାମ ପରିବର୍ତ୍ତନ କରାଯିବାରେ ଶାସକମାନେ ଆନନ୍ଦ ପାଉଛନ୍ତି। ଉଦାହରଣ ସ୍ୱରୂପ, ଯୋଜନା କମିଶନ ହେଲା ନୀତି (ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ) ଆୟୋଗ, ଯେଉଁଥିରେ ନୀତିର ଅର୍ଥ ବୁଝିବାକୁ ହେଲେ ଇଂଲିଶ ଭାଷାର ସାହାଯ୍ୟ ନେବାକୁ ପଡୁଛି। ନିଜ ଦଳ କିମ୍ବା ବ୍ୟକ୍ତିବିଶେଷଙ୍କୁ ସୁହାଇଲା ଭଳି ନାମ ବଛାଯାଇ ଏହି ପ୍ରକ୍ରିୟା ଚାଲୁରହିଛି। ସମ୍ଭବତଃ ଏଭଳି ରାଜନୈତିକ ବ୍ୟକ୍ତି କିମ୍ବା ଗୋଷ୍ଠୀଗୁଡ଼ିକର କାର୍ଯ୍ୟରୁ ଉତ୍ସାହିତ ହୋଇ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଶେଖର ଗାଈକୁ ଜାତୀୟ ପ୍ରାଣୀ ମାନ୍ୟତା ମିଳିବା ଉଚିତ ବୋଲି କହିଛନ୍ତି। ଦେଖିବାକୁ ଗଲେ ଗାଈ ଏକ ଗୃହପାଳିତ ପ୍ରାଣୀ। ଅନ୍ୟପକ୍ଷରେ ବାଘକୁ ଜାତୀୟ ପ୍ରାଣୀ କରାଯାଇଥିବାରୁ ତାହାର ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇପାରୁଛି। ମନେ ରଖିବାକୁ ହେବ ଯେ, ବିଶ୍ୱ ବାଘସଂଖ୍ୟାର ପ୍ରାୟ ୭୦ ପ୍ରତିଶତ ଭାରତରେ ଥିଲା। ଏବେ ଏହି ସଂଖ୍ୟା ଦିନକୁ ଦିନ ବହୁମାତ୍ରାରେ କମି ଯାଉଥିବାରୁ ତାହାର ସୁରକ୍ଷାକୁ ଅଗ୍ରପ୍ରାଧାନ୍ୟ ଦିଆଯିବା ଉଚିତ। ଖାଦ୍ୟଶୃଙ୍ଖଳ ରକ୍ଷା ଲାଗି ଶୀର୍ଷରେ ଥିବା ପ୍ରାଣୀଙ୍କ ସଂଖ୍ୟା ପରିବେଶଗତ କାରଣ ଯୋଗୁ ସୁରକ୍ଷିତ ରହିବା ମଧ୍ୟ ଦରକାର। ଏହି ଦୃଷ୍ଟିରୁ ଦେଖିଲେ ବାଘର ସୁରକ୍ଷା ଓ ଭବିଷ୍ୟତ ଭାରତର ଗୁରୁଦାୟିତ୍ୱ ଭାବେ ଧରି ନେବାକୁ ହେବ। ଏପରି ଜଟିଳ ପରିବେଶ ସମ୍ପର୍କିତ ପ୍ରସଙ୍ଗରେ ବିଚାରପତିମାନେ ହାଲୁକା ମତ ଦେଇ ନିଜ ଆସନର ଭାବମୂର୍ତ୍ତି କ୍ଷୁଣ୍ଣ କରୁଛନ୍ତି।

## ସାପ୍ତାହିକ ପଞ୍ଜିକା

**ଅଗଷ୍ଟ ୨୯ :** କାବୁଲରେ ଆମେରିକାର ଡ୍ରୋନ୍ ଷ୍ଟ୍ରାଇକ୍।
**ଅଗଷ୍ଟ ୩୦:** ପାରାଲିମ୍ପିକ୍ସରେ ଅବନୀ ଓ ସୁମିତଙ୍କୁ ସ୍ୱର୍ଣ୍ଣ।
**ଅଗଷ୍ଟ ୩୧:** ରାଜ୍ୟରୁ ସପ୍ତାହାନ୍ତ ଶଟ୍‌ଡାଉନ୍ ହଟିଲା।
**ସେପ୍ଟେମ୍ବର ୧:** ପଞ୍ଜଶିର ଲଢ଼େଇରେ ୩୦୦ ତାଲିବାନୀ ନିହତ।
**ସେପ୍ଟେମ୍ବର ୨:** ଅଭିନେତା ସିଦ୍ଧାନ୍ତ ଶୁକ୍ଳାଙ୍କ ପରଲୋକ।
**ସେପ୍ଟେମ୍ବର ୩:** ଆମେରିକାରେ ସାମୁଦ୍ରିକ ଝଡ଼ ଇଡା ତାଣ୍ଡବରେ ୫୦ ଜଣଙ୍କ ମୃତ୍ୟୁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | 1 | 5 | | |
| | 8 | | 6 | 5 | | | 4 | |
| | | | | | | | 3 | |
| 5 | | | | | | 8 | | 3 |
| | | 7 | 3 | | 8 | | | |
| | | 2 | 1 | | | | | |
| 2 | | | | 9 | | | 7 | |
| | | | | | | 2 | | 8 |
| | | 4 | | 7 | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 4 | 5 | 3 | 7 | 1 | 6 | 8 |
| 3 | 1 | 7 | 6 | 9 | 8 | 5 | 4 | 2 |
| 8 | 5 | 6 | 1 | 2 | 4 | 3 | 9 | 7 |
| 5 | 2 | 8 | 3 | 7 | 6 | 9 | 1 | 4 |
| 6 | 7 | 9 | 4 | 5 | 1 | 2 | 8 | 3 |
| 1 | 4 | 3 | 2 | 8 | 9 | 7 | 5 | 6 |
| 4 | 8 | 5 | 7 | 1 | 3 | 6 | 2 | 9 |
| 7 | 6 | 1 | 9 | 4 | 2 | 8 | 3 | 5 |
| 9 | 3 | 2 | 8 | 6 | 5 | 4 | 7 | 1 |

ଗତକାଲିର ଉତ୍ତର

# ଅର୍ଥନୈତିକ ଉଦାରୀକରଣ ଏବଂ ପରିବେଶ



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ସ୍ୱାଧୀନତା ପରଠାରୁ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଦିଗ୍‌ଦର୍ଶନରେ ପ୍ରଚଳିତ ସରକାରୀ ଉଦ୍ୟୋଗରେ ପ୍ରତିଷ୍ଠିତ ବୃହତ୍ ଶିଳ୍ପ ଉପରେ ନିର୍ଭରଶୀଳ ତଥା ସାମ୍ୟବାଦୀ ଆଦର୍ଶରେ ପରିଚାଳିତ ଅର୍ଥନୈତିକ ବ୍ୟବସ୍ଥା ବିଶେଷ ଫଳପ୍ରଦ ନ ହେବାରୁ ଏବଂ ବୈଦେଶିକ ଋଣଭାର ବଢ଼ିବଢ଼ି ଚାଲିବାରୁ, ୧୯୯୧ ମସିହାରେ ତଦାନିନ୍ତନ ଅର୍ଥମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଡ. ମନମୋହନ ସିଂହଙ୍କ ନେତୃତ୍ୱରେ ଆମ ଦେଶରେ ପ୍ରବର୍ତ୍ତିତ ହେଲା ଅର୍ଥନୈତିକ ଉଦାରୀକରଣ ବା ଜଗତୀକରଣ। ଫଳରେ ଦେଶର ଆର୍ଥିକ ଅବସ୍ଥାରେ ସୁଧାର ଆସିଲା। ଅନ୍ୟ ଦେଶ ସହିତ ବ୍ୟବସାୟିକ ଅର୍ଥ ଦେଣନେଣରେ ସନ୍ତୁଳନ ସଙ୍କଟ ଦୂର ହେଲା, ଋଣଭାର ହ୍ରାସ ପାଇଲା ଏବଂ ସାରା ବିଶ୍ୱରେ ଏବେ ଭାରତ ଅନ୍ୟତମ ଏକ ଦ୍ରୁତ ବିକାଶଶୀଳ ଅର୍ଥନୀତି ରୂପେ ମୁଣ୍ଡ ଟେକିଛି। ଇତିମଧ୍ୟରେ ଅତିବାହିତ ହୋଇଗଲାଣି ତିନୋଟି ଦଶକ। ଅତଏବ ଏବେ ଏହାର ଲାଭକ୍ଷତି ଆକଳନ କରିବା ଆରମ୍ଭ ହୋଇଛି। ଫଳରେ ଜଣାପଡ଼ିଛି ଯେ, ଏହି ସମୟ ମଧ୍ୟରେ ଦେଶର ଦୃଶ୍ୟମାନ ଅର୍ଥନୈତିକ ବିକାଶ ଏବଂ ଲୋକଙ୍କ ମୁଣ୍ଡପିଛା ଆୟ କିଛି ପରିମାଣରେ ବଢ଼ିଛି ସତ, ହେଲେ ତା'ର ଘୋର ପ୍ରଭାବ ପଡ଼ିଛି ଆମ ପରିବେଶ ଏବଂ ପରିସଂସ୍ଥା ଉପରେ।

ସରକାରୀ ଆକଳନ ଅନୁସାରେ ଇତିମଧ୍ୟରେ ସହରୀକରଣ ଇତ୍ୟାଦି ଲାଗି ଦଖଲ ହୋଇଛି ୧୫,୦୦୦ ବର୍ଗକିଲୋମିଟର ଜଙ୍ଗଲ ଏବଂ ବିବିଧ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ପାଇଁ ଆହୁରି ୧୪,୦୦୦ ବର୍ଗକିଲୋମିଟର। ଏହା ବ୍ୟତୀତ ରହିଛି ଖଣିଖନନ ଏବଂ ଗମନାଗମନ ପାଇଁ ରାସ୍ତା ନିର୍ମାଣ ଆଦି। ଅବଶ୍ୟ କେତେକ ସ୍ଥାନରେ ପୁନଃବନୀକରଣ ଯୋଜନାମାନ କାର୍ଯ୍ୟକାରୀ ହୋଇଛି। ତେବେ, ତାହା ପ୍ରାକୃତିକ ଅରଣ୍ୟର ଉଚିତ ବିକଳ୍ପ ନୁହେଁ, କାରଣ କଟାଯାଇଥିବା ବଡ଼ ବଡ଼ ଗଛଗୁଡ଼ିକର ଅବସ୍ଥାକୁ ଆସିବା ପାଇଁ ନୂତନ ଭାବେ ରୋପିତ ଗଛଗୁଡ଼ିକୁ ୩୦/୪୦ ବର୍ଷ ଲାଗିଯାଏ। ଅନ୍ୟପକ୍ଷରେ, ତହିଁରୁ ଅନେକ ବହିରାଗତ ପ୍ରଜାତିର, ସ୍ଥାନୀୟ ପ୍ରାକୃତିକ ପ୍ରଜାତିର ନୁହନ୍ତି। ତେଣୁ ସେଗୁଡ଼ିକ ଶହ ଶହ ବର୍ଷ ସମୟ ନେଇ ପ୍ରକୃତି ପ୍ରତିଷ୍ଠା କରିଥିବା ପରିସଂସ୍ଥା, ବିଶେଷକରି, ଜୈବବିବିଧତା ଫେରାଇ ଆଣିବାକୁ ଅସମର୍ଥ।

ଏହାବ୍ୟତୀତ ଏହି ଅର୍ଥନୈତିକ ସଂସ୍କାରରେ ପ୍ରଧାନ ଭୂମିକା ଗ୍ରହଣ କରିଥିବା ଲୁହା ଓ ଇସ୍ପାତ, ସିମେଣ୍ଟ, କୋଇଲା, ପେଟ୍ରୋଲିୟମ, ସାର, ସଂଶ୍ଳେଷିତ ରେଜିନ୍, ପ୍ଲାଷ୍ଟିକ୍, କୃତ୍ରିମ ତନ୍ତୁ ଏବଂ ରାସାୟନିକ ଶିଳ୍ପ ଅତ୍ୟନ୍ତ ପ୍ରଦୂଷଣକାରୀ। ଆମ ବାୟୁ ଓ ଜଳକୁ ଏହା ଚିନ୍ତାଜନକ ଭାବେ ପ୍ରଦୂଷିତ କରିଚାଲିଛି। ପରିଣାମସ୍ୱରୂପ କେବଳ ଯେ ଆମ ଜନସ୍ୱାସ୍ଥ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଛି ତା' ନୁହେଁ; ଜଳସମ୍ପଦ, କୃଷି, ପଶୁପାଳନ, ମୃତ୍ତିକା, ଅରଣ୍ୟସମ୍ପଦ, ଜୈବବିବିଧତା ଆଦିକୁ ମଧ୍ୟ ତାହା ପ୍ରସାରିତ ହୋଇଛି। ଅନେକ କ୍ଷେତ୍ରରେ ତାହା ଅଣଲେଉଟା ଅବସ୍ଥାକୁ ଆସିଯାଇଛି। ଅତଏବ ପ୍ରକୃତି ସେ କ୍ଷତି ପୂରଣ ପାଇଁ ଅସମର୍ଥ ହେବାରୁ ତାହା ହୋଇଯାଇଛି ଦୀର୍ଘସ୍ଥାୟୀ କିମ୍ବା ଚିରସ୍ଥାୟୀ। ଆକଳନ କଲେ ଅର୍ଥନୈତିକ ଉଦାରୀକରଣ ହେତୁ ଥିବା ଅର୍ଥନୈତିକ ବିକାଶ ତୁଳନାରେ ଏ କ୍ଷତି ଅନେକ ବେଶି ହେବ।

ଆମ ଅର୍ଥନୀତିର ଏହି ଉଦାରୀକରଣ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିଲଗାଣ ପାଇଁ ଥିବା ବ୍ୟବସାୟିକ ପ୍ରତିବନ୍ଧକ ଓ କଟକଣାକୁ ହଟାଇବାକୁ ଲାଗିଲା। ଫଳରେ ୧୯୮୧ରୁ ୧୯୯୧ ମଧ୍ୟରେ ଏହା ମାତ୍ର ୧୩ ବିଲିୟନ ଟଙ୍କା ଥିଲାବେଳେ ୨୦୨୦ ବେଳକୁ ୩, ୫୨୫ ବିଲିୟନ ଟଙ୍କାକୁ ବୃଦ୍ଧି ପାଇଲା। ଅନ୍ୟପକ୍ଷରେ ଇତିମଧ୍ୟରେ ବିକଶିତ ଦେଶଗୁଡ଼ିକ ତାଙ୍କ ପରିବେଶକୁ ନିର୍ମଳ (ବିଶୋଧନ) କରିବାକୁ ଲାଗିଲେ। ସେଠାରେ ଏଥିପାଇଁ ଆଇନମାନ ପ୍ରଣୟନ କରାଗଲା। ଆମ ଦେଶରେ ସେପରି କିଛି କଟକଣା ନ ଥିବାରୁ ବିଦେଶୀ କମ୍ପାନୀଗୁଡ଼ିକ ଏଠାରେ ପ୍ରତିଷ୍ଠା କରିବାକୁ ଲାଗିଲେ ଅଧିକ ଲାଭଦାୟୀ ପ୍ରଦୂଷଣକାରୀ ଶିଳ୍ପ ସମୂହ। ଫଳରେ ଏଠାରେ ପ୍ରଦୂଷଣ ବୃଦ୍ଧି ପାଇବାକୁ ଲାଗିଲା। ସରକାରୀ ସଂସ୍ଥା ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାର୍ନମେଣ୍ଟ ଦ୍ୱାରା ପ୍ରସ୍ତୁତ 'ଦ ଷ୍ଟେଟ ଅଫ୍ ଏନ୍‌ଭାର୍ନମେଣ୍ଟ ରିପୋର୍ଟ ୨୦୨୦'ରେ ଦର୍ଶାଯାଇଛି ଯେ, ଭାରତର ୮୮ଟି ବୃହତ୍ ଶିଳ୍ପାୟନ ଅଞ୍ଚଳ ମଧ୍ୟରୁ ୩୫ଟି ସବୁଦିଗରୁ ପରିବେଶ ଅବକ୍ଷୟ ପ୍ରଦର୍ଶନ କଲାବେଳେ, ୩୩ଟି ବାୟୁପ୍ରଦୂଷଣ, ୪୫ଟି ଜଳପ୍ରଦୂଷଣ ଏବଂ ୧୭ଟି ଭୂମି ପ୍ରଦୂଷଣ ବ୍ୟାପକ ଭାବେ ଘଟାଉଛନ୍ତି।

ଅଧିକରୁ ଅଧିକ ଶିଳ୍ପ ପ୍ରତିଷ୍ଠା ଏବଂ ସେଥିସହିତ ତାଳଦେଇ ବଢ଼ିଚାଲିଥିବା ସହରୀକରଣ ତଥା ଯାନବାହନ ଅଧିକାଂଶ ପ୍ରମୁଖ ସବୁଜଗୃହ ବାଷ୍ପ ନିର୍ଗମନର କାରଣ। ସେଗୁଡ଼ିକର ଅନ୍ତର୍ଭୁକ୍ତ ହେଲା ଅଙ୍ଗାରକାମ୍ଳ, ମିଥେନ୍, ଯବକ୍ଷାରଜାନର ଅକ୍ସାଇଡ୍ ସମୂହ ଏବଂ ଗନ୍ଧକର ଡାଇଅକ୍ସାଇଡ୍। ୨୦୧୮ରେ 'କ୍ଲାଇମେଟ୍ ୱାଚ୍' ସଂସ୍ଥା ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ସବୁଜଗୃହ ବାଷ୍ପ ନିର୍ଗମନରେ ବିଶ୍ୱରେ ଭାରତର ସ୍ଥାନ ପଞ୍ଚମ। ପରିଣାମସ୍ୱରୂପ ଏଠାରେ ଜଳବାୟୁରେ ବିଭ୍ରାଟ ସୃଷ୍ଟି ହୋଇଛି। ଅନାବୃଷ୍ଟି, ଅତିବୃଷ୍ଟିଠାରୁ ଆରମ୍ଭ କରି ଝଡ଼ବାତ୍ୟା ଭଳି ଘଟଣା ବଢ଼ିଚାଲିଛି। ସମୁଦ୍ରର ଜଳପତନ ବୃଦ୍ଧି ହେତୁ ଆମର ଅନେକ ଉପକୂଳବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ସହର ଜଳାର୍ଣ୍ଣବ ହେବ ବୋଲି ବୈଜ୍ଞାନିକମାନେ ଚେତାବନୀ ଶୁଣାଇସାରିଲେଣି।

ଅର୍ଥନୈତିକ ଉଦାରୀକରଣ ହେତୁ ଆମ ଦେଶରେ ବାୟୁପ୍ରଦୂଷଣ ବଢ଼ିଚାଲିଲା। ଫଳରେ ଏବେ ବିଶ୍ୱର ୩୦ଟି ସର୍ବାଧିକ ପ୍ରଦୂଷିତ ନଗରୀ ମଧ୍ୟରୁ ୨୧ଟି ଭାରତର। ଏହା ୭ ଲକ୍ଷ କୋଟି ଟଙ୍କା କ୍ଷତି ଘଟାଇଛି ବୋଲି 'କନ୍‌ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍'ର ଆକଳନରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ୟେଲ ଏବଂ କଲମ୍ବିଆ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ପର୍ଯ୍ୟବେକ୍ଷଣ ଅନୁସାରେ ପରିବେଶୀୟ ଅସମୀଚୀନ ବ୍ୟବହାର ସୂଚନାଙ୍କରେ ବିଶ୍ୱର ୧୮୦ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୬୮। କାରଣ ଏଠାରେ ପରିବେଶ ସୁରକ୍ଷା ଲାଗି ବିବିଧ ନିୟମାବଳୀ ପ୍ରଣିତ ହୋଇଥିଲେ ହେଁ ସେସବୁ କେବଳ ଅମାନ୍ୟ କରିବାରେ ହିଁ ପାଳିତ ହୁଏ।

ଅବଶ୍ୟ, ଇତିମଧ୍ୟରେ ଦେଶର ଉଚ୍ଚତମ ନ୍ୟାୟାଳୟ ଏବଂ 'ନ୍ୟାଶନାଲ ଗ୍ରୀନ୍ ଟ୍ରିବୁନାଲ୍' ଅର୍ଥନୈତିକ ଉଦାରୀକରଣର ପରିବେଶ ଉପରେ ପଡୁଥିବା ପ୍ରଭାବକୁ ବିଚାରକୁ ନେଇ ଏହାର ନିରାକରଣ ଲାଗି ନିର୍ଦ୍ଦେଶମାନ ଜାରି କରିଛନ୍ତି। କିନ୍ତୁ ତାହା ଆମ ଦୀର୍ଘସ୍ଥାୟୀ ଅର୍ଥନୀତି ପ୍ରତି ଏକ ବଡ଼ ବିପଦ ରୂପେ ମୁଣ୍ଡ ଟେକିଥିବା ଜଳବାୟୁ ପରିବର୍ତ୍ତନ ସମସ୍ୟା ସମାଧାନ ପାଇଁ ଯଥେଷ୍ଟ ନୁହେଁ। ସେଥିପାଇଁ 'ଦ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍' ଦ୍ୱାରା ୨୦୨୦ରେ ପ୍ରକାଶିତ ରିପୋର୍ଟରେ ସମଗ୍ର ବିଶ୍ୱରେ ଜୈବବିବିଧତା ଏବଂ ଜଳବାୟୁ ସମ୍ପର୍କିତ ବିପଦର ସୂଚନା ଦିଆଯାଇଛି ଓ ଭାରତ ପ୍ରତି ଏହା ଗୁରୁତର ହୋଇଚାଲିଥିବା ଦର୍ଶାଇଛନ୍ତି। ଯଥାର୍ଥ ଜଳବାୟୁ ନୀତି ପ୍ରଣୟନ ନ କଲେ କିମ୍ବା ପରିବେଶ ଅପେକ୍ଷା ବ୍ୟବସାୟକୁ ଅଧିକ ଗୁରୁତ୍ୱ ଦେଇ ଚାଲିଲେ ଏ ସମସ୍ୟା ବଢ଼ିବଢ଼ି ଚାଲିବ। ଏଣୁ ଏହା ଯଥାଶୀଘ୍ର ନିଜର ଅର୍ଥନୀତିକୁ ଏକବିଂଶ ଶତାବ୍ଦୀ ଉପଯୋଗୀ ଅଙ୍ଗାରକ ନିରପେକ୍ଷତା, ଅର୍ଥାତ୍ ଅଙ୍ଗାରକ ନିର୍ଗମନକୁ ଶୂନ୍ ସ୍ତରକୁ ଆଣିବା ଲାଗି ସମୁଚିତ ପଦକ୍ଷେପ ନେବା ଉଚିତ। ଗ୍ରାମାଞ୍ଚଳରେ ଅରଣ୍ୟଗୁଡ଼ିକର ପୁନରୁଦ୍ଧାର, ଚାଷଜମି କଡ଼ରେ ଅରଣ୍ୟ ସୃଷ୍ଟି, ସହନୀୟ ମତ୍ସ୍ୟଚାଷ ଏବଂ ଉଦ୍ୟାନକୃଷି, ଜୈବକୃଷି, ପୁନଃନବୀକରଣକ୍ଷମ ଶକ୍ତିର ବ୍ୟବହାର, ଶକ୍ତି ଅପଚୟ କରୁ ନ ଥିବା ସବୁଜ ଭିତ୍ତିଭୂମି ଏବଂ ତାହା ମାଧ୍ୟମରେ କର୍ମନିଯୁକ୍ତି ସୃଷ୍ଟି ଦ୍ୱାରା ହିଁ ଏହା ସମ୍ଭବ।

ଏସବୁ ଦିଗରେ ପଦକ୍ଷେପ ଲାଗି ସରକାରଙ୍କ ଘୋଷିତ ନୀତି ସ୍ୱାଗତଯୋଗ୍ୟ। ତେବେ ତାହା ଉଚିତ ସମୟରେ ଏବଂ ଠିକ୍ ରୂପେ କାର୍ଯ୍ୟକାରୀ ହେବା ଆବଶ୍ୟକ। ଉଦାହରଣ ସ୍ୱରୂପ, ଏବେ ପ୍ରଦୂଷଣକାରୀ ଜୀବାଶ୍ମ ଇନ୍ଧନ ବଦଳରେ ପୁନଃ ନବୀକରଣକ୍ଷମ ସୌରଶକ୍ତି, ବାୟୁ ଶକ୍ତି ଆଦି ଉପରେ ଗୁରୁତ୍ୱ ଦେବା ଆରମ୍ଭ ହୋଇଛି। ଫଳରେ ୨୦୨୨ ସୁଦ୍ଧା ୧୭୫ ଜୀଗାୱାଟ୍ ସୌରଶକ୍ତି ଉତ୍ପାଦନ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, କିନ୍ତୁ ୨୦୨୧ ମାର୍ଚ୍ଚ ସୁଦ୍ଧା ଏହା ପହଞ୍ଚିଛି ୪୦.୦୯ ଗିଗାୱାଟ୍‌ରେ। ସେହିପରି ପୁନଃ ବନୀକରଣ କ୍ଷେତ୍ରରେ ଆମେ ଆଶାଜନକ ଭାବେ ସଫଳତା ହାସଲ କରିପାରି ନାହୁଁ। ଯାହା ବି ପୁନଃ ବନୀକରଣ ହେଉଛି ତାହା ପରିସଂସ୍ଥାକୁ ସୁରକ୍ଷା ଦେବାଲାଗି ସମର୍ଥ ହେଉନାହିଁ। ପରିଣାମ ସ୍ୱରୂପ, ବାୟୁରେ ଅଙ୍ଗାରକାମ୍ଳ ସର୍ବୋଚ୍ଚ ନିରାପଦ ସ୍ତର ନିୟୁତ ପ୍ରତି ୪୦୦ ଭାଗ ଅତିକ୍ରମ କରି ପ୍ରାୟ ୪୪୦ ଭାଗରେ ପହଞ୍ଚି ଯାଉଛି। ଅନ୍ୟାନ୍ୟ ସବୁଜଗୃହ ବାଷ୍ପ କ୍ଷେତ୍ରରେ ମଧ୍ୟ ସେହି ଅନୁରୂପ ଘଟୁଛି। ଏଣୁ ପରିବେଶର ଉଷ୍ମତା ବଢ଼ି ବଢ଼ି ଚାଲିଛି। ପୁନଶ୍ଚ ଆବର୍ଜନାର ସୁପରିଚାଳନା ଯଥାଯଥ ଭାବେ ହୋଇପାରୁ ନ ଥିବା ହେତୁ ଆମ ଦେଶର ଅଧିକାଂଶ ନଦୀ ଅଳ୍ପବହୁତ ପ୍ରଦୂଷିତ ହେଲାବେଳେ ବାଷ୍ପୀୟ ନିର୍ଗମନ ବଢ଼ି ଚାଲିବା ଯୋଗୁ ଅଧିକାଂଶ ସହରର ବାୟୁ ସର୍ବୋଚ୍ଚ ନିରାପଦ ସୂଚକାଙ୍କ ଊର୍ଦ୍ଧ୍ୱରେ ରହୁଛି। ଜନସ୍ୱାସ୍ଥ୍ୟ ଏବଂ ମାନବ ସମ୍ବଳ ଉପରେ ଏହାର ଘୋର ନକାରାତ୍ମକ ପ୍ରଭାବ ପଡୁଛି। ମୋଟାମୋଟି ଭାବେ କହିବାକୁ ଗଲେ ଅର୍ଥନୈତିକ ଉଦାରୀକରଣ ହେତୁ ଅଧିକ ବୃହତ୍ ଶିଳ୍ପ ଏବଂ ସହର ପ୍ରତିଷ୍ଠା ହେବା ଫଳରେ ପରିବେଶ ଉପରେ ନକାରାତ୍ମକ ପ୍ରଭାବ ବଢ଼ିବାରେ ଲାଗିଛି। ଏହାକୁ ପ୍ରତିହତ କରିବାକୁ ହେଲେ ଆମେ ସଚେତନ ତଥା ସକ୍ରିୟ ହେବା ଆବଶ୍ୟକ। କେବଳ ଆର୍ଥିକ ଲାଭ ପଛରେ ନ ଧାଇଁ କୃଷିଠାରୁ ଶିଳ୍ପଯାଏ ସବୁ କ୍ଷେତ୍ରରେ ସହନୀୟ ପ୍ରଯୁକ୍ତିବିଦ୍ୟା ଆପଣାଇବାକୁ ପଡ଼ିବ।

**ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର,**
**ମୋ: ୯୯୩୭୯୮୫୭୬୭**

# ସିଧା ଗାର



ଦ୍ୱିତୀ ଚନ୍ଦ୍ର ସାହୁ

ଗାଁ ମଝି ମଝିରେ ଥିବା ବିଲୁ ବିବାହ ହେବାର ପାଞ୍ଚ ବର୍ଷ ପରେ ଆଉ ଜଣେ ସ୍ତ୍ରୀକୁ ନେଇ ଆସିଲା। ବିଲୁର ସ୍ତ୍ରୀ ପ୍ରଥମେ ରାଗିଲା। ବିଲୁ ତାକୁ ବୁଝେଇଲା। କିନ୍ତୁ ତା'ର ସ୍ତ୍ରୀ ମାଗତି ବୁଝିଲା ନାହିଁ। ଗାଁରେ ସଭା ବସିଲା। ମୁଖିଆ ସିଧା ପଚାରିଲେ ବିଲୁକୁ – ''ଦୁଇ ଦି'ଟା ଯାକ ସ୍ତ୍ରୀକୁ ରଖିବୁ କିରେ ?'' 'ସିଟା ପାଇଁ ତ ଆଣିଛ। ଛାଡ଼ିବି କି। ଦି' ଜଣ ଯାକୁ ପୁଷିବି' ବୋଲି କହିଲା ବିଲୁ। ଏଥର ମାଗତିକୁ ପଚାରିଲା ମୁଖିଆ – 'ତର କିସ ହେଲାରେ। ତତେ ମିଶା ତ ରଖିବି କଉଛି । କିସ ବଲୁଛୁ କହ ?' ମାଗତି ବୋଇଲା – ''ନାଇ ମୁଇ ତା'ର ପାଖେ ଗୁଟେ ଘରେ ରହିବିନି। ମର କିଛି କଇବାର ନାଇଁ। ମୋତେ ଅଲଗା ଘର କରୁ। ମୁଇ ଓ ମୋର ପିଲା ମିଶି ରହିବୁ। ତା'ର ଇଚ୍ଛା ସେ କାହା ପାଖରେ ରହିବ ରହୁ।''

ବିଲୁ କଥା ଛଡ଼େଇ କହିଲା –''ହଉ! ମୁଇ ଆଉ ଗୁଟେ ଘର କରିଦେବି। ସେ ସେଠି ରହିବ। ତା'ର କିଛି ବି ଅସୁବିଧା ହେବନି। ମୁଇ ତା'ର କଥା ବୁଝିବି। ତାକୁ ବି ପୁଷିବି।''

ବାସ୍ ଫଇସଲା ସରିଗଲା। କଥା କଥାରେ ତୁଟିଗଲା ଏତେ ବଡ଼ ବିବାଦ। କାହାର କିଛି ପ୍ରତିବାଦ ନାହିଁ। ସମସ୍ତେ ସମ୍ମତ। ଲୋଡ଼ା ପଡ଼ିଲାନି କୋର୍ଟ କଚେରି। ହେଲେ ଏଠି ଖବର କାଗଜରେ ନିତି କେତେ କେତେ ଖବର। ପରକୀୟା ପ୍ରୀତିକୁ ନେଇ ସନ୍ଦେହୀ ସ୍ତ୍ରୀର ସ୍ୱାମୀକୁ ହତ୍ୟା। ମାରପିଟ ଓ ହତ୍ୟା। ଥାନା, କୋର୍ଟ କଚେରି, ଛାଡ଼ପତ୍ର। ଚଳିବା ପାଇଁ ମାସିକ ପାଉଣା ଦାବି। କେତେ କେତେ ଘଟଣା ଘଟିଯାଉଛି। ଜନଜାତି ସଂସ୍କୃତିରେ ଏକାଧିକ ସ୍ତ୍ରୀଙ୍କୁ ନେଇ ବିବାଦ ଦେଖାଦିଏନି। କାରଣ ଆଦିବାସୀ ମହିଳାମାନେ ନିତି କଠିନ ପରିଶ୍ରମ କରନ୍ତି। ସେମାନେ ଉନ୍ମୁଖୀ। ବିକାଶର ସଂଗୀ। ନିର୍ଭରଶୀଳ ନୁହନ୍ତି ବରଂ ଆତ୍ମ ନିର୍ଭରଶୀଳ। ସ୍ୱାମୀ କି ପୁଅଝିଅର ହାତଟେକା ଦିଆ ଅର୍ଥକୁ ଚାହିଁ ବଞ୍ଚନ୍ତିନି। କେବେ ବି ତାଙ୍କର କାହା ଉପରେ ଅଭିଯୋଗ ନ ଥାଏ। ଆଦିବାସୀ ସମାଜରେ ମହିଳାମାନଙ୍କ ଗୁରୁତ୍ୱ ଢେର୍ ବେଶି। ବାହାଘରବେଳେ କନ୍ୟା ପିତାକୁ ଖୋଲା ଆକାରରେ ଟଙ୍କା, ଚାଉଳ, ମଦ ଦେଇ କନ୍ୟାକୁ ବର ନେଇଥାଏ। ନଚେତ୍ ବରଘରକୁ କନ୍ୟା ମିଳିବା ସମ୍ଭବ ନୁହେଁ। ଏସବୁ ନ ଥିଲେ ଝିଙ୍କି ନେଇଯିବା କଥା। ସେଥିରେ ବି ବରଘରକୁ ପଛରେ ଖୋଲା ଦେବାକୁ ହୁଏ। ସେଥିପାଇଁ ଝିଅଟିଏ ଜନ୍ମ ହେଲେ ବେଶି ଖୁସିହୁଏ ଆଦିବାସୀ ଦମ୍ପତି। ଅଥଚ ଶିକ୍ଷିତ ସମାଜ ଜନ୍ମ ହେବା ପୂର୍ବରୁ ତାକୁ ମାରିଦିଏ। ମନେ ହୁଏ ପ୍ରତିଟି ଆଦିବାସୀ ମହିଳା ସ୍ୱୟଂ ମହିଳା ସଶକ୍ତୀକରଣ ମୂର୍ତ୍ତିମନ୍ତ ପ୍ରତୀକ। ପାଠ ନ ପଢ଼ି ଅଶିକ୍ଷିତ ହୋଇପାରନ୍ତି କିନ୍ତୁ ଦୁର୍ବଳମନା ନୁହନ୍ତି। ଜୀବନ ସହିତ ଯୁଝିବା ଶିଖିଛନ୍ତି। ନିଜ ପରିବାରକୁ ଲଢ଼ି ଲଢ଼ି ଗଢ଼ିବା କଥା ଜାଣନ୍ତି। ଲାଗେ ଆଦିବାସୀ ମହିଳାଙ୍କ ଜୀବନ ସିଧା ଗାରଟେ ପରି। ସରଳ ଓ ସୁସ୍ପଷ୍ଟ। ସବୁକିଛି ଖୋଲାମେଲା ; ଯେଉଁଠି ଛଳନା, କପଟ, ଶଠତା, ଅତ୍ୟାଚାର, ବ୍ୟଭିଚାର, ବଳାତ୍କାରର ସ୍ଥାନ ନାହିଁ। ଯଦି ଅଛି ତ ଅତୁଟ ବିଶ୍ୱାସ, ବେଧଡ଼କ ପ୍ରେମ, ନିଷ୍କପଟ ସ୍ନେହ, ଉଦାର ହୃଦୟ, ନିର୍ମଳ ମନ। ଯେଉଁଥିରେ ରହିଛି ଅନ୍ୟକୁ ପ୍ରାଣ ଭରି ଭଲ ପାଇବା, ସାଧ୍ୟମତେ ସହାୟତା କରିବା, ମନ୍ତ୍ରମୁଗ୍ଧଭାବେ ଆପ୍ୟାୟିତ କରିବା। ଜନଜାତି ମହିଳାମାନେ ବେଶ ପାରଙ୍ଗମ। ମାନସିକ, ଶାରୀରିକ ଓ ଆବେଗିକ ଭାବେ ବେଶ୍ ଶକ୍ତ। ଡଙ୍ଗରରେ ଖଟି ପରିବାରକୁ ପୋଷିଥାନ୍ତି। ପୁରୁଷ ପ୍ରାୟତଃ କର୍ମବିମୁଖ। ଜନଜାତି ସ୍ତ୍ରୀ କର୍ମତତ୍ପର। ଘରେ ଓ ବାହାରେ ଏକାକାର। ଜନଜାତି ସଂସ୍କୃତିକୁ ଢେର ଦିନ ଦେଖିବା ପରେ ସଭ୍ୟ ସମାଜ ପ୍ରତି ଧୀରେ ଧୀରେ ଭିନ୍ନ ଭାବ ଜାଗ୍ରତ ହେଉଛି। କ'ଣ ରହିଛି ଏଠାରେ ? କ'ଣ ଦେଖାଇବାକୁ ଚାହାନ୍ତି ସଭ୍ୟ ସମାଜ ? କୋଉଥିରେ ସଭ୍ୟ ? ହଁ, ଅନ୍ୟକୁ ଭୁଲାଇ, ଫସାଇ ବେଶ୍ ଅର୍ଥ ରୋଜଗାର କରିପାରୁଥିବେ। ଭଲ ପୋଷାକ ପିନ୍ଧୁଥିବେ। ଭଲ ଖାଦ୍ୟ ଖାଉଥିବେ। ଆଉ ବଡ଼ ବଡ଼ ଘରେ ରହୁଥିବେ। ଗାଡ଼ି ମୋଟର ଚଢ଼ି ଦେଖାଇ ହେଉଥିବେ। ହେଲେ ମନ ଭିତରେ କୁଢ଼ କୁଢ଼ ଆବର୍ଜନା ! ଆମରି ଘରେ ସ୍ତ୍ରୀ ଓ ପୁରୁଷ ଭିତରେ ଗଭୀର ତାରତମ୍ୟ। ପୁରୁଷପ୍ରଧାନ ସମାଜରେ ସ୍ତ୍ରୀ ପ୍ରତି ପୁରୁଷର ଭିନ୍ନ ଆଭିମୁଖ୍ୟ। ସନ୍ଦେହ, ହୀନମନ୍ୟତା, ନିମ୍ନ ଚିନ୍ତନ ଭିତରେ ଘରେ ଥିବା ମହିଳାଙ୍କ ଦକ୍ଷତା, ପ୍ରତିଭା ଓ ଉପସ୍ଥିତିର ଗୁରୁତ୍ୱକୁ ଆକଳନ କରିବାକୁ ପ୍ରାୟତଃ ଚେଷ୍ଟା କରୁନାହୁଁ। ରୋଷେଇଶାଳର କାରିଗର ଭାବେ ଦେଖୁ। ଜନ୍ମ ହେବା ଠାରୁ ମରିବା ପର୍ଯ୍ୟନ୍ତ କେତେ କେତେ ଯାତନା, ଲାଞ୍ଛନା ଓ ହଜାରେ ପ୍ରତିବନ୍ଧକ ଭିତରେ ଜୀବନକୁ ଜିଇବାକୁ ପଡ଼େ ତାକୁ। ଏଥିରେ ଯଦିବା କେତେକାଂଶରେ ମାନସିକ ପରିବର୍ତ୍ତନ ଆସିଛି ତଥାପି ପୁରୁଷପଣିଆକୁ ସହଜରେ କୋଉଠି ଛାଡ଼ିପାରୁଛୁ ?

ଶିକ୍ଷିତ ସଭ୍ୟ ହେବା ଭିତରେ ଯେମିତି ସବୁ ଶିଷ୍ଟାଚାର, ମାନବିକତା ଭୁଲି ଦେଉଛି ତଥାକଥିତ ସମାଜ। ପ୍ରତିଦ୍ୱନ୍ଦ୍ୱିତା, ପରଶ୍ରୀକାତରତା, ପକ୍ଷ ଛେଦନ, ବିଶ୍ୱାସଘାତର ବଳୟ ଭିତରେ ଉବୁଟୁବୁ ସମସ୍ତେ। ସେଠି ନିଜ ଘର ଭିତରେ ଥିବା ସ୍ତ୍ରୀ ଓ ଝିଅର ପାରଦର୍ଶିତାକୁ ଅଣଦେଖା। ବରଂ ବଢୁଛି ଅତ୍ୟାଚାର ଓ ହିଂସା। ବାସ୍ତବରେ ସହରର ଘୋ ଘାଠାରୁ ବହୁ ଦୂରରେ ପାହାଡ଼ ପର୍ବତ ଘେରା ପ୍ରାକୃତିକ ସବୁଜିମା। ଭିତରେ ଲାଗେ ନିହାତି ଭଲ ମଣିଷଙ୍କ ଆବାସ। ଅନ୍ତତଃ ମନ ଭରି ଜିଇ ପାରୁଛନ୍ତି ସେମାନେ। ପରସ୍ପରକୁ ବୁଝିପାରୁଛନ୍ତି ସହଜରେ। ଏଠି ମଣିଷ ସୁଖ ପଛରେ ଗୋଡ଼େଇ ଗୋଡ଼େଇ ବି ସୁଖ ପାଏନି। ଧନ, ପ୍ରାଚୁର୍ଯ୍ୟ ଭିତରେ ବୁଡ଼ି ସୁଖ ନାମ୍ନୀ ପକ୍ଷୀଟିକୁ କିଣି ପଞ୍ଜୁରୀ ଭିତରେ ରଖିବାକୁ ଚେଷ୍ଟା କରି ସୁଖ ଓ ଶାନ୍ତି ବାଟବଣା। ସମ୍ଭବତଃ ବାହାର ଦୁନିଆ ଭିତରେ ମସଗୁଲ ମଣିଷ ନିଜ ପୃଥିବୀକୁ କେବେ ଗଭୀର ଅନ୍ତର୍ଦୃଷ୍ଟିରେ ଦେଖିବାକୁ ଇଚ୍ଛା କରିନି। ପରିବାରର ମହତ୍ତ୍ୱକୁ ହୁଏତ ବୁଝିପାରୁନି। ବୈଷମତାକୁ ବିଷମ ମଣିଛି। ଝଡ଼ଝଞ୍ଜାର ଜୀବନ ଭିତରେ ସହନଶୀଳତା, ବୁଝାମଣା ଓ ଆନ୍ତରିକତା ଏକମାତ୍ର ମହୌଷଧି। ଜଣେ ନିଆଁକୁ ଆଉ ଜଣେ ପାଣି ହେଲେ ଯାଇ ପରିବାରର ଭିତରେ ସୃଷ୍ଟି ହେଉଥିବା ଅପ୍ରତ୍ୟାଶିତ ବିଦ୍ରୋହର ଅଗ୍ନି ନିର୍ବାପିତ ହୋଇପାରିବ। ଏବେ ବି ଲିଙ୍ଗଗତ ବୈଷମ୍ୟକୁ ନେଇ ବଞ୍ଚୁଥିବା ସମାଜର ଦୃଷ୍ଟି ଭଙ୍ଗୀରେ ପରିବର୍ତ୍ତନ ଜରୁରୀ। କାରଣ ଏବେ ସବୁ ପାରଦର୍ଶିତାର ମାପକାଠିରେ ପୁରୁଷଠାରୁ ଆଗରେ ନାରୀ।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ-୯୪୩୭୯୦୯୬୭୧**

## ଏଇ ଭାରତରେ

କରୋନା ସମୟରେ ଅନ୍‌ଲାଇନ୍ କ୍ଲାସ ଚାଲୁଥିବାବେଳ ଏହି ପ୍ରକ୍ରିୟାରୁ ବହୁ ଗରିବ ଛାତ୍ର ବାଦ୍ ପଡୁଛନ୍ତି। ଏହାବ୍ୟତୀତ ବହୁ ଅଞ୍ଚଳରେ ଇଣ୍ଟର୍‌ନେଟ୍ ଉପଲବ୍ଧ ନ ହେବା କାରଣରୁ ବି ଅନେକ ପିଲା ଅନ୍‌ଲାଇନ୍ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏଭଳି ପିଲାମାନଙ୍କୁ ଶିକ୍ଷା ଦେବା ଲାଗି ଜଣେ ଶିକ୍ଷକଙ୍କର ଅଭିନବ ଉପାୟ ତଥା ପ୍ରତିବଦ୍ଧତା ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛି। ଏହି ଶିକ୍ଷକ ଜଣକ ହେଉଛନ୍ତି ଉତ୍ତରାଖଣ୍ଡ ବାଗେଶ୍ୱର ଜିଲାର କଲ୍ୟାଣ ମାଙ୍କୋଟି। ତାଙ୍କ ଘର ଅସୋ ଗାଁରେ, କିନ୍ତୁ ରହନ୍ତି ଆଲ୍‌ମୋରା ସହରରେ। ସେଠାରୁ ନିୟମିତ ୩୫ କି.ମି. ଚାଲିଚାଲି ଯାଇ ଚାନୋଲି ଗାଁର ପିଲାଙ୍କୁ ପଢ଼ାଇଥାଆନ୍ତି। ଚାନୋଲି ଏକ ଦୁର୍ଗମ ଗାଁ। ସେଠାରେ ଇଣ୍ଟରନେଟ ଉପଲବ୍ଧ ହୁଏ ନାହିଁ। ଏଣୁ କୋଭିଡ୍ ମହାମାରୀ ଦେଖାଦେବା ପରେ ସେ ଚାନୋଲିରେ ରହି ପିଲାମାନଙ୍କୁ ପଢ଼ାଉଛନ୍ତି। ଚାନୋଲିରେ କୋଭିଡ୍ ନିୟମାନୁସାରେ ସେ ପିଲାମାନଙ୍କୁ ପଢାଉଛନ୍ତି। ଜିଲାପାଳଙ୍କ ପରାମର୍ଶ ନେଇ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପିଲାମାନଙ୍କୁ ଔଷଧ ଯୋଗାଇବା ତଥା ସାନିଟାଇଜେଶନରେ ସହଯୋଗ କରିଛୁ। କଲ୍ୟାଣ ପିଲାମାନଙ୍କୁ ସ୍କୁଲରେ ନ ପଢ଼ାଇ ଖୋଲା ପଡ଼ିଆରେ ପଢ଼ାଉଛନ୍ତି। ଏଥିପାଇଁ ତାଙ୍କୁ ପ୍ରତିକୂଳ ଜଳବାୟୁକୁ ବି ସାମ୍ନା କରିବାକୁ ପଡୁଛି। ଗାଁର ଚାଷୀମାନେ ବି ବହୁ ସମୟରେ ପିଲାମାନଙ୍କୁ କୃଷି ଓ ଗୋପାଳନ ସମ୍ପର୍କରେ ଶିକ୍ଷା ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୬ ସେପ୍ଟେମ୍ବର ୧୯୯୬

- ଶ୍ରୀଲଙ୍କାରେ ପିଲାମାନଙ୍କୁ ପୋଲିଓ ରୋଗମୁକ୍ତ କରିବା ପାଇଁ 'ୟୁନିସେଫ୍'ର ପ୍ରତିଷେଧକ ଅଭିଯାନକୁ ସଫଳ କରିବା ନିମନ୍ତେ ଏଲ୍‌ଟିଟିଇ ଦେଶରେ ୪ ଦିନ ପାଇଁ ଯୁଦ୍ଧବିରତି ପାଳନ କରିବାକୁ ରାଜି ହୋଇଛି।
- ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ପାର୍ଲାମେଣ୍ଟ ସଦସ୍ୟମାନଙ୍କୁ ଲାଞ୍ଚ ଦେଇଥିବା ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କୁ ସିବିଆଇର ଜେରା।

## ପାଠକ ଶ୍ରେଷ୍ଠ ବିଚାରକ

### ନିଯୁକ୍ତି ଭିତରେ ଦୁର୍ନୀତି

ମହାଶୟ,

ନିକଟ ଅତୀତରେ ଷ୍ଟାଫ୍ ସିଲେକ୍ସନ କମିଶନ ଅଫିସରେ କିଛି ଦୁର୍ନୀତିର ଗନ୍ଧ ପଦାକୁ ଆସିଲା। ଏହିପରି ସରକାରଙ୍କ ଆଉ ୨ଟି ନିଯୁକ୍ତି କମିଶନ ଯଥା ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ ଓ ସବ୍‌ଅର୍ଡିନେଟ କମିଶନ ଥରେ ଦୁର୍ନୀତି ନିବାରଣ ସଂସ୍ଥା ଦ୍ୱାରା ତଦନ୍ତ ପରିସରଭୁକ୍ତ କରାଗଲେ ବହୁ କିଛି ପଦାକୁ ଆସିବ ଶୁଣାଯାଏ, ପବ୍ଲିକ ଫୁସୁରୁଫାସୁର ହୁଅନ୍ତି, କିନ୍ତୁ ପାଟି ଖୋଲନ୍ତି ନାହିଁ। ଯାହା ଜଣାଯାଏ, ଉକ୍ତ ସଂସ୍ଥାରେ ୭୦ଭାଗ ନିଯୁକ୍ତି ମେରିଟ୍ ଓ ୩୦ ଭାଗ ବ୍ୟୁରୋକ୍ରାଟ୍ ତଥା ରାଜନୈତିକ ଚାପରେ ପୂରଣ ହୁଏ। ଏହି ଚାପରେ ବହୁ ଅସମ୍ଭବ କଥା ସମ୍ଭବ ହୋଇପାରେ, ଯାହାକି ପ୍ରକାଶ କରିହେବ ନାହିଁ। ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି, ସରକାର ଏଣିକି ପବ୍ଲିକ ସର୍ଭିସ୍ କମିଶନ ଦ୍ୱାରା ଇଞ୍ଜିନିୟରିଂ ପଦବୀ ଗେଟ୍ ମାର୍କ ଅନୁସାରେ ନିଯୁକ୍ତି ଦେବେ। ଏହା କାର୍ଯ୍ୟକାରୀ ହେଲେ ସରକାରଙ୍କର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ସତ୍ୟ, କିନ୍ତୁ କୌଣସି ଲିଖିତ କିମ୍ବା ୪୦ ନମ୍ବର ମୌଖିକ ପରୀକ୍ଷା କରା ନ ଯାଉ। ଲିଖିତ ଓ ମୌଖିକ ପରୀକ୍ଷା ହେଲେ ପୁଣି ଦୁର୍ନୀତିର ଗନ୍ଧ ବାରି ହୋଇଯିବ। ପ୍ରକାଶଥାଉ କି ଉପଯୁକ୍ତ ପ୍ରାର୍ଥୀ ପାଇବାକୁ ହେଲେ ଗେଟ୍ ମାର୍କ ଭିତ୍ତିରେ ସିଲେକ୍ସନ ସରକାରଙ୍କ ସ୍ୱାଗତଯୋଗ୍ୟ ପଦକ୍ଷେପ। ସର୍ବସାଧାରଣଙ୍କର ସରକାରଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରହିବ ଓ ଖୁସି ବ୍ୟକ୍ତ କରିବେ ।

**-ସଂଗ୍ରାମ ପଟ୍ଟନାୟକ, ରେଣ୍ଟାଲ କଲୋନୀ, ଭୁବନେଶ୍ୱର**

## ଚିରନ୍ତନୀ

''ବେଦନାର ଅଶ୍ରୁକଣା
ଝରେ ଯେବେ ନୟନର କୋଣୁ
''ହୃଦୟ ଶୀତଳ କରି
ଧରା ଧୂଳି ଝାଡି ଦେଇ ମନୁ। -(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୭ରେ ବିଧାନସଭା ଘେରାଉ କରିବ ଛାତ୍ର କଂଗ୍ରେସ

ରାଜ୍ୟ ସରକାରଙ୍କ ଚାକିରି ଦୁର୍ନୀତିକୁ ନେଇ ଆସନ୍ତା ୭ ତାରିଖରେ ବିଧାନସଭା ଘେରାଉ ପାଇଁ ରାଜ୍ୟ ଛାତ୍ର କଂଗ୍ରେସ ପକ୍ଷରୁ ଡାକରା ଦିଆଯାଇଛି। ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ ପ୍ରତିବର୍ଷ ୨ ଲକ୍ଷ ରୋଜଗାର ଦେବାର ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି ପାଣିରେ ଗାର ହୋଇଛି। ତଥାପି ଯେତିକି ବି ନିଯୁକ୍ତି ଦିଆଯାଉଛି ସେଥିରେ ମଧ ଦୁର୍ନୀତି ହେଉଛି। ସରକାର ଚାକିରିକୁ ବିକ୍ରି କରୁଛନ୍ତି ବୋଲି ରବିବାର ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି। ତେଣୁ ଏହି ବିଧାନସଭା ଘେରାଉରେ ସାମିଲ ହେବାକୁ ସମସ୍ତ ଛାତ୍ରୀଛାତ୍ର ଏବଂ ଯୁବଗୋଷ୍ଠୀଙ୍କୁ ସେ ଆହ୍ୱାନ ଦେଇଛନ୍ତି।

**ସଂକ୍ଷେପରେ**

## ଲଘୁଚାପ: ଆଜି ୬ ଜିଲାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର,୫।୯(ବ୍ୟୁରୋ): ଉତ୍ତର-ପୂର୍ବ ଓ ସଂଲଗ୍ନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ରହିଥିବା ଘୂର୍ଣ୍ଣିବଳୟ ୨୪ ଘଣ୍ଟା ମଧରେ ଉତ୍ତର ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ହୋଇ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ୬ ଓ ୭ ତାରିଖ ଦୁଇଦିନ ରାଜ୍ୟର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ବିଶେଷକରି ୬ ତାରିଖରେ କୋରାପୁଟ, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ ଓ ପୁରୀ ଆଦି ୬ ଜିଲାରେ ବର୍ଷାର ପରିମାଣ ଅଧିକ ରହିବ। ମାଲକାନଗିରି, ରାୟଗଡ଼ା, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, ନବରଙ୍ଗପୁରରେ ମଧ ପ୍ରବଳ ବର୍ଷା ହୋଇପାରେ। ସେହିପରି ୭ ତାରିଖରେ ନୂଆପଡ଼ା, ବଲାଙ୍ଗୀର, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ହେବ। ଏହି ଦୁଇଦିନ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ପାଣିପାଗ ବିଶେଷଜ୍ଞ ଉମାଶଙ୍କର ଦାଶଙ୍କ ସୂଚନା ଅନୁସାରେ, ଲଘୁଚାପ ପ୍ରଭାବରେ ୪୦ରୁ ୫୦ କିମି ବେଗରେ ପବନ ବହିବ। କିଛି ଜିଲାରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ହେବ। ତେଣୁ ମତ୍ସ୍ୟଜୀବୀଙ୍କୁ ଉତ୍ତର ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରକୁ ଯିବାକୁ ବାରଣ କରାଯାଇଛି। ଅନ୍ୟପକ୍ଷରେ ଲଘୁଚାପଜନିତ ବର୍ଷା ପାଇଁ ସତର୍କ ରହିବାକୁ ଏସ୍‌ଆର୍‌ସି ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ରିମାଣ୍ଡରେ ଆସିବେ ମାନସ, ମନୋରଞ୍ଜନ

■ରିମାଣ୍ଡ ଶେଷ ପରେ ଜେଲ୍‌କୁ ଫେରିଲେ ୩ ଅଭିଯୁକ୍ତ
■କୋର୍ଟରେ ୭ ଅଭିଯୁକ୍ତଙ୍କ ପୁନଃ ଜାମିନ ଆବେଦନ

ଖୋର୍ଦ୍ଧା ଅଫିସ,୫।୯

ବେଗୁନିଆ ଥାନା ଅଧୀନ କଡ଼ବ ଗ୍ରାମର ମାଗୁଣି ନାୟକ ଓ ତାଙ୍କ ପୁଅ ଆନନ୍ଦଙ୍କୁ ଏକ ବନ୍ଦ କୋଠରିରେ ମାନବବାଦ ସଙ୍ଗଠନ କର୍ମକର୍ତ୍ତା ନିସ୍ଥୁକ ମାଡ଼ ମାରିବା ମାମଲାରେ ରବିବାର ୩ ଅଭିଯୁକ୍ତଙ୍କ ରିମାଣ୍ଡ ଅବଧି ସରିଛି। ସମ୍ପୃକ୍ତ ୩ ଅଭିଯୁକ୍ତ ବୈକୁଣ୍ଠ ନାୟକ, ସ୍ୱପ୍ନେଶ୍ୱର ନାୟକ ଏବଂ ଗୁଲୁ ବେହେରାଙ୍କ ରିମାଣ୍ଡ ଅବଧି ସରିବା ପରେ ପୋଲିସ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦେଇଛି। କଡ଼ା ସୁରକ୍ଷା ମଧରେ ପୋଲିସ ଏହି ୩ ଅଭିଯୁକ୍ତଙ୍କୁ ନେଇ ଡାକ୍ତରୀ ଚିକିତ୍ସା କରାଇବା ପରେ ଖୋର୍ଦ୍ଧା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା। ପରେ ସେଠାରୁ ସେମାନଙ୍କୁ ପୁଣି ଖୋର୍ଦ୍ଧା ସବ୍‌ଜେଲକୁ ଫେରାଇ ନିଆଯାଇଛି। ଅନ୍ୟପକ୍ଷରେ ମାନବବାଦ ସଙ୍ଗଠନ ତଥା ରାଷ୍ଟ୍ରୀୟ ସାମାଜିକ ନ୍ୟାୟ ମଞ୍ଚର ମୁଖ୍ୟ ତଥା ଆତ୍ମଘୋଷିତ ଗୁରୁଜୀ ମାନସ ଦାସ ଓ ତାଙ୍କ ପୁଅ ମନୋରଞ୍ଜନଙ୍କୁ ପଚରାଉଚରା ଲାଗି ରିମାଣ୍ଡରେ ଆଣିବା ପାଇଁ ପୋଲିସ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଅଭିଯୁକ୍ତମାନଙ୍କଠାରୁ ପୋଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ବାପପୁଅଙ୍କୁ ମାଡ଼ ମାରିବା ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ, ମାଷ୍ଟର ମାଇଣ୍ଡ କିଏ, କାହିଁକି ବାପପୁଅଙ୍କୁ ମାଡ଼ ମରାଯାଇଥିଲା, ମାନବବାଦ ସଙ୍ଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କ'ଣ, କେଉଁଠି ଏହାର କର୍ମକର୍ତ୍ତା ରହିଛନ୍ତି, ଆଦିବାସୀଙ୍କ ପାଇଁ ଏହା କି ପ୍ରକାର କାର୍ଯ୍ୟ କରେ, କାହା ଇଙ୍ଗିତରେ ସଦସ୍ୟମାନେ କାର୍ଯ୍ୟ କରୁଛନ୍ତି ପ୍ରଭୃତି ବିଭିନ୍ନ ପ୍ରସଙ୍ଗରେ ପୋଲିସ ହାତରେ ଅନେକ ତଥ୍ୟ ଲାଗିଛି। ବେଗୁନିଆ ଥାନା ଅଭିମାନପୁର ଗ୍ରାମର ସତ୍ୟବ୍ରତ ନାୟକ ହତ୍ୟାକାଣ୍ଡରେ ମାନସ ଦାସ ଏବଂ ମାଗୁଣି ନାୟକ ଓ ଆନନ୍ଦଙ୍କୁ ମାଡ଼ ଘଟଣାରେ ମାନସଙ୍କ ପୁଅ ମନୋରଞ୍ଜନ ଗିରଫ ହୋଇ ଖୋର୍ଦ୍ଧା ସବ୍‌ଜେଲରେ ରହିଛନ୍ତି। ମାନସ ଓ ମନୋରଞ୍ଜନଙ୍କୁ ରିମାଣ୍ଡରେ ଆଣିବା ପାଇଁ ପୋଲିସ ପ୍ରକ୍ରିୟା ଆରମ୍ଭ କରିଛି। ଏନେଇ ଖୋର୍ଦ୍ଧା ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର କହିଛନ୍ତି, ପୂର୍ବରୁ ଆସିଥିବା ୩ ଅଭିଯୁକ୍ତଙ୍କ ରିମାଣ୍ଡ ଅବଧି ସରିବା ପରେ ରବିବାର ସେମାନଙ୍କୁ ପୁନର୍ବାର ଜେଲ ହାଜତକୁ ପଠାଇ ଦିଆଯାଇଛି। ମାନସ ଓ ମନୋରଞ୍ଜନଙ୍କୁ ରିମାଣ୍ଡରେ ଅଣାଯିବା ନେଇ ଯୋଜନା ରହିଛି। ତେବେ ଏ ସଂକ୍ରାନ୍ତରେ ଏପର୍ଯ୍ୟନ୍ତ କିଛି ଚୂଡ଼ାନ୍ତ ହୋଇନାହିଁ।

ଅନ୍ୟପଟେ ମାନସଙ୍କ ଓକିଲ ଶରତ ଚନ୍ଦ୍ର ମାନସିଂ କହିଛନ୍ତି, ସତ୍ୟବ୍ରତ ହତ୍ୟାକାଣ୍ଡରେ ପୂର୍ବରୁ ଗିରଫ ହୋଇଥିବା ୬ ଅଭିଯୁକ୍ତ ଏବଂ ଏହି ହତ୍ୟାକାଣ୍ଡରେ ପରୋକ୍ଷ ସମ୍ପୃକ୍ତି ଅଭିଯୋଗରେ ଗିରଫ ମାନସ ଦାସ ପୃଥକ ଭାବେ ତଳକୋର୍ଟରେ କରିଥିବା ଜାମିନ ଆବେଦନ ନାମଞ୍ଜୁର ହୋଇଯାଇଛି। ଏହାପରେ ଶୁକ୍ରବାର ଅତିରିକ୍ତ ଜିଲା ଦୌରାଜଜ୍-୧ଙ୍କ କୋର୍ଟରେ ପୁନଃ ଜାମିନ ଆବେଦନ କରାଯାଇଛି। ମାନସଙ୍କ ସମେତ ୭ଜଣଙ୍କ ଜାମିନ ଆବେଦନର ଶୁଣାଣି ସେପ୍ଟେମ୍ବର ୧୩ରେ ହେବ।

ପ୍ରକାଶଥାଉ କି, ଅଗଷ୍ଟ ୨ରେ ବେଗୁନିଆ ଥାନା ଅଧୀନ ଅଭିମାନପୁର ଗ୍ରାମର ସତ୍ୟବ୍ରତ ନାୟକଙ୍କୁ ମାନବବାଦ ସଙ୍ଗଠନ ମୁଖ୍ୟ ମାନସ ଦାସଙ୍କ ଇଙ୍ଗିତରେ କରଡ଼ଗାଡ଼ିଆରେ ପିଟି ହତ୍ୟା କରାଯାଇଥିବା ତାଙ୍କ ପୁତୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ କେସ୍ (ନଂ. ୧୪୯/୨୧) ରୁଜୁ କରିବା ସହ ୬ଜଣଙ୍କୁ ଗିରଫ କରିଥିଲା। ଏହି ହତ୍ୟାକାଣ୍ଡରେ ମାନସଙ୍କର ପରୋକ୍ଷ ଭାବେ ସମ୍ପୃକ୍ତି ଥିବା ଦର୍ଶାଇ ଖୋର୍ଦ୍ଧା ପୋଲିସ ଗତ ସେପ୍ଟେମ୍ବର ୨ରେ ତାଙ୍କୁ ଭୁବନେଶ୍ୱରସ୍ଥିତ ବାସଭବନରୁ ଗିରଫ କରିଥିଲା। ତାଙ୍କ ବିରୋଧରେ ଅପହରଣ, ହତ୍ୟା, ହତ୍ୟା ଉଦ୍ୟମ, ହତ୍ୟା ଷଡ଼ଯନ୍ତ୍ର, ହତ୍ୟା ଧମକ, ପ୍ରମାଣ ନଷ୍ଟ ଭଳି ସଙ୍ଗିନ ଦଫା ରୁଜୁ ହୋଇଛି। ସେହିପରି ମାଗୁଣି ଓ ତାଙ୍କ ପୁଅ ଆନନ୍ଦଙ୍କୁ ବନ୍ଦ କୋଠରିରେ ନିସ୍ଥୁକ ମାଡ଼ ମାରିବା ଘଟଣାରେ ଅନ୍ୟ ଏକ କେସ୍ (ନଂ. ୧୬୬/୨୧) ରୁଜୁ କରାଯାଇ ମାନସଙ୍କ ପୁଅ ମନୋରଞ୍ଜନଙ୍କୁ ମଧ ଗିରଫ କରାଯାଇଥିଲା।



ରିମାଣ୍ଡ ଅବଧି ସରିବା ପରେ ୩ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ପାଇଁ ନିଆଯାଉଛି।

# ମାନବବାଦ ସଙ୍ଗଠନ ଦ୍ୱାରା ନିର୍ଯାତିତଙ୍କ ସୁରକ୍ଷା ଦାବି

■ପୀଡ଼ିତ ପରିବାର, ଡିଜିପିଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ
■ଏବେ ବି ଆସୁଛି ଧମକ, ଜୀବନ ପ୍ରତି ବିପଦ

ଭୁବନେଶ୍ୱର,୫।୯ (ବ୍ୟୁରୋ)

ମାନବବାଦ ସଙ୍ଗଠନର ମୁଖ୍ୟ ମାନସ ଦାସ ଓରଫ ଗୁରୁଜୀ ଗିରଫ ହେବା ପରେ ମଧ ନିର୍ଯାତିତଙ୍କୁ ଧମକ ଆସୁଛି। ଏଥିସହ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା କଂଗ୍ରେସ ଅଭିଯୋଗ ଆଣିଛି। ଅଖିଳ ଭାରତୀୟ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ସଂଯୋଜକ ହିତେନ୍ଦ୍ର ପିଠାଡିଆ ଓ ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ବାଙ୍କନିଧି ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶନିବାର ମାନବବାଦ ସଙ୍ଗଠନ ଦ୍ୱାରା ନିର୍ଯାତିତ ହୋଇଥିବା ଦଳିତ ପରିବାରଙ୍କୁ ଭେଟି ଫେରିବା ପରେ ଏ ସମ୍ପର୍କରେ କହିଛନ୍ତି। ଏ ସଂକ୍ରାନ୍ତରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତ୍ତା ଡିଜିପିଙ୍କୁ ଭେଟି ପୀଡ଼ିତ ଓ ତାଙ୍କ ପରିବାରର ସଦସ୍ୟଙ୍କ ସ୍ଥିତି ନେଇ ଆଲୋଚନା କରିବା ସହ ସେମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ଦାବି କରିଛନ୍ତି। ସେମାନଙ୍କ ପରିବାରକୁ ସୁରକ୍ଷା ଓ ଅନୁସୂଚିତ ଜାତି ନିର୍ଯାତନା ଆଇନ ଅନୁଯାୟୀ ପରିବାରଙ୍କୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ସହାୟତା, ମୃତକ ସତ୍ୟବ୍ରତ ନାଏକଙ୍କ ସ୍ତ୍ରୀଙ୍କୁ ସରକାରୀ ଚାକିରି ଓ ତାଙ୍କ ୨ ସନ୍ତାନଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବା ପାଇଁ ଦାବି କରାଯାଇଛି।



ଡିଜିପିଙ୍କୁ ଭେଟି ଦାବି ଜଣାଉଛନ୍ତି କଂଗ୍ରେସ ପ୍ରତିନିଧି ।

## ୟୁଟିଏସ୍ ଦ୍ୱାରା ଟିକେଟ ଅନୁମତି

ଭୁବନେଶ୍ୱର,୫।୯

ରେଳ ମନ୍ତ୍ରଣାଳୟର ଅନୁମତି ପରେ ପୂର୍ବତଟ ରେଳପଥ ଯାତ୍ରୀଙ୍କ ପାଇଁ ଅଣସଂରକ୍ଷିତ ଟିକେଟ୍ ବ୍ୟବସ୍ଥା (ୟୁଟିଏସ୍) ମାଧମରେ ଟ୍ରେନ୍ ଯାତ୍ରାକୁ ଅନୁମତି ଦେଇଛି। ଏହା କେତେକ ଟ୍ରେନ୍ ପାଇଁ ଲାଗୁ ହୋଇଛି। ବର୍ତ୍ତମାନ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ମଧରେ ପୁରୀ-ଅନୁଗୋଳ-ପୁରୀ ସ୍ପେଶାଲ ଏବଂ ଖୋର୍ଦ୍ଧାରୋଡ୍-କେନ୍ଦୁଝରଗଡ-ଖୋର୍ଦ୍ଧାରୋଡ୍ ସ୍ୱତନ୍ତ୍ର, ୱାଲଟିୟର ଓ ସମ୍ବଲପୁର ରେଳମଣ୍ଡଳ ମଧରେ ଗୁଣୁପୁର-ବିଶାଖାପଟନମ୍-ଗୁଣୁପୁର ସ୍ପେଶାଲ୍, ରାୟପୁର-ବିଶାଖାପଟନମ୍-ରାୟପୁର ସ୍ପେଶାଲ୍, ଟିଟିଲାଗଡ-ବିଳାସପୁର-ଟିଟିଲାଗଡ ସ୍ପେଶାଲ ଏବଂ କାକିନଡା-ବିଶାଖାପଟନମ୍-କାକିନଡା ବିଶେଷ ଟ୍ରେନଗୁଡ଼ିକରେ ଯାତ୍ରୀମାନେ ୟୁଟିଏସ ଟିକେଟ୍ ମାଧମରେ ଯାତ୍ରା କରିପାରିବେ। ସେହିପରି ଖୁବ୍‌ଶୀଘ୍ର ଚାଲିବାକୁ ଥିବା ଖୋର୍ଦ୍ଧାରୋଡ଼-ପୁରୀ-ଖୋର୍ଦ୍ଧାରୋଡ଼ ପାସେଞ୍ଜର ସ୍ପେଶାଲ୍ ଏବଂ ଖଡ଼ଗପୁର-ଭଦ୍ରକ-ଖଡ଼ଗପୁର ସ୍ପେଶାଲ୍ ଟ୍ରେନରେ ମଧ ୟୁଟିଏସ ଟିକେଟ୍ ମାଧମରେ ଟ୍ରେନ ଯାତ୍ରା ପାଇଁ ଅନୁମତି ଦିଆଯିବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

## ହାତୀଦାନ୍ତ ଚାଲାଣ ର୍ୟାକେଟ ଠାବ

■ ୫ ଗିରଫ, ଅଢ଼େଇ ଲକ୍ଷ ଟଙ୍କାର ଦାନ୍ତ, ମାଢ଼ି ଜବତ



ଖଇରା/ଔପଦା/ବନ୍ତ, ୫।୯(ଡି.ଏନ.ଏ./ସ୍ୱ.ପ୍ର.)

ବାଲେଶ୍ୱର ସମେତ ମୟୂରଭଞ୍ଜ, ଭଦ୍ରକ ଓ କେନ୍ଦୁଝର ଜିଲାରେ ହାତୀଦାନ୍ତ ଚାଲାଣ ର୍ୟାକେଟ ସକ୍ରିୟ ରହିଛି। ଶନିବାର ରାତିରୁ ଏସ୍‌ଟିଏଫ୍, ବନବିଭାଗ, ଆଗରପଡା, ଖଇରା ଓ ଔପଦା ପୋଲିସ ଟିମ୍ ମିଳିତ ସହଯୋଗରେ ଭିନ୍ନ ଭିନ୍ନ ସ୍ଥାନରେ ଚଢାଉ କରି ହାତାଦାନ୍ତ, ମାଢି ଜବତ କରିବା ପରେ ଏହି ଘଟଣା ସ୍ପଷ୍ଟ ହୋଇଛି। ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରାଯାଇ ଔପଦା ବନବିଭାଗ କାର୍ଯ୍ୟାଳୟରେ ଅଧିକ ପଚରାଉଚୁରା କରାଯାଉଛି।

ପ୍ରଥମେ ଏହି ଟିମ୍ ବାଲେଶ୍ୱର ଜିଲା ଖଇରା ଥାନା ଜେମାଦେଈପାଟଣା ଗ୍ରାମର ବାବୁରାମ ପୃଷ୍ଟିଙ୍କୁ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବଣିଆପଙ୍କ ଗ୍ରାମ ନିକଟରୁ ଗିରଫ କରିଥିଲା। ତାଙ୍କଠାରୁ ୩ କିଲୋ ଓଜନର ଦାନ୍ତ, ମାଢୀ ଓ ୬ଟି ମୋବାଇଲ ଜବତ କରିଥିଲା। ପରେ ତଦନ୍ତକାରୀ ଟିମ୍ ଭଦ୍ରକ ଜିଲା ଆଗରପଡା ଥାନାର କାଦବରାଙ୍ଗ ଗ୍ରାମରୁ ନଟବର ଦାସ,ଔପଦା ଥାନା ମହୁଲଗଡିଆ ଗ୍ରାମର ବନମାଳୀ ସେଠୀ, ସୁଦର୍ଶନ ମହାରଣା, ଅଜୟ ମୁଦୁଲିଙ୍କୁ ଗିରଫ କରିଥିଲା। ଏମାନେ ଶିମିଳିପାଳ, କୁଲଡିହା, ହଦଗଡ ରେଞ୍ଜରେ ହାତୀମାନଙ୍କୁ ଶିକାର କରି ସେମାନଙ୍କ ଦାନ୍ତ କାଟି ପଶ୍ଚିମବଙ୍ଗ ତଥା ଅନ୍ୟାନ୍ୟ ସ୍ଥାନକୁ ଚାଲାଣ କରୁଥିବା ପଚରାଉଚରା ବେଳେ ଜଣାପଡିଛି।

## ସ୍ନାତକ ଶେଷ ବର୍ଷ ପରୀକ୍ଷାଫଳ ପ୍ରକାଶିତ

ରେଭେନ୍‌ସା ବିଶ୍ୱବିଦ୍ୟାଳୟ



କଟକ ଅଫିସ,୫।୯

ରେଭେନ୍‌ସା ବିଶ୍ୱବିଦ୍ୟାଳୟର ସ୍ନାତକ ଶେଷବର୍ଷ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। କଳା, ବିଜ୍ଞାନ, ବାଣିଜ୍ୟ, ଆଇଟିଏମ୍, ଆଇଏସ୍‌ସି, ବିବିଏ, ବିଏଡ୍, ବିଏସ୍‌ସି ପରୀକ୍ଷାରେ ଛାତ୍ରୀଛାତ୍ରମାନେ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍‌ରେ ପରୀକ୍ଷାଫଳ ଦେଖିପାରିବେ। ବାଣିଜ୍ୟ ୪୧୬, ବିଜ୍ଞାନରେ ୬୭, କମ୍ପ୍ୟୁଟରରେ ୩୮, ବିବିଏରେ ୧୪୦, ଅଇଏସସିରେ ୧୩୧, ଆଇଟିଏମ୍‌ରେ ୨୮୧, ବିଏଡ୍‌ରେ ୫୦ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ମାର୍କଶିଟ୍ ଏବଂ ଅସ୍ଥାୟୀ ପ୍ରମାଣ ପତ୍ର ସୋମବାର ପୂର୍ବାହ୍ନ ୧୧ଟାରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ବିଭାଗରେ ପ୍ରଦାନ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ଓଡ଼ିଶୀ ଶୈଳୀର ବିକାଶ ଦିଗରେ ଏକାମ୍ର ଥିଲା ପରୀକ୍ଷାଗାର

ଡ. ସୁରେନ୍ଦ୍ର କୁମାର ମିଶ୍ର




ଆମେ ପୂର୍ବରୁ ଆଲେଖ୍ୟରେ ବିଚାର କରିଥିଲେ ଗୋଟିଏ ଜାତି ପଥର ଶିଳ୍ପକଳାର ଶୀର୍ଷ ସ୍ଥାନରେ ପହଞ୍ଚିବା ଆଗରୁ କେତେ ଯେ ପରୀକ୍ଷା ନିରୀକ୍ଷା ଦେଇ ବିକାଶ ପଥରେ ଆଗେଇଥିବ, କଳ୍ପନା କରିବା ସମ୍ଭବ ନୁହେଁ। ଶିଳ୍ପୀର ସେ ଦୀର୍ଘଯାତ୍ରା ଆଜି ଆମେ ଚର୍ଚ୍ଚା ପରିସରକୁ ଆଣୁଛେ ଏଇଥି ପାଇଁ ଯେ ଯୋଉ ପଣ୍ଡିତମାନେ ଲେଖିଗଲେ ଓଡ଼ିଆ ଶିଳ୍ପୀ ଏପରି ମନ୍ଦିର ଗଢ଼ି ନ ଥିବେ, ଗଢ଼ିବା ସମ୍ଭବ ନୁହେଁ, ସେଇମାନଙ୍କୁ ବିକାଶପଥର ଐତିହ୍ୟର ଏକ ଚିତ୍ର ଦେବା। ନିଜେ ବି ହେଜିବା।

ଦୁର୍ଗାଚରଣ ପଣ୍ଡା ଏକ ନିଚ୍ଛକ ପ୍ରତିଛବି ଶିଳ୍ପୀଙ୍କର ଦୀର୍ଘ ବିକାଶଯାତ୍ରାର ଆଙ୍କିଛନ୍ତି। ସେ ସ୍ପଷ୍ଟ କରିଛନ୍ତି xxx ଖ୍ରୀ.ପୂ. ୨ୟ ଶତାବ୍ଦୀରୁ ଦୀର୍ଘ ୧୫୦୦ ବର୍ଷ ଧାରାବାହିକ ଭାବେ ଏକାମ୍ର କ୍ଷେତ୍ରରେ, ପ୍ରତ୍ୟେକ ଶତାବ୍ଦୀରେ କୌଣସି ନା କୌଣସି ମନ୍ଦିର ନିର୍ମିତ ହୋଇଆସିଛି। xxx ମନ୍ଦିର ନିର୍ମାଣର ଅଙ୍କୁରୋଦ୍‌ଗମଠାରୁ ଚରମ ବିକାଶଧାରାର ଅଧ୍ୟୟନ ନିମନ୍ତେ ମନ୍ଦିରନଗରୀ ଭୁବନେଶ୍ୱର ଏକ ଅପୂର୍ବ ସ୍ଥାନ। (ତତ୍ରୈବ)।

ବାସ୍ତବରେ କେତେ ଯେ ଛୋଟଛୋଟ ମନ୍ଦିର ଗଢ଼ାହୋଇଥିବ, କେତେ ଶାସ୍ତ୍ରୀୟଶୈଳୀ ଆପଣେଇ ନେବାକୁ ପଡ଼ିଥିବ, କେତେ ନୂଆ ଶୈଳୀ, ନୂଆ ମାପ ତା' ମଧରେ ଯୋଗ ହୋଇଥିବ ତା'ର ଇତିହାସ ନ ମିଳିଲେ ମଧ, ଗୋଟିଏ କଥା ମିଳେ ଶାସ୍ତ୍ରୀୟଧାରାରୁ ମୁକ୍ତ ହୋଇ ଆବଶ୍ୟକ ଅନୁଯାୟୀ ଯେତେବେଳେ ବିଚାର ବିମର୍ଶ କରି ଓଡ଼ିଆ ସ୍ଥପତି ନୂତନ ଶୈଳୀ ଖଞ୍ଜିଥିବେ ସେତେବେଳେ ତାକୁ ତାଳପତ୍ର ପୋଥିରେ ଲେଖିଥିବେ। ତାହା ହିଁ ଓଡ଼ିଶାର ନିଜସ୍ୱ ଶିଳ୍ପଶାସ୍ତ୍ର ହୋଇଯାଇଛି। ସେଇ ନୂତନ କୌଶଳ, ନୂତନ ପରିପାଟୀ ହୋଇଯାଇଛି ଓଡ଼ିଶୀ ଶୈଳୀ। କେବେ କଳିଙ୍ଗଶୈଳୀ ରୂପେ ପରିଚିତ ହୋଇଛି ତ କେବେ ଉତ୍କଳ ଶୈଳୀ ରୂପେ। ଏବେ ଆମେ ସାତୋଟିଯାକ ସାମ୍ରାଜ୍ୟର ଶୈଳୀକୁ କହିପାରିବା 'ଓଡ଼ିଶୀ ଶୈଳୀ'।

ମନ୍ଦିରଟି ଆରମ୍ଭ କରିବାଠାରୁ ଦେବତାଙ୍କୁ ପ୍ରତିଷ୍ଠା କରି ଉପାସନା ଆରମ୍ଭ ପର୍ଯ୍ୟନ୍ତ ୮ଟି ପର୍ଯ୍ୟାୟ ଦେଇ ଗତି କରିବାକୁ ପଡ଼େ। ବଡ଼ମନ୍ଦିରଟିଏ ଗଢ଼ିବା ପୂର୍ବରୁ ତା'ର ପ୍ରତିକୃତି ଛୋଟ ମନ୍ଦିରଟିଏ ପ୍ରଥମେ ଗଢ଼ା ହୋଇଥିବ। ତାହା ହିଁ ହୋଇଥିଲା କୋଣାର୍କଠାରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ହେବା ପୂର୍ବରୁ। ଚାରି ସ୍ଥାନରେ ରହୁଥିଲେ ଶିଳ୍ପୀ। ରହୁଥିବା ସ୍ଥାନରେ ମୁଖ୍ୟମନ୍ଦିରର ବିଭିନ୍ନ ଦୃଷ୍ଟିକୋଣକୁ ବିଚାର କରି ପ୍ରତିକୃତି ମନ୍ଦିର ଗଢ଼ାଯାଇଥିଲା। ଚଉରାଶି ଗ୍ରାମରେ କୋଣାଦିତ୍ୟଠାରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣର ଦେଢ଼ଶହ ବର୍ଷ ପୂର୍ବରୁ ବାରାହୀ ଦେବୀଙ୍କ ମନ୍ଦିର ନିର୍ମାଣ ହୋଇସାରିଥିଲା। ଏଠାରେ ୩୦୦ ମହାରଣା ରହିଥିଲେ। ତେଣୁ ଏହି ମନ୍ଦିର ବଢ଼େଇ ମନ୍ଦିର ଭାବରେ ମଧ ପ୍ରସିଦ୍ଧ ହୋଇଯାଇଥିଲା। ଦୁଇଟି ମନ୍ଦିର ଦେଖିହେଉଛି। ଆଉ ଦୁଇଟି ଅଧାଭଙ୍ଗା ହୋଇ ଧ୍ୱଂସପଥରେ ଆଗେଇ ଚାଲିଛି। 'ଗୋପ' ନିକଟରେ ରହିଛି କିଲ୍ଲା ବୟାଳିଶ ବାଟି। ସେଇ ମନ୍ଦିରର ମଧ ମୁଣ୍ଡି ମରାଯାଇଥିଲା କି ନା ଜଣା ପଡୁନାହିଁ। ଦଧିନଉତି ଉପରକୁ ନାହିଁ। ଏହି ମନ୍ଦିରର ନିର୍ମାଣ ପାଇଁ ଗଙ୍ଗା ମହାପାତ୍ରଙ୍କ ଆଦେଶରେ ପଥରସବୁ ୧୨ଟି ଶଗଡ଼ରେ ବୈୟାଳିଶ ବାଟିକୁ ପ୍ରଥମେ ଆସିଥିଲା। ଭିତ୍ତିଭୂମି ସ୍ଥିର କରି ମାପଚୁପ କରିଥିଲେ ସୂତ୍ରଧର (ସଦାଶିବ ସାମନ୍ତରାୟ ମହାପାତ୍ର)ଙ୍କ ପୁତ୍ର ଧର୍ମ ମହାପାତ୍ର। ସେଇ ଧର୍ମପଦ ଇଯେ ; ଯାହାଙ୍କୁ ନେଇ ଅସରନ୍ତି କିମ୍ବଦନ୍ତୀ, ଶେଷହୀନ ଜନଶ୍ରୁତି। ସେ ହାତୀରେ ବସି କୋଣାଦିତ୍ୟରୁ ଆସିଥିଲେ କିଲ୍ଲା ବୟାଳିଶ ବାଟିକୁ। ପୋଥିର ୪୯ ପତ୍ର କଥା ଇୟେ। କିନ୍ତୁ ଆମେ ତାଙ୍କୁ ଜନଶ୍ରୁତିରେ ମାରିଦେଇଛେ।

ମାପଚୁପ ଦେବାପରେ କିଲ୍ଲା ବୟାଳିଶ ବାଟି ଆସ୍ଥାନରେ ତିନିଶହ ବିଶ୍ୱକର୍ମା ଗଢ଼ିଥିଲେ ଦେବୀ ଗଙ୍ଗେଶ୍ୱରୀଙ୍କ ମନ୍ଦିର। ମା' ଗଙ୍ଗେଶ୍ୱରୀ ଥିଲେ ଶକ୍ତି ପ୍ରଦାୟିନୀ। ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପୂର୍ବରୁ ଗଢ଼ାସରିଥିଲା ଏଇ ମନ୍ଦିର। ଏଇ କିଲ୍ଲାର ଭ୍ରମରବର ହରିଚନ୍ଦନଙ୍କୁ ଆମେ ସ୍ମରଣ କରିବା ; ଯାହାଙ୍କୁ ଗଜପତି ଦେଇଥିଲେ ମନ୍ଦିରର ହିସାବ-ନିକାଶ ଦାୟିତ୍ୱ। ଠିକ୍ ସେହିପରି 'ଚଉରାଶି'ରେ ତିନିଶହ ବିଶ୍ୱକର୍ମା ରହିବା ପୂର୍ବରୁ ଗଢ଼ିଉଠିଥିଲା ମା' ବାରାହୀଙ୍କ ମନ୍ଦିର। ମା' ଗଙ୍ଗେଶ୍ୱରୀ ଯଜ୍ଞରେ ପ୍ରତିଷ୍ଠା ପାଇଲାପରି ମା' ବାରାହୀ ମଧ ଯଜ୍ଞରେ ପ୍ରତିଷ୍ଠା ହୋଇଥିଲେ। ତାଙ୍କୁ କୁହାଯାଏ ଯଜ୍ଞବାରାହୀ। ଯଜ୍ଞ ହୋଇ ପବିତ୍ର ହୋଇଥିଲା ଗୋଲରାଗଡ଼। ସେଇଠି ରହୁଥିଲେ ତିନିଶହ ବିଶ୍ୱକର୍ମା। ଯଜ୍ଞ ଅନୁଷ୍ଠାନରେ ସେମାନେ ଯେଉଁ ଶକ୍ତିମୟୀଙ୍କୁ ପ୍ରତିଷ୍ଠା କରିଥିଲେ ସେ ଥିଲେ ଯଜ୍ଞବରୁଣେଇ। ଲିଭି ଲିଭି ଆସୁଛି ସେ ଐତିହ୍ୟ। ତିନିଶହ ବିଶ୍ୱକର୍ମା ଗଡ଼ରୂପାସରେ ରହୁଥିଲେ। ତାଙ୍କର ଉପାସ୍ୟ ଥିଲେ 'ବଡ଼ତାରା'। ବଡ଼ତାରାଙ୍କଠାରୁ ଗଡ଼ଦେବୀ ମା' କନକଦୁର୍ଗାଙ୍କୁ ମୁଣ୍ଡିଆ ମାରି ହତିଆର ଧରି ସେମାନେ ବାହାରି ଯାଉଥିଲେ 'ବଢ଼େଇଗୋହିରି' ଦେଇ ପଦ୍ମତୋଳା ଗଣ୍ଡ ନିକଟକୁ। ଏହି ଗଡ଼ର ଦଳବେହେରା ଆମ ଜାତିର ନମସ୍ୟ ପୁରୁଷ। ସେହି 'ବିଶ୍ୱାସପୁରୁଷ'ଙ୍କ ଉପରେ ଥିଲା ନିର୍ମାଣ ପରିଚାଳନା ଦାୟିତ୍ୱ। ଚାରି ଆସ୍ଥାନରୁ ଆସିଲେ ବି ଶେଷରେ ମା' ଭଗବତୀଙ୍କ ଆଶ୍ରିତ ହୋଇ କାମ ଆରମ୍ଭ କରୁଥିଲେ।



ଗଡ଼ରୂପାସର ଉପାସ୍ୟା ଦେବୀ ବଡ଼ତାରା।

## ୧୩୧ ପିଲା ସଂକ୍ରମିତ

ଭୁବନେଶ୍ୱର, ୫।୯(ବ୍ୟୁରୋ)

ରାଜ୍ୟରେ ପୁଣି ୧୩୧ ପିଲା କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଗତ ୨୪ ଘଣ୍ଟାରେ ୭୨,୪୧୨ ନମୁନା ପରୀକ୍ଷା ହୋଇଥିବାବେଳେ ୮୦୫ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧରେ ୧୮ବର୍ଷରୁ କମ୍ ବୟସର ପିଲା ୧୩୧ଜଣ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡ଼ିଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧରୁ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୩୪୬ଜଣ ରହିଛନ୍ତି। ଫଳରେ ମୋଟ ସଂକ୍ରମିତ ସଂଖ୍ୟା ୧୦,୧୧,୫୫୮କୁ ବୃଦ୍ଧି ପାଇଛି। ସେପଟେ ରାଜ୍ୟରେ ଆଉ ୭ଜଣଙ୍କ ମୃତ୍ୟୁ ଘଟିଛି। ଅନୁଗୋଳ ଓ ବାଲେଶ୍ୱରରୁ ୨ଜଣ ଲେଖାଏ ଥିବାବେଳେ ଭଦ୍ରକ, କଟକ ଓ ଖୋର୍ଦ୍ଧାରୁ ଜଣେ ଲେଖାଏ ଆକ୍ରାନ୍ତ ଆଖି ବୁଜିଛନ୍ତି। ମୋଟ କରୋନା ମୃତ୍ୟୁ ୮,୦୪୭କୁ ଛୁଇଁଛି।


**ତହସିଲ କାର୍ଯ୍ୟାଳୟ, ଖୋର୍ଦ୍ଧା**
**ନିଲାମ ବିଜ୍ଞାପନ**

ବିଜ୍ଞାପନ ସଂଖ୍ୟା 5648 ତାରିଖ 06.9.2021

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଖୋର୍ଦ୍ଧା ତହସିଲ ଅଧୀନରେ ଥିବା ଦୁଇଗୋଟି ମାଙ୍କଡ଼ା ପଥର ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଚମ୍ପାଝର ମାଙ୍କଡ଼ା ପଥର ସୈରାତ ଉତ୍ସ-୧ ଓ ଚମ୍ପାଝର ମାଙ୍କଡ଼ା ପଥର ସୈରାତ-୨ଗୁଡ଼ିକର ଆଗାମୀ ପାଞ୍ଚବର୍ଷ ନିମନ୍ତେ (ଦୀର୍ଘ ମିଆଦୀ) ଲିଜ୍ ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ। ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ଆବେଦନର ବିବରଣୀ ଓ ନିୟମାବଳୀ ଖୋର୍ଦ୍ଧା ଜିଲ୍ଲା ୱେବ୍‌ସାଇଟ୍ www.khordha.nic.inରେ ଉପଲବ୍ଧ ଅଛି। ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ଖୋର୍ଦ୍ଧା ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି। ଦରଖାସ୍ତ ରେଜିଷ୍ଟ୍ରି / ସ୍ପିଡ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ ଥିବା Tender Boxରେ ପକାଇପାରିବେ। ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା୧୩।୦୯।୨୦୨୧ରିଖଠାରୁ ତା୩୦।୦୯।୨୦୨୧ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି। ଧାର୍ଯ୍ୟ ସମୟ ଗତେ ଦରଖାସ୍ତ ଗ୍ରହଣୀୟ ହେବନାହିଁ।

ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା୦୧।୧୦।୨୦୨୧ରିଖ ୧୧ ଘଟିକାରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୂଡାନ୍ତ କରାଯିବ। କୌଣସି କାରଣରୁ ନିଲାମ ନ ହୋଇପାରିଲେ ଦ୍ୱିତୀୟ ତା୦୪।୧୦।୨୦୨୧ରିଖ ଏବଂ ଦ୍ୱିତୀୟ ତାରିଖରେ ନ ହୋଇପାରିଲେ ତୃତୀୟ ତା୦୭।୧୦।୨୦୨୧ରିଖରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀ ଏବଂ ଜିଲାପାଳ, ଖୋର୍ଦ୍ଧାଙ୍କର କ୍ଷମତା ପରିସରଭୁକ୍ତ ଅଟେ।

ସ୍ୱା./- ତହସିଲଦାର, ଖୋର୍ଦ୍ଧା



**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office: Burla, Dist.- Sambalpur (Odisha)- 768017

**CORRIGENDUM-II**

Tender Enquiry No. TPWODL/SD/O/SER/029/Corrigendum/002
Rate Contract for Revenue Recovery of Permanent & Temporary Disconnected and Live Cases

Extension of due date for payment of Tender Fee towards purchase of Tender Documents and Revised Calendar events.

All interested prospective bidders may kindly note the following modification to the calendar of events of the open Tender No.

Clause 1.3: Revised Calendar of Events shall be as mentioned below:-

| Srl. | Calendar of Events | Existing Schedule | Revised Schedule | Revised Schedule |
|---|---|---|---|---|
| 1 | Date of sale/ availability of tender documents from TPWODL website | 03.08.2021, 15.00 hrs. | 03.08.2021, 15.00 hrs. | 03.08.2021, 15.00 hrs. |
| 2 | Last date and time of payment of tender fee | 11.08.2021, 15.00 hrs. | 21.08.2021, 15.00 hrs. | 09.09.2021, 15.00 hrs. |
| 3 | Last date of receipt of pre-bid queries, if any | 14.08.2021, 15.00 hrs. | 24.08.2021, 15.00 hrs. | 14.09.2021, 15.00 hrs. |
| 4 | Last date of posting consolidated replies to all the pre-bid queries as received | 18.08.2021, 15.00 hrs. | 28.08.2021, 15.00 hrs. | 16.09.2021, 15.00 hrs. |
| 5 | Last date and time of receipt of bids | 23.08.2021, 15.00 hrs. | 03.09.2021, 15.00 hrs. | 20.09.2021, 15.00 hrs. |

All other terms and conditions of the above tender will remain same.

Sd./- Chief-Contracts and Stores

# ଇନ୍‌ଫେକ୍‌ଶନ ବଢ଼ାଏ ଡାଇବେଟିସ୍

**ଆ**ଜିକାଲି ଡାଇବେଟିସ୍ ଏକ ସାଧାରଣ ରୋଗ ପାଲଟି ଗଲାଣି। ପ୍ରାରମ୍ଭରୁ ଏହାର ଲକ୍ଷଣ ବିଷୟରେ ଅବଗତ ହୋଇ ଚିକିତ୍ସା କରାଇଲେ ତାହା ନିୟନ୍ତ୍ରଣରେ ରହିଥାଏ। ଯଦି ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହିଲା, ତେବେ ତାହା ପରବର୍ତ୍ତୀ ସମୟରେ ଜଟିଳ ସମସ୍ୟା ସୃଷ୍ଟି କରିଥାଏ। ଅସନ୍ତୁଳିତ ଜୀବନଶୈଳୀ, ଖାଦ୍ୟପେୟ ଆଦି ଏପରି ସମସ୍ୟା ପାଇଁ ଦାୟୀ। ତେବେ ଏକ ପ୍ରକାର ଇନ୍‌ଫେକ୍‌ଶନ ପାଇଁ ଟାଇପ୍-୧ ଡାଇବେଟିସ୍ ହେବାର ଆଶଙ୍କା ରହିଛି। ତାହା ହେଲା 'ରୋଟୋଭାଇରସ୍ ଇନ୍‌ଫେକ୍‌ଶନ'।



ତେବେ ଏପରି ଇନ୍‌ଫେକ୍‌ଶନଠାରୁ ନିଜକୁ ଦୂରେଇ ରଖିବାର ଉପାୟ ମଧ୍ୟ ରହିଛି। ତାହା ଟିକା। ଏହାଦ୍ୱାରା ରୋଟୋଭାଇରସ୍ ଇନ୍‌ଫେକ୍‌ଶନ ହେବାର ଆଶଙ୍କା କେତେକାଂଶରେ କମ୍ ଥାଏ ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। କେତେ ଜଣ ଟାଇପ୍-୧ ଡାଇବେଟିସ୍ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରୁଥିବା ସମୟରେ ସେମାନେ ଏପରି ଇନ୍‌ଫେକ୍‌ଶନ ବିଷୟରେ ଜାଣିପାରିଥିଲେ।



# ବୁଦ୍ଧିମତ୍ତା ବିକାଶ ଅନ୍ତରାଳେ..

**ଜ**ଣେ ବ୍ୟକ୍ତିର ବୁଦ୍ଧିମତ୍ତା ତାଙ୍କର ବ୍ୟବହାର ଉପରେ ନିର୍ଭର କରେ। ନିଜର ବ୍ୟକ୍ତିତ୍ୱକୁ ଆହୁରି ପରିପ୍ରକାଶ କରିବା ପାଇଁ ଉତ୍ତମ ବ୍ୟବହାରର ଆବଶ୍ୟକତା ରହିଛି। ତେବେ ଏହାଦ୍ୱାରା ଜଣେ ବ୍ୟକ୍ତିଙ୍କର ବୁଦ୍ଧିମତ୍ତାର ବିକାଶ ଘଟିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। 'ଉତ୍ତମ ବ୍ୟବହାର ଓ ବୁଦ୍ଧିମତ୍ତା' ବିଷୟକୁ ନେଇ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ କରିଥିବା ଏକ ସର୍ଭେରୁ ଏକଥା ଜାଣିପାରିଛନ୍ତି। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ବ୍ୟବହାର ଉତ୍ତମ ଥିଲା, ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ଅନ୍ୟମାନଙ୍କ ତୁଳନାରେ ପ୍ରଖର ଥିଲା ବୋଲି ପ୍ରକାଶିତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଉତ୍ତମ ବ୍ୟବହାର ନିଜ ଉପରେ ହିଁ ନିର୍ଭର କରେ। ସେଥିପାଇଁ ନିଜ ମାନସିକତାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଅଯଥାରେ ଟେନ୍‌ସନକୁ ଡାକିଆଣିଲେ ତାହାର ପ୍ରଭାବ ବ୍ୟବହାର ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି।

# ସାଇନସ୍‌ର ଘରୋଇ ଉପଚାର

**ସା**ଇନସ୍ ହେଉଛି ଏକ ଶ୍ୱାସଜନିତ ସମସ୍ୟା। ସାଧାରଣତଃ ବ୍ୟାକ୍ଟେରିଆ, ଫଙ୍ଗଲ୍ ଇନ୍‌ଫେକ୍‌ଶନ, ନାକରେ ହାଡ଼ ବଢ଼ି ତେଢ଼ା ହୋଇଯିବା ଦ୍ୱାରା ଏପରି ସମସ୍ୟା ଦେଖାଦେଇଥାଏ। ଅନ୍ୟପକ୍ଷରେ ଥଣ୍ଡା ପବନ, ଧୂଳି, ଧୂଆଁ ସଂସ୍ପର୍ଶରେ ଆସିଲେ ଏହି ସମସ୍ୟା ଆହୁରି ବଢ଼ିଯାଏ। ମୁଣ୍ଡ ପ୍ରବଳ ଦରଜ ହେବା, ଜ୍ୱର ଆସିବା, ନାକରେ କଫ ଆସିବା ଏବଂ ଦାନ୍ତ ଦରଜ ହେବା ଆଦି ଏହାର ପ୍ରମୁଖ ଲକ୍ଷଣ। ତେବେ ଏପରି କେତୋଟି ଘରୋଇ ଉପଚାର ରହିଛି, ଯାହାକୁ ଆପଣେଇ ପାରିଲେ ସାଇନସ୍ ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ପୋଦିନା, ଲେମ୍ବୁରସ ଏବଂ ଲବଙ୍ଗ ତେଲକୁ ମିଶାଇ ଉଷୁମ କରନ୍ତୁ। ଏହି ମିଶ୍ରଣକୁ କପାଳ ଏବଂ ନାକରେ ମାଲିସ୍ କଲେ ସାଇନସ୍‌ରୁ ଆରାମ ମିଳେ। ଅଦା, ତୁଳସୀ, ଲବଙ୍ଗ, ଅଳେଇଚ ମିଶ୍ରିତ ଚା' ପିଇଲେ ଏଥିରୁ କେତେକାଂଶରେ ଉପଶମ ଲାଗିଥାଏ। ଟମାଟୋ, ରସୁଣ ପେଷ୍ଟ କରି ସେଥିରେ ଅଳ୍ପ ଲୁଣ ଏବଂ ଗୋଲମରିଚ ଗୁଣ୍ଡ ମିଶାନ୍ତୁ। ଏଗୁଡ଼ିକୁ ଉଷୁମ ପାଣିରେ ମିଶାଇ ସୁପ୍ ଆକାରରେ ପିଅନ୍ତୁ। ଏହାଦ୍ୱାରା ସାଇନସ୍ ସମସ୍ୟାରୁ କେତେକାଂଶରେ ଆରାମ ଲାଗିବ।





ଡା. ନିତ୍ୟାନନ୍ଦ ସ୍ୱାଇଁ



# ବିଜ୍ଞାନ ଓ ସାମ୍ବାଦିକତା

"ଆଦିମାନବ ହିଁ ଥିଲା ପୃଥିବୀର ପ୍ରଥମ ସାମ୍ବାଦିକ। ଯେଉଁ ଆଦିମାନବଟି ସର୍ବପ୍ରଥମେ ଅଗ୍ନିର ସନ୍ଧାନ ପାଇଥିଲା, ସେ ତୁରନ୍ତ ତାହା ଜଣାଇ ଦେଇଥିଲା ତା'ର ପାଖ ଲୋକଟିକୁ। ଫଳରେ ସେହି ମୁହୂର୍ତ୍ତରେ ହିଁ ଜନ୍ମ ନେଲା ପୃଥିବୀର ପ୍ରଥମ ଖବର। ସେହିଦିନଠାରୁ ସଭ୍ୟତାର ସୁଦୀର୍ଘ ପଥ ଅତିକ୍ରମ କରି ଖବର ତା'ର ଜୟଯାତ୍ରା ଅବ୍ୟାହତ ରଖିଆସିଛି।"

**ସା**ରା ବିଶ୍ୱରେ ପ୍ରତିଦିନ ଓ ପ୍ରତି ମୁହୂର୍ତ୍ତରେ ଘଟି ଚାଲିଛି ଅସଂଖ୍ୟ ଘଟଣା। କିନ୍ତୁ ସବୁ ଘଟଣା ଖବର ଭାବରେ ଗୁରୁତ୍ୱ ପାଇନଥାଏ। ଯେଉଁ ଘଟଣାଟି ଗୁରୁତ୍ୱ ପାଇଥାଏ, ସେହି ଘଟଣାଟି ହୋଇପଡ଼େ ଏକ 'ଖବର'। ମାତ୍ର ଘଟଣାଗୁଡ଼ିକ ମଧ୍ୟରୁ କେଉଁ ଘଟଣାଟିକୁ ଗୁରୁତ୍ୱ ଦିଆଯିବ ଓ କେଉଁ ଘଟଣାକୁ ଗୁରୁତ୍ୱ ଦିଆଯିବନି, ତାହା ଚୟନ କରିଥାଆନ୍ତି ସାମ୍ବାଦିକ। ମାତ୍ର ଏହି ଚୟନ ଯଦୃଚ୍ଛା ନୁହେଁ। ଏହାର ରହିଛି ନିର୍ଦ୍ଦିଷ୍ଟ ମାପକାଠି। ପ୍ରଥମତଃ ସାମ୍ବାଦିକ ଜଣକ ତାଙ୍କ ନିର୍ଦ୍ଦିଷ୍ଟ ଖବର ସରବରାହ ସଂସ୍ଥାର ନୀତିକୁ ଉପେକ୍ଷା କରିବାର ପ୍ରଶ୍ନ ହିଁ ଉଠେନି କି ତାହା ଆଦୌ କାମ୍ୟ ନୁହେଁ ମଧ୍ୟ। ଦ୍ୱିତୀୟତଃ ସାମ୍ବାଦିକତାର ନୀତି-ନୈତିକତା ସାମାଜିକ ଦାୟ-ଦାୟିତ୍ୱକୁ ମନ ଓ ଚିନ୍ତାରେ ରଖି ଖବର ଚୟନ କରିବା ମଧ୍ୟ ସାମ୍ବାଦିକଙ୍କ ପକ୍ଷେ ବାଞ୍ଛନୀୟ।

ସାମ୍ବାଦିକ ସତତ ସମ୍ବାଦସନ୍ଧାନୀ। ତେଣୁ ସାମ୍ବାଦିକଙ୍କୁ ଜାଣିବା ପାଇଁ ପଡ଼େ ଖବରର ଉତ୍ସ। ହେଲେ ଖବରର ଉତ୍ସ କ'ଣ? ଏହାର ଉତ୍ସ ମଣିଷର କାର୍ଯ୍ୟକଳାପରେ, ମଣିଷର ସତ୍ୟସନ୍ଧାନରେ, ମଣିଷ ସଂଗ୍ରାମରେ। କହିବାକୁ ଗଲେ ମଣିଷ ହିଁ ସମସ୍ତ ଖବରର ମୂଳ ଉପାଦାନ। ମଣିଷକୁ ବାଦ୍ ଦେଲେ ଖବର ସମ୍ଭବ ନୁହେଁ। ଆଦିମାନବ ହିଁ ଥିଲା ପୃଥିବୀର ପ୍ରଥମ ସାମ୍ବାଦିକ। ଯେଉଁ ଆଦିମାନବଟି ସର୍ବପ୍ରଥମେ ଅଗ୍ନିର ସନ୍ଧାନ ପାଇଥିଲା। ସେ ତୁରନ୍ତ ତାହା ଜଣାଇ ଦେଇଥିଲା ତା'ର ପାଖ ଲୋକଟିକୁ। ଫଳରେ ସେହି ମୁହୂର୍ତ୍ତରେ ହିଁ ଜନ୍ମନେଲା ପୃଥିବୀର ପ୍ରଥମ ଖବର। ସେହିଦିନଠାରୁ ସଭ୍ୟତାର ସୁଦୀର୍ଘ ପଥ ଅତିକ୍ରମ କରି ଖବର ତା'ର ଜୟଯାତ୍ରା ଅବ୍ୟାହତ ରଖିଆସିଛି। ଖବରର ବିବର୍ତ୍ତନ ଘଟିଛି। ଏହାର ସଂଜ୍ଞା ନିର୍ଦ୍ଧାରିତ ହୋଇଛି। ସେଥିପାଇଁ ଆଜି ଆମ ମନରେ ରହିଛି ଖବର ମାନେ ସତ୍ୟର ଖୋଜଖବର। ଖବରମାନେ ମଣିଷର କଲ୍ୟାଣସାଧନ ପାଇଁ ଉଦ୍ୟମ।

ହେଲେ ପ୍ରଶ୍ନଉଠେ, ମଣିଷକୁ କେନ୍ଦ୍ର ନ କରି ଖବର ସମ୍ଭବ କି? ନା ସମ୍ଭବ ନୁହେଁ। ପ୍ରତ୍ୟେକ ଖବରରେ ମଣିଷ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଜଡ଼ିତ। ବିଜ୍ଞାନ ହେଲା ଜଗତ ଓ ଜୀବନର ରହସ୍ୟ ଜାଣିବା ପାଇଁ ପରୀକ୍ଷା ଓ ପର୍ଯ୍ୟବେକ୍ଷଣର ଅନୁଶୀଳନ ଓ ଏହା ସମସ୍ୟା ସମାଧାନର ଏକ ବିଶେଷଜ୍ଞାନ। ଏହି ଅର୍ଥରେ ବିଜ୍ଞାନ ମୂଳ ଲକ୍ଷ୍ୟ ମାନବକଲ୍ୟାଣ। ଆଦିମାନବ କ୍ଷେତ୍ରରେ ନିଆଁ ଜଳେଇ ପାରିବାର ସଫଳତା ଥିଲା ବିଜ୍ଞାନର ଏକ ଅଚେତନ ପ୍ରୟାସ। କିନ୍ତୁ ଏହି ପ୍ରୟାସ ଯେତେବେଳେ ଆହୁରି ଅନେକ ପ୍ରୟାସକୁ ସଫଳ କରି ତୋଳିଲା, ସେତେବେଳେ ତାହା ହୋଇ ଉଠିଲା ବିଜ୍ଞାନ। କିନ୍ତୁ ନିଆଁ ପ୍ରଜ୍ୱଳିତ ହେବାର ପଶ୍ଚାତ୍‌ରେ ରହିଥିବା କାରଣଟା ଜାଣିନେବା ପରେ ଏହି ସଫଳ ପ୍ରୟାସର କାହାଣୀ ହୋଇଉଠିଲା ଏକ ବିଜ୍ଞାନ ଖବର। ସଭ୍ୟତାର ଆଦିକାଳରୁ ବିଜ୍ଞାନ ଓ ଖବର ଏହିପରି ଭାବରେ ହାତ ଧରାଧରି ହୋଇ ଆଗେଇ ଚାଲିଛନ୍ତି।

ମାତ୍ର ପ୍ରଶ୍ନ ଉଠେ, ବିଜ୍ଞାନ ଓ ଖବର ମଧ୍ୟରେ ମେଳ କେଉଁଠି? ବିଜ୍ଞାନ ହେଲା ସତ୍ୟନିଷ୍ଠ। ପ୍ରଶ୍ନହୀନ ଅନୁଗତ୍ୟ ଏବଂ କୁସଂସ୍କାର ଅନ୍ଧବିଶ୍ୱାସ ଓ ମିଥ୍ୟାଚାର ବିରୋଧରେ ଆପୋସହୀନ ସଂଗ୍ରାମ ଚଳେଇ ବିଜ୍ଞାନ ନିଜକୁ ପ୍ରତିଷ୍ଠିତ କରିଥାଏ। ଖବର ମଧ୍ୟ ସତ୍ୟନିଷ୍ଠ, ଗୁଜବ, ଗୋପନୀୟତା ତଥା କୌଣସି ବିଷୟକୁ ପ୍ରକାଶ ନ କରି ଚାପି ରଖିବା ଭଳି ଘଟଣା ଗୁଡ଼ିକ ବିରୋଧରେ କ୍ରମାଗତ ଲଢ଼େଇ ଚଳେଇ ଖବର ମଧ୍ୟ ଗଢ଼ିତୋଳେ ନିଜ ସତ୍ୟର ଭିତ୍ତି। ବିଜ୍ଞାନର ଭିତ୍ତି ବାସ୍ତବ ଜ୍ଞାନ; ପାର୍ଥିବ ଓ ପ୍ରାକୃତିକ ଜ୍ଞାନ। ଅନୁରୂପ ଭାବେ ଖବର ମଧ୍ୟ ବସ୍ତୁନିଷ୍ଠ। ବସ୍ତୁନିଷ୍ଠତା ବିନା ସତ୍ୟ ଖବର ସମ୍ଭବ ନୁହେଁ। ବିଜ୍ଞାନ ଯଥାର୍ଥ ସତ୍ୟ ଓ ତତ୍ତ୍ୱ ଉପରେ ନିର୍ଭରଶୀଳ।

ବିଜ୍ଞାନର ରହିଛି ଦୁଇଟି ଦିଗ-ଗୋଟିଏ ତଥ୍ୟ ଓ ତତ୍ତ୍ୱର ଦିଗ ଏବଂ ଅନ୍ୟଟି ବିଜ୍ଞାନର ଦର୍ଶନଜାତ ବିଜ୍ଞାନମନସ୍କତାର ଦିଗ। ଦୁଇଟି ପ୍ରଧାନ ଚରିତ୍ର ମଧ୍ୟ ରହିଛି ସାମ୍ବାଦିକତାର। ଏକ ଖବର ଯୋଗାଣମୂଳକ ଏବଂ ଦୁଇ -ସର୍ଜନଶୀଳ। ବିଜ୍ଞାନର ତଥ୍ୟ ଓ ତତ୍ତ୍ୱର ଦିଗଟା ଉପଲବ୍ଧ ହୋଇଥାଏ ଆନୁଷ୍ଠାନିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରୁ। କିନ୍ତୁ ବିଜ୍ଞାନର ଦର୍ଶନଜାତ ବିଜ୍ଞାନ ମନସ୍କତାର ଶିକ୍ଷା ଉପଲବ୍ଧ ହୋଇଥାଏ ବ୍ୟକ୍ତିଗତ ଅନୁଶୀଳନ ଏବଂ ଏହି ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ବିଜ୍ଞାନ ସଂଗଠନ ଗୁଡ଼ିକରୁ। ସେହିପରି ସାଂପ୍ରତିକ ଓ ନିକଟ ଅତୀତର ଘଟଣାର ସମ୍ବାଦ ପେସ କରିବା ସାମ୍ବାଦିକତାର ଗୋଟିଏ ଦିଗ। କିନ୍ତୁ ସାମ୍ବାଦିକର ମୌଳିକ ଲକ୍ଷ୍ୟ ବିଜ୍ଞାନନିଷ୍ଠ ଚିନ୍ତାର ଆଲୋକରେ ପାଠକର ମନ-ମନନ-ମାନସିକତାର ଗଠନ। ଏହା ହିଁ ସର୍ଜନଶୀଳ ସାମ୍ବାଦିକତା।

ତେବେ ପ୍ରତ୍ୟେକ ଘଟଣାର ସମ୍ବାଦ ପରିବେଷଣରେ ସାମ୍ବାଦିକଙ୍କୁ ଉପରୋକ୍ତ 'କିଏ', 'କଅଣ', 'କାହିଁକି', 'କିପରି', 'କେତେବେଳେ' ଓ 'କେଉଁଠାରେ' ସେହି ଛଅଟି ପ୍ରଶ୍ନର ଉତ୍ତର ଜାଣିବା ଅପରିହାର୍ଯ୍ୟ। ଏହି ପ୍ରଶ୍ନ ଗୁଡ଼ିକର ଯଥାଯଥ ଉତ୍ତର ପାଇଗଲେ ତାହା ହୋଇଉଠେ ଯଥାର୍ଥ ଖବର। ବୈଜ୍ଞାନିକ ମନୋଭାବ ପୋଷଣ କରି ଆସୁଥିବା ସାମ୍ବାଦିକ ହିଁ ସଠିକ ଭାବରେ ମାନବକଲ୍ୟାଣ ଉଦ୍ଦେଶ୍ୟରେ କାର୍ଯ୍ୟରେ ଲଗେଇ ପାରନ୍ତି ନିଜର ପେସାଗତ ଦକ୍ଷତା।

*-ଅଭୀପ୍ସା, ସେକ୍ଟର-୬, ପ୍ଲଟ ନଂ-୧୧୩୧, ସିଡିଏ, କଟକ-୧୪*
*ମୋ : ୮୩୨୮୯୭୫୧୧୮*





# ଚକ୍ଷୁଦାନ ସମ୍ପର୍କରେ..

"ଚକ୍ଷୁ ଦାନ ପାଇଁ ଆପଣ ନିଜକୁ କୌଣସି ଚକ୍ଷୁ ବ୍ୟାଙ୍କ୍ ବା ଚକ୍ଷୁ ଡାକ୍ତରଖାନା ମାଧ୍ୟମରେ ଠିକ୍ ଫର୍ମାଟ୍‌ରେ ନିଜକୁ ରେଜିଷ୍ଟର୍ କରାଇ ନିଅନ୍ତୁ। ଯଦି କେହି ଆଗରୁ ରେଜିଷ୍ଟର କରାଇନାହାନ୍ତି, ତେବେ ବି ମୃତ ବ୍ୟକ୍ତିଙ୍କର ନିକଟ ପରିବାରବର୍ଗ କେହି ଫୋନ୍ କରି ଚକ୍ଷୁଦାନ ହେଲ୍ପଲାଇନ୍‌କୁ ଜଣେଇପାରିବେ। ଚକ୍ଷୁ ବ୍ୟାଙ୍କ୍ ତରଫରୁ ଡାକ୍ତର ଟିମ୍ ଯାଇ ଚକ୍ଷୁ କଲେକ୍ସନ୍ କରିବେ।"

**ପ୍ରତିବର୍ଷ ଅଗଷ୍ଟ ୨୮- ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ପାଳିତ ହୋଇଥାଏ 'ଜାତୀୟ ଚକ୍ଷୁଦାନ ପକ୍ଷ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**



- ଡା. ଶୁଭବ୍ରତା ପରିଡ଼ା

**କ**ଥାରେ ଅଛି, ଯଦି ଆପଣ ମୃତ୍ୟୁ ପରେ ବି ଏ ସୁନ୍ଦର ପୃଥିବୀକୁ ଉପଭୋଗ କରିବାକୁ ଚାହୁଁଛନ୍ତି, ତେବେ ଚକ୍ଷୁଦାନ କରନ୍ତୁ। ଏହା ଅକ୍ଷରେ ଅକ୍ଷରେ ସତ୍ୟ। ଚକ୍ଷୁଦାନ ଦ୍ୱାରା ଆମେ ଯେ କେବଳ ଦୁଇ ଜଣ ଦୃଷ୍ଟି ଶକ୍ତି ହରାଇଥିବା ବ୍ୟକ୍ତିଙ୍କୁ ଦୃଷ୍ଟିଦାନ କରିବା ତାହା ନୁହେଁ, ତଦ୍ୱାରା ଆମେ ନିଜକୁ ମଧ୍ୟ ବଞ୍ଚେଇ ରଖିପାରିବା। ଆମ ପରିବାର, ବନ୍ଧୁ ପରିଜନଙ୍କୁ ମଧ୍ୟ ଗର୍ବିତ କରେଇ ପାରିବେ।



ଚକ୍ଷୁଦାନ ପାଇଁ ଆପଣ ନିଜକୁ କୌଣସି ଚକ୍ଷୁ ବ୍ୟାଙ୍କ୍ ବା ଚକ୍ଷୁ ଡାକ୍ତରଖାନା ମାଧ୍ୟମରେ ଠିକ୍ ଫର୍ମାଟ୍‌ରେ ନିଜକୁ ରେଜିଷ୍ଟର୍ କରାଇ ନିଅନ୍ତୁ । ଯଦି କେହି ଆଗରୁ ରେଜିଷ୍ଟର କରାଇନାହାନ୍ତି, ତେବେ ବି ମୃତ ବ୍ୟକ୍ତିଙ୍କର ନିକଟ ପରିବାରବର୍ଗ କେହି ଫୋନ୍ କରି ଚକ୍ଷୁଦାନ ହେଲ୍ପଲାଇନ୍‌କୁ ଜଣେଇପାରିବେ। ଚକ୍ଷୁ ବ୍ୟାଙ୍କ୍ ତରଫରୁ ଡାକ୍ତର ଟିମ୍ ଯାଇ ଚକ୍ଷୁ କଲେକ୍ସନ୍ କରିବେ। ଏହା ଡାକ୍ତରଖାନା ସହ ନିଜ ଘରେ ମଧ୍ୟ ସମ୍ଭବ। କିନ୍ତୁ ଏହା ମୃତ୍ୟୁର ଛଅ ଘଣ୍ଟା ମଧ୍ୟରେ ହେବା ଦରକାର। ମୃତ୍ୟୁ ପରେ ଶରୀରକୁ ଛାଇରେ, ଥଣ୍ଡାରେ ବା ଏସି ରୁମ୍‌ରେ ରଖନ୍ତୁ। ଫ୍ୟାନ୍ ବନ୍ଦ କରିଦିଅନ୍ତୁ। ଚକ୍ଷୁ କଲେକ୍ସନ୍ ଟିମ୍ ଆସି ପହଞ୍ଚିବା ପର୍ଯ୍ୟନ୍ତ ଆଖିପତା ଦୁଇଟିକୁ ବନ୍ଦ କରି ଓଦା ତୁଳା ବା ରୁମାଲ୍‌ରେ ଘୋଡ଼େଇ ରଖନ୍ତୁ।

ଆଉ ଗୋଟିଏ କଥା ହେଲା, ଏଥିରେ ପୂରା ଚକ୍ଷୁକୁ ତଡ଼ାଯାଇ କଢ଼ାଯାଏ ନାହିଁ। କେବଳ ସ୍ୱଚ୍ଛ ପଟଳ ବା କର୍ଣ୍ଣିଆଟିକୁ କଢ଼ାଯାଇ ନିଆଯାଏ। ସେଥିରେ ଗୋଟିଏ ପ୍ଲାଷ୍ଟିକ୍ କ୍ୟାପ୍ ମଧ୍ୟ ଲଗାଇ ପତା ଦୁଇଟିକୁ ପୁନର୍ବାର ଘୋଡ଼େଇ ଦିଆଯାଏ । ତେଣୁ ବାହାରକୁ ମୋଟେ ବି ଅସୁନ୍ଦର ଜଣାଯାଏ ନାହିଁ।



ଏମିତି ବି ଯଦି ଆମେ ଚକ୍ଷୁଦାନ କରୁନାହୁଁ, ତେବେ ଏହା ନିଶ୍ଚିତ ଭାବରେ ନଷ୍ଟ ହୋଇଯାଉଛି। ଯେବେ ଆମେ ମୃତ ଶରୀରକୁ ମାଟିରେ ପୋତୁଛେ ବା ଅଗ୍ନିରେ ପୋଡୁଛେ, ଏହା କାହାର ବି କାମରେ ଲାଗି ପାରୁନାହିଁ। ତେଣୁ ଆସନ୍ତୁ, ଆମେ ସମସ୍ତେ ମିଶି ଏହି 'ଆଇ ଡୋନେଶନ୍ ଫର୍ ରାଇଟ୍'ରେ ଶପଥ କରିବା ଯେ, ମୃତ୍ୟୁ ପରେ ଆମେ ଆମର ଚକ୍ଷୁଦାନ କରିବା ଓ ସ୍ୱଚ୍ଛ ପଟଳଜନିତ ଅନ୍ଧତ୍ୱର ଦୂରୀକରଣ କରିବା। ମୃତ୍ୟୁ ପୂର୍ବରୁ ବା ପରେ ଆମେ ସମାଜ ପାଇଁ କିଛି ମହତ୍ କାମ କରିଯିବା। ଜଣେ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ଚକ୍ଷୁଦାନ କରିଯିବା ।

- ଚକ୍ଷୁ ବିଶେଷଜ୍ଞ, କଟକ
ମୋ : ୯୯୩୭୦୪୧୫୬୦

# ସ୍ୱାସ୍ଥ୍ୟ ସୂଚନା

- ଅଲଟ୍ରା ପ୍ରୋସେସ୍‌ଡ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ, ଚିପ୍ସ ଆଦି ଏହି ଶ୍ରେଣୀୟ ଖାଦ୍ୟ। ଏପରି ଖାଦ୍ୟ ଖାଇଲେ ଓଜନ ବଢ଼ାଇବାରେ ସାହାଯ୍ୟ କରିଥାଏ।
- ସବୁବେଳେ ନିଜର ଶୋଇବା ସମୟ ପ୍ରତି ନଜର ଦିଅନ୍ତୁ। ବିଳମ୍ବିତ ରାତିରେ ଶୋଇବା ଅଭ୍ୟାସ ଥିଲେ ତାହା ବଦଳାଇବାକୁ ଚେଷ୍ଟା କରନ୍ତୁ। ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବାକୁ ଚେଷ୍ଟା କରନ୍ତୁ।
- ଶୋଇବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। କାରଣ ଏହା ନିଦ୍ରାରେ ବାଧକ ସାଜିଥାଏ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବା, ତଟକା ଫଳମୂଳ ସାମିଲ କରନ୍ତୁ। ଏହା ଶରୀରକୁ ସୁସ୍ଥ ରଖିବା ସହ ମାନସିକତାକୁ ସକାରାତ୍ମକ ରଖିବାରେ ସାହାଯ୍ୟ କରିଥାଏ।
- ସବୁବେଳେ ପ୍ରୋଟିନଯୁକ୍ତ ଖାଦ୍ୟ ଖାଇଲେ ତାହା ଶରୀରରେ ନୂତନ କୋଷ (ସେଲ୍) ଏବଂ ଟିସୁ ସୃଷ୍ଟି କରିଥାଏ।



# ସନ୍ତୁଳିତ ରହିବ କୋଲେଷ୍ଟରଲ

**ଆ**ମ ଶରୀରରେ କୋଲେଷ୍ଟରଲ ସନ୍ତୁଳିତ ରହିବା ଜରୁରୀ। ତାହା ନ ହେଲେ ଆମେ କେତେକ ରୋଗର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେବେ ଏହାକୁ ସନ୍ତୁଳିତ ରଖିବାର ଏକ ସହଜ ଉପାୟ ରହିଛି। ତାହା ପୁଣି ହାତପାହାନ୍ତାରେ। ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ପରିମାଣର ମହୁ ଖାଆନ୍ତି, ତେବେ ତାଙ୍କ ଶରୀରରେ କୋଲେଷ୍ଟରଲ କେତେକାଂଶରେ ସନ୍ତୁଳିତ ରହିବ। ଏହାବ୍ୟତୀତ ମହୁରେ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି। ଏହାକୁ ନିୟମିତ ଖାଇଲେ ହୃଦ୍‌ରୋଗ, ଷ୍ଟ୍ରୋକ୍ ଆଦିର ଆଶଙ୍କା କେତେକାଂଶରେ କମ୍ ଥାଏ। ଲୋ ବ୍ଲଡପ୍ରେସର ରୋଗୀ ଏହାକୁ ଖାଇପାରନ୍ତି। ପାଚନକ୍ରିୟାକୁ ଅନେକାଂଶରେ ସକ୍ରିୟ କରାଇଥାଏ ମହୁ। ଏହା ମଧ୍ୟ କଫନାଶକ ଭାବରେ କାମ କରିଥାଏ।

# ଆଲର୍ଜି ଆଶଙ୍କା କମାଏ ଭିଟାମିନ୍ 'ଇ'

**ଭି**ଟାମିନ୍ 'ଇ'ରେ ଅନେକ ପ୍ରକାରର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ତେଣୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ସବୁଠାରୁ ଖାସ୍ କଥା ହେଲା, ଏପରି ଖାଦ୍ୟ ଶରୀରରେ ଲାଲ ରକ୍ତକୋଷିକା ଗଠନ କରିଥାଏ। ଏହା ମଧ୍ୟ ଆଣ୍ଟିଅକ୍ସିଡାଣ୍ଟ ପରି କାମ କରେ। ଭିଟାମିନ୍ 'ଇ' କେତେ ପରିମାଣରେ ଆଲର୍ଜି ଦୂର କରିବାରେ ସହାୟକ ହେଉଛି, ତାହା ଜାଣିବା ପାଇଁ ୟୁନିଭର୍ସିଟି ଅଫ୍ ଲଣ୍ଡନର ପୁଷ୍ଟିବିଜ୍ଞାନୀମାନେ ଏକ ଗବେଷଣା କରି ଏକଥା ଜାଣିପାରିଛନ୍ତି। ଆଲର୍ଜି ପରି ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ନିୟମିତ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ଅନ୍ତରାଳରେ ସେମାନେ ଆଲର୍ଜି ଦ୍ୱାରା ଆକ୍ରାନ୍ତ ହେଉଛନ୍ତି କି ନାହିଁ, ତାହାକୁ ତନ୍ନ ତନ୍ନ କରି ନିରୀକ୍ଷଣ କରିଥିଲେ ବିଶେଷଜ୍ଞମାନେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କ ଶରୀରରେ ଆଲର୍ଜି ପରିମାଣ କମୁଥିବାର ଜଣାପଡିଥିଲା। ବାଦାମ, ଆଳମଣ୍ଡ, ପୋଇ ଆଦିରେ ଭିଟାମିନ୍ 'ଇ' ଭରିରହିଛି।

## ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ରବିବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ପଏଡ଼ି କଲୋନିର ରାମଚନ୍ଦ୍ର ପୃଷ୍ଟି (୫୩)। ସୂଚନା ଅନୁଯାୟୀ, ଶନିବାର ସକାଳେ ବିଗ୍ ବଜାର ନିକଟରେ ସ୍ଥାନୀୟ ଥାନା ସତ୍ୟନଗରରେ ରହୁଥିବା ଅଭିମନ୍ୟୁ ମହାପାତ୍ରଙ୍କ ସହ ଅଭିଯୁକ୍ତଙ୍କର କୌମସି କାରଣକୁ ନେଇ ସାମାନ୍ୟ ବଚସା ହୋଇଥିଲା। ରାମଚନ୍ଦ୍ର ଏଥିରେ ରାଗ ରଖି ସନ୍ଧ୍ୟାରେ ଏକ ଲୁହା ରଡରେ ଅଭିମନ୍ୟୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଅଭିମନ୍ୟୁ ଆହତ ହୋଇଥିଲେ। ଏନେଇ ଅଭିଯୋଗ ହେବାପରେ ପୋଲିସ ମାମଲା (ନଂ-୨୯୩/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଅଙ୍ଗନୱାଡି କର୍ମଚାରୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚା, ଓଡ଼ିଶା ପକ୍ଷରୁ ଶୋଭାଯାତ୍ରା, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା କନିଷ୍ଠ ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ବିଧାନ ସଭା ଘେରାଉ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ହାଇୱା ଧକ୍କାରେ ବାପା ମୃତ, ଝିଅ ଗୁରୁତର

ବାରଙ୍ଗ,୫।୯(ଡି.ଏନ୍.ଏ.): ବାରଙ୍ଗ ଥାନା ଅଧୀନ ନରଣପୁର ବାଲିଘାଟ ରାସ୍ତା ନିକଟରେ ରବିବାର ଏକ ହାଇୱା ଧକ୍କାରେ ଜଣେ ବାଇକ ଚାଳକ(ବାପା)ଙ୍କ ମୃତ୍ୟୁ ହୋଇଥିବା ବେଳେ ୭ବର୍ଷର ଝିଅ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସାଇଁସ ପଞ୍ଚାୟତ କାଜିଡିହ ଗ୍ରାମର ମଦନ ପ୍ରଧାନ। ତାଙ୍କ ଝିଅକୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ମଦନ ଓ ତାଙ୍କ ଝିଅ ବାଇକରେ ତ୍ରିଶୁଳିଆ ପଟୁ ଘରକୁ ଯାଉଥିବା ବେଳେ ବର୍ଷା ହେବାରୁ ନରଣପୁର ବାଲିଘାଟ ରାସ୍ତା କୁଆଖାଇ ବ୍ରିଜ ପାଖରେ ଥିବା ଏକ ଦୋକାନରେ ଆଶ୍ରୟ ନେଇଥିଲେ। ବର୍ଷା ଛାଡିଯିବା ପରେ ମଦନ ଝିଅକୁ ଗାଡିରେ ବସାଇ ବାହାରୁଥିବା ବେଳେ ବାଲିକୁଦା ପଟୁ ଏକ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମଦନଙ୍କ ମୃତ୍ୟୁ ହୋଇଥିଲା। ପଥଚାରୀ ଏକ ଅଟୋରେ ବାପ ଝିଅଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଇବା ସହ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରି ତଦନ୍ତ ଚଳାଇଛି।

### ଉପବାସ ରଖିଲେ ମା' ପାର୍ବତୀ

#### ଶ୍ରୀଲିଙ୍ଗରାଜ ମନ୍ଦିର

ପୁରୁଣା ଭୁବନେଶ୍ୱର,୫।୯(ଡି.ଏନ୍.ଏ.): ଚତୁର୍ଦ୍ଦଶୀ ଅବସରରେ ରବିବାର ମା' ପାର୍ବତୀ ଉପବାସ ରଖିଥିଲେ। ଦୈନିକ ନୀତି ମଙ୍ଗଳ ଆଳତି, ଅବକାଶ, ରୋଷହୋମ, ଛାମୁ ପରିଷ୍କାର, ମାଘ ସ୍ନାନ କରାଯାଇ ଟେରାଫିଟା ନୀତି ସମ୍ପନ୍ନ କରାଯାଇଥିଲା। ଏହା ପରେ ସେବାୟତମାନେ ମନ୍ଦିରରୁ ମେଘଡମ୍ବରୁ, ଘଣ୍ଟଘଣ୍ଟା, କାହାଳି, ମଶାଲ ନେଇ କପିଳେଶ୍ୱରସ୍ଥିତ କୁମ୍ଭାରଙ୍କ ଘର ନିକଟକୁ ଯାଇଥିଲେ। ସେଠାରେ କୁମ୍ଭାର ସେବକମାନେ ନୂଆବସ୍ତ୍ର ପିନ୍ଧି ଚତୁର୍ଦ୍ଦଶୀ ଏବଂ ସାତପୁରି ଭୋଗ ପାଇଁ ଆବଶ୍ୟକ ହାଣ୍ଡି, ଟିପେଇ, ତେଲୁଣି ନେଇ ଶୋଭାଯାତ୍ରାରେ ମନ୍ଦିରକୁ ଆସିଥିଲେ। ମନ୍ଦିରରେ ପହଞ୍ଚିବା ପରେ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସାତପୁରି ପିଠା ନିମନ୍ତେ ବ୍ୟବହୃତ ରାଶି, ବୁଟଡାଲି ଆଦି ୭ପ୍ରକାର ଦ୍ରବ୍ୟକୁ ବିଶୋଇ ସେବକ ଉକ୍ତ ହାଣ୍ଡିରେ ଭାଜିଥିଲେ। ପରେ ମହାସୁଆର ସେବକ କୋଠ ରୋଷରେ ମା' ପାର୍ବତୀଙ୍କ ଭୋଗ ପାଇଁ ସାତପୁରୀ ନିମନ୍ତେ ଖଇ ଓ ପୁର ଦେଇ ପିଠା ତିଆରି କରିଥିଲେ। ପରେ ଶ୍ରୀଜୀଉଙ୍କ ସନ୍ଧ୍ୟାଧୂପରେ ରୁପାଥାଳି ୭ଟି ସାତପୁରି ପୂଜା କରାଯାଇଥିଲା। ମା' ପାର୍ବତୀଙ୍କ ନିକଟରେ ମଧ ରଖାଯାଇଥିଲା। ପରେ କୋଠ ରୋଷରୁ ମହାସୁଆର ସେବକ ଏକହାଣ୍ଡି ଚଳୁ ଅନ୍ନକୁ ପାର୍ବତୀଙ୍କ ଭୋଗ ପାଇଁ ଆଣିଥିଲେ। ପରେ ଷୋଡ଼ଷ ଉପଚାର ପୂଜା ଓ ଅନ୍ୟାନ୍ୟ ନୀତି କରାଯାଇଥିଲା।

### ଗୁରୁ ବନ୍ଦନା, ଛାତ୍ର ଅଭିନନ୍ଦନ



ଭୁବନେଶ୍ୱର,୫।୯(ବ୍ୟୁରୋ): ଗୁରୁଦିବସ ଅବସରରେ ଭାରତ ବିକାଶ ପରିଷଦ ବାଣୀବିହାର ଶାଖା ପକ୍ଷରୁ ଗୁରୁ ବନ୍ଦନା ଓ ଛାତ୍ର ଅଭିନନ୍ଦନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଶ୍ରେଷ୍ଠ ପାରଦର୍ଶୀ ତଥା ଆଦର୍ଶ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଗୁରୁ ବନ୍ଦନା କରାଯାଇ ସମ୍ମାନିତ କରାଯାଇଛି। ସେହିପରି ଶିକ୍ଷା କ୍ଷେତ୍ରରେ ସର୍ବଶ୍ରେଷ୍ଠ କୃତିତ୍ୱ ଅର୍ଜନ କରିଥିବା ଓ ଅନ୍ୟାନ୍ୟ କ୍ଷେତ୍ରରେ ପରାକାଷ୍ଠା ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇ ପୁରସ୍କୃତ କରାଯାଇଛି। ପରିଷଦ ପକ୍ଷରୁ ଶ୍ରୀହର୍ଷ ମିଶ୍ର ମେମୋରିଆଲ ବଧିର ଉଚ୍ଚବିଦ୍ୟାଳୟ, ଭୀମଭୋଇ ଦୃଷ୍ଟିହୀନ ସରକାରୀ ବିଦ୍ୟାଳୟ, ସେଣ୍ଟ ଜାଭିୟର ହାଇସ୍କୁଲ, ଜୁପିଟର ପବ୍ଲିକ୍ ସ୍କୁଲ ଗଙ୍ଗପଡା ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଛି। ପରିଷଦର ରାଜ୍ୟ ପୃଷ୍ଠପୋଷକ ଲକ୍ଷ୍ମଣ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ସଞ୍ଜୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅଧକ୍ଷ ଲଡୁ କିଶୋର ପ୍ରଧାନ, ଉପାଧକ୍ଷ ମୃତ୍ୟୁଞ୍ଜୟ ମହାନ୍ତି, ଗୌରାଙ୍ଗ ନାୟକ, ମଞ୍ଜୁଳା ତ୍ରିପାଠୀ, କୋଷାଧକ୍ଷ ସାଗରିକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମା'ଙ୍କ ମୂର୍ତ୍ତି ଉଚ୍ଚତା, ଦର୍ଶନ ଉପରେ ଅଙ୍କୁଶ ହଟାଯାଉ



ଭୁବନେଶ୍ୱର ଭସାଣି ଉତ୍ସବ ସମିତିର କର୍ମକର୍ତ୍ତାମାନେ ପୂଜା ଗାଇଡ୍‌ଲାଇନ୍‌ରେ ପରିବର୍ତ୍ତନ ପାଇଁ ଦାବି କରୁଛନ୍ତି।

## ଦାବି ରଖିଲା ଭୁବନେଶ୍ୱର ଭସାଣି ଉତ୍ସବ ସମିତି

ଭୁବନେଶ୍ୱର, ୫।୯ (ବ୍ୟୁରୋ)

ରାଜ୍ୟରେ କରୋନା ସ୍ଥିତି ସୁଧୁରିଛି। ସରକାର କଟକଣାକୁ ମଧ କୋହଳ କରିଛନ୍ତି। ମନ୍ଦିର ଭିତରେ ପ୍ରବେଶକୁ ଅନୁମତି ପ୍ରଦାନ କରାଯାଇଛି। ଏପରିସ୍ଥଳେ ଦୁର୍ଗାପୂଜା ପାଇଁ ଜାରି ମାତ୍ରାଧିକ କଟକଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମା'ଙ୍କ ମୂର୍ତ୍ତି ଉଚ୍ଚତା ଓ ଦର୍ଶନ ଉପରୁ ଅଙ୍କୁଶ ହଟାଇବାକୁ ଭୁବନେଶ୍ୱର ଭସାଣି ଉତ୍ସବ ସମିତି ଦାବି କରିଛି। ରବିବାର ସମିତି ପକ୍ଷରୁ ଶହୀଦ ନଗର ଦୁର୍ଗାପୂଜା ମଣ୍ଡପରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ପୂଜା କଟକଣାକୁ ନେଇ ପୂଜା କମିଟି କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରି କରୋନା ସଂକ୍ରମଣ ସହିତ ମୂର୍ତ୍ତି ଉଚ୍ଚତାର କ'ଣ ସମ୍ପର୍କ ରହିଛି ବୋଲି ପ୍ରଶ୍ନ କରିଛନ୍ତି। ସରକାର ତୁରନ୍ତ ଏହି କଟକଣାକୁ ହଟାଇ ଦୁର୍ଗା ପୂଜାରେ ସ୍ୱାଭାବିକ ଭାବେ ମୂର୍ତ୍ତିର ଉଚ୍ଚତା ରଖିବା ପାଇଁ ଅନୁମତି ଦେବାକୁ ଦାବି କରିଛନ୍ତି। ଏଥିସହ ପୁରୀ ଶ୍ରୀମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିରରେ ଯେଉଁଭଳି ଭାବରେ ଭକ୍ତଙ୍କୁ ଦର୍ଶନ କରିବାର ସୁଯୋଗ ଦିଆଯାଉଛି, ସେହିଭଳି ପ୍ରତ୍ୟେକ ଦୁର୍ଗାପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କୁ ଶାନ୍ତି ଶୃଙ୍ଖଳାର ସହିତ ଦର୍ଶନ କରିବାର ସୁଯୋଗ ପ୍ରଦାନ କରାଯାଉ ବୋଲି କୁହାଯାଇଛି। ସମ୍ମିଳନୀରେ ସମିତି ସଭାପତି ଡ.ଜଗନ୍ନାଥ ମହାପାତ୍ର, ସାଧାରଣ ସମ୍ପାଦକ ହରିଶ ପ୍ରସାଦ ରଥ, ଉପସଭାପତି ସୁରେଶ ଚନ୍ଦ୍ର ରାଉତରାୟ ଓ ଦିଲୀପ ଦାଶଶର୍ମା, ସମ୍ପାଦକ ଶିବ ଛୋଟରାୟ, ଝାରପଡ଼ା ଦୁର୍ଗାପୂଜା ସମିତିର ସାଧାରଣ ସମ୍ପାଦକ ଧରଣୀଧର ଜେନା, ଶହୀଦ ନଗର ଦୁର୍ଗାପୂଜା ସମିତିର ଉପଦେଷ୍ଟା ସରୋଜ କୁମାର ପାତ୍ର, କଟକରୋଡ୍ ଦୁର୍ଗାପୂଜା ସମିତି ସଭାପତି ସୁବଳ ବେହେରା ଓ ପ୍ରସନ୍ନ କୁମାର ଦାସଙ୍କ ସମେତ ଅନ୍ୟ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ମାସରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ପୂଜା ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ପୂଜାମଣ୍ଡପର ତିନି ପାର୍ଶ୍ୱ ବନ୍ଦ ରଖିବା ସହ ଗୋଟିଏ ପାର୍ଶ୍ୱ ସାମାନ୍ୟ ଖୋଲା ରଖି ପୂଜା କରିବାକୁ ନିର୍ଦ୍ଦେଶ ରହିଛି। ସେହିପରି ଶ୍ରଦ୍ଧାଳୁଙ୍କ ଦର୍ଶନକୁ ବାରଣ କରାଯାଇଛି। ମା'ଙ୍କ ମୂର୍ତ୍ତିର ଉଚ୍ଚତା ୪ଫୁଟରୁ କମ୍ ରଖିବା ସହିତ ମଣ୍ଡପରେ ଏକ ସମୟରେ ପୂଜକ, ଆୟୋଜକ ଓ କର୍ମକର୍ତ୍ତାଙ୍କୁ ମିଶାଇ ୭ଜଣରୁ ଅଧିକ ଏକାଠି ହେବାକୁ ମନା କରାଯାଇଛି। ଏହି ଗାଇଡ୍‌ଲାଇନକୁ ବିଭିନ୍ନ ପୂଜା କମିଟି ପକ୍ଷରୁ ବିରୋଧ କରାଯାଉଛି।

## ବର୍ଷାରେ ଆଣ୍ଠେଇଲେ, କଳାପତାକା ଦେଖାଇଲେ



ଲିଙ୍କ୍‌ରୋଡ୍‌ରେ ପୂଜା କମିଟି ଓ ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ ପ୍ରତିବାଦ କରୁଛନ୍ତି।

### କଟକରେ ଅଭିନବ ପ୍ରତିବାଦ

କଟକ ଅଫିସ,୫।୯

ପୂଜା ଗାଇଡ୍‌ଲାଇନ୍‌ରେ ପରିବର୍ତ୍ତନ ଦାବି କରି ରବିବାର କଟକ ଲିଙ୍କ୍‌ରୋଡଠାରେ ଖାନ୍‌ନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ଓ କଟକର ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଇଥିଲା। ଏପରି କି ବର୍ଷା ସମୟରେ ମଧ କମିଟି ଓ ସଙ୍ଗଠନର କର୍ମକର୍ତ୍ତାମାନେ ଆଣ୍ଠେଇ ପ୍ରତିବାଦ ଜାରି ରଖିଥିଲେ। ଏଥିରେ ଖାନ୍‌ନଗର ପୂଜା କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ମୁରବୀ ପରମାନନ୍ଦ ସାହୁ, ଗନ୍ଧର୍ବ ବେହେରା, ଖାନ୍‌ନଗର ଯୁବକ ସଂଘ ସଭାପତି ସୀତାରାମ ବେହେରା, ସମ୍ପାଦକ ପ୍ରତାପ ସାହୁ, ରମେଶ ଚେମେଇ, ଅମୂଲ୍ୟ ବେହେରା, ପ୍ରଦୀପ ସାହୁ, ସଞ୍ଜୀବ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଚୌଧୁରୀବଜାର ଗୌରୀଶଙ୍କର ପାର୍କ ସମ୍ମୁଖରେ କଟକ ଯୁବ ସମାଜ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସହିତ କଳାପତାକା ଦେଖାଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ଆଗାମୀ ଦିନରେ ଏହି ନିଷ୍ପତ୍ତିର ପୁନଃବିଚାର କରା ନ ଗଲେ ରାଜରାସ୍ତାରେ ଆମରଣ ଅନଶନ କରାଯିବ ବୋଲି ଯୁବ ସମାଜ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଗଗନ ଓଝା, ପ୍ରକାଶ ନନ୍ଦି, ବ୍ରହ୍ମା ସ୍ୱାଇଁ, ରଞ୍ଜିତ ବେହେରା, ଶଶିକାନ୍ତ ବେହେରା, ସୋମନାଥ ମହାରଣା, ସୂର୍ଯ୍ୟକାନ୍ତ ମହାପାତ୍ର, ଆଶିଷ ବେହେରା ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ମୂର୍ତ୍ତି ନିର୍ମାଣ କଟକଣା ମୁକ୍ତ କରିବା ଓ କୋଭିଡ୍ କଟକଣାରେ ମା'ଙ୍କ ଦର୍ଶନ ପାଇଁ ଅନୁମତି ପ୍ରଦାନ ଦାବିରେ ୬ ଦିନ ହେବ କଟକର ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଜାରି ରହିଛି।



ରବିବାର ସର୍ବଭାରତୀୟ ଶିକ୍ଷା ବଞ୍ଚାଅ ଦିବସରେ ଜଏଣ୍ଟ ଫୋରମ୍ ଫର୍ ମୁଭ୍‌ମେଣ୍ଟ ଅନ୍ ଏଜୁକେଶନ ଓଡ଼ିଶାର କର୍ମକର୍ତ୍ତାମାନେ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାକୁ ନେଇ ଭୁବନେଶ୍ୱର ସର୍କିଟ୍ ହାଉସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଜମି ବିବାଦରୁ ଭଣଜାଙ୍କୁ ହତ୍ୟା

କଟକ ଅଫିସ, ୫।୯

କଟକ ଲାଲବାଗ ଥାନା ଅଧୀନ ସିଦ୍ଧେଶ୍ୱର ସାହିରେ ଶନିବାର ରାତିରେ ହତ୍ୟାକାଣ୍ଡ ଘଟିଛି। ମାମୁଁଙ୍କ ଭୁଜାଲି ମାଡରେ ଭଣଜାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦୀପକ ସାମଲ(୧୯)। ଏ ନେଇ ଦୀପକଙ୍କ ମା' ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ୫ ଜଣଙ୍କୁ ଅଟକ ରଖିଛି। ଜମି ବିବାଦକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଥିବା ଆଇଆଇସି ଆର.ଏନ୍. ଭଞ୍ଜ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସିଦ୍ଧେଶ୍ୱର ସାହିରେ ପ୍ରଦୀପ ସାମଲ ସପରିବାର ରହୁଛନ୍ତି। ନିକଟରେ ତାଙ୍କ ଭଉଣୀ ଜୟଶ୍ରୀ ମଧ ରହୁଛନ୍ତି। ଜମି ଭାଗବଣ୍ଟାକୁ କେନ୍ଦ୍ରକରି ଭାଇଭଉଣୀଙ୍କ ଭିତରେ ବିବାଦ ଲାଗି ରହିଥିଲା। ଶନିବାର ରାତିରେ ଏହା ଉଗ୍ର ରୂପ ନେଇଥିଲା। ଜୟଶ୍ରୀଙ୍କ ଉପରେ ପ୍ରଦୀପ ହାତ ଉଠାଇବାରୁ ଭଣଜା ଦୀପକ ପ୍ରତିବାଦ କରିଥିଲେ। ଏହାପରେ ମାମୁଁ ଓ ଭଣଜା ଭିତରେ ମାର୍‌ପିଟ ହୋଇଥିଲା। ମାମୁଁଙ୍କ ସପକ୍ଷରେ ସାହିର କେତେଜଣ ଲୋକ ବାହାରିଲାବେଳେ ଦୀପକ ମଧ ଆଖପାଖର ସାଙ୍ଗମାନଙ୍କୁ ଡକାଇ ଦେଇଥିଲେ। ଏହାପରେ ଘଟଣାସ୍ଥଳ ଯୁଦ୍ଧକ୍ଷେତ୍ର ପାଲଟି ଯାଇଥିଲା। ଦୁଇଗୋଷ୍ଠୀ ପରସ୍ପର ଉପରକୁ ଢେଲା ମାଡ କରିବା ସହ ଲୁହା ରଡରେ ଆକ୍ରମଣ କରିଥିଲେ। ଏହା ଭିତରେ ପ୍ରଦୀପ ଘରୁ ଗୋଟିଏ ଭୁଜାଲି ଆଣି ଦୀପକଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ଖବରପାଇ ଲାଲ୍‌ବାଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ୩ ଜଣ ଆହତଙ୍କୁ ମେଡିକାଲ ପଠାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦୀପକଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ସାହିରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ଫୋର୍ସ ମୃତୟନ କରାଯାଇଛି। ଏହି ଘଟଣାରେ ପ୍ରାୟ ୧୬ ଜଣଙ୍କ ନାଁରେ ଏତଲା ଦିଆଯାଇଛି।

## ମାଲାବାର ପକ୍ଷରୁ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ଗୁରୁଦିବସ ଅବସରରେ ଭୁବନେଶ୍ୱର ମାଲାବାର ପକ୍ଷରୁ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା।

ଭୁବନେଶ୍ୱର,୫।୯

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ରବିବାର ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମାଲାବାର ୨ଟି ପର୍ଯ୍ୟାୟରେ ଏହି ଦିବସକୁ ପାଳନ କରିଥିଲା। ପ୍ରଥମ ପର୍ଯ୍ୟାୟରେ ସ୍ଥାନୀୟ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଗୁରୁଦିବସ ପାଳନ କରାଯାଇଥିଲା। ଏହି ଅବସରରେ ସ୍କୁଲର ୭୫ ଶିକ୍ଷୟିତ୍ରୀଙ୍କୁ ବନ୍ଦାପନା ସହ ଉତ୍ତରୀୟ ଓ ଉପହାର ଦେଇ ସମ୍ମାନିତ କରାଯାଇଥିଲା। ସେହିଭଳି ସନ୍ଧ୍ୟାରେ ୨ୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ସ୍ଥାନୀୟ ଶହୀଦନଗରସ୍ଥିତ ମାଲାବାର ଷ୍ଟୋର ପରିସରରେ ରାଜଧାନୀର ବିଭିନ୍ନ ସ୍କୁଲ ଓ କଲେଜର ୭ ଜଣ ପ୍ରତିଷ୍ଠିତ ଶିକ୍ଷୟିତ୍ରୀଙ୍କୁ ପୂଜାର୍ଚ୍ଚନା ସହ ଉପହାର ଓ ଉତ୍ତରୀୟ ଦେଇ ଷ୍ଟୋର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମାଲାବାର ଷ୍ଟୋର ମୁଖ୍ୟ ଅସନାଫ ଅରାକଲ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ଆମେ ଯାହା ହୋଇଛୁ କିମ୍ବା ଯେଉଁ ସ୍ତରରେ ପହଞ୍ଚିଛୁ ତା' ପଛରେ ଗୁରୁମାନଙ୍କ ହାତ ରହିଛି। ଚଳିତ ଗୁରୁଦିବସ ଉପଲକ୍ଷେ ମାଲାବାର ପକ୍ଷରୁ ସହରର ଜଣାଶୁଣା ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିବାରୁ ଆମେ ନିଜକୁ ଧନ୍ୟ ମନେକରୁଛୁ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଡି ଫୈଜାଲ ଓ ଷ୍ଟୋରର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଗୁରୁଦିବସର ସମସ୍ତ କାର୍ଯ୍ୟକୁ ଷ୍ଟୋର ମାର୍କେଟିଂ ମୁଖ୍ୟ ସିଦ୍ଧେଶ୍ୱର ରଥ ପରିଚାଳନା କରିଥିଲେ।

## 'ସଙ୍କଟବେଳେ ରାଜ୍ୟ ଆର୍ଥିକ ସମସ୍ୟାର ସମାଧାନ କରୁ କେନ୍ଦ୍ର'

ଭୁବନେଶ୍ୱର, ୫।୯ (ବ୍ୟୁରୋ)

ବାଣୀବିହାର ଅର୍ଥନୀତି ବିଭାଗ ପୁରାତନ ଛାତ୍ରସଂଘ ପକ୍ଷରୁ ଶନିବାର ତୃତୀୟ ପ୍ରଫେସର ବିଦ୍ୟାଧର ମିଶ୍ର ସ୍ମାରକୀ ଭାଷଣ ଭର୍ଚୁଆଲରେ ଅନୁଷ୍ଠିତ ହୋଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ତଥା ୧୪ ବିତ୍ତ ଆୟୋଗ ଅଧକ୍ଷ ପଦ୍ମ ବିଭୂଷଣ ଡ. ୱାଇ.ଭି. ରେଡ୍ଡୀ ଯୋଗଦେଇ କେନ୍ଦ୍ର-ରାଜ୍ୟ ସମ୍ପର୍କ ଉପରେ ଆଲୋଚନ କରିଥିଲେ। ଭାରତବର୍ଷର ସଂଘୀୟ ବ୍ୟବସ୍ଥା ଓ ରାଜନୈତିକ ଅର୍ଥଶାସ୍ତ୍ରର ବିଶ୍ଳେଷଣ କରି ସେ କହିଲେ, ଆର୍ଥିକ ଦୃଷ୍ଟିରୁ କେନ୍ଦ୍ର ସରକାରଙ୍କ ପାଖରେ ଅଧିକ ଶକ୍ତି ଓ ସମ୍ବଳ ରହିଛି। ତେଣୁ ସଙ୍କଟ ସମୟରେ ରାଜ୍ୟଗୁଡ଼ିକର ଆର୍ଥିକ ସମସ୍ୟାର ନିରାକରଣ ପାଇଁ କେନ୍ଦ୍ରକୁ ଆଗେଇ ଆସିବା ଉଚିତ। ସେହିପରି କେନ୍ଦ୍ର-ରାଜ୍ୟର ସମ୍ପର୍କର ଉନ୍ନତି ପାଇଁ ନୂଆ ଅନୁଷ୍ଠାନ ତିଆରି କରିବା ପରିବର୍ତ୍ତେ ସ୍ଥାପିତ ଅନୁଷ୍ଠାନଗୁଡ଼ିକର ସୁଚାରୁ ଉପଯୋଗ କରିବା ଅଧିକ ବାଞ୍ଛନୀୟ ବୋଲି ସେ ମତ ଦେଇଥିଲେ। ଚଳିତ ବର୍ଷର ସ୍ମାରକୀ ଭାଷଣ 'କେନ୍ଦ୍ର-ରାଜ୍ୟ ସମ୍ପର୍କର ଆଧାର ଓ ଭବିଷ୍ୟତ'କୁ ନେଇ ଆୟୋଜିତ ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ବରପୁତ୍ର ଓ ଖ୍ୟାତନାମା ଅର୍ଥନୀତିଜ୍ଞ ପ୍ରଫେସର ବିଦ୍ୟାଧର ମିଶ୍ରଙ୍କ ଉଲ୍ଲେଖନୀୟ ଅବଦାନର ସ୍ମୃତି ଚାରଣ କରିଥିଲେ। ପ୍ରାରମ୍ଭରେ ପୁରାତନ ଛାତ୍ରସଂଘ ସମ୍ପାଦକ ପ୍ରଫେସର ମିତାଲି ଚିନାରା ସ୍ୱାଗତ ଭାଷଣ ଦେଇଥିଲେ। ଅଧକ୍ଷ ସୁବାସ କୁମାର ଆଲୋଚନାର ସାରାଂଶ କହିଥିଲେ। ବିଭାଗ ଅଧକ୍ଷ ଡ. ହିମାଂଶୁ ଶେଖର ରାଉତ ଔପଚାରିକ ଧନ୍ୟବାଦ ଦେଇଥିଲେ।

## ଆଜିଠୁ ୬ ଦିନିଆ ଓଡ଼ିଶା ଗସ୍ତରେ କେନ୍ଦ୍ରମନ୍ତ୍ରୀ ଟୁଡୁ

ଭୁବନେଶ୍ୱର, ୫।୯(ବ୍ୟୁରୋ)

କେନ୍ଦ୍ର ମନ୍ତ୍ରିମଣ୍ଡଳରେ ନୂତନ ଭାବେ ସ୍ଥାନ ପାଇଥିବା ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁ ଅସୁସ୍ଥତା ଯୋଗୁ ଓଡ଼ିଶା ଗସ୍ତରେ ଆସି ପାରି ନ ଥିଲେ। ଆରୋଗ୍ୟ ଲାଭ କରି ଟୁଡୁ ସୋମବାରଠାରୁ ୬ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ଭୁବନେଶ୍ୱରରେ ପହଞ୍ଚିବା ପରେ ଲିଙ୍ଗରାଜଙ୍କୁ ଦର୍ଶନ କରି ପୁରୀ ଗସ୍ତ କରିବେ। ଜଗନ୍ନାଥଙ୍କୁ ଦର୍ଶନ କରିବା ସହ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କରିବେ। ଏହାପରେ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେବେ। ଟୁଡୁ ୭ ତାରିଖ ଭୁବନେଶ୍ୱରରୁ ବାହାରି ବାଲେଶ୍ୱର ଦେଇ ବାରିପଦା ଗସ୍ତ କରି ରାତ୍ରିଯାପନ କରିବେ। ଆସନ୍ତା ୮, ୯, ୧୦ ଓ ୧୧ ତାରିଖ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରରେ ବିଭିନ୍ନ ସ୍ଥାନ ଗସ୍ତ କରି ଦଳୀୟ ଏବଂ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବେ। ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରିବେ। ମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ପ୍ରଥମ ଥର ଓଡ଼ିଶା ଗସ୍ତରେ ଆସୁଥିବା କେନ୍ଦ୍ରମନ୍ତ୍ରୀଙ୍କ ସ୍ୱାଗତ ପାଇଁ ବିମାନବନ୍ଦରରୁ ଆରମ୍ଭ କରି ଭୁବନେଶ୍ୱର, ପୁରୀ, କଟକ, ବାରିପଦା, ରାଇରଙ୍ଗପୁର ସାଙ୍ଗଠନିକ ଜିଲାର ବିଭିନ୍ନ ସ୍ଥାନରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯିବା କାର୍ଯ୍ୟକ୍ରମ ରହିଛି।

## ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ, ଶିଳାନ୍ୟାସ

ପୁରୁଣା ଭୁବନେଶ୍ୱର,୫।୯(ଡି.ଏନ୍.ଏ.)

ଏକାମ୍ର ନିର୍ବାଚନମଣ୍ଡଳୀର ବିଭିନ୍ନ ୱାର୍ଡରେ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ସମସ୍ତ କାର୍ଯ୍ୟର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ବରବାରୀ ବସ୍ତିର ଗୋଟିଏ ମହିଳା ସମିତି ଗୃହ ଉଦ୍‌ଘାଟନ, ୱାର୍ଡ ନଂ.୬୪, ୬୫ ଏବଂ ୬୬ରେ ଲଗାଯାଇଥିବା ହାଇମାକ୍ସ ଲାଇଟ୍‌ର ଲୋକାର୍ପିତ, ୬୩ ନଂ. ୱାର୍ଡରେ କଂକ୍ରିଟ ଡ୍ରେନ୍, ପଞ୍ଚଶଖା ନଗରରେ ଡ୍ରେନ କାର୍ଯ୍ୟର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ରୁନୁ ଜେନା, ସୁଜିତ ସ୍ୱାଇଁ, ଛବି ଦାସ, ମୁଜିଇଦ ହୁସେନ, ରଣଜିତ ପଟ୍ଟନାୟକ, ବଳରାମ ସ୍ୱାଇଁ, ଟୁଟୁ ଜେନା, ବରକତ ତୁଲା ପ୍ରମୁଖ ଉପସ୍ଥିତ ଥିଲେ।

## ଡା. ସ୍ୱପ୍ନେଶ୍ୱର ପଣ୍ଡାଙ୍କ ଆୟୁର୍ବେଦ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୫।୯ (ବ୍ୟୁରୋ)

ଆୟୁର୍ବେଦ କ୍ଷେତ୍ରରେ ଜାତୀୟ ପୁରସ୍କାରପ୍ରାପ୍ତ ଡା. ସ୍ୱପ୍ନେଶ୍ୱର ପଣ୍ଡାଙ୍କ ଲିଖିତ 'ସଧାରଣ ରୋଗ ପାଇଁ ଆୟୁର୍ବେଦ ଚିକିତ୍ସା ଓ ଶୋଧନ ବିଧି' ପୁସ୍ତକ ଲୋକାର୍ପିତ ହୋଇଛି। ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହି ପୁସ୍ତକକୁ ଲୋକାର୍ପିତ କରିଛନ୍ତି। ଲୋପ ପାଇଥିବା କେତେକ ଔଷଧ ତିଆରି ପ୍ରଣାଳୀ, ଖଣିଜ ବିଷ ଓ ଦ୍ରବ୍ୟ ବିଷ ଶୋଧନ କରି ଅମୃତିକରଣ କରିବା ପଦ୍ଧତି ଏବଂ ସାଧାରଣ ରୋଗ ପାଇଁ ଡାକ୍ତରଖାନା ବାରମ୍ବାର ନ ଦଉଡି କିପରି ବୃକ୍ଷଲତା, ଫୁଲ, ଫଳ, ପତ୍ର ସାହାଯ୍ୟରେ ସହଜ ଓ ସରଳରେ ଭଲ କରାଯାଇ ପାରୁଛି ତାହା ଏଥିରେ ବର୍ଣ୍ଣନା କରାଯାଇଛି। ବିଭିନ୍ନ ପୁରାତନ ଚିକିତ୍ସା ପଦ୍ଧତି ସମ୍ବନ୍ଧରେ ଏଥିରେ ଉଲ୍ଲେଖ ରହିଛି। ପୁସ୍ତକଟିକୁ ବିଶ୍ୱ ନୟନ ଚାରିଟେବୁଲ ଟ୍ରଷ୍ଟ ପୁରୀର ସାଧାରଣ ସମ୍ପାଦକ ତୃପ୍ତି ପଣ୍ଡା ପ୍ରକାଶ କରିଛନ୍ତି। ଔଷଧୀୟ ବୃକ୍ଷ ନିଜ ବାଡି ବଗିଚାରେ, ରାସ୍ତାକଡ, ସରକାରୀ ଜମି ବା ନିଜ ଘର ଛାତ ଉପରେ ରୋପଣ କଲେ ଶରୀର ନିରୋଗ ରହିବା ସହ ପରିବେଶ ମଧ ସୁସ୍ଥ ରହିବ ବୋଲି ଡା. ପଣ୍ଡା କହିଛନ୍ତି।



ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

# ରାଜଧାନୀରେ ବନ୍ଧୁକ ବେପାରୀ ଗିରଫ

ଭୁବନେଶ୍ୱର,୫।୯(ବ୍ୟୁରୋ)

- ବିକ୍ରି ପାଇଁ ପଶ୍ଚିମବଙ୍ଗରୁ ଭୁବନେଶ୍ୱର ଆସିଥିଲେ
- ପୋଲିସକୁ ଖବର ଦେଇଥିଲେ ସ୍ଥାନୀୟ ଲୋକେ
- ୨ ବନ୍ଧୁକ, ୧୦ ରାଉଣ୍ଡ୍ ଗୁଳି ଜବତ





ରାଜଧାନୀରେ ବନ୍ଧୁକ ବିକ୍ରି କରିବାକୁ ଆସିଥିବା ପଶ୍ଚିମବଙ୍ଗର ଜଣେ ବେପାରୀଙ୍କୁ କମିଶନରେଟ ପୋଲିସ କାବୁ କରିଛି। ରବିବାର ପୂର୍ବାହ୍ନରେ ଭରତପୁର ଥାନା ଅନ୍ତର୍ଗତ କୋଳଥିଆ ପଡିଆ ନିକଟରେ ବନ୍ଧୁକ ବିକ୍ରି ପାଇଁ ଗରାଖଙ୍କୁ ଅପେକ୍ଷା କରିଥିବାବେଳେ ପୋଲିସ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ପଶ୍ଚିମ ମେଦିନପୁର ଜିଲା ଏଇଗ୍ରା ଥାନା ଅଞ୍ଚଳର ବାବୁଜାନ ଖାନ୍(୨୩)। ପୋଲିସ ତାଙ୍କଠାରୁ ୨ଟି ବନ୍ଧୁକ (ପିସ୍ତଲ) ଓ ୧୦ ରାଉଣ୍ଡ ଗୁଳି ଜବତ କରିଛି। ଏନେଇ ପୋଲିସ ଆର୍ମ୍ସ ଆକ୍ଟରେ ଏକ ମାମଲା (ନଂ.୩୧୫/୨୧) ରୁଜୁ କରି ଅଭିଯୁକ୍ତ ବାବୁଜାନ୍‌ଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି କହିଛନ୍ତି, ବାବୁଜାନ କିଛିଦିନ ହେଲା ପଶ୍ଚିମବଙ୍ଗରୁ ବନ୍ଧୁକ ଆଣି ରାଜଧାନୀରେ ବିକ୍ରି କରିବାକୁ ଚାହିଁଥିଲେ। ଏଥିପାଇଁ ସେ ତାଙ୍କ ସମ୍ପର୍କୀୟ ଘର ପିପିଲିରେ କିଛିଦିନ ହେଲା ରହିଥିଲେ। ଭୁବନେଶ୍ୱରରେ ବନ୍ଧୁକ ବିକ୍ରି କରି ପଶ୍ଚିମବଙ୍ଗ ଚାଲିଯାଇଥାନ୍ତେ। ତେବେ ପୂର୍ବରୁ ସେ ଏଠାରେ ବନ୍ଧୁକ ବିକ୍ରି କରିଛନ୍ତି କି ନାହିଁ ସେନେଇ ଅଧିକ ତଦନ୍ତ ଚାଲୁଥିବା ଦାସ କହିଛନ୍ତି।

ସୂଚନା ଅନୁଯାୟୀ, ରବିବାର ଦିନ ପ୍ରାୟ ୧୨ଟାରେ କୋଳଥିଆ ପଡିଆ ନିକଟରେ ଅଭିଯୁକ୍ତ ବାବୁଜାନ ବନ୍ଧୁକ ଧରି ବୁଲୁଥିବା ସ୍ଥାନୀୟ ଲୋକେ ଦେଖି ଭରତପୁର ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାବୁଜାନ୍‌ଙ୍କୁ କାବୁ କରିବାକୁ ଘେରି ଯାଇଥିଲା। ହେଲେ ଅଭିଯୁକ୍ତ ପୋଲିସ କବଳରୁ ଖସି ପଳାଇବାକୁ ଘଟଣାସ୍ଥଳ ଛାଡି ଦୌଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ କିଛି ସମୟ ପରେ ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇଥିଲା।

## ସଂକ୍ଷେପରେ

### ଜେଏସ୍‌ପିଏଲ୍‌ର ପ୍ରୋଜେକ୍ଟ ଉତ୍କର୍ଷ

**ଭୁବନେଶ୍ୱର,୫।୯:** ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ୍) ଫାଉଣ୍ଡେଶନ ପକ୍ଷରୁ ପ୍ରୋଜେକ୍ଟ ଉତ୍କର୍ଷ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପ୍ରକଳ୍ପରେ ଅନୁଗୋଳ ଜିଲାର ସାମାଜିକ ଏବଂ ଆର୍ଥିକ ଦୁର୍ବଳ ବର୍ଗର ୩୦୦ ଛାତ୍ରୀଛାତ୍ରଙ୍କୁ ସିଭିଲ୍ ସର୍ଭିସ, ବ୍ୟାଙ୍କିଙ୍ଗ୍ ଏବଂ ଅନ୍ୟ ପ୍ରତିଯୋଗିତା ମୂଳକ ପରିକ୍ଷା ଲାଗି ମାଗଣା ଅନ୍‌ଲାଇନ ଇଣ୍ଟରାକ୍ଟିଭ କୋଚିଂ ଯୋଗାଇ ଦେବା ଲାଗି ଲକ୍ଷ୍ୟ ରଖାଯାଇଛି। ସିଭିଲ ସର୍ଭିସ କୋଚିଂ ପାଇଁ ଭୁବନେଶ୍ୱରର ଆଇଏଏସ୍ ଗୁରୁକୁଳ ସହଯୋଗରେ ଏକ ପ୍ରକଳ୍ପ ଆରମ୍ଭ କରାଯାଇଛି। ଗ୍ରାମାଞ୍ଚଳ ମେଧାବୀ ଛାତ୍ରୀଛାତ୍ରଙ୍କ କ୍ୟାରିୟରକୁ ଆଗକୁ ବଢାଇବା ଦିଗରେ ଏଭଳି ପଦକ୍ଷେପ ସହାୟକ ବୋଲି ଜେଏସ୍‌ପିଏଲ୍ ଫାଉଣ୍ଡେଶନର ଅଧକ୍ଷା ସାଲୁ ଜିନ୍ଦଲ କହିଛନ୍ତି। ଆଇଏଏସ୍ ଗୁରୁକୁଳର ଅଭିଜ୍ଞ ଅଧାପକ ମାନେ କ୍ୱାଣ୍ଟିଟେଟିଭ ଆପ୍ଟିଚୁଡ, ରିଜନିଂ, ଜେନେରାଲ ଷ୍ଟଡିଜ, ଇଂରାଜୀ ଏବଂ ଅନ୍ୟ ବିଷୟଗୁଡିକରେ ଅନଲାଇନରେ କ୍ଲାସ ପ୍ରଦାନ କରିବେ। ମନୋନୀତ ଛାତ୍ରୀଛାତ୍ର ରେଳବାଇ, ବ୍ୟାଙ୍କିଙ୍ଗ, ପ୍ରତିରକ୍ଷା, ବୀମା, ଅନ୍ୟ ସରକାରୀ ଚାକିରି ପାଇଁ ହେଉଥିବା ପ୍ରତିଯୋଗିତା ମୂଳକ ପରିକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରାଇପାରିବେ।

### ଆମାଜନ ପକ୍ଷରୁ କ୍ୟାରିୟର ଦିବସ ଘୋଷଣା

**ନୂଆଦିଲ୍ଲୀ,୫।୯:** ଆମାଜନ ପକ୍ଷରୁ ଭାରତରେ ୧୬ ସେପ୍ଟେମ୍ବରରୁ ଏହାର ସର୍ବପ୍ରଥମ କ୍ୟାରିୟର ଦିବସର ଆୟୋଜନ ନେଇ ଘୋଷଣା କରାଯାଇଛି। ୨ ଦିନିଆ ଏହି ଭର୍ଚୁଆଲ ଏବଂ ଇଣ୍ଟରାକ୍ଟିଭ କାର୍ଯ୍ୟକ୍ରମ ଉଭୟ ଆମାଜନ ନେତୃତ୍ୱ ଏବଂ କର୍ମଚାରୀମାନଙ୍କୁ ନେଇ କରାଯିବ। ଯେଉଁଠାରେ କିପରି ଆମାଜନ ଏକ ଆକର୍ଷଣୀୟ କର୍ମସ୍ଥଳୀରେ ପରିଣତ ହୋଇପାରିଛି ଏବଂ ଏଠାରେ କାର୍ଯ୍ୟ କରିବାର ଅନୁଭୂତି ଓ ଏକବିଂଶ ଶତାବ୍ଦୀରେ ଭାରତର ପ୍ରକୃତ ସମ୍ଭାବନାକୁ ଉନ୍ମୋଚନ କରିବାରେ କମ୍ପାନୀ କିପରି ନିଜ ପ୍ରତିବଦ୍ଧତା ଉପରେ ସ୍ଥିର ରହିଛି, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ ବୋଲି ଜଣାପଡିଛି।

# ଉତ୍ପାଦ ଟିକସ ସଂଗ୍ରହ ୪୮% ବୃଦ୍ଧି

ନୂଆଦିଲ୍ଲୀ,୫।୯



ପେଟ୍ରୋଲିୟମ ସାମଗ୍ରୀ ଉପରେ କେନ୍ଦ୍ର ସରକାର ଲାଗୁ କରୁଥିବା ଉତ୍ପାଦ ଟିକସ ଆଦାୟ ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଜୁଲାଇ ଅବଧିରେ ୪୮% ବୃଦ୍ଧି ଘଟିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ ମାସରେ ଟିକସ ଆଦାୟରେ ଏଭଳି ବୃଦ୍ଧି ଘଟିଥିବା ଜଣାପଡିଛି। ଚଳିତ ବର୍ଷ ଅଏଲ ବଣ୍ଡ୍ ବାବଦ ସରକାର ଯେଉଁ ଅର୍ଥ ପଇଠ କରିବାକୁ ରହିଛି ଟିକସ ଆଦାୟ ସେହି ଅର୍ଥ ତୁଳନାରେ ପ୍ରାୟ ୩ ଗୁଣ ଅଧିକ ରହିବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ନାମ ଗୋପନ ରଖି ମତ ପ୍ରକାଶ କରିଛନ୍ତି।

କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ ଡାଟା ମୁତାବକ, ଏହି ୪ ମାସରେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପେଟ୍ରୋଲିୟମ ସାମଗ୍ରୀ ଟିକସରୁ ୧ ଲକ୍ଷ କୋଟି ଟଙ୍କା ଆଦାୟ କରିଛି। ଗତ ଆର୍ଥିକ ବର୍ଷ ସମାନ ସମୟ ଅବଧିରେ ଏହା ୬୭,୮୯୫ ହଜାର କୋଟି ଟଙ୍କା ରହିଥିଲା। ଗତ ଆର୍ଥିକ ବର୍ଷ ସମାନ ଅବଧି ତୁଳନାରେ ସରକାର ଅଧିକ ୩୨,୪୯୨ କୋଟି ଟଙ୍କାର ଟିକସ ଆଦାୟ କରିଛନ୍ତି। ପୂର୍ବର କଂଗ୍ରେସ ସରକାରଙ୍କ ଅମଳରେ ହୋଇଥିବା ଅଏଲ ବଣ୍ଡ ଦେୟ ବାବଦ ଚଳିତ ଆର୍ଥିକ ବର୍ଷ ୧୦ ହଜାର କୋଟି ଟଙ୍କା ସରକାର ପଇଠ କରିବେ। ବର୍ତ୍ତମାନ ଅର୍ଥ ବ୍ୟବସ୍ଥା ଖୋଲୁଥିବାରୁ ପେଟ୍ରୋଲ ଏବଂ ଡିଜେଲ ବିକ୍ରି ବଢିଛି। ଉତ୍ପାଦ ଟିକସର ଅଧିକାଂଶ ଭାଗ ପେଟ୍ରୋଲ ଡିଜେଲରୁ ଆସୁଥିବା ଜଣାପଡିଛି।

ଲୋକଙ୍କୁ ବର୍ଦ୍ଧିତ ତେଲ ଦରରୁ ଆଶ୍ୱସ୍ତି ଦେବା ଲାଗି ପୂର୍ବର କଂଗ୍ରେସ ସରକାର ୧.୩୪ ଲକ୍ଷ କୋଟି ଟଙ୍କାର ଏକ ଅଏଲ ବଣ୍ଡ ଜାରି କରିଥିଲେ। ଲୋକଙ୍କୁ ସବ୍‌ସିଡି ଦରରେ ପେଟ୍ରୋଲ, ଡିଜେଲ,ଏଲ୍‌ପିଜି ଏବଂ କିରୋସିନ ଯୋଗାଣ ଦିଗରେ ଏଭଳି ପଦକ୍ଷେପ ନିଆଯାଇଥିଲା। ବର୍ତ୍ତମାନ ତେଲ ଦର ଉଚ୍ଚରେ ରହିଥିବାରୁ ଏହାକୁ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏବଂ ପେଟ୍ରୋଲିୟମ ମନ୍ତ୍ରୀ ହରଦିପ ସିଂ ପୁରୀ ଅଏଲ ବଣ୍ଡକୁ ଦାୟୀ କରିଥିଲେ। ତେଲ ବଣ୍ଡ ଅର୍ଥ ପ୍ରଦାନ କରିବାକୁ ଥିବାରୁ ସରକାର ଉତ୍ପାଦ ଟିକସ କମାଇ ଲୋକଙ୍କୁ ଆଶ୍ୱସ୍ତି ଦେଇ ପାରିବେ ନାହିଁ ବୋଲି ସୀତାରାମନ ସ୍ପଷ୍ଟ ଭାବେ କହିଦେଇଛନ୍ତି। ସେହିଭଳି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏ ନେଇ କେନ୍ଦ୍ର ସରକାରଙ୍କୁ ଲଗାତାର ଟାର୍ଗେଟ କରିଥିବା ଜଣାପଡିଛି। ଗତ ୭ ବର୍ଷରେ ସରକାର ତେଲ ଟିକସରୁ ୩୨ ଲକ୍ଷ କୋଟି ଆଦାୟ କରିଛନ୍ତି ଯାହା ଲୁଟ ବୋଲି ରାହୁଲ ମତ ରଖିଛନ୍ତି।

## ହୋଣ୍ଡାର ୪ଲକ୍ଷରୁ ଊର୍ଦ୍ଧ୍ୱ ଗାଡ଼ି ବିକ୍ରି

ନୂଆଦିଲ୍ଲୀ,୫।୯

HONDA

ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆ ଚଳିତ ଅଗଷ୍ଟ ମାସର ବିକ୍ରି ତଥ୍ୟ ଘୋଷଣା କରିଛି। କମ୍ପାନୀର ଚଳିତବର୍ଷ ଅଗଷ୍ଟରେ ମୋଟ୍ ଗାଡ଼ି ବିକ୍ରି ୪,୩୦,୬୮୩ଟି ରହିଛି। ସେଥି ମଧ୍ୟରୁ ୪,୦୧,୪୬୯ଟି ଗାଡ଼ି ଦେଶ ଭିତରେ ବିକ୍ରି କରିଥିବା ବେଳେ ୨୯,୨୧୪ଟି ଗାଡ଼ିକୁ କମ୍ପାନୀ ବିଦେଶକୁ ରପ୍ତାନି କରିଛି। ସେହିଭଳି ଚଳିତବର୍ଷ ଜୁଲାଇ ତୁଳନାରେ ଗାଡ଼ି ବିକ୍ରି ୧୮% ବୃଦ୍ଧି ସହ ହୋଣ୍ଡାର ଦେଶ ଭିତର ବିକ୍ରି ୪ ଲକ୍ଷ ମାଇଲଖୁଣ୍ଟ ଅତିକ୍ରମ କରିଛି। କମ୍ପାନୀ ଜୁଲାଇରେ ମୋଟ ୩,୮୪,୯୨୦ ଗାଡ଼ି ବିକ୍ରି କରିଥିଲା। ସେଥି ମଧ୍ୟରୁ ୩,୪୦,୪୨୦ଟି ଗାଡ଼ି ଦେଶ ଭିତରେ ବିକ୍ରି ହୋଇଥିଲା ଏବଂ ବଳକା ୪୪,୫୦୦ ଗାଡ଼ି ବିଦେଶକୁ ରପ୍ତାନି କରିଥିଲା। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ (ବିକ୍ରି ଓ ମାର୍କେଟିଂ), ୟଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି ଯେ, ଅଗଷ୍ଟ ମାସରୁ ଦେଶରେ ଉତ୍ସବର ଭାବ ଆରମ୍ଭ ହୋଇଛି। ଅନୁସନ୍ଧାନ ଓ ଶୋ'ରୁମ୍‌ରେ ଗ୍ରାହକଙ୍କ ଚାହିଦା ପ୍ରତି ମାସ ଦ୍ରୁତ ଗତିରେ ଉନ୍ନତି ହେଉଥିବାରୁ ଆମେ ସତର୍କତାର ସହ ଆଗକୁ ବଢୁଛୁ ଏବଂ ତାହାକୁ ଖୁଚୁରା ବିକ୍ରିରେ ପରିବର୍ତ୍ତନ କରିବାକୁ ଆଶା ରଖିଛୁ।

## ବିଶ୍ୱଜିତ ପଟ୍ଟନାୟକଙ୍କ ମାନବ ସମ୍ବଳ ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର,୫।୯

ଏ.ଏସ୍.ବି.ଏମ୍. ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଓ କୁଳାଧକ୍ଷ ପ୍ରଫେସର ଡ଼କ୍ଟର ବିଶ୍ୱଜିତ ପଟ୍ଟନାୟକଙ୍କର ବହୁ ଚର୍ଚ୍ଚିତ 'ମାନବ ସମ୍ବଳ ପ୍ରବନ୍ଧନ' ପୁସ୍ତକର ଷଷ୍ଠ ସଂସ୍କରଣ ଓଡ଼ିଶାର ରାଜ୍ୟପାଳ ମହାମହିମ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ରାଜଭବନରେ ଉନ୍ମୋଚିତ ହୋଇଯାଇଛି। ରାଜ୍ୟପାଳ ପୁସ୍ତକଟିକୁ ଉନ୍ମୋଚିତ କରି ଏହାର ଉଚ୍ଚ ପ୍ରଶଂସା କରିଥିଲେ। ଏହା ପ୍ରବନ୍ଧନ ଶିକ୍ଷାରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ମତ ପ୍ରକାଶ କରିଥିଲେ। ପ୍ରଫେସର ପଟ୍ଟନାୟକ ତାଙ୍କ ପୁସ୍ତକ "ଦି ନିଉ ଗ୍ଲୋବାଲାଇଜେସନ୍ : ଇଣ୍ଟିଗ୍ରେଟିଙ୍ଗ ପିପୁଲ୍, ଟେକ୍‌ନୋଲୋଜି ଏଣ୍ଡ ମାର୍କେଟ" ମହାମହିମ ରାଜ୍ୟପାଳଙ୍କୁ ଉପହାର ଦେଇଥିଲେ। ଉଲ୍ଲେଖଯୋଗ୍ୟ, ପ୍ରଫେସର ପଟ୍ଟନାୟକ ବିଗତ ତିନି ଦଶନ୍ଧି ଧରି ଜଣେ ମ୍ୟାନେଜମେଣ୍ଟ ଶିକ୍ଷାର ପ୍ରଫେସର ଓ ଗବେଷକ ଭାବେ ଖ୍ୟାତି ଅର୍ଜନ କରିଛନ୍ତି।

## ଏୟାରଟେଲ ପକ୍ଷରୁ ୫ଜି କ୍ଲାଉଡ ଗେମିଂ ପ୍ରଦର୍ଶନ

ନୂଆଦିଲ୍ଲୀ,୫।୯

ଏୟାରଟେଲ୍ ପକ୍ଷରୁ ୫ ଜି ପରିବେଶରେ ସଫଳତାର ସହିତ ଭାରତର ପ୍ରଥମ କ୍ଲାଉଡ୍ ଗେମିଙ୍ଗ୍ ଅଧିବେଶନର ପରିଚାଳନା କରାଯାଇଛି। ଏହି ପ୍ରଦର୍ଶନକୁ ଭାରତ ସରକାରଙ୍କ ଟେଲିକମ ମନ୍ତ୍ରଣାଳୟ ଦ୍ୱାରା ଆବଣ୍ଟିତ ସ୍ପେକ୍ଟ୍ରମ୍‌ର ବ୍ୟବହାର କରି ୫ ଜି ପରୀକ୍ଷଣର ଅଂଶ ଭାବେ ମାନେସର (ଗୁଡ୍‌ଗାଓଁ) ଠାରେ ଏହାର ପରିଚାଳନା କରାଯାଇଛି। ୫ଜି କ୍ଲାଉଡ୍ ଗେମିଙ୍ଗ୍ ପ୍ରଦର୍ଶନ ପାଇଁ, ଏୟାରଟେଲ୍ ଦେଶର ଦୁଇ ଜଣ ପ୍ରମୁଖ ଗେମର୍-ମୋର୍ଟାଲ (ନମନ୍ ମାଥୁର) ଓ ମାମ୍ବା (ସଲ୍‌ମାନ ଅହମ୍ମଦ) ଙ୍କ ସହିତ ସହଭାଗିତା କରିଛି। ଏକ ଅତ୍ୟଧିକ ଦ୍ରୁତ ଓ ଅଲ୍‌ଟ୍ରା ଲୋଲାଟେନ୍ସି ୫ଜି ପରିବେଶରେ ସେମାନଙ୍କର ଗେମିଙ୍ଗ୍ ଦକ୍ଷତାକୁ ପରୀକ୍ଷଣ କରିବା ପାଇଁ ବ୍ଲାକ୍‌ନଟ୍‌ରୁ ଗେମିଙ୍ଗ ଟେକ୍ନୋଲୋଜି ପ୍ଲାଟ୍‌ଫର୍ମର ବ୍ୟବହାର କରି ମୋର୍ଟାଲ୍ ଓ ମାମ୍ବାଙ୍କ ପାଇଁ ଆସ୍‌ଫାଲ୍ଟରେ ଏକ ସ୍ପ୍ରିଂଟ୍ ରେସିଙ୍ଗ ଚ୍ୟାଲେଞ୍ଜର ଉନ୍ମୋଚନ କରାଯାଇଥିଲା।

## କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିବ ଭାରତ ମସଲା

ଭୁବନେଶ୍ୱର,୫।୯




ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ 'ଜୟ ଭାରତ ଫାଉଣ୍ଡେସନ' ପକ୍ଷରୁ ୨୨ତମ ଭାରତ ପ୍ରତିଭା ସମାରୋହ କାର୍ଯ୍ୟକ୍ରମ ସ୍ଥାନୀୟ ବାରଙ୍ଗସ୍ଥିତ ରାମଦାସପୁର ଠାରେ ଆୟୋଜନ ହେବ। ଏହି ଅବସରରେ ସରକାରଙ୍କ କୋଭିଡ୍ କଟକଣା ଓ ସ୍ଥାନୀୟ ପ୍ରଶାସନର ଗାଇଡ୍‌ଲାଇନ ଅନୁସାରେ ସଂସ୍ଥାର ପ୍ରତିଷ୍ଠା ଦିବସ ପାଳନ କରାଯିବ ବୋଲି ସୂଚନା ମିଳିଛି। ରାଜ୍ୟରେ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଫାଉଣ୍ଡେଶନ ତା'ର ସାମାଜିକ ଦାୟିତ୍ୱବୋଧତାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ସହ ପୂଜ୍ୟପୂଜାକୁ ମଧ୍ୟ ଆବଶ୍ୟକ ସମ୍ମାନ ଦେବାରେ ଫାଉଣ୍ଡେସନ କେବେ ବି କୁଣ୍ଠିତ ହୋଇନାହିଁ। ଓଡ଼ିଶାର ନାଁକୁ ଦେଶ ବାହାରେ ଟେକ ରଖିବାରେ ଯେଉଁମାନେ ଅଗ୍ରଣୀ ଭୂମିକା ନେଉଛନ୍ତି ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଭାରତ ମସଲା ପକ୍ଷରୁ ଗତ ୨୧ ବର୍ଷ ହେଲା ତା'ର ଏହି ପ୍ରୟାସକୁ ଅବ୍ୟାହତ ରଖିଛି। ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ଗୌରବ ମଣ୍ଡନ କରୁଥିବା ପ୍ରତିଭାମାନଙ୍କୁ ସବୁବର୍ଷ ଭଳି ଏବର୍ଷ ମଧ୍ୟ ସମ୍ମାନିତ କରାଯିବ। ତେବେ ଚଳିତବର୍ଷ ୨୦୨୦-ଟୋକିଓ ଅଲିମ୍ପିକ ପ୍ରତିଯୋଗିତାରେ ହକି ପାଇଁ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ଗୌରବ ଆଣିଥିବା ଖେଳାଳିମାନଙ୍କୁ ଫାଉଣ୍ଡେଶନ ପକ୍ଷରୁ ନଗଦ ଅର୍ଥ ରାଶି ସହ ଉପଢୌକନ ପ୍ରଦାନ କରାଯିବ। ସେହିପରି ପୂଜ୍ୟପୂଜାର ପରମ୍ପରାକୁ ଅକ୍ଷୁଣ୍ଣ ରଖି ଜୟ ଭାରତ ଫାଉଣ୍ଡେସନ ଦେଶ ପାଇଁ ପଦକ ଜିତାଇବାରେ ମୁଖ୍ୟ ଭୂମିକା ନେଇଥିବା ଆମ ରାଜ୍ୟର ହକି ତାରକା ଅମିତ ରୋହିଦାସ ଓ ବୀରେନ୍ଦ୍ର ଲାକ୍ରାଙ୍କୁ 'ଭାରତ ଗୌରବ' ସମ୍ମାନ ପ୍ରଦାନ କରିବ। ସେହିପରି ଭାରତୀୟ ହକି ମହିଳା ଦଳରେ ପ୍ରମୁଖ ଭୂମିକା ଲିଭାଇଥିବା ଓଡ଼ିଶାର ଦୁଇ ମହିଳା ହକି ତାରକା ଦୀପଗ୍ରେସ ଏକ୍କା ଓ ନମିତା ଟପ୍ପୋଙ୍କୁ ମଧ୍ୟ 'କ୍ରୀଡ଼ା ଭାରତ' ସମ୍ମାନରେ ସମ୍ମାନିତ କରାଯିବ ବୋଲି ସୂଚନା ମିଳିଛି। ଫାଉଣ୍ଡେଶନର ଅଧକ୍ଷ ସୁରେନ୍ଦ୍ରନାଥ ପଣ୍ଡାଙ୍କ ପୌରୋହିତ୍ୟରେ ଉପସ୍ଥିତ ଚୟନକର୍ତ୍ତା ଅରୁଣ କୁମାର ନାୟକ, ସୁମନ୍ତ କୁମାର ପଣ୍ଡା, ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ପ୍ରଫୁଲ୍ଲ ସିଂହ, ଅଶ୍ୱିନୀ ଦାସ, ନବକୃଷ୍ଣ ପ୍ରଧାନ ପ୍ରମୁଖ ଏହିନିଷ୍ପତ୍ତି ନେଇଛନ୍ତି ବୋଲି ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

## ଫୁର୍‌ସତ୍

### ପ୍ରସବବେଳେ ବାହାରିଗଲା ଗର୍ଭାଶୟ

**ୱାଶିଂଟନ୍:** ସନ୍ତାନ ପ୍ରସବ ସମୟରେ ଏକ କଷ୍ଟକର ପରିସ୍ଥିତିର ସାମ୍ନା କରିଛନ୍ତି ଆମେରିକାର ଜଣେ ମହିଳା। ଜଣାଶୁଣା ଟିକ୍‌ଟକ୍ ୟୁଜର ଷ୍ଟେଫ୍ ନିଜ ଫଲୋଅର୍ସମାନଙ୍କ ସହିତ ସନ୍ତାନ ପ୍ରସବ କରିବା କାହାଣୀ ଶେୟାର କରିଛନ୍ତି। ସେ ଏଥିରେ କହିଛନ୍ତି, ସନ୍ତାନ ପ୍ରସବ ପରେ ତାଙ୍କର ଗର୍ଭାଶୟ ବାହାରକୁ ଚାଲିଆସିଥିଲା। ଏହା ପରେ ଡାକ୍ତରମାନେ ଗର୍ଭାଶୟକୁ ଏକ ବାଲ୍ଟିରେ ରଖି ଦେଇଥିଲେ। ଏହି ଭିଡିଓକୁ ବର୍ତ୍ତମାନ ସୁଦ୍ଧା ୨.୨ ମିଲିୟନରୁ ଅଧିକ ଲୋକ ଦେଖିସାରିଲେଣି। ଷ୍ଟେଫ୍ ଫଲୋଅର୍ସଙ୍କୁ କହିଛନ୍ତି କି, ଡାକ୍ତରମାନେ ଏହି ଗର୍ଭାଶୟକୁ ପୁଣି ଶରୀର ଭିତରେ ରଖିଦେଇଛନ୍ତି। ୨୪ ଘଣ୍ଟା ପରେ ତାଙ୍କର ଚେତା ଆସିଥିଲା। ଗର୍ଭାଶୟ ପୁଣି ଭିତରକୁ ଯିବା ସମ୍ଭାବନା ୫୦ ପ୍ରତିଶତ ଥିଲା। କିନ୍ତୁ ଡାକ୍ତରମାନେ ଏହାକୁ ଠିକ୍ ଭାବରେ ରଖିବାରେ ସଫଳ ହୋଇଛନ୍ତି। ବର୍ତ୍ତମାନ ସେ ସୁସ୍ଥ ଅଛନ୍ତି ବୋଲି କହିଛନ୍ତି ଷ୍ଟେଫ୍।

### ମହିଳାଙ୍କ ଲାଇବ୍ରେରି

**ନୂଆଦିଲ୍ଲୀ:** ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ତିଆରି ହେଉଛି ଲାଇବ୍ରେରି, ଯେଉଁଠି ସେମାନେ ଉଚ୍ଚ ଶିକ୍ଷା ତଥା ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇପାରିବେ। ମହିଳାଙ୍କ ପାଇଁ ପ୍ରଥମ ଥର ଏମିତି ଏକ ସୁଯୋଗ ସୃଷ୍ଟି ହୋଇଛି ରାଜଧାନୀ ଦିଲ୍ଲୀରେ।

ନାରୀ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଇ ଏବେ ପ୍ରଥମ ଥର ପାଇଁ ଉତ୍ତର-ପଶ୍ଚିମ ଦିଲ୍ଲୀର ଏକ ଗାଁରେ ଏକ ସ୍ୱତନ୍ତ୍ର ଲାଇବ୍ରେରି ତିଆରି କରାଯାଉଛି। ଏହି ଲାଇବ୍ରେରିରେ କେବଳ ମହିଳାମାନେ ହିଁ ପଢ଼ିବା ପାଇଁ ସୁଯୋଗ ପାଇପାରିବେ। ବିଭିନ୍ନ ପ୍ରକାରର ପ୍ରତିଯୋଗିତାମୂଳକ ପରୀକ୍ଷା ଯେମିତିକି ମେଡିକାଲ୍, ଇଞ୍ଜିନିୟରିଂ, ୟୁପିଏସ୍‌ସି ଏବଂ ଅନ୍ୟାନ୍ୟ ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେବା ପାଇଁ ଏହି ଲାଇବ୍ରେରିରେ ସବୁ ପ୍ରକାରର ସୁବିଧା କରାଯାଇଛି। ଏହି ଲାଇବ୍ରେରିରେ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ସମସ୍ତ ପ୍ରକାରର ପୁସ୍ତକ ରଖାଯାଇଛି। ଲାଇବ୍ରେରି ଭିତରେ ବସି ପାଠ ପଢ଼ିବା ନିମନ୍ତେ ସମସ୍ତ ପ୍ରକାରର ସୁବିଧା ମଧ୍ୟ କରାଯାଇଛି। ସେଥିପାଇଁ ଇଣ୍ଟେରିୟରକୁ ଆକର୍ଷଣୀୟ କରିବା ନିମନ୍ତେ ବିଭିନ୍ନ ପ୍ରକାରର ପେଣ୍ଟିଂ ଏବଂ ସ୍ୱତନ୍ତ୍ର କକ୍ଷ ବି କରାଯାଇଛି। ଲାଇବ୍ରେରି ତିଆରି କରିବା ପରେ ଏବେ ସେଠାରେ ଏକ କାଉନ୍‌ସେଲିଂ ସେଣ୍ଟର ମଧ୍ୟ କରିବା ପାଇଁ ଯୋଜନା କରାଯାଉଛି। ପ୍ରଥମ ଥର ପାଇଁ କେବଳ ମହିଳାଙ୍କ ପାଇଁ ଏଭଳି ଏକ ଲାଇବ୍ରେରି ତିଆରି କରାଯାଇଥିବାରୁ ମହିଳାମାନେ ବେଶ୍ ଉତ୍ସାହିତ ହୋଇଛନ୍ତି। ମହିଳାମାନେ ଏଠାରେ ସୁରକ୍ଷିତ ଭାବେ ପାଠ ପଢ଼ିପାରିବେ ବୋଲି ମତ ପ୍ରକାଶ ପାଇଛି।



### ମିଡିଆ ଉପରେ କ୍ରିତିଙ୍କ ରାଗ



**ମୁମ୍ବାଇ:** ଅଭିନେତା ସିଦ୍ଧାର୍ଥ ଶୁକ୍ଲାଙ୍କ ଶେଷକୃତ୍ୟ ବେଳର ଭିଜୁଆଲ କେତେକ ଗଣମାଧ୍ୟମ ସଂସ୍ଥା ଟେଲିକାଷ୍ଟ କରିଥିବାରୁ ମିଡିଆ ଉପରେ ରାଗି ଖପ୍ପା ହୋଇଛନ୍ତି ଅଭିନେତ୍ରୀ କ୍ରିତି ସାନନ୍। ସିଦ୍ଧାର୍ଥଙ୍କ ଶେଷଯାତ୍ରା ବେଳର ସମ୍ବେଦନଶୀଳ ଘଟଣାକୁ କଭରେଜ କରିବା ଭୁଲ ବୋଲି ସେ କହିଛନ୍ତି। କ୍ରିତି ସାନନ ଲେଖିଛନ୍ତି, ଏହା ସମ୍ବାଦ କିମ୍ବା କୌଣସି ମନୋରଞ୍ଜନର କଥା ନୁହେଁ। ସବୁ ଜିନିଷର କିଛି ସୀମା ରହିବା ଜରୁରୀ। ତେଣୁ ମିଡିଆ ଅନ୍ତିମ ସଂସ୍କାର ଭଳି ଘଟଣାର କଭରେଜ୍ ବନ୍ଦ କରନ୍ତୁ। ନିଜ ଲୋକକୁ ହରାଇଥିବା ବ୍ୟକ୍ତିଙ୍କ ଦୁଃଖଦ ମୁହୂର୍ତ୍ତର ଫଟୋ ଉଠାଇବା ମଧ୍ୟ ଭୁଲ୍ ବୋଲି ସେ କହିଛନ୍ତି।

### ଆଞ୍ଜେଲିନାଙ୍କ ଭୟ

**ୱାଶିଂଟନ୍:** ବୈବାହିକ ଜୀବନର ଉତ୍‌ଥାନ ପତନକୁ ନେଇ ସବୁବେଳେ ଚର୍ଚ୍ଚାରେ ହଲିଉଡ୍ ଅଭିନେତ୍ରୀ ଆଞ୍ଜେଲିନା ଜୋଲି। ୪୬ ବର୍ଷୀୟା ଏହି ଆକ୍ଟ୍ରେସ୍ ୩ ଥର ବିବାହ କରିଥିଲେ ମଧ୍ୟ ଦାମ୍ପତ୍ୟ ସମ୍ପର୍କ ଦୀର୍ଘସ୍ଥାୟୀ ହୋଇପାରିନାହିଁ। ନିକଟରେ ନିଜର ୬ ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି ଆଞ୍ଜେଲିନା। ବାର୍ଷିକ କୋଟି କୋଟି ଟଙ୍କା ରୋଜଗାର କରୁଥିବା ଏହି ଚର୍ଚ୍ଚିତ ଅଭିନେତ୍ରୀଙ୍କ ଏଭଳି ମନ୍ତବ୍ୟକୁ ନେଇ ଏବେ ସୋସିଆଲ ମିଡିଆରେ ଆରମ୍ଭ ହୋଇଛି ଚର୍ଚ୍ଚା। ଜନି ଲି ମିଲର, ବିଲି ବବ୍ ଥୋର୍ନଟନ୍‌ଙ୍କ ପରେ ହଲିଉଡ୍‌ର ଖ୍ୟାତନାମା ଅଭିନେତା ବ୍ରାଡ୍ ପିଟ୍‌ଙ୍କ ସହ ଯୋଡ଼ି ହୋଇଥିଲେ ଆଞ୍ଜେଲିନା। ୨୦୧୯ରେ ଉଭୟେ ଅଲଗା ହୋଇଯାଇଛନ୍ତି। ଆଞ୍ଜେଲିନାଙ୍କ ୬ ସନ୍ତାନ ଅଛନ୍ତି। ସେମାନଙ୍କ ମଧ୍ୟରୁ ତାଙ୍କ ଔରସରୁ ୩ଜଣ ଜନ୍ମ ଲାଭ କରିଥିବାବେଳେ ଅନ୍ୟ ୩ ଜଣକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ତେବେ ଦୀର୍ଘଦିନ ପରେ ପୂର୍ବତନ ସ୍ୱାମୀ ବ୍ରାଡ୍‌ଙ୍କ ସନ୍ତାନଙ୍କ ପ୍ରତି ରହିଥିବା ରୁକ୍ଷ ବ୍ୟବହାର ସମ୍ପର୍କରେ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ସୂଚନା ଦେଇଛନ୍ତି ଜୋଲି।



ବ୍ରାଡ୍‌ଙ୍କ ସହିତ ଥିବା ତିକ୍ତ ବୈବାହିକ ଜୀବନ ସମ୍ପର୍କରେ ସେ କହିଛନ୍ତି, ଏକ ବିମାନ ଯାତ୍ରା ସମୟରେ ବ୍ରାଡ୍ ସନ୍ତାନମାନଙ୍କୁ ନିର୍ଯାତନା ଦେଇଥିଲେ। ଛାଡ଼ପତ୍ର ପରେ ନିଜ ସନ୍ତାନଙ୍କ ଲାଳନପାଳନ କରିବାକୁ ନେଇ ସେ ଅତ୍ୟନ୍ତ ଭୟଭୀତ ହୋଇପଡ଼ିଥିଲେ। ପିଲାମାନଙ୍କ ଅଧିକାର ସମ୍ପର୍କରେ କାହିଁକି ପୁସ୍ତକ ଲେଖିବାକୁ ନିଷ୍ପତ୍ତି ନେଇଥିଲେ ବୋଲି 'ଦି ଗାର୍ଜିଆନ ନ୍ୟୁଜ୍'ର ପ୍ରତିନିଧିଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନରେ ସେ କହିଥିଲେ, ଏହା ଆଇନଗତ। ଏ ସମ୍ପର୍କରେ ଅଧିକ ସ୍ପଷ୍ଟ କରିବା ସମୀଚୀନ ହେବ ନାହିଁ। ତେବେ ତାଙ୍କ ମନ୍ତବ୍ୟ ବ୍ରାଡ୍‌ଙ୍କ ଦ୍ୱାରା ଶିକାର ଘରୋଇ ହିଂସା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିବା ଚର୍ଚ୍ଚା ହେଉଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋଣା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mob. 9999268493
Whatsapp: 8902923601

ଭାରତର ନଂ.1 Tower Company
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ 999/-
ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
8004625362
9450762304

KUBER FINANCE
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9452281017

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶ ଶ୍ରାଦ୍ଧବାର୍ଷିକୀ
ଶ୍ରଦ୍ଧାଞ୍ଜଳି

୰ ରାଜେନ୍ଦ୍ର ପ୍ରସାଦ ପୃଷ୍ଟି
ତିରୋଧାନ: ୦୭।୦୯।୨୦୧୦
(ଭାଦ୍ରବ କୃଷ୍ଣପକ୍ଷ ଅମାବାସ୍ୟା)
ଆଜି ଏକାଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା
ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ
ଧ-୨୧୫୫୭

୧୩ତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଦିଗମ୍ବର ନାୟକ
ପଞ୍ଚାୟତ ନିର୍ବାହୀ ଅଧିକାରୀ
ମଠକରଗୋଳା, ଢେଙ୍କାନାଳ
ଆବିର୍ଭାବ-୧୭।୦୭।୧୯୬୩
ତିରୋଧାନ- ୦୬।୦୯।୨୦୦୮ ଭାଦ୍ରବ ଶୁକ୍ଳପକ୍ଷ ସପ୍ତମୀ
ଏହି ପୁଣ୍ୟ ତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
-ଶୋକସନ୍ତପ୍ତ-
ଧର୍ମପତ୍ନୀ: ପ୍ରଜିଳା, ପୁତ୍ର: ଦିପୁନ୍, ଲିକୁନ୍, ଶାଶୁ, ଶ୍ୱଶୁର, ସଢୁ, ଦେଢଶାଶୁ, ଶାଳୀ, ପୁତୁରା, ଝିଆରୀ, ବୋହୂ: ପ୍ରିୟଙ୍କା, ନାତି: ଅବନୀଶ, ଅନୁରାଗ ଓ ପରିବାରବର୍ଗ।
ଧ-୭୦୩୫୧

ଏକାଦଶାହ ଉପଲକ୍ଷେ

୰ଶଙ୍କର୍ଷଣ ପଣ୍ଡା
ଲେନ୍-୧ ଲୁଇସ୍ ରୋଡ୍, ରବିଟକିଜ୍‌ଛକ, ଭୁବନେଶ୍ୱର
ଆବିର୍ଭାବ: ୩୧।୦୧।୧୯୪୦
ସ୍ୱର୍ଗାରୋହଣ: ୨୭।୦୮।୨୦୨୧
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ସାହିତ୍ୟିକ, ଅନୁବାଦକ, ଗାଳ୍ପିକ ଓ ବ୍ୟଙ୍ଗ ଲେଖକ ଶଙ୍କର୍ଷଣ ପଣ୍ଡାଙ୍କର ବିୟୋଗ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ଘଟାଇଛି। ତାଙ୍କ ଏକାଦଶାହରେ ପରିବାରଙ୍କୁ ଈଶ୍ୱର ଅଶେଷ ଧୈର୍ଯ୍ୟ ଦିଅନ୍ତୁ। ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛୁ।
ଶୋକସନ୍ତପ୍ତ ପତ୍ନୀ, କନ୍ୟା, ପୁତ୍ର, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୨୧୫୫୪

# ପାରାଲିମ୍ପିକ୍ସର ସଫଳ ପରିସମାପ୍ତି




ଆତସବାଜି କାର୍ଯ୍ୟକ୍ରମ। ଅନ୍ତର୍ଜାତୀୟ ପାରାଲିମ୍ପିକ୍ କମିଟି ସଭାପତି ଆଣ୍ଡ୍ର୍ୟୁ ପର୍ସନ୍ସ (ବାମ) ପ୍ୟାରିସ ମେୟର ଆନେ ହିଡାଲ୍‌ଗୋଙ୍କୁ ପାରାଲିମ୍ପିକ୍ ପତାକା ହସ୍ତାନ୍ତର କରୁଛନ୍ତି।

**ଟୋକିଓ,୫।୯**

କୋଭିଡ୍-୧୯ ଚ୍ୟାଲେଞ୍ଜକୁ ସଫଳତାର ସହ ସାମ୍ନା କରି ଟୋକିଓ ପାରାଲିମ୍ପିକ୍ସ ଶେଷ ହୋଇଛି। ୧୩ ଦିନ ଧରି ଚାଲିଥିବା ଏହି ମେଗା ଇଭେଣ୍ଟର ରବିବାର ପରିସମାପ୍ତି ଘଟିଛି। ଅଲିମ୍ପିକ୍ସ ପରି ପାରାଲିମ୍ପିକ୍ସର ମଧ୍ୟ ସଫଳ ସମାପନ ଘଟିଛି। କ୍ରୀଡ଼ା ଆଗରେ କରୋନା ହାରିଛି ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ପାରା ଆଥ୍‌ଲେଟ ଅର୍ଥାତ୍ ଦିବ୍ୟାଙ୍ଗ ଖେଳାଳିମାନେ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରି ଅକ୍ଷମତାକୁ ପଛରେ ପକାଇ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହି କ୍ରୀଡ଼ା ମହାକୁମ୍ଭର ସଫଳ ସମାପନ ସାରା ବିଶ୍ୱକୁ ଏକ ନୂଆ ବାର୍ତ୍ତା ଦେଇଛି। କୌଣସି ବିପତ୍ତି ଆଗରେ ମଣିଷର ଇଚ୍ଛାଶକ୍ତି ହାର ମାନିନାହିଁ ବୋଲି ପୁଣି ପ୍ରମାଣିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ମହିଳା ଶୁଟର ଅବନୀ ଲେଖରା ତ୍ରିରଙ୍ଗା ଧରି ଭାରତୀୟ ଦଳର ଧ୍ୱଜାବାହକ ଦାୟିତ୍ୱ ତୁଲାଇଥିଲେ। ୧୯ ବର୍ଷୀୟା ଅବନୀ ସ୍ୱର୍ଣ୍ଣ ସହିତ ଏହି ମେଗା ଇଭେଣ୍ଟରେ ଦୁଇଟି ପଦକ ହାସଲ କରିଥିଲେ। ସେ ଏସ୍‌ଏଚ୍ ୧ ବର୍ଗରେ ୧୦ ମିଟର ଏୟାର ପିସ୍ତଲରେ ସ୍ୱର୍ଣ୍ଣ ଓ ୫୦ ମିଟର ରାଇଫଲ ଥ୍ରୀ ପୋଜିଶନରେ ବ୍ରୋଞ୍ଜ ପଦକ ଜିତିଥିଲେ। ଅବନୀଙ୍କୁ ବାଦ୍ ଦେଲେ ଏଥର ପୁରୁଷ ଶୁଟର ସିଂହରାଜ ଆଡାନା ମଧ୍ୟ ଦୁଇଟି ପଦକ ହାସଲ କରିଥିଲେ। ସେ ୧୦ ମି. ଏୟାର ପିସ୍ତଲରେ ବ୍ରୋଞ୍ଜ ଓ ୫୦ ମି. ଏୟାର ପିସ୍ତଲ ଇଭେଣ୍ଟରେ ରୌପ୍ୟ ଜିତିଥିଲେ।

ଉଦ୍‌ଯାପନୀ ଉତ୍ସବରେ ୧୧ଜଣ ଭାରତୀୟ ଆଥ୍‌ଲେଟ ଅଂଶଗ୍ରହଣ କରିଥିଲେ। ଅଗଷ୍ଟ ୨୪ରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ୫ଜଣ ଭାରତୀୟ ଆଥ୍‌ଲେଟ ଭାଗ ନେଇଥିଲେ ଓ ଶଟ୍‌ପୁଟର ଟେକ୍ ଚାନ୍ଦ ଭାରତୀୟ ପତାକା ବହନ କରିଥିଲେ। ଏହି ପାରାଲିମ୍ପିକ୍ସରେ ୧୬୩ଟି ଦେଶର ୪୫୦୦ ଖେଳାଳି ୨୨ଟି କ୍ରୀଡ଼ାର ୫୪୦ଟି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ୮ ବର୍ଷ ତଳେ ଟୋକିଓକୁ ପାରାଲିମ୍ପିକ୍ସ ଆୟୋଜନ ଅଧିକାର ମିଳିଥିଲା। ଫଳରେ ପାଖାପାଖି ଏକ ଦଶନ୍ଧିର ପ୍ରକ୍ରିୟା ଏଥିସହ ଶେଷ ହୋଇଛି।

ଟୋକିଓର ନ୍ୟାଶନାଲ ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ ଉତ୍ସବରେ ସର୍କସ ଭଳି ପରିବେଶରେ ଉଦ୍‌ଯାପନୀ ଉତ୍ସବ ଶେଷ ହୋଇଛି। ଏହି ଅବସରରେ ଜାପାନ ସମ୍ରାଟ ନାରୁହିଟୋଙ୍କ ଭାଇ ରାଜକୁମାର ଅକିଶିନୋ ଉପସ୍ଥିତ ଥିଲେ। କୋଭିଡ୍-୧୯ କାରଣରୁ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସ ଗୋଟିଏ ବର୍ଷ ଘୁଞ୍ଚିଥିଲା। କୌଣସି ପ୍ରଶଂସକ ଓ ଦର୍ଶକଙ୍କୁ ଅନୁମତି ମିଳି ନ ଥିଲା। ଅବଶ୍ୟ ପାରାଲିମ୍ପିକ୍‌ର କେତୋଟି ଭେନ୍ୟୁରେ କେତେ ହଜାର ସ୍କୁଲ ଛାତ୍ରଙ୍କୁ ପ୍ରବେଶ କରିବାକୁ ଅନୁମତି ମିଳିଥିଲା। ପାରାଲିମ୍ପିକ୍ସ ସଫଳତାର ସହ ଶେଷ ହୋଇଥିବାରୁ ଅନ୍ତର୍ଜାତୀୟ ପାରାଲିମ୍ପିକ୍ କମିଟି (ଆଇପିସି) ଅଧ୍ୟକ୍ଷ ଆଣ୍ଡ୍ର୍ୟୁ ପର୍ସନ ଖୁସି ପ୍ରକାଶ କରିଛନ୍ତି। ଏହି କ୍ରୀଡ଼ା ଆୟୋଜନ ହୋଇପାରିବ ନାହିଁ ବୋଲି ବେଳେବେଳେ ଭାବୁଥିଲୁ। ଆମେ ମଧ୍ୟ ଏଥିପାଇଁ କେତେ ରାତ୍ରି ଅନିଦ୍ରା ରହିଛୁ ବୋଲି ସେ କହିଛନ୍ତି। ଏହି ଉତ୍ସବର ଟାଇଟଲ ହାରମୋନିୟସ କାକୋଫୋନୀ ରଖାଯାଇଥିଲା। ଏଥିରେ ଦିବ୍ୟାଙ୍ଗ ଅଭିନେତାଙ୍କ ସହ ସାଧାରଣ ଅଭିନେତା ମଧ୍ୟ ଅଂଶଗ୍ରହଣ କରିଥିଲେ। ସାରା ବିଶ୍ୱ ଏହି ପାରାଲିମ୍ପିକ୍ସରୁ ଅନୁପ୍ରାଣିତ ହୋଇଛି ବୋଲି ଆୟୋଜକମାନେ କହିଛନ୍ତି। ଅଲିମ୍ପିକ୍ସ ଭଳି ପାରାଲିମ୍ପିକ୍ସରେ ମଧ୍ୟ ସବୁପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେଭଳି କିଛି ବଡ଼ ସମସ୍ୟା ବିନା ଆମେ ସଫଳତାର ସହ ପାରାଲିମ୍ପିକ୍ସ ଆୟୋଜନ କରିଛୁ ବୋଲି ଆୟୋଜକ କମିଟି ଅଧ୍ୟକ୍ଷ ସେଇକୋ ହାଶିମୋଟୋ କହିଛନ୍ତି। ଏହି ଦୁଇ ବଡ଼ ଇଭେଣ୍ଟ ସଫଳତାର ସହ ଆୟୋଜନ ହେବା ପଛରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଓ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହାଇଡ ସୁଗାଙ୍କ ବଡ଼ ଭୂମିକା ରହିଛି କହିଲେ ଭୁଲ ହେବନାହିଁ।

ଅଲିମ୍ପିକ୍ ଓ ପାରାଲିମ୍ପିକ ଆୟୋଜନ ପାଇଁ ଜାପାନ ୧୫.୪ ବିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ କରିଛି ବୋଲି ଆନୁଷ୍ଠାନିକ ଭାବେ କୁହାଯାଇଛି। ମହାମାରୀ ପାଇଁ ଆହୁରି ଅଧିକ ଅର୍ଥ ଖର୍ଚ୍ଚ ହୋଇଥିବ ବୋଲି ଅନୁମାନ କରାଯାଉଛି। କୋଭିଡ୍-୧୯ କଟକଣା ମଧ୍ୟରେ ଏହା ଆୟୋଜନ ହୋଇଛି। ଏଥିପାଇଁ ଟୋକିଓ ଓ ତା'ର ଆଖପାଖ ଅଞ୍ଚଳରେ ଇମର୍ଜେନ୍ସି ମଧ୍ୟ ଲାଗୁ ରହିଥିଲା। ଅଲିମ୍ପିକ ପରେ ପାରାଲିମ୍ପିକର ସଫଳ ଆୟୋଜନ ସାରା ବିଶ୍ୱ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି।

### ଭାରତର ପଦକ ବିଜେତା

**ସ୍ୱର୍ଣ୍ଣ ପଦକ**
ଅବନୀ ଲେଖରା (ଶୁଟିଂ)
ସୁମିତ ଆଣ୍ଟିଲ (ଜାଭେଲିନ ଥ୍ରୋ)
ମନୀଷ ନରୱାଲ (ଶୁଟିଂ)
ପ୍ରମୋଦ ଭଗତ (ବ୍ୟାଡ୍‌ମିଣ୍ଟନ)
କ୍ରିଷ୍ଣା ନାଗର (ବ୍ୟାଡ୍‌ମିଣ୍ଟନ)

**ରୌପ୍ୟ ପଦକ**
ଭାବିନା ପଟେଲ (ଟେବୁଲ ଟେନିସ)
ନିଷାଦ କୁମାର (ହାଇଜମ୍ପ)
ଦେବେନ୍ଦ୍ର ଝାଝାରିଆ (ଜାଭେଲିନ ଥ୍ରୋ)
ଯୋଗେଶ କୁମାର (ଡିସ୍‌କସ ଥ୍ରୋ)
ମାରିୟାପ୍ପାନ ଥଙ୍ଗାଭେଲୁ(ହାଇଜମ୍ପ)
ପ୍ରବୀଣ କୁମାର (ହାଇଜମ୍ପ)
ସିଂହରାଜ ଆଡାନା (ଶୁଟିଂ)
ସୁହାସ ୟଥିରାଜ (ବ୍ୟାଡ୍‌ମିଣ୍ଟନ)

**ବ୍ରୋଞ୍ଜ୍ ପଦକ**
ସୁନ୍ଦର ସିଂ ଗୁର୍ଜର (ଜାଭେଲିନ ଥ୍ରୋ)
ସିଂହରାଜ ଆଡାନା (ଶୁଟିଂ)
ଶରଦ କୁମାର (ହାଇଜମ୍ପ)
ଅବନୀ ଲେଖରା (ଶୁଟିଂ)
ହରବିନ୍ଦର ସିଂ (ଆର୍ଚେରୀ)
ମନୋଜ ସରକାର (ବ୍ୟାଡ୍‌ମିଣ୍ଟନ)



ଉଦ୍‌ଯାପନୀ ଉତ୍ସବରେ ତ୍ରିରଙ୍ଗାଧାରୀ ଭାରତର ଅବନୀ ଲେଖାରା।

## ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ୧. ଚାଇନା | ୯୬ | ୬୦ | ୫୧ | ୨୦୭ |
| ୨. ଗ୍ରେଟ୍ ବ୍ରିଟେନ | ୪୧ | ୩୮ | ୪୫ | ୧୨୪ |
| ୩. ୟୁଏସ୍‌ଏ | ୩୭ | ୩୬ | ୩୧ | ୧୦୪ |
| ୪. ଆର୍‌ପିସି | ୩୬ | ୩୩ | ୪୯ | ୧୧୮ |
| ୫.ନେଦରଲାଣ୍ଡସ୍ | ୨୫ | ୧୭ | ୧୭ | ୫୯ |
| ୬. ୟୁକ୍ରେନ୍ | ୨୪ | ୪୭ | ୨୭ | ୯୮ |
| ୭. ବ୍ରାଜିଲ | ୨୨ | ୨୦ | ୩୦ | ୭୨ |
| ୮. ଅଷ୍ଟ୍ରେଲିଆ | ୨୧ | ୨୯ | ୩୦ | ୮୦ |
| ୯. ଇଟାଲୀ | ୧୪ | ୨୯ | ୨୬ | ୬୯ |
| ୧୦.ଆଜରବୈଜାନ | ୧୪ | ୧ | ୪ | ୧୯ |
| ୧୧.ଜାପାନ | ୧୩ | ୧୫ | ୨୩ | ୫୧ |
| ୧୨.ଜର୍ମାନୀ | ୧୩ | ୧୨ | ୧୮ | ୪୩ |
| ୧୩. ଇରାନ | ୧୨ | ୧୧ | ୧ | ୨୪ |
| ୧୪. ଫ୍ରାନ୍ସ | ୧୧ | ୧୫ | ୨୮ | ୫୪ |
| ୧୫. ସ୍ପେନ | ୯ | ୧୫ | ୧୨ | ୩୬ |
| ୧୬. ଉଜ୍‌ବେକିସ୍ତାନ | ୮ | ୫ | ୬ | ୧୯ |
| ୧୭. ପୋଲାଣ୍ଡ | ୭ | ୬ | ୧୨ | ୨୫ |
| ୧୮.ହଙ୍ଗେରୀ | ୭ | ୫ | ୪ | ୧୬ |
| ୧୯. ସୁଇଜରଲାଣ୍ଡ | ୭ | ୪ | ୩ | ୧୪ |
| ୨୦. ମେକ୍ସିକୋ | ୭ | ୨ | ୧୩ | ୨୨ |
| ୨୧. ନ୍ୟୁଜିଲାଣ୍ଡ | ୬ | ୩ | ୩ | ୧୨ |
| ୨୨. ଇସ୍ରାଏଲ | ୬ | ୨ | ୧ | ୯ |
| ୨୩. କାନାଡା | ୫ | ୧୦ | ୬ | ୨୧ |
| ୨୪. ଭାରତ | ୫ | ୮ | ୬ | ୧୯ |
| ୨୫. ଥାଇଲାଣ୍ଡ | ୫ | ୫ | ୮ | ୧୮ |

## ପ୍ରି-କ୍ୱାର୍ଟରରେ ବୋପାନ୍ନା-ଡୋଡିଗ



ରୋହନ ବୋପାନ୍ନା ଓ ଇଭାନ ଡୋଡିଗ।

**ନ୍ୟୁୟର୍କ,୫।୯:** ୟୁଏସ୍ ଓପନ ଟେନିସ ଟୁର୍ନାମେଣ୍ଟରେ ଭାରତୀୟ ଅଭିଜ୍ଞ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ କ୍ରୋଏସିଆ ପାର୍ଟନର ଇଭାନ ଡୋଡିଗ ପୁରୁଷ ଡବଲ୍ସ ଇଭେଣ୍ଟର ପ୍ରି- କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ରାତିରେ ୧୪ତମ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ୬-୩, ୪-୬, ୬-୪ ସେଟ୍‌ରେ ମୋନାକୋର ହୁଗୋ ନିସ ଓ ଫ୍ରାନ୍ସର ଆର୍ଥର ରିଣ୍ଡେରକ୍ନେଚଙ୍କୁ ଏକ ଘଣ୍ଟା ୫୬ ମିନିଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ବୋପାନ୍ନା ଓ ଡୋଡିଗ ଏବେ ଚତୁର୍ଥ ସିଡ୍ ମାନ୍ୟତା ପାଇଥିବା ଆମେରିକାର ରାଜୀବ ରାମ ଓ ଗ୍ରେଟ୍ ବ୍ରିଟେନର ଜୋଏ ସାଲିସବୁରିଙ୍କୁ ଭେଟିବେ। ରାଜୀବ ଓ ଜୋଏ ଗତ ଅଷ୍ଟ୍ରେଲିଆନ ଓପନ୍‌ରେ ରନର୍ସଅପ୍ ବିବେଚିତ ହୋଇଥିଲେ। ଏକମାତ୍ର ଭାରତୀୟ ଭାବେ ବୋପାନ୍ନା ୟୁଏସ୍ ଓପନରେ ଅଭିଯାନ ଜାରି ରଖିଛନ୍ତି। ପୂର୍ବରୁ ସାନିଆ ମିର୍ଜା ଓ ଅଙ୍କିତା ରାଇନା ସେମାନଙ୍କ ମହିଳା ଡବଲ୍ସର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ମିକ୍ସଡ ଡବଲ୍ସ ଇଭେଣ୍ଟରେ ମଧ୍ୟ ସାନିଆ ପ୍ରଥମ ରାଉଣ୍ଡ ପାର କରିପାରି ନ ଥିଲେ।

## ହକି ଓଡ଼ିଶା ନିର୍ବାଚନ

**ଭୁବନେଶ୍ୱର, ୫।୯ (ସ୍ପୋର୍ଟସ୍ ବ୍ୟୁରୋ):** ହକି ଓଡ଼ିଶାର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଓ ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ସମସ୍ତ କର୍ମକର୍ତ୍ତା ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ଏଜିଏମ୍ ଆରମ୍ଭରେ କରୋନା ମହାମାରୀରେ ମୃତ୍ୟୁବରଣ କରିଥିବା ଲୋକମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ହକି ଓଡ଼ିଶା ସାଧାରଣ ସମ୍ପାଦକ ପ୍ରତାପ ଶତପଥୀ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। କୋଷାଧ୍ୟକ୍ଷ ଆକାଉଣ୍ଟର ଅଡିଟ୍ ଷ୍ଟେଟ୍‌ମେଣ୍ଟ ଉପସ୍ଥାପନ କରାଇଥିଲେ। ତାହା ମଧ୍ୟ ବୈଠକରେ ଅନୁମୋଦନ ଲାଭ କରିଥିଲା। ଓଡ଼ିଶା ହାଇକୋର୍ଟ ଆଡ୍‌ଭୋକେଟ ତଥା ରିଟର୍ନିଂ ଅଫିସର ଶରତ ଚନ୍ଦ୍ର ସାହୁ ସମସ୍ତ ପଦବୀ ପାଇଁ ପ୍ରାର୍ଥୀଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ବୋଲି ଘୋଷଣା କରିଥିଲେ। ହକି ଓଡ଼ିଶା ସାଧାରଣ ପରିଷଦ ବୈଠକରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍)କୁ ହକି ଇଣ୍ଡିଆର ସ୍ଥାନୀୟ ସଦସ୍ୟ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଥିଲା।

## ବ୍ରୋଞ୍ଜ୍ ମେଡାଲ ମ୍ୟାଚ୍‌ରେ ହାରିଲେ ପ୍ରମୋଦ

**ଟୋକିଓ,୫।୯:** ଟୋକିଓ ପାରାଲିମ୍ପିକ୍ସରେ ବ୍ୟାଡ୍‌ମିଣ୍ଟନ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରମୋଦ ଭଗତ କିନ୍ତୁ ମିକ୍ସଡ ଡବଲ୍ସରେ ବିଫଳତାର ସମ୍ମୁଖୀନ ହୋଇଛନ୍ତି। ରବିବାର ଏହି ମେଗା ଇଭେଣ୍ଟର ଅନ୍ତିମ ଦିବସରେ ଖେଳାଯାଇଥିବା ମିକ୍ସଡ ଡବଲ୍ସ ଇଭେଣ୍ଟରେ ବ୍ରୋଞ୍ଜ ପଦକ ପାଇଁ ଅନୁଷ୍ଠିତ ମ୍ୟାଚରେ ପ୍ରମୋଦ ଓ ତାଙ୍କ ପାର୍ଟନର ପଲକ କୋହଲି ପରାସ୍ତ ହୋଇଛନ୍ତି। ଏହି ଯୋଡି ଜାପାନର ଦାଇସୁକ ଫୁଜିହାରା ଓ ଅକିକୋ ସୁଗିନୋଙ୍କଠାରୁ ପରାସ୍ତ ହୋଇ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି।

ପ୍ରମୋଦ ଓ ପଲକ ୨୧-୨୩, ୨୧-୧୯ରେ ପ୍ରତିପକ୍ଷ ଯୋଡିଠାରୁ ଏସ୍‌ଏଲ୩-ଏସ୍‌ୟୁ୫ ଫାଇନାଲରେ ମାତ୍ର ୩୭ ମିନିଟ୍‌ରେ ପରାସ୍ତ ହୋଇ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ପୂର୍ବରୁ ଶନିବାର ପ୍ରମୋଦ ଓ ପଲକ ସେମିଫାଇନାଲରେ ଇଣ୍ଡୋନେସିଆର ହାରୀ ସୁସାଣ୍ଟୋ ଓ ଲିଆନି ରାତ୍ରି ଓକ୍‌ଟିଲାଙ୍କଠାରୁ ୩-୨୧, ୧୫-୨୧ରେ ପରାସ୍ତ ହୋଇଥିଲେ।

## ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୫।୯(କ୍ରୀଡ଼ା ପ୍ରତିନିଧି)**

### ୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫି

ଚଳିତ ମାସ ୨୮ରୁ ମୋହାଲିଠାରେ ଆରମ୍ଭ ହେବାକୁ ଯାଉଥିବା ୧୯ ବର୍ଷରୁ କମ୍ ଭିନୁ ମଙ୍କଡ଼ ଟ୍ରଫି ପାଇଁ ରବିବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। କଟକସ୍ଥିତ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜୁନିୟର ଚୟନ କମିଟି ଅଧ୍ୟକ୍ଷ ଅମିୟ ରାୟ ଓ ମୁଖ୍ୟ କୋଚ୍ ରଶ୍ମିରଞ୍ଜନ ପରିଡ଼ା ଖେଳାଳିଙ୍କ ନାମ ତାଲିକା ପ୍ରକାଶ କରିଥିଲେ। ନିକଟରେ ଅନୁଷ୍ଠିତ ସିନିୟର ଓ ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଲିଗ୍ ଓ ସୁପରଲିଗ୍‌ରେ ପ୍ରଦର୍ଶନ ଭିତ୍ତିରେ ଖେଳାଳି ଚୟନ କରାଯାଇଛି। ଓଡ଼ିଶା ଦଳ ୨୦ ତାରିଖରେ ମୋହାଲି ଯାତ୍ରା କରି ଦିଲ୍ଲୀ, ଛତିଶଗଡ଼, ଉତ୍ତରପ୍ରଦେଶ, ଆନ୍ଧ୍ର ପ୍ରଦେଶ ଓ ବିହାର ବିପକ୍ଷରେ ଖେଳିବ।

**ଓଡ଼ିଶା ଦଳ:** ସୂର୍ଯ୍ୟ ମହାପାତ୍ର (ଅଧିନାୟକ), ଆଶୀର୍ବାଦ ସ୍ୱାଇଁ (ଉପ ଅଧିନାୟକ/ଉଇକେଟ କିପର), ସାଇଦୀପ ମହାପାତ୍ର, ଓମ୍ ଟି. ମୁଣ୍ଡେ, ସାଇ ଶୁଭମ୍, ଶ୍ରେଷ୍ଠ ସିଂ, ରୀତେଶ ପ୍ରିୟରଞ୍ଜନ, ରାକେଶ ସାହୁ, ତିରିକ ଚୌଧୁରୀ, ବିମଲ କୁମାର, ସମ୍ବିତ ବରାଳ, ଦୀନେଶ ମାଝି (ଉଇକେଟ କିପର), ସାରାଂଶ କୁମାର, ଅଂଶୁମାନ ସାହୁ, ମହମ୍ମଦ ସୋହେଲ, ଅଂଶୁମାନ ବେଜ୍, ସୁଶୀଲ ବାରିକ, ନିରଞ୍ଜନ ଗୌଡ଼ା, ସାହିଲ ପ୍ରସାଦ, ଆଦିତ୍ୟ ଜୟସିଂ, ଶୁଭମ୍ ସିଂ, ରାଜେଶ ପାତ୍ର।

**କାର୍ଯ୍ୟସୂଚୀ**

ସେପ୍ଟେମ୍ବର ୨୮: ଓଡ଼ିଶା ବନାମ ଉତ୍ତର ପ୍ରଦେଶ
ସେପ୍ଟେମ୍ବର ୨୯: ଓଡ଼ିଶା ବନାମ ବିହାର
ଅକ୍ଟୋବର ୧: ଓଡ଼ିଶା ବନାମ ଦିଲ୍ଲୀ
ଅକ୍ଟୋବର ୨: ଓଡ଼ିଶା ବନାମ ଛତିଶଗଡ଼
ଅକ୍ଟୋବର ୪: ଓଡ଼ିଶା ବନାମ ଆନ୍ଧ୍ର ପ୍ରଦେଶ

## ନୀଳଚକ୍ର ସ୍ପୋର୍ଟସ୍ କ୍ଲବ ଚାମ୍ପିୟନ

**ଖୋର୍ଦ୍ଧା ଅଫିସ, ୫।୯**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦିୟା ମୁସଲିମ ଫୁଟବଲ ପଡିଆରେ ଏକଦିବସୀୟ ସେକ୍ ନଜିର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଇଛି। ଫାଇନାଲରେ ପୁରୀର ନୀଳଚକ୍ର ସ୍ପୋର୍ଟସ୍ କ୍ଲବ ଟାଇବ୍ରେକର ୫-୪ ଗୋଲରେ ଭୁବନେଶ୍ୱରର ଶିବଶକ୍ତି କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟ ଖେଳ ଗୋଲଶୂନ୍ୟ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ପ୍ରତିଯୋଗିତାରେ ମୋଟ ୮ଟି ଦଳ (ଅହମଦିୟା ଏଫ୍.ସି. କେରଙ୍ଗ, ନୀଳଚକ୍ର ସ୍ପୋର୍ଟସ୍ କ୍ଲବ ପୁରୀ, ସାରଳା କ୍ଲବ ଢେଙ୍କାନାଳ, ଆରିଆନ୍ସ କ୍ଲବ ଖୋର୍ଦ୍ଧା, ଶିବଶକ୍ତି ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର, ପତିତପାବନ କ୍ଲବ ବ୍ରହ୍ମପୁର ଏବଂ ମିଳନ କ୍ଲବ ମୁକୁନ୍ଦ ପ୍ରସାଦ ଖୋର୍ଦ୍ଧା) ଭାଗ ନେଇଥିଲେ। ପ୍ରଥମ ମ୍ୟାଚରେ ନୀଳଚକ୍ର କ୍ଲବ, ଦ୍ୱିତୀୟ ମ୍ୟାଚରେ ସାରଳା କ୍ଲବ, ତୃତୀୟ ମ୍ୟାଚରେ ଶିବଶକ୍ତି ସ୍ପୋର୍ଟିଂ, ଚତୁର୍ଥ ମ୍ୟାଚରେ ମିଳନ କ୍ଲବ ବିଜୟୀ ହୋଇଥିଲା। ପ୍ରଥମ ସେମିଫାଇନାଲରେ ସାରଳା କ୍ଲବକୁ ନୀଳଚକ୍ର କ୍ଲବ ଏବଂ ଦ୍ୱିତୀୟ ସେମିରେ ମିଳନ କ୍ଲବକୁ ଶିବଶକ୍ତି ସ୍ପୋର୍ଟିଂ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ମ୍ୟାନ ଅଫ ଦି ଫାଇନାଲ ଆଣ୍ଟୁ ନାୟକ, ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ଲାଖାଇ ମୁର୍ମୁ ଏବଂ ବେଷ୍ଟ ଗୋଲକିପର ଦୁର୍ଜଫନା ହାସଦାଙ୍କୁ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ ରାଜୁ ମହାନ୍ତି ପରିଚାଳନା କରିଥିବା ବେଳେ ତାଙ୍କ ସହ ଲାଇନ୍ସମ୍ୟାନ ଭାବେ କିରିଷ ଚନ୍ଦ୍ର ଜାନୀ, ପ୍ରଫୁଲ୍ଲ କୁମାର ବେହେରା, ବିଦେଶୀ ନାୟକ, ଅଶୋକ କୁମାର କଅଁର, ଶଖାୱତ ଖାଁ, ସଗିର ଅହମ୍ମଦ ଏବଂ ଅମଜାଦ ଖାଁ ସହଯୋଗ କରିଥିଲେ।





ନୀଳଚକ୍ର ସ୍ପୋର୍ଟସ୍ କ୍ଲବର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

## ଭାରତୀୟ ଦଳରେ ଓଡ଼ିଶାର ରତ୍ନୁପର୍ଣ୍ଣା

**ନୂଆଦିଲ୍ଲୀ, ୫।୯**

ଅକ୍ଟୋବର ୯ରୁ ୧୭ ପର୍ଯ୍ୟନ୍ତ ଡେନ୍‌ମାର୍କରେ ଥୋମାସ ଓ ଉବେର କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ରତ୍ନୁପର୍ଣ୍ଣା ପଣ୍ଡା ସ୍ଥାନ ପାଇଛନ୍ତି। ଏଥିପାଇଁ ହୋଇଥିବା ଟ୍ରାଏଲ୍ସରେ ରତ୍ନୁପର୍ଣ୍ଣା ଏବଂ ତନିଶା କ୍ରାଷ୍ଟୋ ଶୀର୍ଷସ୍ଥାନ ଅଧିକାର କରିଥିଲେ।

ତାରକା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ଏବଂ ବି. ସାଇ ପ୍ରଣୀଥ ଯଥାକ୍ରମେ ମହିଳା ଓ ପୁରୁଷ ଦଳର ନେତୃତ୍ୱ ନେବେ। ୧୦ ଜଣିଆ ମହିଳା ଦଳରେ ଟ୍ରାଏଲରେ ଟପ୍-୩ରେ ଥିବା ମାଳଭିକା ବନସୁଦ, ଅଦିତି ଭଟ୍ଟ ଓ ତସନିମ ମୀର ମଧ୍ୟ ସାମିଲ ଅଛନ୍ତି। ୧୦ ଜଣିଆ ପୁରୁଷ ଦଳରେ ୪ ସିଙ୍ଗଲ୍ସ ଖେଳାଳି ଓ ୩ ଡବଲ୍ସ ଯୋଡ଼ି ଅଛନ୍ତି। ପ୍ରଣୀଥ ଓ ପୂର୍ବତନ ନମ୍ବର ୱାନ କିଦାମ୍ବି ଶ୍ରୀକାନ୍ତଙ୍କ ସହ ଟ୍ରାଏଲ୍ସରେ ଟପ୍-୨ରେ ରହିଥିବା କିରନ ଜର୍ଜ ଓ ସମୀର ବର୍ମା ମଧ୍ୟ ସ୍ଥାନ ପାଇଛନ୍ତି। ଦେଶର ଶୀର୍ଷ ଡବଲ୍ସ ଯୋଡ଼ି ଚିରାଗ ଶେଟ୍ଟି ଓ ସ୍ୱସ୍ତିକ ସାଇରାଜ ରାଙ୍କିରେଡ୍ଡୀ ଟ୍ରାଏଲ୍ସରେ ଭଲ ପ୍ରଦର୍ଶନ କରି ଦଳରେ ରହିଛନ୍ତି। ଥୋମାସ କପ୍‌ରେ ଭାରତ ଗ୍ରୁପ୍ 'ସି'ରେ ଗତଥରର ଚାମ୍ପିୟନ ଚାଇନା ନେଦରଲାଣ୍ଡସ୍ ଓ ତାହିତି ଏବଂ ଅନ୍ୟ ୨ଟି ଦଳ ସହିତ ସ୍ଥାନ ପାଇଛି। ଉବେର କପ୍‌ରେ ଭାରତୀୟ ମହିଳା ଦଳ ଗ୍ରୁପ୍ 'ବି'ରେ ଥାଇଲାଣ୍ଡ, ସ୍ପେନ୍ ଓ ସ୍କଟଲାଣ୍ଡ ସହିତ ରହିଛି। ମହିଳାଙ୍କ ମଧ୍ୟରେ ଟ୍ରାଏଲ୍ସରେ ଟପ୍-୨ ଡବଲ୍ସ ଯୋଡ଼ି ତନିଶା-ରତ୍ନୁପର୍ଣ୍ଣା ଏବଂ ଅଶ୍ୱିନୀ ପୋନ୍ନାପ୍ପା-ଏନ.ସିକ୍କି ରେଡ୍ଡୀ ଅନ୍ୟ ୨ ସିଙ୍ଗଲ୍ସ ଖେଳାଳି ବନସୁଦ ଓ ଭଟ୍ଟଙ୍କ ସହ ସ୍ଥାନ ପାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ଚୟନ ଟ୍ରାଏଲରେ ରତ୍ନୁପର୍ଣ୍ଣା-ତନିଶା ଯୋଡ଼ି ଅଲିମ୍ପିଆନ ପୋନ୍ନାପ୍ପା ଓ ସିକ୍କି ରେଡ୍ଡୀଙ୍କୁ ପରାସ୍ତ କରିଥିଲେ। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ମଧ୍ୟ ରବିବାର ସୁଦିରମନ କପ୍ ପାଇଁ ୧୨ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ଏହି ପ୍ରତିଯୋଗିତା ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୩ ପର୍ଯ୍ୟନ୍ତ ଫିନ୍‌ଲାଣ୍ଡରେ ଅନୁଷ୍ଠିତ ହେବ।

### ଥୋମାସ ଓ ଉବେର କପ୍ ବ୍ୟାଡ୍‌ମିଣ୍ଟନ



ରତ୍ନୁପର୍ଣ୍ଣା ପଣ୍ଡା ଓ ତନିଶା କ୍ରାଷ୍ଟୋ।

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୬/୨୦୨୧ Bhubaneswar, Monday, September 6/ 2021

# ଇଂଲଣ୍ଡର ଲକ୍ଷ୍ୟ ୩୬୮

**ଲଣ୍ଡନ,୫।୯**

କେନିଙ୍ଗଟନ ଓଭାଲ ଗ୍ରାଉଣ୍ଡରେ ଭାରତ ଓ ଘରୋଇ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଚତୁର୍ଥ କ୍ରିକେଟ ଟେଷ୍ଟ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ପ୍ରଥମ ଇନିଂସରେ ୯୯ ରନ ପଛରେଥିବା ଭାରତ ଦ୍ୱିତୀୟ ଇନିଂସରେ ୪୬୬ ରନକରି ଅଲଆଉଟ ହୋଇଛି। ଫଳରେ ଇଂଲଣ୍ଡ ସମ୍ମୁଖରେ ୩୬୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ରବିବାର ୪ର୍ଥ ଦିବସ ଶେଷସୁଦ୍ଧା ଇଂଲଣ୍ଡ କୌଣସି ଉଇକେଟ ନ ହରାଇ ଦ୍ୱିତୀୟ ଇନିଂସରେ ୭୭ ରନ

**ଚତୁର୍ଥ ଟେଷ୍ଟ**

କରିଛି। ଫଳରେ ସମସ୍ତ ଉଇକେଟ ସୁରକ୍ଷିତ ଥାଇ ଘରୋଇ ଦଳ ଆଉ ୨୯୧ ରନ ପଛରେ ରହିଛି। ହସିବ ହମିଦ ୪୩ ଓ ରୋରି ବର୍ନ୍ସ ୩୧ ରନରେ ଅପରାଜିତ ଅଛନ୍ତି।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୭୦/୩ରୁ ଭାରତ ଖେଳ ଆରମ୍ଭ କରି ଅଲ୍‌ଆଉଟ ହୋଇଥିଲା। ବିରାଟ କୋହଲି ଓ ରବୀନ୍ଦ୍ର ଜାଡେଜା ଯଥାକ୍ରମେ ୪୪ ଓ ୧୭ ରନ କରି ଆଉଟ ହୋଇଥିଲେ। ଉପଅଧିନାୟକ ଅଜିଙ୍କ୍ୟ ରାହାନେ ଖାତା ଖୋଲିପାରି ନ ଥିଲେ। ତେବେ ସପ୍ତମ ଉଇକେଟରେ ରିଷଭ ପନ୍ତ ଓ ଶାର୍ଦ୍ଦୁଳ ଠାକୁର ୧୦୦ ରନ ସଂଗ୍ରହ କରି ଭାରତକୁ ବିପଦମୁକ୍ତ କରିଥିଲେ। ଠାକୁର ୬୦ ଓ ପନ୍ତ ୫୦ ରନକରି ଆଉଟ ହୋଇଥିଲେ। ଏହାପରେ ଉମେଶ ଯାଦବ ୨୫ ଓ ଯଶପ୍ରୀତ ବୁମ୍‌ରା ୨୪ ରନକରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ କ୍ରିସ ୱୋକ୍ସ ୩, ଓଲି ରବିନ୍‌ସନ ଓ ମୋଇନ ଅଲି ୨ଟି ଲେଖାଏ, ଜେମ୍ସ ଆଣ୍ଡରସନ, କ୍ରେଗ୍ ଓଭରଟନ ଓ ଜୋ ରୁଟ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଶନିବାର ଓପନର ରୋହିତ ଶର୍ମା ୧୨୭ ରନର ଶତକୀୟ ଇନିଂସ ଖେଳିଥିବା ବେଳେ ଲୋକେଶ ରାହୁଲ ୪୬ ଓ ଚେତେଶ୍ୱର ପୂଜାରା ୬୧ ରନକରି ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ:୧୯୧। ଇଂଲଣ୍ଡ ପ୍ରଥମ ଇନିଂସ:୨୯୦। ଭାରତ ଦ୍ୱିତୀୟ ଇନିଂସ- ୪୬୬/ ଅଲଆଉଟ (ରୋହିତ-୧୨୭, ରାହୁଲ-୪୬, ପୂଜାରା-୬୧, କୋହଲି-୪୪, ପନ୍ତ- ୫୦, ଠାକୁର- ୬୦, ଉମେଶ- ୨୫, ବୁମ୍‌ରା-୨୪, ୱୋକ୍ସ- ୩/୮୩, ରବିନ୍‌ସନ- ୨/୧୦୫, ମୋଇନ- ୨/୧୧୮)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୭୭/୦।



ଅର୍ଦ୍ଧଶତକ ହାସଲ ପରେ ଶାର୍ଦ୍ଦୁଳ ଠାକୁର।

## ମାକ୍ସ ଭର୍ଷ୍ଟାପେନ୍ ଜିତିଲେ ଡଚ୍ ଗ୍ରାଁ ପ୍ରି



**ଜାଣ୍ଡଭୁର୍ଟ (ନେଦରଲାଣ୍ଡ୍ସ), ୫।୯:** ମର୍ସିଡିଜ୍‌ର ଲୁଇସ୍ ହାମିଲଟନଙ୍କୁ ପଛରେ ପକାଇ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଡଚ୍ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଏଥିସହିତ ଚାମ୍ପିୟନଶିପ୍ ଟେବୁଲରେ ସେ ପୁଣି ଅଗ୍ରଣୀ ଲାଭ କରିଛନ୍ତି। ଘରୋଇ ଦର୍ଶକଙ୍କ ଉପସ୍ଥିତିରେ ଉତ୍ସାହିତ ହୋଇ ଭର୍ଷ୍ଟାପେନ୍ ପୋଲ ପୋଜିଶନଠାରୁ ଆରମ୍ଭ କରି ରବିବାର ଅନୁଷ୍ଠିତ ରେସ୍‌ରେ ହାମିଲଟନଙ୍କୁ ପରାସ୍ତ କରିବାରେ ସକ୍ଷମ ହୋଇଥିଲେ। ଚଳିତ ସିଜନରେ ୧୩ଟି ରେସ୍ ମଧ୍ୟରୁ ୭ଟିରେ ବିଜୟ ହାସଲ ସହ ଏହି ଡଚ୍ ଡ୍ରାଇଭର ଚାମ୍ପିୟନଶିପ୍ ଟେବୁଲରେ ହାମିଲଟନଙ୍କଠାରୁ ୩ ପଏଣ୍ଟ ଆଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ହାମିଲଟନଙ୍କ ଟିମ୍‌ମେଟ୍ ଭାଲଟେରୀ ବୋଟାସ ଆଲ୍‌ଫା ଟାଉରିର ପିଏରେ ଗାସ୍‌ଲି ଓ ଫେରାରିର ଚାର୍ଲ୍ସ ଲେକ୍‌ରେକ୍‌ଙ୍କଠାରୁ ଆଗରେ ରହି ତୃତୀୟ ହୋଇଥିଲେ। ଭର୍ଷ୍ଟାପେନ୍‌ଙ୍କ ଚ୍ୟାଲେଞ୍ଜ କରିବା ଲାଗି ମର୍ସିଡିଜ ପକ୍ଷରୁ ହୋଇଥିବା ସମସ୍ତ ଉଦ୍ୟମ ବିଫଳ ହୋଇଥିଲା। ଅନ୍ୟପକ୍ଷରେ ଟୁ ଷ୍ଟପ୍ ଷ୍ଟ୍ରାଟେଜି ଏବଂ ପରେ ହାମିଲଟନଙ୍କୁ ଅଙ୍କୁଶ ଲଗାଇବା ଲାଗି ବୋଟାସଙ୍କୁ ବ୍ୟବହାର କରାଯାଇଥିଲା। କିନ୍ତୁ ରେଡବୁଲ ସବୁ ସମୟରେ ନିୟନ୍ତ୍ରଣରେ ରହିଥିବା ଲକ୍ଷ୍ୟ କରାଯାଇଥିଲା।

## ଲୋକେଶ ରାହୁଲଙ୍କୁ ଜରିମାନା

**ଦୁବାଇ,୫।୯:** ଭାରତୀୟ ଓପନର ଲୋକେଶ ରାହୁଲ ଜରିମାନାର ସମ୍ମୁଖୀନ ହୋଇଛନ୍ତି। କେନିଙ୍ଗଟନ ଓଭାଲରେ ଚାଲିଥିବା ଚତୁର୍ଥ ଟେଷ୍ଟରେ ସେ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରି ମ୍ୟାଚ୍ ଫିଁର ୧୫ ପ୍ରତିଶତ ଜରିମାନା ଆକାରରେ ଦେବାକୁ ନିର୍ଦ୍ଦେଶ ପାଇଛନ୍ତି। ତୃତୀୟ ଦିବସରେ ଡିଆରଏସ୍ ରିଭ୍ୟୁ ପରେ ସେ କଟ୍ ବିହାଇଣ୍ଡ ପାଇଁ ଆଉଟ ଘୋଷିତ ହୋଇଥିଲେ। ଶନିବାର ଭାରତ ଦ୍ୱିତୀୟ ଇନିଂସର ୩୪ତମ ଓଭରରେ ଏହି ଘଟଣା ଘଟିଥିଲା। ରାହୁଲ ୧୦୧ଟି ବଲର ସମ୍ମୁଖୀନ ହୋଇ ୪୬ ରନ ସଂଗ୍ରହ କରି ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନଙ୍କ ଦ୍ୱାରା କଟ୍ ବିହାଇଣ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ସେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଆଚରଣ ବିଧିର ଲେଭଲ- ୧ ଉଲ୍ଲଂଘନ କରିଥିଲେ ବୋଲି କୁହାଯାଇଛି। ଏଥିସହ ରାହୁଲଙ୍କ ଶୃଙ୍ଖଳାଗତ ରେକର୍ଡରେ ଗୋଟିଏ ପଏଣ୍ଟ ସାମିଲ କରାଯାଇଛି।

## ଶାସ୍ତ୍ରୀଙ୍କୁ କରୋନା

**ଲଣ୍ଡନ,୫।୯(ପି.ଟି.):** ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ କରୋନା ସଂକ୍ରମିତ ହୋଇଛନ୍ତି। ସେ ବର୍ତ୍ତମାନ ଆଇସୋଲେଶନରେ ଅଛନ୍ତି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ୩ ଜଣ ସପୋର୍ଟ ଷ୍ଟାଫ୍‌ଙ୍କୁ ଆଇସୋଲେଶନରେ ରଖାଯାଇଛି।






To test drive, SMS 'SPRESSO' to 53636 | CALL 1800 102 1800 | www.marutisuzuki.com | For bulk orders, mail at: Pradosh.Jena@maruti.co.in

SKY AUTOMOBILES
BHUBANESWAR: 9776645711. CUTTACK: 9776677771, 7381873818. DHENKANAL: 9776900005. NARSHINGPUR: 9776645725. KAMAKHYANAGAR: 9776645725. JAJPUR: 9776900777. SALEPUR: 9583544555. CHANDIKHOL: 9583544555.

ODYSSEY MOTORS
ANGUL: 7752076136. 9776901481. PALLAHARA: 7873565435. 9437831123.

TUSHI MOTORS
CUTTACK: 9078076450.

JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950.

NARAYANI MOTORS
BHUBANESHWAR: 9583022019,9583022012, 9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381093626. PARADEEP: 9583022034/48.

*Offer includes consumer offer, retail support, exchange bonus and corporate offer (wherever applicable) on S-Presso (Petrol all variants). *Terms & Conditions apply. The terms and conditions are subject to change without any prior notice. All offers are brought to you by Maruti Suzuki dealers only. Offers may vary from variant to variant. All offers shown are valid for limited period & for limited stock only. For more details, please contact your nearest ARENA dealership. Accessories and features shown in the pictures may not be a part of the standard equipment and may vary according to the variant. Colors shown may vary from actual body colors due to printing on paper. Images used are for illustration purposes only. Maruti Suzuki India Limited reserves the right to discontinue offers without notice. Above offer is valid till 30th September 2021.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ନାବାଳିକାଙ୍କୁ ଅପହରଣ ଅଭିଯୋଗ: ଭିଣୋଇ ଗିରଫ

ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.)- ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ତାଙ୍କ ଭିଣୋଇଙ୍କୁ ରବିବାର ପୋଲିସ ଗିରଫ କରିଛି। ଏଥିସହ ଅପହୃତା ନାବାଳିକାଙ୍କୁ ପୋଲିସ ଉଦ୍ଧାର କରି ଡାକ୍ତରୀମାଇନା କରାଇବା ସହ କଟକସ୍ଥିତ ବାଳାଶ୍ରମକୁ ପଠାଇ ଦେଇଛି। ସମ୍ପୃକ୍ତ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ପୂର୍ବରୁ ତାଙ୍କ ମା' ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ପକ୍ଷରୁ ମାମଲା (ନଂ. ୧୧୫/୨୧) ରୁଜୁ କରାଯାଇଥିଲା।

## ସଂକ୍ଷେପରେ

### ଗହମ କୋଟାକୁ ନେଇ କାର୍ଡଧାରୀ ଅସନ୍ତୁଷ୍ଟ

କଟକ ସଦର,୫।୯(ଡି.ଏନ.ଏ.)- କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତର କାର୍ଡଧାରୀଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଜୁଲାଇ ଓ ଅଗଷ୍ଟ ମାସର ନିର୍ଦ୍ଧାରିତ କୋଟାଠାରୁ କମ୍ ପରିମାଣର ଗହମ ଦିଆଯାଇଛି। ଏହାକୁ ନେଇ କାର୍ଡଧାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ୨ ମାସର କୋଟା ଏକକାଳିନ ବଣ୍ଟନ କରାଯାଇଥିଲା। ପ୍ରଥମେ ଯେଉଁମାନେ ରିଟେଲରଙ୍କ ପାଖକୁ ଯାଇଥିଲେ ସେମାନେ ଠିକ୍ ପରିମାଣର ଗହମ ପାଇଥିଲେ। ମାତ୍ର ଶେଷରେ ଅନେକ କାର୍ଡଧାରୀ କମ୍ ପରିମାଣର ଗହମ ପାଇଛନ୍ତି। ଏ ସମ୍ପର୍କରେ କଟକ ସଦର ଯୋଗାଣ ନିରୀକ୍ଷକ କେଦାର ନାଥ ପ୍ରଧାନୀ କୁହନ୍ତି, ମୋଟ୍ ଗହମ କୋଟାରୁ ୨୦ ପ୍ରତିଶତ କମ୍ ମିଳିଥିଲା। ତେଣୁ ସମସ୍ତଙ୍କୁ ନିର୍ଦ୍ଧାରିତ କୋଟା ମିଳିପାରିନାହିଁ। ସରକାର ବକେୟା କୋଟା ଦେଲେ କମ୍‌କୁ ଭରଣା କରାଯିବ।

### ମାର୍‌ପିଟ ଘଟଣାରେ ୨ ଗିରଫ

କଟକ ସଦର,୫।୯(ଡି.ଏନ.ଏ.)- କିଶନ ନଗର ଥାନା ଅଧୀନ ରତିଲୋ ଗ୍ରାମର ପଞ୍ଚମୁଖୀ ହନୁମାନ ମନ୍ଦିର ଭଙ୍ଗାଯିବାକୁ ନେଇ ଶନିବାର ସପକ୍ଷ ଓ ବିପକ୍ଷ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ହୋଇଥିଲା। ଏହି ଘଟଣାରେ ମନ୍ଦିର ସପକ୍ଷ ଗୋଷ୍ଠୀର ହେମନ୍ତ କୁମାର ମଲ୍ଲିକ ଓ ବଛ ବେହେରାଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୨୧/୨୧) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ବିପକ୍ଷଗୋଷ୍ଠୀର ଶମ୍ଭୁନାଥ ସାହୁ ସପକ୍ଷଗୋଷ୍ଠୀର ଆକ୍ରମଣରେ ଆହତ ହୋଇଥିଲେ। ଏ ନେଇ ସାହୁ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଛି।

### ୨ ବଖରା ଜଳିଗଲା

କଣ୍ଟାପଡା, ୫।୯(ଡି.ଏନ୍.ଏ.)- ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୋବିନ୍ଦପୁର ଥାନା ଅଧୀନ କୋକିପଦା ଗ୍ରାମର ଉଦୟନାଥ ଭୋଇଙ୍କ ୨ ବଖରା ଜଳିଯାଇଛି। ଖବରପାଇ ଅଡ଼ଶପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ସମସ୍ତ ଆସବାବପତ୍ର ପୋଡିଯାଇଛି। ଘରୁ ଜିନିଷ କାଢ଼ିବାକୁ ଉଦ୍ୟମ କରୁଥିବାବେଳେ ଉଦୟନାଥ ସାମାନ୍ୟ ଆହତ ହୋଇଛନ୍ତି। ଜଗତ୍‌ସିଂହପୁର ଏମ୍‌ପିଙ୍କ ନୋମିନି ବିମାନ ବିହାରୀ ବେହେରା ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ କରିଛନ୍ତି।

### କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

କଟକ ଅଫିସ, ୫।୯- ସ୍ଥାନୀୟ ପଞ୍ଚାପୋଲ ସୂତାହାଟସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନ ଐକ୍ୟତା ସଭାଗୃହରେ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ସ୍ଥାପନ ଉଦ୍‌ଘାଟିତ ହୋଇଯାଇଛି। ସହରାଞ୍ଚଳରେ ଗରିବ ବିଦ୍ୟାର୍ଥୀମାନଙ୍କୁ ସେବା ଯୋଗାଇବା ଓ କମ୍ପ୍ୟୁଟର ଟେକ୍ନୋଲୋଜିର ଉପଯୋଗିତା ସମ୍ବନ୍ଧରେ ସଚେତନ କରାଇବା ଉଦ୍ଦେଶ୍ୟରେ ରୋଟାରୀ କ୍ଲବ କଟକ ଏବଂ ଏଫ୍‌ଆଇଡିଆର(ଫୋରମ ଫର ଇଣ୍ଟିଗ୍ରେଟେଡ୍ ଡେଭଲପମେଣ୍ଟ ଆଣ୍ଡ ରିସର୍ଚ୍ଚ) ପକ୍ଷରୁ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଜେ.ଜେ. ରାଓ, ଶିକ୍ଷୟିତ୍ରୀ ସି. ସନ୍ଧ୍ୟାକାମେଶ୍ୱରି, ପବୀଣ କୁମାର, ରୋଟାରୀ କ୍ଲବ ଅଫ୍ କଟକର ସଭାପତି ପାର୍ଥସାରଥି ଚାଟାର୍ଜୀ, ସମ୍ପାଦକ ଅକ୍ଷୟ ନାୟକ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, ଏଫ୍‌ଆଇଡିଆରର ସିଦ୍ଧାର୍ଥ ବେହେରା, ଐକ୍ୟତାର ସଭାପତି କେ. ଦୁର୍ଗା ପ୍ରସାଦ, ସମ୍ପାଦକ କେ. ରାମାରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ରାଜ୍ୟ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

ଫୁଲନଖରା,୫।୯(ଡି.ଏନ.ଏ.)- ଗୁରୁଦିବସ ଅବସରରେ ଭୁବନେଶ୍ୱର ମହାନଗର ନିଗମ ୪ ନଂ. ୱାର୍ଡ ଅଧୀନ ଡିଅସାହିରେ ରାଜ୍ୟ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘର ୨୭ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ୟୁଟିଆ ଶିକ୍ଷକ ସଂଘ ସଭାପତି ଯୁଧିଷ୍ଠିର ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବଡଚଣା ବିଧାୟକ ଅମର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକ ଓ କର୍ମଚାରୀମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଉତ୍ତରୀୟ ସହ କଟକ ସଦର ପ୍ରେସ୍ କ୍ଲବର ଖବରଦାତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ଭାଗବତ ପ୍ରଧାନ, ସାଗରିକା ଜେନା, ଅଧ୍ୟାପକ ସତ୍ୟନାରାୟଣ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଜମି ବିବାଦରୁ ଭଣଜାଙ୍କୁ ହତ୍ୟା

■୨ ଗୋଷ୍ଠୀ ମଧ୍ୟରେ ଆକ୍ରମଣ
■୧୬ ଜଣଙ୍କ ନାଁରେ ଏତଲା, ୫ ଅଟକ

କଟକ ଅଫିସ, ୫।୯

କଟକ ଲାଲବାଗ ଥାନା ଅଧୀନ ସିଦ୍ଧେଶ୍ୱର ସାହିରେ ଶନିବାର ରାତିରେ ହତ୍ୟାକାଣ୍ଡ ଘଟିଛି। ମାମୁଙ୍କ ଭୁଜାଲି ମାଡରେ ଭଣଜାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଦୀପକ ସାମଲ(୧୯)। ଏ ନେଇ ଦୀପକଙ୍କ ମା' ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ୫ ଜଣଙ୍କୁ ଅଟକ ରଖିଛି। ଜମି ବିବାଦକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଥିବା ଆଇଆଇସି ଆର.ଏନ୍. ଭଞ୍ଜ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସିଦ୍ଧେଶ୍ୱର ସାହି ଅଞ୍ଚଳରେ ପ୍ରଦୀପ ସାମଲ ସପରିବାର ରହୁଛନ୍ତି। ନିକଟରେ ତାଙ୍କ ଭଉଣୀ ଜୟଶ୍ରୀ ସାମଲ ମଧ୍ୟ ରହୁଛନ୍ତି। ଜମି ଭାଗବଣ୍ଟାକୁ କେନ୍ଦ୍ରକରି ଭାଇଭଉଣୀଙ୍କ ଭିତରେ ବିବାଦ ଲାଗି ରହିଥିଲା। ଅନେକ ସମୟରେ ଦୁଇ ପରିବାର ଭିତରେ ଗଣ୍ଡଗୋଳ ହେଉଥିଲେ ମଧ୍ୟ ଆପୋସ ବୁଝାମଣା ହେଉଥିଲା। ଶନିବାର ରାତିରେ ହଠାତ୍ ପ୍ରଦୀପ ଓ ଜୟଶ୍ରୀଙ୍କ ଭିତରେ ପୂର୍ବ ବିବାଦକୁ କେନ୍ଦ୍ର କରି ପାଟିତୁଣ୍ଡ ହେବା ପରେ ଏହା ଉଗ୍ର ରୂପ ନେଇଥିଲା। ଜୟଶ୍ରୀଙ୍କ ଉପରେ ପ୍ରଦୀପ ହାତ ଉଠାଇବାରୁ ଭଣଜା ଦୀପକ ପ୍ରତିବାଦ କରିଥିଲେ। ଏହାପରେ ମାମୁ ଓ ଭଣଜାଙ୍କ ମଧ୍ୟରେ ମାର୍‌ପିଟ ହୋଇଥିଲା। ମାମୁଁଙ୍କ ସପକ୍ଷରେ ସାହିର କେତେଜଣ ଲୋକ ବାହାରିଲାବେଳେ ଦୀପକ ମଧ୍ୟ ଆଖପାଖର ସାଙ୍ଗମାନଙ୍କୁ ଡକାଇ ଦେଇଥିଲେ। ଏହାପରେ ଘଟଣାସ୍ଥଳ ଯୁଦ୍ଧକ୍ଷେତ୍ର ପାଲଟି ଯାଇଥିଲା। ଦୁଇଗୋଷ୍ଠୀ ପରସ୍ପର ଉପରକୁ ଢେଲା ମାଡ କରିବା ସହ ଲୁହା ରଡରେ ଆକ୍ରମଣ କରିଥିଲେ। ଏହା ଭିତରେ ପ୍ରଦୀପ ଘରୁ ଗୋଟିଏ ଭୁଜାଲି ଆଣି ଦୀପକଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ଖବରପାଇ ଲାଲ୍‌ବାଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ୩ ଜଣ ଆହତଙ୍କୁ ମେଡିକାଲ ପଠାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦୀପକଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ସାହିରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହି ଘଟଣାରେ ପ୍ରାୟ ୧୬ ଜଣଙ୍କ ନାଁରେ ଏତଲା ଦିଆଯାଇଛି।



କଟକ କାଠଗଡା ସାହିର ଶିଳ୍ପୀ ଲକ୍ଷ୍ମୀଧର ରଣାଙ୍କ ସମେତ ଅନ୍ୟମାନେ ୧୮୬୦ ମସିହାର କଟକ ସହର ଦୃଶ୍ୟକୁ ମାଟିରେ ନିର୍ମାଣ କରୁଛନ୍ତି।

## 'ଗୁରୁଙ୍କୁ ସମ୍ମାନ, ଭକ୍ତି ନ କଲେ ବଢ଼ିବା ଅସମ୍ଭବ'



ଉତ୍ସବରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସହ ଅନ୍ୟମାନେ।

**ଗୁରୁ ପ୍ରତିଭା ସମ୍ମାନ ଉତ୍ସବରେ ୭୫ ଶିକ୍ଷକ ସମ୍ବର୍ଦ୍ଧିତ**

ସାଲେପୁର,୫।୯(ଡି.ଏନ୍.ଏ.)

ଗୁରୁପ୍ରତିଭା ସମ୍ମାନ ସମିତି ପକ୍ଷରୁ ରବିବାର ସାଲେପୁର ହାଇସ୍କୁଲର ଅଡିଟୋରିୟମ ପରିସରରେ ଗୁରୁଦିବସ ପାଳିତ ହୋଇଯାଇଛି। ଗୁରୁପ୍ରତିଭା ସମ୍ମାନ ସମିତି ଅଧ୍ୟକ୍ଷ ତଥା ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଏହାର ନେତୃତ୍ୱ ନେଇଥିଲେ। ମୁଖ୍ୟଅତିଥି ଭାବେ ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ସମାଜର ବିକାଶରେ ଶିକ୍ଷକମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସାଲେପୁର ଶିକ୍ଷା ମଣ୍ଡଳ ଅଧିକାରୀ ଜଗବନ୍ଧୁ ଶତପଥୀ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତାଭାବେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଗୁରୁଙ୍କୁ ସମ୍ମାନ ଓ ଭକ୍ତି ନ କଲେ ଜଣେ ଆଗକୁ ବଢ଼ିବା ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ସାଲେପୁର ବ୍ଲକ ଆମ୍ବା ସଭାପତି ଦିଲୀପ ଦାଶ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିରେଖା ନାୟକ, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ରଜନୀକାନ୍ତ ଦାଶ, ସାଲେପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ମନୋରଞ୍ଜନ ବାରିକ, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ଜିଲ୍ଲା ପରିଷଦସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ଏବିଇଓ ନିରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। ସାଲେପୁର ବ୍ଲକ ପକ୍ଷରୁ ଶିକ୍ଷକ ନେତା ସୟଦ ଜାକି ଅମିନ ଓ ଟାଙ୍ଗୀ ବ୍ଲକରୁ ଶିକ୍ଷକ ନେତା ଧୀରେନ୍ଦ୍ର କୁମାର ଜେଠି ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସାଲେପୁର ଓ ଟାଙ୍ଗୀ ଶିକ୍ଷା ମଣ୍ଡଳ ପକ୍ଷରୁ ୭୫ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଗୁରୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଟାଙ୍ଗୀ ଓ ସାଲେପୁର ବ୍ଲକର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ପରିଚାଳନା କରିଥିଲେ। ସିଆରସିସି ମୃତ୍ୟୁଞ୍ଜୟ ମିଶ୍ର ଶେଷରେ ଧନ୍ୟବାଦ୍ ଦେଇଥିଲେ।

## ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

କଣ୍ଟାପଡା, ୫।୯(ଡି.ଏନ୍.ଏ.)

ବୁଲାଷଣ୍ଢଙ୍କ ଦ୍ୱାରା ଫସଲ ନଷ୍ଟ ବିବାଦରେ ଶନିବାରଠାରୁ କଣ୍ଟାପଡା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ରବିବାର ପ୍ରତ୍ୟାହୃତ ହୋଇଛି। କିଛିଦିନ ହେବ କଣ୍ଟାପଡା ବ୍ଲକ ବଡ ପାଟସୁନ୍ଦରପୁର ପଞ୍ଚାୟତର ଅଧିକାଂଶ ଚାଷଜମିରେ ଷଣ୍ଢଗୁଡିକ ପଶି ଫସଲ ନଷ୍ଟ କରୁଛନ୍ତି। ଏ ସମ୍ପର୍କରେ ଚାଷୀମାନେ ତହସିଲଦାରଙ୍କୁ ଜଣାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନ ଥିଲା। ତୁରନ୍ତ ଷଣ୍ଢମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର, କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଭଳି ୪ ଦଫା ଦାବି ନେଇ ଚାଷୀମାନେ ଧାରଣାରେ ବସିଥିଲେ। ରବିବାର ଅପରାହ୍ଣରେ କଟକସଦର ଉପଜିଲାପାଳ ପ୍ରତାପ ବେଉରା ଧାରଣାସ୍ଥଳରେ ପହଞ୍ଚି ଷଣ୍ଢ ଘଉଡାଇବା କାର୍ଯ୍ୟ ରାଜସ୍ୱ ବିଭାଗର ନୁହେଁ, ତେଣୁ ଧାରଣାରୁ ଉଠିବା ପାଇଁ ଚାଷୀଙ୍କୁ ଅନୁରୋଧ କରିଥିଲେ। ହେଲେ ଚାଷୀମାନେ କିଛି ଶୁଣି ନ ଥିଲେ। ମଙ୍ଗଳବାର ଏ ସମ୍ପର୍କରେ କଟକ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## 'ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ଗୁରୁଙ୍କ ମାର୍ଗଦର୍ଶନ ଆବଶ୍ୟକ'

କଟକ ଅଫିସ,୫।୯

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନର ବିଭିନ୍ନ ଶାଖା ପକ୍ଷରୁ ଗୁରୁଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସର୍ବପଲ୍ଲୀ ଡ. ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଗୁରୁ ପୂଜନର ମହାନ ପରମ୍ପରାକୁ ଉଜ୍ଜୀବିତ କରି ରଖିବାକୁ ପରାମର୍ଶ ଦେଇଥିଲେ। ସେହିପରି ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଗୁରୁଦିବସ ପାଳନ ହୋଇଥିଲା। ଅଧ୍ୟକ୍ଷ ଦିଲୀପ କୁମାର ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ଅଧ୍ୟାପକ ଡ. ଅଜିତ୍ ମହାପାତ୍ର, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଯୋଗଦେଇ କହିଥିଲେ ଜୀବନର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେଲେ ଗୁରୁଙ୍କ ମାର୍ଗଦର୍ଶନ ଆବଶ୍ୟକ। ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ ପକ୍ଷରୁ ପଦ୍ମିନୀ ଅଡିଟୋରିୟମଠାରେ ଗୁରୁପୂଜନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅଧ୍ୟକ୍ଷା ଡ. ପି. କଙ୍ଗେନେଶ୍ୱରୀ ପୌରୋହିତ୍ୟ କରିଥିଲେ। ଛାତ୍ରୀଛାତ୍ରମାନେ ସର୍ବପଲ୍ଲୀ ଡ. ରାଧାକ୍ରିଷ୍ଣନ୍‌ଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ପ୍ରଦାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ନଦୀରେ ବୁଡ଼ି ୨ ନାବାଳିକା ମୃତ

କଟକ ସଦର/ବାଙ୍କୀ,୫।୯(ଡି.ଏନ.ଏ./ସ୍ୱପ୍ର)

କାଠଯୋଡି ନଦୀରେ ବୁଡି ରବିବାର ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ୪୨ ମୌଜା ଫାଣ୍ଡି ଅଧୀନ ବ୍ରହ୍ମପୁର କୁଲୁଦ ସାହିର ସ୍ନେହାଞ୍ଜଳି ପାଣି(୧୩)। ସକାଳେ ସେ ବୋଉଙ୍କ ସହ ନଦୀରେ ଗାଧଉଥିବାବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କଟକ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୩/୨୧) ରୁଜୁ ହୋଇଛି। ସେହିପରି ରବିବାର ମହାନଦୀରେ ବୁଡି ବାଙ୍କୀ ବ୍ଲକ ଅନ୍ତର୍ଗତ ତେନ୍ତୁଳିଆ ଗ୍ରାମର ସସ୍ମିତା ନାୟକ(୧୧)ଙ୍କ ମୃତ୍ୟୁ ଘଟିଛି। ସେ ଗାଧଉଥିବାବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ଚିକିତ୍ସାଲାଗି ତାଙ୍କୁ ତିଗିରିଆ ଡାକ୍ତରଖାନା ପରେ ଆଠଗଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଗ୍ରାମେଶ୍ୱର ମନ୍ଦିରରୁ ପ୍ରାଚୀନ ଗଣେଶ ମୂର୍ତ୍ତି ଚୋରି

ଖୁଣ୍ଟୁଣୀ,୫।୯(ଡି.ଏନ.ଏ.)



ଚୋରି ହୋଇଥିବା ଗଣେଶ ମୂର୍ତ୍ତି।

କଟକ ଜିଲ୍ଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମରେ ଥିବା ଗ୍ରାମେଶ୍ୱର ମହାଦେବ ମନ୍ଦିରର ପାର୍ଶ୍ୱଦେବତା ଗଣେଶଙ୍କ ତିନି ଫୁଟ ଉଚ୍ଚର ପ୍ରାଚୀନ ମୂର୍ତ୍ତି ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ମନ୍ଦିର ପୂଜକ ସରୋଜ ପଣ୍ଡା ରବିବାର ସନ୍ଧ୍ୟାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ସବୁଦିନ ଭଳି ରବିବାର ସକାଳେ ମନ୍ଦିରର ନୀତି ପାଳିଆ ସେବକ ପୂଜା କରିବା ପାଇଁ ଆସିବାବେଳେ ଗଣେଶଙ୍କ ମୂର୍ତ୍ତି ନ ଥିବା ଦେଖିବାକୁ ପାଇଥିଲେ। ପରେ ମହାନଦୀ କୂଳରେ ଠାକୁରଙ୍କ ଅଙ୍ଗବସ୍ତ୍ର, ଫୁଲମାଳ, ଲୁହା ଶାବଳ ଓ କେତେଜଣ ଲୋକଙ୍କ ପାଦ ଚିହ୍ନ ପଡିଥିବା ଦେଖିବାକୁ ମିଳିଛି। ତେଣୁ କେହି ଦୁର୍ବୃତ୍ତ ଗଣେଶଙ୍କ ମୂର୍ତ୍ତିକୁ ଶାବଳ ସାହାଯ୍ୟରେ ତାଡିବା ପରେ ମନ୍ଦିର ନିକଟସ୍ଥ ମହାନଦୀ ବାଟ ଦେଇ ଡଙ୍ଗାରେ ପଳାଇଯାଇଥିବା ଗ୍ରାମବାସୀ ଅନୁମାନ କରିଛନ୍ତି। ଏଭଳି ପ୍ରାଚୀନ ମୂର୍ତ୍ତି ଆଠଗଡ଼ ଅଞ୍ଚଳର କୌଣସି ଦେବଦେବୀଙ୍କ ମନ୍ଦିରରେ ନ ଥିବା ମୁରବି ବଂଶୀଧର ଶତପଥୀ କହିଛନ୍ତି।

## କାର୍ ଧକ୍କାରେ କନଷ୍ଟେବଲ ମୃତ

ବାଙ୍କୀ,୫।୯(ସ୍ୱ.ପ୍ର.)

ବାଙ୍କୀ-କଟକ ମୁଖ୍ୟ ରାସ୍ତାର ଚାରିଘରିଆଠାରେ କାର ଧକ୍କାରେ ପ୍ରାତଃଭ୍ରମଣରେ ଯାଉଥିବା ଜଣେ କନଷ୍ଟେବଲଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ ତିଗିରିଆ ଥାନା ଅନ୍ତର୍ଗତ ମହୁଲିପ ଗ୍ରାମର ରମେଶ ପରିଡ଼ା। ସେ ବାଙ୍କୀ ଥାନା ଅନ୍ତର୍ଗତ କଇଁମୁଣ୍ଡି ଫାଣ୍ଡିରେ କାର୍ଯ୍ୟରତ ଥିଲେ। ବାଙ୍କୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା କାର୍‌ଟି ରମେଶଙ୍କୁ ଧକ୍କା ଦେବା ପରେ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇ ତଳକୁ ଖସିପଡ଼ିଥିଲା। ଫଳରେ କାର୍ ଚାଳକଙ୍କ ସମେତ ୨ଜଣ ପୁରୁଷ, ଜଣେ ମହିଳା ଆହତ ହେଇଥିଲେ। ଡମପଡ଼ା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ରମେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷେ ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ବାଙ୍କୀ ଥାନାରେ ଅଟକ ରଖାଯାଇଛି। ଏନେଇ ପୋଲିସ ପକ୍ଷରୁ ମାମଲା (ନଂ.୨୩୯/୨୧) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## 'ଶିକ୍ଷାର ଗୁଣାତ୍ମକ ମାନ ବଜାୟ ରଖନ୍ତୁ'

କଟକ ଅଫିସ,୫।୯

ଗୁରୁ ଦିବସ ଅବସରରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ପୌଷ୍ୟ ସ୍କୁଲ ଭାବେ ଗ୍ରହଣ କରିଥିବା କଟକସ୍ଥିତ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ରବିବାର ପରିଦର୍ଶନରେ ଆସିଥିଲେ। ମୋ ସ୍କୁଲ ଯୋଜନାରେ ସାମିଲ ହୋଇଥିବା ଏହି ସ୍କୁଲରେ ୫-ଟି ଆଧାରରେ ରୂପାନ୍ତରଣ କାର୍ଯ୍ୟକୁ ସିଏମ୍‌ସି ଜରିଆରେ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ କହିଥିଲେ। ଏଥିସହ ବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟ ଅନୁଧ୍ୟାନ କରି ନବମ ଓ ଦଶମ ଶ୍ରେଣୀ ପାଇଁ ଆଉ ଦୁଇଟି ଶ୍ରେଣୀଗୃହର ଆବଶ୍ୟକତା ଥିବା ସମ୍ପର୍କରେ ଜିଲାପାଳଙ୍କୁ କହିଥିଲେ। ଏଥିସହ ସେଠାରେ ଆୟୋଜିତ ସଭାରେ ମନ୍ତ୍ରୀ ଯୋଗଦେଇ ବିଦ୍ୟାଳୟ ମରାମତି, କ୍ରୀଡା, ଉଦ୍ୟାନ ଓ ଅନ୍ୟାନ୍ୟ ଭିତ୍ତିଭୂମିର ଉନ୍ନତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାର ଗୁଣାତ୍ମକ ମାନ ବଜାୟ ରଖିବା ପାଇଁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ବୋର୍ଡ ସଭାପତି ରାମାଶିଷ ହାଜରା, ଶ୍ରୀକାନ୍ତ ତରେଇ, ପ୍ରଧାନ ଶିକ୍ଷକ ଦିଲୀପ ବେହେରା, ଡା. ମଞ୍ଜୁଶ୍ରୀ ପଟ୍ଟନାୟକ, ସମୀର ପରିଜା ପ୍ରମୁଖ ଉପସ୍ଥିତ ଥିଲେ।




ସଭାରେ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ବୋଧନ ଦେଉଛନ୍ତି।

## ବର୍ଷାରେ ଆଣ୍ଠେଇଲେ, କଳାପତାକା ଦେଖାଇଲେ

**ପୂଜା ଗାଇଡ୍‌ଲାଇନ୍‌କୁ ନେଇ ଅଭିନବ ପ୍ରତିବାଦ**

■ନିଷ୍ପତ୍ତିର ପୁନର୍ବିଚାର ନ ହେଲେ ଆମରଣ ଅନଶନ

କଟକ ଅଫିସ,୫।୯



ପୂଜା ଗାଇଡ୍‌ଲାଇନ୍ ପରିବର୍ତ୍ତନ ଦାବିରେ ଲିଙ୍କ୍‌ରୋଡଠାରେ କର୍ମକର୍ତ୍ତାମାନେ ଆଣ୍ଠେଇ ପ୍ରତିବାଦ କରୁଛନ୍ତି।

ଚଳିତବର୍ଷ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ପୂଜା ଗାଇଡ୍‌ଲାଇନ୍‌ରେ ପରିବର୍ତ୍ତନ ଦାବି କରି ରବିବାର କଟକ ଲିଙ୍କ୍‌ରୋଡଠାରେ ଖାନ୍‌ନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ଓ କଟକର ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଇଥିଲା। ଏପରି କି ବର୍ଷା ସମୟରେ ମଧ୍ୟ କମିଟି ଓ ସଙ୍ଗଠନର କର୍ମକର୍ତ୍ତାମାନେ ଆଣ୍ଠେଇ ପ୍ରତିବାଦ ଜାରି ରଖିଥିଲେ। ଏଥିରେ ଖାନ୍‌ନଗର ପୂଜା କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ମୁରବି ପରମାନନ୍ଦ ସାହୁ, ଗନ୍ଧର୍ବ ବେହେରା, ଖାନ୍‌ନଗର ଯୁବକ ସଂଘ ସଭାପତି ସୀତାରାମ ବେହେରା, ସମ୍ପାଦକ ପ୍ରତାପ ସାହୁ, ରମେଶ ଚେମେଇ, ଅମୂଲ୍ୟ ବେହେରା, ପ୍ରଦୀପ ସାହୁ, ସଞ୍ଜୀବ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଚୌଧୁରୀବଜାର ଗୌରୀଶଙ୍କର ପାର୍କ ସମ୍ମୁଖରେ କଟକ ଯୁବ ସମାଜ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସହିତ କଳାପତାକା ଦେଖାଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ଆଗାମୀ ଦିନରେ ଏହି ନିଷ୍ପତ୍ତିର ପୁନଃବିଚାର କରା ନ ଗଲେ ରାଜରାସ୍ତାରେ ଆମରଣ ଅନଶନ କରାଯିବ ବୋଲି ଯୁବ ସମାଜ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଗଗନ ଓଝା, ପ୍ରକାଶ ନନ୍ଦି, ବ୍ରହ୍ମା ସ୍ୱାଇଁ, ରଞ୍ଜିତ ବେହେରା, ଶଶିକାନ୍ତ ବେହେରା, ସୋମନାଥ ମହାରଣା, ସୂର୍ଯ୍ୟକାନ୍ତ ମହାପାତ୍ର, ଆଶିଷ ବେହେରା ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ମୂର୍ତ୍ତି ନିର୍ମାଣ କଟକଣା ମୁକ୍ତ କରିବା ଓ କୋଭିଡ୍ କଟକଣାରେ ମା'ଙ୍କ ଦର୍ଶନ ପାଇଁ ଅନୁମତି ପ୍ରଦାନ ଦାବିରେ ୬ ଦିନ ହେବ କଟକର ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଜାରି ରହିଛି।

# 'ଖୋର୍ଦ୍ଧାର ପ୍ରତି ରେଣୁରେ ଐତିହ୍ୟ ପଦଚିହ୍ନ'

**ଖୋର୍ଦ୍ଧା ଅଫିସ,୫।୯**

ଭାରତର ଶେଷ ଦୁର୍ଗ ଖୋର୍ଦ୍ଧାଗଡ଼ର ପାଇକବୀରଙ୍କ ତ୍ୟାଗ ଓ ବଳିଦାନ ପାଇଁ ଓଡ଼ିଶା ମାଟି ସର୍ବଦା ସ୍ମରଣୀୟ ହୋଇରହିବ। ପାଇକ ବୀରଙ୍କ ବୀରତ୍ୱ ଆଗରେ ବ୍ରିଟିଶ ସରକାର ମୁଣ୍ଡ ନୁଆଇଁଥିଲା। ଭାରତୀୟ ମୁକ୍ତି ସଂଗ୍ରାମରେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ମିଳିଛି। ପାଇକଙ୍କ ବୀରତ୍ୱ ଲାଗି ଖୋର୍ଦ୍ଧା ମାଟି ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଖୋର୍ଦ୍ଧା ମାଟିର ପ୍ରତିଟି ରେଣୁରେ ଐତିହ୍ୟର ପଦଚିହ୍ନ ରହିଛି। କବି ପଦ୍ମଚରଣ ପଟ୍ଟନାୟକ ନିଜ 'ଖୋରଧାର ପ୍ରଥମ ଦର୍ଶନ' କବିତାରେ ଉଲ୍ଲେଖ କରିଛନ୍ତି, 'କି ଭୂମିରେ ଆଜି ଦେଲି ମୋର ପାଦ, କି କଲି କି କଲି କେଡ଼େ ଅପରାଧ। ଯେ ସେ ଭୂମି ନୁହେଁ ଏହି କ୍ଷୁଦ୍ର ସ୍ଥାନ, କେତେ ଦିନର ଏ ଗୌରବ ଶ୍ମଶାନ।' ତାଙ୍କ କବିତାରେ ଖୋର୍ଦ୍ଧାର ଗୌରବମୟ ବୀରତ୍ୱ, ଐତିହ୍ୟ, ସାମରିକ ପରମ୍ପରା ତଥା ଗଡ଼ ଇତିହାସ ସମ୍ପର୍କରେ ବର୍ଣ୍ଣନା ରହିଛି। ସେହିପରି ଐତିହାସିକ କେଦାରନାଥ ମହାପାତ୍ର ତାଙ୍କ ଖୋରଧା ଇତିହାସ ପୁସ୍ତକରେ ଲେଖିଛନ୍ତି, ରାମଚନ୍ଦ୍ର ଦେବ ନବ ପ୍ରତିଷ୍ଠିତ ରାଜ୍ୟର ରାଜଧାନୀ ସ୍ୱରୂପ କଟକ ଓ ପୁରୀ ମଧ୍ୟରେ ବାରୁଣୀ ବା ବରୁଣେଇ ପାହାଡ଼ର ପାଦଦେଶରେ ଏକ ସୁଦୃଢ଼ ଦୁର୍ଗ ପ୍ରତିଷ୍ଠା କରିଥିଲେ। ଏହି ବରୁଣେଇ ପାହାଡ଼କୁ ପ୍ରାଚୀନ ଶାସ୍ତ୍ରରେ ବାରୁଣୀ ପର୍ବତ ବା ବାରୁଣାବନ୍ତ ବୋଲି ଆଖ୍ୟା ଦିଆଯାଇଛି। ଖୋର୍ଦ୍ଧା ପାଇକଙ୍କ ଶୌର୍ଯ୍ୟ, ବୀର୍ଯ୍ୟ କ୍ଷୁରର ଧାର ସଦୃଶ ତୀକ୍ଷ୍ଣ ହୋଇଥିବାରୁ ଖୋରଧାର ଏପରି ନାମକରଣ ହୋଇଥିବା ପ୍ରତୀୟମାନ ହୁଏ। ରବିବାର ଖୋର୍ଦ୍ଧା ଐତିହ୍ୟ ପରିଷଦ ପକ୍ଷରୁ ଜାଗୁଲିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ ପୀଠରେ ଆୟୋଜିତ 'ଖୋର୍ଦ୍ଧାର ଐତିହ୍ୟ ଓ ଗଡ଼ ସଂସ୍କୃତି' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ପୁସ୍ତକକାର ତଥା ମାର୍ଗଦର୍ଶୀ ପତ୍ରିକାର ସମ୍ପାଦକ ଉମାଶଙ୍କର ପ୍ରସାଦ ଯୋଗଦେଇ ଏହା କହିଛନ୍ତି।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଏହି ଆଲୋଚନାଚକ୍ରରେ ଅନୁଷ୍ଠାନର ଉପଦେଷ୍ଟା ତଥା ଖବରଦାତା ପ୍ରଭାତ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଖୋର୍ଦ୍ଧାର ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ବୀରତ୍ୱ ଗାଥାକୁ ଆଗାମୀ ପୀଢ଼ିଙ୍କ ପାଖରେ ପହଞ୍ଚାଇବା ପାଇଁ ପରିଷଦ ଉଦ୍ୟମ କରିବ ବୋଲି ମିଶ୍ର କହିଥିଲେ। ସେହିପରି ପ୍ରସାଦ କହିଥିଲେ, ତତ୍କାଳୀନ ଓଡ଼ିଶା କମିଶନରଙ୍କ ସେକ୍ରେଟାରୀ ଷ୍ଟାର୍ଲିଂ ସାହେବ ୧୮୨୨ ଖ୍ରୀଷ୍ଟାବ୍ଦରେ କଟକରେ ଥିବା ପାର୍ସି କାଗଜପତ୍ରରୁ ସଂଗ୍ରହ କରି ନିଜ ଗ୍ରନ୍ଥରେ ଲିପିବଦ୍ଧ କରିଛନ୍ତି ଯେ, ଖୋରଧା ରାଜ୍ୟରେ ୭୩ଟି ଜିଲା ବା ଗଡ଼ ଥିଲା। କେବଳ ଖୋରଧା ରାଜାଙ୍କ ଅଧୀନ ୩୧ଟି ଜମିଦାରିରେ ୧୨୯ଟି ଜିଲା ବା ଗଡ଼ ରହିଥିଲା। ପ୍ରଦୀପ ବେହେରା, ରଣଜିତ କେ.ଏନ୍. ସାମନ୍ତରାଏ ଏବଂ ଗୋପାଳକୃଷ୍ଣ ଦାସ ପ୍ରମୁଖ କହିଥିଲେ, ଯୁବପିଢ଼ି ଏହି ଐତିହ୍ୟକୁ ଭୁଲିବାକୁ ବସିଲେଣି। ଐତିହ୍ୟ ଓ ସଂସ୍କୃତି ଗୋଟିଏ ଜାତିର ପରିଚୟ। ତେଣୁ ଏହାର ସଂରକ୍ଷଣ ଲାଗି ସାମୂହିକ ଉଦ୍ୟମ ଆବଶ୍ୟକ। କାର୍ଯ୍ୟକ୍ରମକୁ ପ୍ରଭାତ ପାଣିଗ୍ରାହୀ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ସର୍ବସମ୍ମତି କ୍ରମେ ଏହି ଅନୁଷ୍ଠାନ ' ଐତିହ୍ୟ ଓ ସଂରକ୍ଷଣ ପରିଷଦ', ଓଡ଼ିଶା ସହିତ ଅନୁବନ୍ଧିତ ହେବା ଲାଗି ପ୍ରସ୍ତାବ ଗୃହୀତ ହୋଇଥିଲା।

## ସଂକ୍ଷେପରେ

### ପୂଜା ମଣ୍ଡପ ପାଇଁ ସ୍କୁଲ ପାଚେରି ଭାଙ୍ଗିଲେ

**ଟାଙ୍ଗୀ(ଖୋର୍ଦ୍ଧା),୫।୯(ଡି.ଏନ୍.ଏ.):** ଟାଙ୍ଗୀ ବ୍ଲକ ଅଞ୍ଚଳରେ ଗଣେଶ ପୂଜା ପାଇଁ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। କରୋନା ପାଇଁ କଟକଣା ରହିଥିଲେ ମଧ କୌଣସି ଯୁବଗୋଷ୍ଠୀ ପୂଜା ମଣ୍ଡପ କରିବା ପାଇଁ ବଳରାମଦେବ ବିଦ୍ୟାପୀଠର ପାଚେରି ଭାଙ୍ଗି ପଥର ନେଇଯାଇଥିବା ଜଣାପଡ଼ିଛି। ପାଚେରି ଭାଙ୍ଗିଥିବା ଯୁବଗୋଷ୍ଠୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପୁରାତନ ଛାତ୍ର ସଂସଦ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଅନୁରୋଧ କରିଛନ୍ତି।

### ୯୨୨ ଶିକ୍ଷକ, ପରିବାରଙ୍କୁ ଟିକା

**ଖୋର୍ଦ୍ଧା ଅଫିସ,୫।୯:** ଗୁରୁଦିବସ ପୂର୍ବରୁ ସମସ୍ତ ଶିକ୍ଷକ ଏବଂ ସେମାନଙ୍କ ପରିବାରଙ୍କୁ ଟିକାକରଣ ଲାଗି କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ସ୍ଥାନୀୟ ପ୍ରାକ୍ଟିସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖୋର୍ଦ୍ଧା ବ୍ଲକରେ କାର୍ଯ୍ୟରତ ଶିକ୍ଷକ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ଟିକା ଦିଆଯାଇଛି। ମୋଟ ୯୨୨ଜଣ ଟିକା ନେଇଥିବା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯୁଧିଷ୍ଠିର ସାହୁ କହିଛନ୍ତି।

### ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦଙ୍କୁ ଶୁଭେଚ୍ଛା

**ଖୋର୍ଦ୍ଧା ଅଫିସ,୫।୯:** ଟୋକିଓ ପାରା ଅଲିମ୍ପିକ୍ସର ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ପ୍ରମୋଦ ଭଗତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଏହି କ୍ରୀଡ଼ାବିତଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ଶାଖା କର୍ମକର୍ତ୍ତାମାନେ ପ୍ରମୋଦଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତା କ୍ରୀଡ଼ାକ୍ଷେତ୍ରରେ ଯୁବପିଢ଼ିଙ୍କୁ ଉତ୍ସାହିତ କରିବ ବୋଲି ଏବିଭିପି ପକ୍ଷରୁ କୁହାଯାଇଛି। ଏହି ଅବସରରେ ଦିପ୍ତିମୟୀ ପ୍ରତିହାରୀ, ସୋନାଲି ମିଶ୍ର, କାଜଲ ଦାସ, ହର୍ଷିତା ମହନ୍ତ, ଅର୍ଣ୍ଣପୂର୍ଣ୍ଣା ସ୍ୱାଇଁ, ଶୁଭଶ୍ରୀ ସାହୁ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଟୋକିଓ ପାରାଅଲିମ୍ପିକ୍ସର ବ୍ୟାଡମିଣ୍ଟନ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତଙ୍କୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ଶାଖା କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଉଛନ୍ତି।

### ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୫।୯(ବ୍ୟୁରୋ):** ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ରବିବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ପଏଚ୍‌ଡି କଲୋନିର ରାମଚନ୍ଦ୍ର ପୃଷ୍ଟି। ସୂଚନା ଅନୁଯାୟୀ, ଶନିବାର ସକାଳେ ବିଗ୍ ବଜାର ନିକଟରେ ସ୍ଥାନୀୟ ଥାନା ସତ୍ୟନଗରରେ ରହୁଥିବା ଅଭିମନ୍ୟୁ ମହାପାତ୍ରଙ୍କ ସହ ଅଭିଯୁକ୍ତଙ୍କର କୌମସି କାରଣକୁ ନେଇ ସାମାନ୍ୟ ବଚସା ହୋଇଥିଲା। ରାମଚନ୍ଦ୍ର ଏଥିରେ ରାଗ ରଖି ସନ୍ଧ୍ୟାରେ ଏକ ଲୁହା ରଡରେ ଅଭିମନ୍ୟୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଅଭିମନ୍ୟୁ ଆହତ ହୋଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ମାମଲା (ନଂ.୨୯୩/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଗୁରୁ ଦିବସରେ ଚାରାରୋପଣ

**ଟାଙ୍ଗୀ(ଖୋର୍ଦ୍ଧା),୫।୯(ଡି.ଏନ୍.ଏ.):** ପବିତ୍ର ଗୁରୁଦିବସ ଅବସରରେ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ଗୁରୁ ଚିନ୍ତନ ଆଲୋଚନାଚକ୍ର ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ରମେଶ ବଳବନ୍ତରାୟଙ୍କ ସଭାପତିତ୍ୱ କରିଥିଲେ। ଅତିଥିଭାବେ ପୁରତନ ଛାତ୍ର ସଂସଦର ସମ୍ପାଦକ ବିଜୟ ରାଉତ, ଉପସଭାପତି ଡା. ମଧୁସୂଦନ ସେନାପତି, ରଘୁନାଥ ସାହୁ, ରାମଚନ୍ଦ୍ର ମହାପାତ୍ର, ଅଶ୍ୱିନୀ ଦାସ, ବିଜୟ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।

# ୮ରେ ଭିକେଏସ୍ ପକ୍ଷରୁ ବିକ୍ଷୋଭ



ଖବରଦାତା ସମ୍ମିଳନୀରେ ଭିକେଏସ୍ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

**ଖୋର୍ଦ୍ଧା ଅଫିସ,୫।୯**

କୃଷକକୁ ତା'ର ଉତ୍ପାଦର ସର୍ବନିମ୍ନ ସହାୟକ ମୂଲ୍ୟ ନୁହେଁ ବରଂ ଲାଭକାରୀ ମୂଲ୍ୟ ମିଳିବା ଉଚିତ। ଏହାର ବିକ୍ରି ପାଇଁ ବଜାର ବ୍ୟବସ୍ଥା ହେବା ଦରକାର। ଏଥିପାଇଁ ଭାରତୀୟ କିଷାନ ସଂଘ (ଭିକେଏସ୍) ପକ୍ଷରୁ ଗତ ଅଗଷ୍ଟ ୧୧ରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ସରକାର ଅଗଷ୍ଟ ୩୧ ସୁଦ୍ଧା ଆବଶ୍ୟକ ପଦକ୍ଷେପ ନେଲେ ନାହିଁ। ଏଣୁ ଭାରତୀୟ କିଷାନ ସଂଘ ପକ୍ଷରୁ ଆଗାମୀ ୮ତାରିଖରେ ଦେଶବ୍ୟାପୀ ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯିବା ସହ ଦାବିପତ୍ର ଦିଆଯିବ। ଏହାସତ୍ତ୍ୱେ ସରକାର ପଦକ୍ଷେପ ନ ନେଲେ, ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସଂଘର ଖୋର୍ଦ୍ଧା ଜିଲା କାର୍ଯ୍ୟାଳୟରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ସ୍ୱାଇଁ କହିଛନ୍ତି। ସଭାପତି ବୈକୁଣ୍ଠନାଥ ମହାପାତ୍ର, ଜିଲା ସମ୍ପାଦକ ଗଗନ ବିହାରୀ ପ୍ରତିହାରୀ, ଜିଲା ଉପସଭାପତି ମଧୁସୂଦନ ଦାଶ, ବିକ୍ରମ କେଶରୀ ଚମ୍ପତି, ମୀନକେତନ ମହାନ୍ତି, ଅଭୟକୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ପରମାନନ୍ଦ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ସମାରୋହରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ଅନ୍ୟ ଅତିଥିମାନେ।

**ବୋଲଗଡ଼,୫।୯(ଡି.ଏନ୍.ଏ.)**

ବୋଲଗଡ଼ ସ୍ଥିତ ପରମାନନ୍ଦ ମହାବିଦ୍ୟାଳୟର ୪୧ତମ ପ୍ରତିଷ୍ଠା ଦିବସ ରବିବାର କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଭାରତୀୟ ନିର୍ବାଚନ ଆୟୋଗର ପୂର୍ବତନ ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡ.ଭଗବାନ ପ୍ରସାଦ ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଥିଲେ, ସମୟ ହେଉଛି ମଣିଷ ଜୀବନର ସର୍ବଶ୍ରେଷ୍ଠ ଗୁରୁ। ଏମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ଏକ ଉତ୍ତମ ଓ ସନ୍ତୁଳିତ ଜୀବନଯାପନ ସମ୍ଭବ। ଅନ୍ୟତମ ଅତିଥିଭାବେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ଗୋପାଳ ବେହେରା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ୨୫ବର୍ଷ ପୂରଣ କରିଥିବା କେତେଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ କଲେଜ ପ୍ରତିଷ୍ଠାତା ସ୍ୱର୍ଗତ ଭାସ୍କରଚନ୍ଦ୍ର ମହାପାତ୍ରଙ୍କ ପ୍ରତମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଏଥିସହ ନବର୍ନିମିତ ଅଧାପନା ଗୃହକୁ ମୁଖ୍ୟ ଅତିଥି ବିଧାୟକ ସାହୁ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧକ୍ଷ ପାଣିଗ୍ରାହୀ ବାର୍ଷିକ ବୀବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପିକା ଅଧାପକଙ୍କ ସମେତ ଛାତ୍ରୀଛାତ୍ର ଓ ସ୍ଥାନୀୟ ବ୍ୟକ୍ତି ଯୋଗଦେଇଥିଲେ। ସତ୍ୟବ୍ରତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ହାଇୱା ଧକ୍କାରେ ବାପା ମୃତ, ଝିଅ ଗୁରୁତର

**ବାରଙ୍ଗ,୫।୯(ଡି.ଏନ୍.ଏ.)**

ବାରଙ୍ଗ ଥାନା ଅଧୀନ ନରଣପୁର ବାଲିଘାଟ ରାସ୍ତା ନିକଟରେ ରବିବାର ଏକ ହାଇୱା ଧକ୍କାରେ ଜଣେ ବାଇକ ଚାଳକ(ବାପା)ଙ୍କ ମୃତ୍ୟୁ ହୋଇଥିବା ବେଳେ ୭ବର୍ଷର ଝିଅ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସାଇଁସ ପଞ୍ଚାୟତ କାଜିଡିହ ଗ୍ରାମର ମଦନ ପ୍ରଧାନ। ତାଙ୍କ ଝିଅକୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ମଦନ ଓ ତାଙ୍କ ଝିଅ ବାଇକରେ ତ୍ରିଶୁଳିଆ ପଟୁ ଘରକୁ ଯାଇଥିବା ବେଳେ ବର୍ଷା ହେବାରୁ ନରଣପୁର ବାଲିଘାଟ ରାସ୍ତା କୁଆଖାଇ ବ୍ରିଜ ପାଖରେ ଥିବା ଏକ ଦୋକାନରେ ଆଶ୍ରୟ ନେଇଥିଲେ। ବର୍ଷା ଛାଡ଼ିଯିବା ପରେ ମଦନ ଝିଅକୁ ଗାଡିରେ ବସାଇ ବାହାରୁଥିବା ବେଳେ ବାଲିକୁଦା ପଟୁ ଏକ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମଦନଙ୍କ ମୃତ୍ୟୁ ହୋଇଥିଲା। ପଥଚାରୀ ଏକ ଅଟୋରେ ବାପ ଝିଅଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଇବା ସହ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରି ତଦନ୍ତ ଚଳାଇଛି।

# ଉପବାସ ରଖିଲେ ମା' ପାର୍ବତୀ

**ଶ୍ରୀଲିଙ୍ଗରାଜ ମନ୍ଦିର**

**ପୁରୁଣା ଭୁବନେଶ୍ୱର, ୫।୯(ଡି.ଏନ୍.ଏ.)**

ଚତୁର୍ଦ୍ଦଶୀ ଅବସରରେ ରବିବାର ମା' ପାର୍ବତୀ ଉପବାସ ରଖିଥିଲେ। ଦୈନିକ ନୀତି ମଙ୍ଗଳ ଆଳତି, ଅବକାଶ, ରୋଷହୋମ, ଛାମୁ ପରିଷ୍କାର, ମାଘ ସ୍ନାନ କରାଯାଇ ଟେରାଫିଟା ନୀତି ସମ୍ପନ୍ନ କରାଯାଇଥିଲା। ଏହା ପରେ ସେବାୟତମାନେ ମନ୍ଦିରରୁ ମେଘଡମ୍ବରୁ, ଘଣ୍ଟଘଣ୍ଟା, କାହାଳି, ମଶାଲ ନେଇ କପିଳେଶ୍ୱରସ୍ଥିତ କୁମ୍ଭାରଙ୍କ ଘର ନିକଟକୁ ଯାଇଥିଲେ। ସେଠାରେ କୁମ୍ଭାର ସେବକମାନେ ନୂଆବସ୍ତ୍ର ପିନ୍ଧି ଚତୁର୍ଦ୍ଦଶୀ ଏବଂ ସାତପୁରି ଭୋଗ ପାଇଁ ଆବଶ୍ୟକ ହାଣ୍ଡି, ଟିପେଇ, ତେଲୁଣି ନେଇ ଶୋଭାଯାତ୍ରାରେ ମନ୍ଦିରକୁ ଆସିଥିଲେ। ମନ୍ଦିରରେ ପହଞ୍ଚିବା ପରେ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସାତପୁରି ପିଠା ନିମନ୍ତେ ବ୍ୟବହୃତ ରାଶି, ବୁଟଡାଲି ଆଦି ୭ପ୍ରକାର ଦ୍ରବ୍ୟକୁ ବିଶୋଇ ସେବକ ଉକ୍ତ ହାଣ୍ଡିରେ ଭାଜିଥିଲେ। ପରେ ମହାସୁଆର ସେବକ କୋଠ ରୋଷରେ ମା' ପାର୍ବତୀଙ୍କ ଭୋଗ ପାଇଁ ସାତପୁରୀ ନିମନ୍ତେ ଖଇ ଓ ପୁର ଦେଇ ପିଠା ତିଆରି କରିଥିଲେ। ପରେ ଶ୍ରୀଜୀଉଙ୍କ ସନ୍ଧ୍ୟାଧୂପରେ ରୁପାଥାଳି ୭ଟି ସାତପୁରି ପୂଜା କରାଯାଇଥିଲା। ମା' ପାର୍ବତୀଙ୍କ ନିକଟରେ ମଧ ରଖାଯାଇଥିଲା। ପରେ କୋଠ ରୋଷରୁ ମହାସୁଆର ସେବକ ଏକହାଣ୍ଡି ଚଳୁ ଅନ୍ନକୁ ପାର୍ବତୀଙ୍କ ଭୋଗ ପାଇଁ ଆଣିଥିଲେ। ପରେ ଷୋଡ଼ଷ ଉପଚାର ପୂଜା ଓ ଅନ୍ୟାନ୍ୟ ନୀତି କରାଯାଇଥିଲା।

# ଶିକ୍ଷକମାନେ ସମାଜର ପଥ ପ୍ରଦର୍ଶକ

**ଖୋର୍ଦ୍ଧା ଅଫିସ/ଜଟଣୀ/ବେଗୁନିଆ/ଟାଙ୍ଗୀ ୫।୯ (ଡି.ଏନ୍.ଏ.)**

ଓଷ୍ଟା ଖୋର୍ଦ୍ଧା ଜିଲା କାର୍ଯ୍ୟାଳୟରେ ରବିବାର ମିଳିତ ଶିକ୍ଷକ ସଙ୍ଗଠନ ପକ୍ଷରୁ ଗୁରୁ ଦିବସ ପାଳିତ ହୋଇଯାଇଛି। ପ୍ରଥମ ଉପରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ସ୍ମୃତିଚାରଣ ସହ ଗୁରୁଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସୁସ୍ଥ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଥିଲା। ଓଷ୍ଟା ଜିଲା ସମ୍ପାଦକ ସୁଧାକର ମହାପାତ୍ର, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଖୋର୍ଦ୍ଧା ବ୍ଲକ ସଭାପତି ଯୁଧିଷ୍ଠିର ସାହୁ, ପ୍ରସନ୍ନ ମହାପାତ୍ର, ପ୍ରହ୍ଲାଦ ବାରିକ, ଶରତ ରାଉତରାୟ, ଦିବାକର ପଟ୍ଟନାୟକ, ଧରଣୀଧର ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ପ୍ରତ୍ୟେକ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ସେହିପରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ଶାଖା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ସିଗ୍‌ମା ପବ୍ଲିକ ସ୍କୁଲ ପକ୍ଷରୁ ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳିତ ହୋଇଛି। ସ୍କୁଲ ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଜଟଣୀ ହାଟବଜାରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏଲିମେଣ୍ଟାରୀ ଶିକ୍ଷକ ସଂଘ ପକ୍ଷରୁ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଜଟଣୀ ବ୍ଲକ ଶିକ୍ଷାଅଧିକାରୀ ରଶ୍ମିବାଳା ପରିଡା ସଭାପତିତ୍ୱ କରିଥିବା ବେଳେ ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ଦଲୀପ ମହାନ୍ତି ମୁଖ୍ୟ ଅତିଥି, ମୁଖ୍ୟ ବକ୍ତାଭାବେ ପିଏନ୍ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସ ଯୋଗଦେଇଥିଲେ। ଏହି ଅବସରରେ ୮ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଟଣୀ ଜନକଲ୍ୟାଣ ସଂଘ ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି।

ବେଗୁନିଆ ଶିକ୍ଷକ ଭବନ ସଭାଗୃହରେ ଗୁରୁପୂଜନ ଓ ସମ୍ମାନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଧାୟକ ରାଜେନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବକ୍ତାଭାବେ ବ୍ଲକ ଶିକ୍ଷାଧିକାରୀ ବିଷ୍ଣୁ ପ୍ରସାଦ ମିଶ୍ର, ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକିଶୋର ପାଣିଗ୍ରାହୀ ଯୋଗଦେଇଥିଲେ। ସଂଘ ସଭାପତି ରାମଚନ୍ଦ୍ର ଷଣ୍ଢଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୯ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ବସନ୍ତ ପ୍ରହରାଜ ଧନ୍ୟବାଦ ଦେଇଥିଲେ।

## ଅଧିଷ୍ଠାନ ଦିବସ ପାଳିତ

**ବାଲୁଗାଁ,୫।୯(ଡି.ଏନ୍.ଏ.)**

ସ୍ଥାନୀୟ ରୋଟାରୀ କ୍ଲବ୍ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବାଲୁଗାଁ ଏସଡିପିଓ ମାନସ ରଞ୍ଜନ ବାରିକ ଓ ଥାନାଧିକାରୀ ରମାକାନ୍ତ ମହାଲିକ ଉଦ୍‌ଘାଟନ କରିଥିଲେ। ମୋଟ ୩୮ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ବାଲୁଗାଁ ବଣିକ ସଂଘ ସଭା ଗୃହରେ ବାଲୁଗାଁ-ବାଣପୁର ରୋଟାରୀ କ୍ଲବ୍ ପକ୍ଷରୁ ଅଧିଷ୍ଠାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜୟଶ୍ରୀ ମହାନ୍ତି, ଅତିଥି ଭାବେ ଡା. ମଧୁସୂଦନ ସେନାପତି ଯୋଗଦେଇଥିଲେ। ୨୦୨୧-୨୨ବର୍ଷ ପାଇଁ ନୂତନ ସଭାପତି ଭାବେ ଗୋପାଳ ଚନ୍ଦ୍ର ନାୟକ ଓ ସମ୍ପାଦକ ଭାବେ ସଚ୍ଚିଦାନନ୍ଦ ସେଠୀ, ପ୍ରଥମ ମହିଳା ଭାବେ ଅଞ୍ଜନା ନାୟକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଗଗନ ବିହାରୀ ବେହେରା, ହିମାଂଶୁ ପାତ୍ର, ସୁନିଲ ପାତ୍ର, ସୂର୍ଯ୍ୟନାରାୟଣ ସେନାପତି ଓ ଶ୍ୟାମସୁନ୍ଦର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ୧୭୫ ୟୁନିଟ୍ ରକ୍ତ ସଂଗ୍ରହ




**ଖୋର୍ଦ୍ଧା ଅଫିସ, ୫।୯**

ବେଗୁନିଆ ନିର୍ବାଚନମଣ୍ଡଳୀ ଯୁବ ବିଜେଡି ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରବିବାର ବୋଲଗଡ ବ୍ଲକ ସାଗର ପଞ୍ଚାୟତ ଅନ୍ତର୍ଗତ ଅଲ୍ଟା ଭିନ୍ନକ୍ଷମ ବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଧାୟକ ରାଜେନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ସେ ବିଦ୍ୟାଳୟ ପରିସରରେ ଚାରାରୋପଣ ସହ ଅଭ୍ୟର୍ଥନା କକ୍ଷକୁ ଉଦ୍‌ଘାଟନ କରିଥିଲେ। ଶିବିରରେ କଟକ ସେଣ୍ଟ୍ରାଲ ରେଡକ୍ରସ ରକ୍ତଭଣ୍ଡାର ଦ୍ୱାରା ୧୦୩ ୟୁନିଟ୍ ଏବଂ ନୟାଗଡ ରକ୍ତଭଣ୍ଡାର ଦ୍ୱାରା ୭୨ୟୁନିଟ୍ ଏଭଳି ମୋଟ ରେକର୍ଡ ସଂଖ୍ୟକ ୧୭୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବିଧାୟକ ସାହୁ ନିଜସ୍ୱ ପାଣ୍ଠିରୁ ମିଶନ ଶକ୍ତି ଏସ୍‌ଏଚ୍‌ଜି ଗ୍ରୁପ୍ ଜରିଆରେ ସମସ୍ତ ପରିବାରଙ୍କ ପାଇଁ ମାସ୍କ ପ୍ରଦାନ କରିଥିଲେ। ଯୁବ ବିଜେଡି ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସରପଞ୍ଚ ସୁବାଷ ଚନ୍ଦ୍ର ରାୟଗୁରୁ, ରବିନ୍ଦ୍ର ସୁବୁଦ୍ଧି, ଦୁର୍ଯ୍ୟୋଧନ ସ୍ୱାଇଁ, ଅଭିଷେକ ସିଂ, ସତ୍ୟପ୍ରକାଶ ସାହୁ, ଯୁଧିଷ୍ଠିର ବେହେରା ଏବଂ ସରୋଜ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁ ପରମ୍ପରା ହେଉଛି ସମାଜର ଆଦର୍ଶ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବୋଲଗଡ଼,୫।୯(ଡି.ଏନ୍.ଏ.)**

ବୋଲଗଡ଼ ନନ୍ଦିଘୋଷ ଭବନଠାରେ ଜି. ଡି. ଷଡ଼ଙ୍ଗୀ ଫାଉଣ୍ଡେଶନ ଟ୍ରଷ୍ଟ ଏବଂ ଅବସରପ୍ରାପ୍ତ କର୍ମଚାରୀ ସଂଘର ମିଳିତ ଆନୁକୂଲ୍ୟରେ ରବିବାର 'ଗୁରୁବେ ନମଃ ସମ୍ବର୍ଦ୍ଧନା ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବକିଶୋର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଡିଏଭି ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ.ଦିଗରାଜ ବ୍ରହ୍ମା ଯୋଗଦେଇ ଗୁରୁମାନେ ସମାଜର ସର୍ବଶ୍ରେଷ୍ଠ ଆଦର୍ଶ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଦି ଚାଇଲ୍ଡ କଟକର ବରିଷ୍ଠ ଶିଶୁରୋଗ ଚିକିତ୍ସକ ଡା.ଗଦାଧର ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ବୋଲଗଡ଼ ମାଟିରେ ଗୁରୁଙ୍କୁ ଶ୍ରେଷ୍ଠ ସମ୍ମାନ ଦିଆଯାଏ। ଗୁରୁ ପରମ୍ପରା ହେଉଛି ଏକ ସମାଜର ଆଦର୍ଶ ବୋଲି କହିଥିଲେ। ଅତିଥିଭାବେ ଖବରଦାତା ଜୟକୃଷ୍ଣ ହୋତା, ଐତିହାସିକ ରବୀନ୍ଦ୍ର ପରିଡ଼ା, ପ୍ରକାଶ ମଙ୍ଗରାଜ, ହରିବନ୍ଧୁ ସାହୁ, ଶିକ୍ଷାବିତ୍ ଗୋପୀନାଥ ଖାଡେଙ୍ଗା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୧୭ ଜଣ ବିଶିଷ୍ଟ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଶ୍ରୀକାନ୍ତ ନାୟକ ସଭା ସଂଯୋଜନା କରିଥିବା ବେଳେ ଶେଷରେ ବାଲ୍ମୀକି ବଳିଆରସିଂହ ଧନ୍ୟବାଦ ଦେଇଥିଲେ।

# ରାଜଧାନୀରେ ବନ୍ଧୁକ ବେପାରୀ ଗିରଫ

- ବିକ୍ରି ପାଇଁ ପଶ୍ଚିମବଙ୍ଗରୁ ଭୁବନେଶ୍ୱର ଆସିଥିଲେ
- ୨ ବନ୍ଧୁକ, ୧୦ ରାଉଣ୍ଡ୍ ଗୁଳି ଜବତ


ଗିରଫ ଅଭିଯୁକ୍ତ,ଜବତ ବନ୍ଧୁକ ଓ ଗୁଳି

**ଭୁବନେଶ୍ୱର,୫।୯(ବ୍ୟୁରୋ)**

ରାଜଧାନୀରେ ବନ୍ଧୁକ ବିକ୍ରି କରିବାକୁ ଆସିଥିବା ପଶ୍ଚିମବଙ୍ଗର ଜଣେ ବେପାରୀଙ୍କୁ କମିଶନରେଟ ପୋଲିସ କାବୁ କିରିଛି। ରବିବାର ପୂର୍ବାହ୍ନରେ ଭରତପୁର ଥାନା ଅନ୍ତର୍ଗତ କୋଳଥିଆ ପଡିଆ ନିକଟରେ ବନ୍ଧୁକ ବିକ୍ରି ପାଇଁ ଗରାଖଙ୍କୁ ଅପେକ୍ଷା କରିଥିବାବେଳେ ପୋଲିସ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ପଶ୍ଚିମ ମେଦିନପୁର ଜିଲା ଏଇଗ୍ରା ଥାନା ଅଞ୍ଚଳର ବାବୁଜାନ ଖାନ୍(୨୩)। ପୋଲିସ ତାଙ୍କଠାରୁ ୨ଟି ବନ୍ଧୁକ (ପିସ୍ତଲ) ଓ ୧୦ ରାଉଣ୍ଡ ଗୁଳି ଜବତ କରିଛି। ଏନେଇ ପୋଲିସ ଆର୍ମ୍ସ ଆକ୍ଟରେ ଏକ ମାମଲା (ନଂ.୩୧୫/୨୧) ରୁଜୁ କରି ଅଭିଯୁକ୍ତ ବାବୁଜାନ୍‌ଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ଦାସ କହିଛନ୍ତି, ବାବୁଜାନ କିଛିଦିନ ହେଲା ପଶ୍ଚିମବଙ୍ଗରୁ ବନ୍ଧୁକ ଆଣି ରାଜଧାନୀରେ ବିକ୍ରି କରିବାକୁ ଚାହିଁଥିଲେ। ଏଥିପାଇଁ ସେ ତାଙ୍କ ସମ୍ପର୍କୀୟ ଘର ପିପିଲିରେ କିଛିଦିନ ହେଲା ରହିଥିଲେ। ଭୁବନେଶ୍ୱରରେ ବନ୍ଧୁକ ବିକ୍ରି କରି ପଶ୍ଚିମବଙ୍ଗ ଚାଲିଯାଇଥାନ୍ତେ। ତେବେ ପୂର୍ବରୁ ସେ ଏଠାରେ ବନ୍ଧୁକ ବିକ୍ରି କରିଛନ୍ତି କି ନାହିଁ ସେନେଇ ଅଧିକ ତଦନ୍ତ ଚାଲୁଥିବା ଦାସ କହିଛନ୍ତି।

ସୂଚନା ଅନୁଯାୟୀ, ରବିବାର ଦିନ ପ୍ରାୟ ୧୨ଟାରେ କୋଳଥିଆ ପଡିଆ ନିକଟରେ ଅଭିଯୁକ୍ତ ବାବୁଜାନ ବନ୍ଧୁକ ଧରି ବୁଲୁଥିବା ସ୍ଥାନୀୟ ଲୋକେ ଦେଖି ଭରତପୁର ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାବୁଜାନ୍‌ଙ୍କୁ କାବୁ କରିବାକୁ ଘେରି ଯାଇଥିଲା। ହେଲେ ଅଭିଯୁକ୍ତ ପୋଲିସ କବଳରୁ ଖସି ପଳାଇବାକୁ ଘଟଣାସ୍ଥଳ ଛାଡି ଦୌଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ କିଛି ସମୟ ପରେ ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇଥିଲା।

**ପର୍ଯ୍ୟଟକଙ୍କ ବ୍ୟାଗ ଚୋରି, ଫଟୋଗ୍ରାଫର ଗିରଫ**

କୋଣାର୍କ,(ଡି.ଏନ୍.ଏ.): ସୂର୍ଯ୍ୟମନ୍ଦିର ବୁଲିବା ପାଇଁ ଆସିଥିବା ପର୍ଯ୍ୟଟକଙ୍କ ବ୍ୟାଗ ଚୋରି କରିବା ଅଭିଯୋଗରେ ରବିବାର ଜଣେ ଫଟୋଗ୍ରାଫର ଗିରଫ ହୋଇଛନ୍ତି। ସେ ହେଲେ ଫଟୋଗ୍ରାଫର ବବ୍ରୁବାହନ ମହାନ୍ତି। ସୂଚନା ମୁତାବକ, ସୁନ୍ଦରଗଡ଼ ଲେଫ୍ରିପଡ଼ାର ମାନସ ରଞ୍ଜନ ମିଶ୍ର ପରିବାର ସହ ସୂର୍ଯ୍ୟମନ୍ଦିର ବୁଲିବା ପାଇଁ ଆସିଥିଲେ। ଅପରାହ୍ନରେ ମନ୍ଦିର ପରିସରରେ ବୁଲୁଥିବା ବେଳେ ଜଣେ ଫଟୋଗ୍ରାଫର ତାଙ୍କୁ ଫଟୋ ଉଠାଇବା ପାଇଁ କହିଥିଲେ। ଏହି ସମୟରେ ମାନସଙ୍କ ସ୍ତ୍ରୀ ତାଙ୍କ ବ୍ୟାଗକୁ ତଳେ ରଖିଦେଇଥିଲେ। ଏହି ସୁଯୋଗରେ ଅନ୍ୟ ଜଣେ ଫଟୋଗ୍ରାଫର ବ୍ୟାଗ ନେଇ ଫେରାର ହୋଇଯାଇଥିଲେ। ଏନେଇ ମାନସଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ ଟ୍ରାକିଂରୁ ପୋଲିସ ଅଭିଯୁକ୍ତଙ୍କୁ ଧରିଥିଲା।




୦୫।୦୯।୨୦୨୧
୩୪୧୨ ଟଙ୍କା

## ସଂକ୍ଷେପରେ

### ୮୦ଜଣଙ୍କୁ ବୃକ୍ଷ ବନ୍ଧୁ ସମ୍ମାନ

ପିପିଲି,୫।୯(ଡି.ଏନ୍.ଏ./ସ୍ୱ.ପ୍ର.): ପୁରୀ ଜିଲା ପ୍ଲାଣ୍ଟେଶନ କ୍ଲବ ପକ୍ଷରୁ ପିପିଲି ଶିରିଆପୁର କାଳିକା ଦେବୀ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷ ବନ୍ଧୁ ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବ ସଂଯୋଜକ ଜନ୍ମେଜୟ ଜେନା ସଭାପତିତ୍ୱ କରିଥିଲେ। ପୂଜ୍ୟପୂଜା ସଂସଦର ସଭାପତି କୃଷ୍ଣ ଜଗଦେବ ମୁଖ୍ୟ ଅତିଥିଭାବେ, ପିପିଲି ସାଂସ୍କୃତିକ ପରିଷଦ ସଭାପତି ରମେଶ ମହାପାତ୍ର ମୁଖ୍ୟ ବକ୍ତା, ଅତିଥି ଭାବେ ଡା.ତପନ ଦାଶ, ସାମାଜିକକର୍ମୀ ରସାନନ୍ଦ ପ୍ରଧାନ, ଆଇସିଏଆର ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନର ସଦସ୍ୟ ଶ୍ରୀରଞ୍ଜନ ମଙ୍ଗରାଜ, ରଷ୍ଟ୍ରୀୟ କୃଷକ ମୋର୍ଚ୍ଚା ସଦସ୍ୟ ଦିଲୀପ ସ୍ୱାଇଁ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ଏହି ଅବସରରେ ୮୦ଜଣ ପ୍ରକୃତି ପ୍ରେମୀଙ୍କୁ ବୃକ୍ଷ ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦେବାଶିଷ ଦିକ୍ଷୀତ ଅତିଥି ପରିଚୟ, ସୁରେଶ ମହାରଣା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଦାଶିବ ପରିଡା ଧନ୍ୟବାଦ ଦେଇଥିଲେ। ବାଉରି ବନ୍ଧୁ ସେଠୀ, ଭାଗୀରଥି ନାୟକ, ଭବାନୀ ଶଙ୍କର ସାହୁ, ଚଣ୍ଡେଶ୍ୱର ଦାସ, ମୁରାରି ଅଗ୍ରୱାଲ, ନାରାୟଣ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବର୍ହିଃ ଚିକିତ୍ସାଳୟ କୋଠା ଭିତ୍ତିପ୍ରସ୍ତର

କାକଟପୁର,୫।୯(ଡି.ଏନ୍.ଏ.): କାକଟପୁର ବ୍ଲକ ଅଧୀନ ଫକିରସାହିଠାରେ ୫୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ବର୍ହିଃ ଚିକିତ୍ସାଳୟ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ତେବେ ଫଳକରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ନାମ ରହିଥିଲେ ମଧ ସେ ଅନୁପସ୍ଥିତ ରହିଥିଲେ। ଡା. ଅମ୍ଳାନ କୁସୁମ କୋଠା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି କବିରାଜ ବିଶାଳ, ଜ୍ଞାନରଞ୍ଜନ ସାହୁ, ସରପଞ୍ଚ କଣ୍ଟେଇ କାଣ୍ଡି, ସମିତି ସଭ୍ୟା ଝରଣା ଦାସ, ପ୍ରକାଶ ଚନ୍ଦ୍ର ଓଝା, ସାଧୁ ଚରଣ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟା ଶାନ୍ତିଲତା ମିଶ୍ର, ସୁଧାକର ସାହୁ ପ୍ରମୁଖ ଯୋଗଦେଇଥିଲେ।

### ବାଇକ୍ ଡିକି ଭାଙ୍ଗି ଟଙ୍କା ଚୋରି

ବଲଙ୍ଗା,୫।୯(ଡି.ଏନ୍.ଏ.): ବଲଙ୍ଗା ଥାନା ଅନ୍ତର୍ଗତ ଅଲାରପୁର ଗାଁର ଅବସରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବାଇକ୍ ଡିକି ଭାଙ୍ଗି କେହି ଦୁର୍ବୃତ୍ତ ୨୫ହଜାର ଟଙ୍କା ଚୋରି କରିନେଇଥିବା ରବିବାର ଅଭିଯୋଗ ହୋଇଛି। ସେ ଶନିବାର ନିମାପଡ଼ା ୟୁକୋ ବ୍ୟାଙ୍କରୁ ୨୫ହଜାର ଟଙ୍କା ଉଠାଇ ବାଇକ୍ ଡିକିରେ ରଖି ଗ୍ରାମକୁ ଫେରୁଥିଲେ। ବଲଙ୍ଗା ବଜାରରେ ଗାଡି ରଖି ଔଷଧ କିଣିବାକୁ ଯାଇ ଫେରିବା ବେଳକୁ କେହି ଡିକି ଭାଙ୍ଗି ଟଙ୍କା ନେଇଯାଇଥିବା ଦେଖିବାକୁ ପାଇଥିଲେ।

### କିନ୍ନର କଲ୍ୟାଣ ବୋର୍ଡ ଗଠନ ଦାବି

ପୁରୀ ଅଫିସ, ୫।୯: ରାଜ୍ୟ ସରକାର କିନ୍ନର କଲ୍ୟାଣ ବୋର୍ଡ ଗଠନ କରିବାକୁ ପୁରୀ ଜିଲା କିନ୍ନର ସଂଘ ଦାବି କରିଛି। ଏ ନେଇ ରବିବାର ପିଙ୍କ୍ ହାଉସଠାରେ ଜିଲା କିନ୍ନର ସଂଘର ଅଧକ୍ଷା ପିହୁ ମିଶ୍ର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ କିନ୍ନରଙ୍କୁ ତୁରନ୍ତ ସମସ୍ତ ମୌଳିକ ଅଧିକାର ଦେବାକୁ ସରକାର ସୁନିଶ୍ଚିତ କରନ୍ତୁ। ଅନ୍ତୋଦୟ ଅନ୍ନ ଯୋଜନାରେ ସମସ୍ତ କିନ୍ନରଙ୍କୁ ଅନ୍ତର୍ଭୁକ୍ତ କରିବା, ପେନସନ ଦେବା, ଜାଗା ମିଶନ ଜରିଆରେ ଜମିପଟ୍ଟା ସହିତ ଆବାସ ଯୋଜନାରେ ଗୃହ ଯୋଗାଇବା, ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯିବା, ସରକାରୀ ଚାକିରି, ଶିକ୍ଷା ଓ ନିର୍ବାଚନରେ କିନ୍ନରଙ୍କ ପାଇଁ ୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି। ଆସନ୍ତା ୭ତାରିଖରେ ମହାସଂଘ ପକ୍ଷରୁ ଭୁବନେଶ୍ୱର ଚାଲ ଡାକରା ଦିଆଯାଇଛି।

# ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ ୩ ପ୍ରମୁଖ ଦଳ

**ପିପିଲି ଉପନିର୍ବାଚନ**

ପୁରୀ ଅଫିସ,୫।୯: ପିପିଲି ଉପନିର୍ବାଚନ ତାରିଖ ଘୋଷଣା ହେବା ପରେ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଇଦାନକୁ ଓହ୍ଲାଇବା ପାଇଁ ସଜବାଜ ହେଲେଣି। ଫଳରେ ଏହି ନିର୍ବାଚନମଣ୍ଡଳୀରେ ପୁଣି ରାଜନୈତିକ ଉଷ୍ମତା ଫେରିଛି। ଆସନ୍ତା ୨୦ ତାରିଖରୁ ପ୍ରଚାର ଆରମ୍ଭ ହେବାକୁ ଥିବାବେଳେ ବିଜେଡି ଓ ଭାଜପା କର୍ମୀମାନେ ସୋସିଆଲ୍ ମିଡ଼ିଆ ମାଧ୍ୟମରେ ପ୍ରଚାର ଆରମ୍ଭ କରିଛନ୍ତି। ରାଜନୈତିକ ଦଳଗୁଡ଼ିକ ହ୍ୱାଟ୍ସଆପ୍ ଗ୍ରୁପ୍‌ମାନ ଗଠନ କରି ବୁଥ୍ ସ୍ତରରେ କର୍ମୀଙ୍କ ସହ ଯୋଗାଯୋଗ ସ୍ଥାପନ କରୁଛନ୍ତି। କର୍ମୀଙ୍କୁ ନେଇ ବୈଠକର ଆୟୋଜନ କରାଯାଉଛି। ରବିବାର ବିଜେଡି ପିପିଲି ନିର୍ବାଚନମଣ୍ଡଳୀର ମହିଳା କର୍ମୀ ଓ ନେତାଙ୍କୁ ନେଇ ଦଳୀୟ କାର୍ଯ୍ୟାଳୟରେ ବୈଠକ କରିଛି। ଏଥିରେ ବିଜେଡିର ବରିଷ୍ଠ ନେତା ତଥା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ପ୍ରାର୍ଥୀ ରୁଦ୍ର ପ୍ରତାପ ମହାରଥୀଙ୍କ ଉପସ୍ଥିତିରେ ରଣନୀତି ସମ୍ପର୍କରେ ଆଲୋଚନା କରାଯାଇଛି। ପିପିଲି ଉପନିର୍ବାଚନରେ ମହିଳାମାନେ ପ୍ରମୁଖ ଭୂମିକା ନେବେ ବୋଲି ରାଜନୀତିକ ବିଶେଷଜ୍ଞ ମତ ଦେଉଛନ୍ତି। ତେଣୁ ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ବିଜେଡି ରାଜ୍ୟ ସରକାରଙ୍କ ଯୋଜନାକୁ ମହିଳାମାନଙ୍କ ପାଖରେ ପହଞ୍ଚାଇବାକୁ ଚାହୁଁଛି। ରାଜ୍ୟ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ଉପନିର୍ବାଚନ ପାଇଁ ପୂର୍ବରୁ ବିଜେଡି ପ୍ରସ୍ତୁତି ଶେଷ କରିସାରିଛି। ଆଗାମୀ ୩୦ ତାରିଖରେ ନିର୍ବାଚନ ନେଇ ତାରିଖ ଘୋଷଣା ହୋଇଥିବାରୁ ପ୍ରଚାର ପାଇଁ କର୍ମୀଙ୍କ ସହ ଆଲୋଚନା କରାଯାଉଛି। ୨୦ ତାରିଖ ସୁଦ୍ଧା ସବୁ ପ୍ରସ୍ତୁତି ସାରି କିଭଳି ଭାବେ ରାଜ୍ୟସ୍ତରୀୟ ନେତାଙ୍କୁ ନେଇ ପ୍ରଚାର କରିହେବ ସେଥିଲାଗି ଦାୟିତ୍ୱରେ ଥିବା ନେତା ଓ ବିଧାୟକ ପ୍ରାର୍ଥୀ ଜୋରସୋରରେ ଲାଗିପଡ଼ିଛନ୍ତି। ଅନ୍ୟପକ୍ଷରେ ଭାଜପା ପକ୍ଷରୁ ସଅଳ ସଜବାଜ ଦେଖିବାକୁ ମିଳିଛି। ପିପିଲି ଗଡମୋଟରୀ ମଣ୍ଡଳରେ ରବିବାର ଏକ ବଡ଼ଧରଣର ବୈଠକ ହୋଇଛି। ବିଧାୟକ ପ୍ରାର୍ଥୀଙ୍କ ଉପସ୍ଥିତିରେ କର୍ମୀଙ୍କ ସହ ଜିଲାର କେତେଜଣ ଛାମୁଆ ନେତା ଆଲୋଚନା କରି ପାଣିପାଗ ପରଖିବା ଆରମ୍ଭ କରିଛନ୍ତି। ଏନେଇ ଭାଜପା ଜିଲା ସଭାପତି ତଥା ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ କହିଛନ୍ତି, ନିର୍ବାଚନମଣ୍ଡଳୀର ଲୋକେ ବିଜେଡି ଶାସନରେ ଅତିଷ୍ଠ ହୋଇପଡ଼ିଲେଣି। ଏବେ ସମସ୍ତେ ପରିବର୍ତ୍ତନମୁହାଁ। ବିଜେଡିକୁ ହରାଇ ପିପିଲି ଜନସାଧାରଣ ଶାସକ ଦଳକୁ ଉଚିତ୍ ଜବାବ ଦେବେ। ନିର୍ବାଚନ ପ୍ରଚାର ଆରମ୍ଭ ହେବା ପୂର୍ବରୁ ଭାଜପା ବଡ଼ଧରଣର ବୈଠକ ପରିବର୍ତ୍ତେ ପଞ୍ଚାୟତସ୍ତରରେ ବୈଠକ କରି କର୍ମୀଙ୍କୁ ପ୍ରସ୍ତୁତ କରିବ ବୋଲି ଜଣାପଡୁଛି। ରବିବାର ଡେଲାଙ୍ଗ ବ୍ଲକ୍‌ର କେତେକ ପଞ୍ଚାୟତରେ ଭାଜପାର ବୈଠକ ହୋଇଛି। ବଡ଼ ବଡ଼ ନେତାଙ୍କ ବିନା ପଞ୍ଚାୟତରେ କେଉଁ କେଉଁ କର୍ମୀ ପ୍ରଚାର ଦାୟିତ୍ୱ ନେବେ ଓ ଏହାକୁ କିଭଳି ଭାବେ କାର୍ଯ୍ୟକାରୀ କରାଯିବ ସେନେଇ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଉଛି। ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ କହିଛନ୍ତି, ବିଜେଡି ବିରୋଧରେ ଥିବା ଜନଆକ୍ରୋଶର ଫାଇଦା ଭାଜପାକୁ ମିଳିବ। ତୃଣମୂଳସ୍ତରରେ ଲୋକଙ୍କ ପାଖରେ ସରକାରୀ ଯୋଜନା ଠିକ ଭାବେ ପହଞ୍ଚି ପାରି ନ ଥିବାରୁ ଲୋକେ ବିଜେଡି ବିରୋଧରେ ଖୋଲାଖୋଲି ଭାବେ ମତ ପ୍ରକାଶ କରୁଛନ୍ତି। ଆଶ୍ରିତ ଜଣେ ଯୁବ ଓ ଦକ୍ଷ ନେତା ହୋଇଥିବାରୁ ତାଙ୍କ ସପକ୍ଷରେ ଜନମତ ଯିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ କଂଗ୍ରେସର ପୂର୍ବତନ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ ମୃତ୍ୟୁ ପରେ ବିଶ୍ୱକେତନ ହରିଚନ୍ଦନ ମହାପାତ୍ରଙ୍କୁ ପ୍ରାର୍ଥୀ କରାଯାଇଛି। ଉପନିର୍ବାଚନ ଘୋଷଣାର ପ୍ରଥମ ଦିନରେ ପିପିଲି ଏନ୍ଏସି ଅଞ୍ଚଳରେ କଂଗ୍ରେସ କର୍ମୀ ଓ ନେତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ହୋଇଛି। ଆଗାମୀ ଦିନରେ ଦଳର ବରିଷ୍ଠ ନେତାଙ୍କ ସହାୟତାରେ ପଞ୍ଚାୟତ ଓ ବ୍ଲକ ସ୍ତରରେ ବୈଠକ କରାଯାଇ ପ୍ରଚାର ଓ ନିର୍ବାଚନର ରୂପରେଖ ନିର୍ଦ୍ଧାରଣ କରାଯିବ। ବିଶେଷ କରି ଯୁବବର୍ଗଙ୍କ ଉପରେ ଦଳର ନଜର ରହିଛି। ଏଥର ନିର୍ବାଚନରେ ତ୍ରିମୁଖୀ ଲଢେଇ ହେବ ବୋଲି କଂଗ୍ରେସ ପ୍ରାର୍ଥୀ ମହାପାତ୍ର କହିଛନ୍ତି। ବିଶ୍ୱକେତନ ପିପିଲି ନିର୍ବାଚନମଣ୍ଡଳୀରେ ଜଣେ ଜଣାଶୁଣା ଆଇନଜୀବୀ ହୋଇଥିବାରୁ ଆଇନଜୀବୀମାନଙ୍କ ସହାୟତା ଲୋଡ଼ିଥିବା ଶୁଣିବାକୁ ମିଳୁଛି।



ଚାରିଛକ ପ୍ରେସ କ୍ଲବ ପକ୍ଷରୁ ରବିବାର ତୁଳସୀପୁର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଗୁରୁପୂଜନ ଓ ପ୍ରତିଭା ସମ୍ମାନ ପ୍ରଦାନ ସମାରୋହରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା ।

# ଶ୍ରୀମନ୍ଦିରରେ କୃଷ୍ଣ, ବଳରାମ ବେଶ



ମହାପ୍ରଭୁଙ୍କ ଶ୍ରୀକୃଷ୍ଣ ଓ ପ୍ରଭୁ ବଳଭଦ୍ରଙ୍କ ବଳରାମ ବେଶ ।

ପୁରୀ ଅଫିସ, ୫।୯: ଭାଦ୍ରବ ମାସ କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କୃଷ୍ଣ ଓ ପ୍ରଭୁ ବଳଭଦ୍ରଙ୍କ ବଳରାମ ବେଶ ସମ୍ପନ୍ନ ହୋଇଛି। ଏହି ଅବସରରେ ମହାପ୍ରଭୁଙ୍କୁ ଖିରି ଓ ଅମାଲୁ ଭୋଗ ଅର୍ପଣ କରାଯାଇଥିଲା।

ମଧ୍ୟାହ୍ନ ଧୂପ ପରେ ରତ୍ନସିଂହାସନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣ, ବଡ଼ ଠାକୁର ବଳଭଦ୍ର ବଳରାମ ଏବଂ ଦେବୀ ସୁଭଦ୍ରା ଭଗିନୀ ରୂପରେ ଶୋଭା ପାଇଥିଲେ। ଶ୍ରୀଜଗନ୍ନାଥ ଦକ୍ଷିଣ ଭୁଜରେ ବଂଶୀ ଓ ବାମ ଭୁଜରେ ସୋଲ ନିର୍ମିତ ପଦ୍ମ ଧାରଣ କରିଥିଲେ। ସେହିପରି ବଳଭଦ୍ର ଡାହାଣ ଭୁଜରେ ସିଙ୍ଗା ଓ ବାମ ଭୁଜରେ ସୋଲ ନିର୍ମିତ ପଦ୍ମ ଧରିଥିଲେ। ଶ୍ରୀଜଗନ୍ନାଥ ଓ ବଳରାମ ପଦ ଛନ୍ଦି ଦଣ୍ଡାୟମାନ ଭଙ୍ଗୀରେ ଏବଂ ସୁଭଦ୍ରା ପଦ୍ମାସନରେ ଚତୁର୍ଭୁଜ ହୋଇ ଉପବେଶନ କରିଥିଲେ। ଶ୍ରୀଜଗନ୍ନାଥ ଓ ବଳଭଦ୍ର ଚୂଳ ଧାରଣ କରିଥିବାବେଳେ ସୋଲ ତିଆରି କଦମ୍ବଫୁଲ, ମଲ୍ଲିକଢି ପ୍ରଭୃତି ଖଞ୍ଜାଯାଇଥିଲା। ବର୍ଷକରେ ଏହି ଗୋଟିଏ ଦିନ ସୁଭଦ୍ରା ଚାରି ଭୁଜ ଧାରଣ କରନ୍ତି। ତଳ ଦୁଇ ଭୁଜ ଅଭୟ ଓ ବରଦାନ ମୁଦ୍ରାରେ ଥିବାବେଳେ ଉପର ଦୁଇ ଭୁଜରେ ପାଶ ଓ ଅଙ୍କୁଶ ଧାରଣ କରିଥାନ୍ତି। ତିନିଠାକୁର ସୋଲ ନିର୍ମିତ କିରୀଟ ପରିଧାନ କରିଥିଲେ। ଶ୍ରୀବିଗ୍ରହଙ୍କ ସମ୍ମୁଖ ଭାଗରେ କାଠ ନିର୍ମିତ ଚାରୋଟି ଗାଈ ବାଛୁରି ସମେତ ନନ୍ଦ, ବସୁଦେବ, ଚତୁର୍ମୁଖ ବ୍ରହ୍ମା, ସହସ୍ରଚକ୍ଷୁ ଇନ୍ଦ୍ର, ନାରଦ, ଦେବକୀ, ଯଶୋଦା, ରୋହିଣୀ, ଗୋପୀ, ଗୋପାଳ ରହିଥିଲେ। ଗୋପୀ ଗୋପାଳଙ୍କ ସହିତ କୃଷ୍ଣ, ବଳରାମ ବୃନ୍ଦାବନରେ ଲୀଳା କରୁଥିବା ଭଳି ଏହି ବେଶରୁ ପ୍ରତୀୟମାନ ହୁଏ। ବିଂଶ ଶତାବ୍ଦୀ ମଧ୍ୟଭାଗରେ ଖଣ୍ଡସାହି ଜମିଦାରଙ୍କ ଦ୍ୱାରା ଏହି ବେଶ ଆରମ୍ଭ ହୋଇଥିବା ଶ୍ରୀମନ୍ଦିର ସ୍ୱତ୍ୱଲିପିରୁ ଜଣାଯାଏ। ପୂର୍ବରୁ ଭାଦ୍ରବ ମାସ କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ ଶ୍ରୀଜଗନ୍ନାଥଙ୍କର ଗିରି ଗୋବର୍ଦ୍ଧନ ବେଶ ହେଉଥିଲା। ୧୯୪୭ ମସିହା ପରଠୁ ଗିରି ଗୋବର୍ଦ୍ଧନ ବେଶ ପରିବର୍ତ୍ତେ କୃଷ୍ଣ ବଳରାମ ବେଶ ହୋଇଆସୁଛି।

# ହେରିଟେଜ୍ ୱାର୍କ ଆଣ୍ଡ ରାଇଡ୍‌ର ଶୁଭାରମ୍ଭ

ପୁରୀ ଅଫିସ,୫।୯: ଐତିହ୍ୟ ସମ୍ପନ୍ନ ସହର ପୁରୀର ପରିଚୟ ଅନନ୍ୟ। କେବଳ ଆଧାତ୍ମିକ କିମ୍ବା ଐତିହାସିକ ନୁହେଁ ବରଂ ସାଂସ୍କୃତିକ ଦୃଷ୍ଟିରୁ ପୁରୀର ଖ୍ୟାତି ସ୍ୱତନ୍ତ୍ର। ଶ୍ରୀମନ୍ଦିର ଓ ମହୋଦଧି ବ୍ୟତୀତ ସହରରେ ରହିଛି ସ୍ୱତନ୍ତ୍ର ପରିଚୟ ବହନ କରୁଥିବା ଅନେକ ପ୍ରାଚୀନ ମଠ, ମନ୍ଦିର ଓ ଆଶ୍ରମ। ଏସମ୍ପର୍କରେ ଆଗାମୀ ପିଢ଼ିକୁ ଅବଗତ କରିବା ପାଇଁ ଜିଲା ପ୍ରଶାସନ ଏବଂ ଓଡ଼ିଶା ଇକୋ ଟୁରିଜମ୍ ଫାଉଣ୍ଡେଶନ୍ ମିଳିତ ସହଯୋଗରେ ହେରିଟେଜ୍ ୱାର୍କ ଆଣ୍ଡ ରାଇଡ୍ ଶୁଭାରମ୍ଭ ହୋଇଛି। ରବିବାର ଏହାକୁ ଜିଲାପାଳ ସମର୍ଥ ବର୍ମା ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ର ତଥା ଆଗାମୀ ପିଢି ଜ୍ଞାନ ଆହରଣ କରିପାରିବେ। କାର୍ଯ୍ୟକ୍ରମରେ ବିଶ୍ୱମ୍ଭର ବିଦ୍ୟାପୀଠ ଓ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀଛାତ୍ର, ଗାଇଡ୍ ଓ ସହଯୋଗୀ ପ୍ରମୁଖ ସାମିଲ ଥିଲେ। ଏହା ନୀଳାଦ୍ରି ବିଚ୍‌ଠାରୁ ଆରମ୍ଭ ହୋଇ ବ୍ଲୁଫ୍ଲାଗ୍ ବିଚ୍‌ରେ ଶେଷ ହୋଇଥିଲା। ସହରର କବୀର ଚୌରା, ବିଦୂର ମଠ, କରାଇ ଆଶ୍ରମ, ବାଉଳି ମଠ, ସ୍ୱର୍ଗଦ୍ୱାର ଓ ଶଙ୍କରାଚାର୍ଯ୍ୟ ମଠ ବୁଲି ଦେଖିବା ସହ ମଠ ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଥିଲେ। ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ର ଓ ସିଦ୍ଧାର୍ଥ ଆଚାର୍ଯ୍ୟ ପିଲାମାନଙ୍କୁ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତି ରବିବାର ହେବାକୁ ଥିବା ଏହି ୱାର୍କ ଓ ରାଇଡରେ ପର୍ଯ୍ୟଟକ, ବରିଷ୍ଠ ନାଗରିକ ଓ ବିଭିନ୍ନ ବର୍ଗଙ୍କୁ ସାମିଲ କରାଯିବ। କାର୍ଯ୍ୟକ୍ରମରେ ଡିଏଫ୍ଓ ପି.ରାମସ୍ୱାମୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଭା ସମ୍ମାନ ପ୍ରଦାନ ସମାରୋହ

ନିମାପଡ଼ା,୫।୯(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ପ୍ରେସ କ୍ଲବ ପକ୍ଷରୁ ରବିବାର ତୁଳସୀପୁର ସ୍ଥିତ ପଞ୍ଚାୟତ ସଭାଗୃହରେ ଗୁରୁପୂଜନ ଓ ପ୍ରତିଭା ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରେସ କ୍ଲବର ଉପଦେଷ୍ଟା ପୂର୍ବତନ ଆଇଆରଏସ୍ ଚନ୍ଦ୍ରକାନ୍ତ ଦଳେଇ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଶିକ୍ଷାବିତ୍ ଡ.ସନ୍ତୋଷ ମିତ୍ର, ପ୍ରଫେସର ଗୋପୀନାଥ କର, ସରପଞ୍ଚ ଭଗବାନ ମିଶ୍ର, କୃଷକ ନେତା ସୋମନାଥ ପାତ୍ର, କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଚାରିଛକ ପ୍ରେସକ୍ଲବର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କର ସ୍ୱାଗତ ଭାଷଣ ସହ ଗୁରୁଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ କେଦାରନାଥ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଗୁରୁ ଓ ଶିକ୍ଷକଙ୍କୁ ଭକ୍ତି କରିବା ସହ ସମ୍ମାନ ଜଣାଇବାକୁ ଉପସ୍ଥିତ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୩ ପୋଲିସ ଅଧିକାରୀ, ୧୫ ଅବସରପ୍ରାପ୍ତ ଶିକ୍ଷକ, ୧୪ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ଶିକ୍ଷାବିତ୍, ବିଶିଷ୍ଟ ବ୍ୟକ୍ତି ଓ ପ୍ରେସକ୍ଲବର ସଭ୍ୟମାନେ ଯୋଗଦେଇଥିଲେ।

### ସରିଲା ସେରୋ ସର୍ଭେ

ପୁରୀ ଅଫିସ,୫।୯: କୋଭିଡ୍ ସମ୍ଭାବ୍ୟ ତୃତୀୟ ଲହରକୁ ଦୃଷ୍ଟିରେ ରଖି ଶୁକ୍ରବାରଠାରୁ ପୁରୀ ଜିଲାରେ ଚାଲିଥିବା ସେରୋଲୋଜିକାଲ ସର୍ଭେ ରବିବାର ଶେଷ ହୋଇଛି। କେତେ ପ୍ରତିଶତ ଲୋକଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ତଥା ଆଣ୍ଟିବଡ଼ି ବିକଶିତ ହୋଇସାରିଲାଣି ତାହା ଜାଣିବା ପାଇଁ ଏହି ସର୍ଭେ କରାଯାଇଥିଲା। ବିଭିନ୍ନ ବର୍ଗରୁ ୪୪୬ ଓ ୧୦୨ ସ୍ୱାସ୍ଥ୍ୟକର୍ମୀଙ୍କ ନମୁନା ସଂଗ୍ରହ କରାଯାଇଛି। ଜିଲା ନିମନ୍ତେ ଥିବା ଲକ୍ଷ୍ୟଧାର୍ଯ୍ୟ ୫ଶହ ନମୁନା ବଦଳରେ ୫୪୮ଟି ନମୁନା ସଂଗ୍ରହ କରାଯାଇଛି।

# ବିଜୁ ମହିଳା ଜନତା ଦଳ କାର୍ଯ୍ୟକାରିଣୀ ବୈଠକ



ବୈଠକରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ ।

ପିପିଲି,୫।୯(ଡି.ଏନ୍.ଏ./ସ୍ୱ.ପ୍ର.): ପିପିଲି ବିଜେଡି କାର୍ଯ୍ୟାଳୟରେ ରବିବାର ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଲି ବ୍ଲକ ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ପୃଷ୍ଟି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବାକୁ କହିଥିଲେ। ଅତିଥିଭାବେ ପିପିଲି ଉପନିର୍ବାଚନର ବିଜେଡି ବିଧାୟକ ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ଅଞ୍ଚଳର ବିକାଶ ପାଇଁ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି। ବୈଠକରେ ପୁରୀ ଜିଲା ମହିଳା ବିଜେଡି ସଭାନେତ୍ରୀ ଶାନ୍ତିଲତା ପ୍ରଧାନ, ମହିଳା ପର୍ଯ୍ୟବେକ୍ଷିକା ସନ୍ଧ୍ୟାରାଣୀ ବିଶ୍ୱାଳ, ଡେଲାଙ୍ଗ ବ୍ଲକ ମହିଳା ସଭାନେତ୍ରୀ ବାସନ୍ତୀ ସାହୁ, ପିପିଲି ବ୍ଲକ ଅଧ୍ୟକ୍ଷା କଳ୍ପନା ସାମନ୍ତରାୟ, ଉମାମଣୀ ରଥ, ନିରୁପମା ମହାପାତ୍ର, ମମତା ମଲ୍ଲିକ, ପିପିଲି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ଧରଣୀଧର ସାହୁ, ଜିଲା ବିଜେଡି ସାଧାରଣ ସମ୍ପାଦକ କିଶୋର ଛୋଟରାୟ, ଡେଲାଙ୍ଗ ବ୍ଲକ ବିଜେଡି ସଭାପତି ବୈରାଗୀ ଜେନା, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ଲିଙ୍କନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଝୁନାମଣୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# 'ଗୁରୁଙ୍କୁ ସମ୍ମାନ ଦେଲେ ଭଲ ମଣିଷ ହୋଇପାରିବ'

ପୁରୀ ଅଫିସ/କୋଣାର୍କ/ଡେଲାଙ୍ଗ/ଗୋପ/ ବ୍ରହ୍ମଗିରି, ୫।୯(ଡି.ଏନ୍.ଏ.): କୋଣାର୍କ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଓ ଉତ୍କଳ ୟୁଥ ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଗୋପ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗଦେଇଥିଲେ। ନିରଞ୍ଜନ ସାହୁ, ପୂର୍ଣ୍ଣଚନ୍ଦ୍ର ଲେଙ୍କା, ରବିନ୍ଦ୍ରନାଥ ବାହିନୀପତି, ବାଲୁଙ୍କେଶର ବାରିକ, ରାମକୃଷ୍ଣ ମହାନ୍ତି, ସୁନୀଲ ନାୟକ, ଶୁଭ୍ରାଂଶୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଡେଲାଙ୍ଗ ହାଟବଜାରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଗୁରୁପୂଜନ କାର୍ଯ୍ୟକ୍ରମ ହୋଇଥିଲା। ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗୁରୁଜନଙ୍କୁ ସମ୍ମାନ ଦେଲେ ଭଲ ମଣିଷ ହୋଇପାରିବ ବୋଲି କହିଥିଲେ। ସରପଞ୍ଚ ପ୍ରତିନିଧି ଦୁର୍ଗାଚରଣ ରାଉତରାୟ, ବସନ୍ତମଞ୍ଜରୀ ଦେବୀ, ବିଶ୍ୱନାଥ ପରିଡା, ଯୁଧିଷ୍ଠିର ପରିଡା, ଉମେଶ ଚନ୍ଦ୍ର ଦାଶ, ଝରଣା ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ସାହିଭାଇ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଏବଂ ଅନ୍ୟମାନେ ।

ଗୋପ ବ୍ଲକ ଦାସ କଲ୍ୟାଣ ମଣ୍ଡପରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ ଯୋଗଦେଇଥିଲେ। ପୁରୀ ଜିଲା ଯୁବମୋର୍ଚ୍ଚା ଉପସଭାପତି ଆଲୋକ ବେହେରାଙ୍କ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ଉପସଭାପତି ପ୍ରଭାତୀ ପରିଡା, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରଭଞ୍ଜନ ମହାପାତ୍ର, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ସୌଦାମିନୀ ସେନାପତି, ରାଜକିଶୋର ନାୟକ, ତପସ୍ୱିନୀ ବେହେରା, ନରେଶ ପ୍ରଧାନ, ଶୁଶାନ୍ତ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ପାଢି, ଶିବ ପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ବ୍ରହ୍ମଗିରି ବ୍ଲକର ଭଣ୍ଡାରିକୁଦାସ୍ଥିତ ପାରମ୍ପରିକ ଗୁରୁକୁଳ ହସ୍ତଶିଳ୍ପ ପକ୍ଷରୁ ଗୁରୁ ପୂଜନେ ଗୁରୁ ଓ କବିତାରେ ଗୁରୁ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କୃଷ୍ଣଚନ୍ଦ୍ର ରାୟ ଯୋଗଦେଇଥିଲେ। କବିତା ଆସରରେ ଅତିଥି ଭାବେ ଧର୍ମପଦ ପଲାଇ, ବଗୀ ଭୂଷଣ ଶାସ୍ତ୍ରୀ, ସୁରେନ୍ଦ୍ର ପଟ୍ଟନାୟକ, ରବିନାରାୟଣ ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେବା ସହ ହସ୍ତକଳା ଶିଳ୍ପର ବିକାଶ କ୍ଷେତ୍ରରେ ଗୁରୁକୁଳର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।

ସାହିଭାଇ ଅନୁଷ୍ଠାନ ପକ୍ଷରୁ ଟି. ବାନାମ୍ବର ପାତ୍ରଙ୍କ ସଭାପତିତ୍ୱରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନିକି ପ୍ରଧାନ ଓ ନିହାରିକା ତ୍ରିପାଠୀ ଗୁରୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଶୋକ ମଞ୍ଜରୀ ନାୟକ ସ୍ୱାଗତ ଭାଷଣ ଓ ସାହିଭାଇ ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର ଗୁରୁପୂଜନ ସମ୍ପର୍କରେ ଆଲୋକପାତ କରିଥିଲେ। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର ସାଧୁଗୁଣ ସମ୍ପନ୍ନ ହୋଇ ସମାଜରେ ସେବା କରିବା ପାଇଁ ପରାମର୍ଶ ଦେଇଥିଲେ। ଆଇନଜୀବୀ ବୈଦ୍ୟନାଥ ପାଣି, ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର, କାର୍ଯ୍ୟକାରୀ ସଭାପତି ବ୍ରଜବନ୍ଧୁ ମହାରଣା ଅତିଥିଭାବେ ଉପସ୍ଥିତ ଥିଲେ। ଚିନ୍ମୟ ଚାଟାର୍ଜୀ, ସତ୍ୟ ସାହୁ, ଲକ୍ଷ୍ମୀଧର ବେହେରା ଏବଂ ମନୋଜ ବଳିଆର ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପୁରୀର ଶ୍ରୀକଳା ନିକେତନ ପକ୍ଷରୁ ଆୟୋଜିତ ଗୁରୁପୂଜନ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଶିକ୍ଷାବିତ୍ ଏବଂ ପ୍ରତିଭାମାନେ ।



ପୁରୀ ଇନରହୁଇଲ୍ କ୍ଲବ ପକ୍ଷରୁ ଆୟୋଜିତ ଗୁରୁପୂଜନ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅନ୍ୟମାନେ ।